
₹ : 25

# ଆମରି ସତ୍ୟ

ସପ୍ତମ ବର୍ଷ, ନବମ ସଂଖ୍ୟା,
ମାସିକ, ମାର୍ଚ୍ଚ-୨୦୧୭
ପୃଷ୍ଠା ସଂଖ୍ୟା ୫୨

## AMARI SATYA

RNI Regn. No. - 107608/2010
Postal Regd. No. : PURI-33/2016-18



# ‘ଆମରିସତ୍ୟ’ ପତ୍ରିକାର ଆଜୀବନ ସଦସ୍ୟ



ଡ. ଚିତ୍ତରଞ୍ଜନ ପଣ୍ଡା
କଟକ



ଡ. ରଶ୍ମିଧାରା ମହାପାତ୍ର
ଭୁବନେଶ୍ୱର



ଡ. ପତିତ ପାବନ ଦଲେଇ
ଖୋରଧା




ଡ. ଅଶୋକ କୁମାର ନନ୍ଦ
ଖୋରଧା



ଡ. ତପନ କୁମାର ଜେନା
ଭୁବନେଶ୍ୱର



ଶ୍ରୀଯୁକ୍ତ ନରେନ୍ଦ୍ର କୁମାର ପୃଷ୍ଟି
ଖୋରଧା



ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ସାହୁ
ଖୋରଧା



ଶ୍ରୀଯୁକ୍ତ ହୃଷିକେଶ ମିଶ୍ର
ଗୁରୁଜଙ୍ଗ, ଖୋରଧା



ଶ୍ରୀଯୁକ୍ତ ଗିରିଶ କୁମାର ନନ୍ଦ
ଖୋରଧା



ଶ୍ରୀଯୁକ୍ତ କ୍ଷେତ୍ରବାସୀ ମହାରଣା
ଜଟଣୀ



ଡ. ଅଜିତ୍ କୁମାର ରଥ
ଖୋରଧା



ଶ୍ରୀଯୁକ୍ତ ପ୍ରସନ୍ନ କୁମାର ପାଇକରାୟ
ଜଟଣୀ



ଅଧ୍ୟାପକ ମନୋଜ କୁମାର ମହାପାତ୍ର
ବାଙ୍କୀ



ଅଧ୍ୟାପକ ଉମାକାନ୍ତ ଓଝା
ହଳଦିଆ, ଖୋରଧା



ଅଧ୍ୟାପକ ଶେଖ୍ ଅବଦୁଲ୍ଲ ରହିମ୍
ଦେଉଳି, ଖୋରଧା



ଶ୍ରୀଯୁକ୍ତ ପି.ଟି. ବାଲାଜୀ ପାତ୍ର
ଖୋରଧା

**ସଂପାଦକ ଓ ପ୍ରକାଶକ**
ଡଃ ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯ (ମୋ)

**ପ୍ରତିଷ୍ଠାତା**
**ଡଃ ପ୍ରମୋଦ ଚନ୍ଦ୍ର ଦାଶ**
୯୪୩୭୨୮୧୬୫୫ (ମୋ)

**ସହଯୋଗୀ ସମ୍ପାଦକ**
ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯ (ମୋ)

**ସହ ସମ୍ପାଦକ**
ତ୍ରିଲୋଚନ ମହାପାତ୍ର
ସତ୍ୟନାରାୟଣ ସାମନ୍ତରାୟ
ଡ. ଅଜୟ କୁମାର ସ୍ୱାଇଁ
ଭବାନୀ ଶଙ୍କର ଦାଶ

**ସଂଯୋଜକ**
ଆଶିଷ କୁମାର ରାୟ

**ଆଞ୍ଚଳିକ ସଂଯୋଜକ**
**ଡ. ପ୍ରେମଚନ୍ଦ ମହାନ୍ତି**
**ପଶ୍ଚିମ ଓଡ଼ିଶା (ସମ୍ବଲପୁର)**

**ପରିଚାଳନା ସଂଯୋଜକ**
ସର୍ବେଶ୍ୱର ମହାପାତ୍ର

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ରାଜୀବ ରଥ
**ରାକେଶ ସାହୁ**

# ଆମରି ସତ୍ୟ

## AMARI SATYA

**ଭିନ୍ନସ୍ୱାଦର ମାସିକ ପତ୍ରିକା...**

**ସପ୍ତମ ବର୍ଷ - ନବମ ସଂଖ୍ୟା -ମାର୍ଚ୍ଚ, ୨୦୧୭**

**RNI Regn. No. - 107608/2010 / Postal Regd. No. - PURI-33/2016-18**

**ଯୋଗାଯୋଗ:**
'ଆମରିସତ୍ୟ'
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ଦୂରଭାଷ:୦୬୭୫୫-୨୨୦୯୮୦
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର ଅଫିସ -**
ଶ୍ରୀମତୀ ରୁନା ମହାପାତ୍ର
ପ୍ଲଟ ନ-୧୦୭୧/ପି
ଲେନ ନ-୪, ଶତାବ୍ଦୀ ନଗର
ଭୁବନେଶ୍ୱର-୩
ପିନ୍:୭୫୧୦୦୩, ଓଡ଼ିଶା
ଫୋନ୍ ନଂ:୯୪୩୭୪୧୪୩୨୦

**ଗ୍ରାହକମାନଙ୍କ ପାଇଁ ସୂଚନା**
୧. ପ୍ରତି ଖଣ୍ଡ ଦେୟ ଟ.୨୫/-
୨. ବାର୍ଷିକ ଦେୟ ଟ.୨୪୦/-
୩. ୨ବାର୍ଷିକ ଦେୟ ଟ.୪୫୦/-
୪. ୩ ବାର୍ଷିକ ଦେୟ ଟ.୬୫୦/-
୫. ଆଜୀବନ ସଦସ୍ୟ ଟ.୩୦୦୦/-

**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ।

**ଡ. ନାରାୟଣ ରାଓ**
ପ୍ରାକ୍ତନ୍ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ।

ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନ
ସାହିତ୍ୟିକ ଓ ସାମାଜସେବୀ,ଭୁବନେଶ୍ୱର।

**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା।

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା।

**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର।

**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧ୍ୟକ୍ଷ, ରମାମଣୀ ମହାବିଦ୍ୟାଳୟ,କଣ୍ଟାବାଡ଼।

**ଡ. ଧୀରେନ୍ଦ୍ର ନନ୍ଦ**
ସମାଜସେବୀ , ଖୋରଧା

**ସ୍ୱାମୀ ଜୟଦେବ ଭାରତୀ**
ଶାନ୍ତିଧାମ ଆଶ୍ରମ, ଧଣ୍ଡାମୁଣ୍ଡା, ବଲାଙ୍ଗୀର

**ଶ୍ରୀ ଜବାହାର ଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

**ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଇଭିନିଂ ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। IFSC-SBIN0012027, MICR-752002151**


**'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।**

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା- ସଂଜପ୍ରାର୍ଥନା | ରମେଶ ମଙ୍ଗରାଜ | ୦୪ |
| ୨. | ସମ୍ପାଦକୀୟ | | ୦୫ |
| ୩. | ହିତ ବାଣୀ | | ୦୬ |
| ୪. | ଭାରତର ଐତିହାସିକ ସଫଳତା... | | ୦୭ |
| ୫. | ବିଚିତ୍ରା | | ୦୯ |
| ୬. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୧୧ |
| ୭. | ଫଗୁଣ : ବସନ୍ତୋତ୍ସବ | ବିପିନ ବିହାରୀ ମହାନ୍ତି | ୧୪ |
| ୮. | ଧର୍ମ ଓ ସମ୍ପ୍ରଦାୟ କ'ଣ ? | ଇଂ ଯଜ୍ଞପ୍ରକାଶ ଦାସ | ୧୬ |
| ୯. | ହସ୍ତାକ୍ଷର ଲେଖେଇବାରେ ଫାଇଦା | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୧୭ |
| ୧୦. | ଜୀବନ ପାଇଁ ଆଠପଦ | ଅନିଲ ଚନ୍ଦ୍ର ଦାଶ | ୧୯ |
| ୧୧. | ଓଡ଼ିଆ ସଂସ୍କୃତିର ପରିଚୟ: ପାଲା | ପବିତ୍ର ମୋହନ ବାରିକ | ୨୦ |
| ୧୨. | ପାରା ମଳ ଓ ଫୁସ୍‌ଫୁସ୍ ରୋଗ | ଡକ୍ଟର ମୁରାରି ମୋହନ ଦାଶ | ୨୨ |
| ୧୩. | ଷ୍ଟେମ୍ ସେଲ୍ | ଡା ଧନେଶ୍ୱର ସାହୁ | ୨୩ |
| ୧୪. | ଆସିଗଲା ଖରା | ପ୍ରତିମା ସ୍ୱାଇଁ | ୨୫ |
| ୧୫. | ଚିଠି | ଅକ୍ଷୟ କୁମାର ମହାନ୍ତି | ୨୫ |
| ୧୬. | ଭାରତର ପ୍ରଥମ ସ୍ୱାଧୀନତା | ଜବାହରଲାଲ ସୁବୁଦ୍ଧି | ୨୬ |
| ୧୭. | ଖୋରଧା | ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ | ୨୭ |
| ୧୮. | ବିଦେଶୀ ପର୍ଯ୍ୟଟକ ଓ ବୁଣାକାର | ଇଂ ସତ୍ୟବ୍ରତ ରଥ | ୨୮ |
| ୧୯. | ଅମେରୁଦଣ୍ଡୀ | ସତ୍ୟନାରାୟଣ ସାମନ୍ତରାୟ | ୨୯ |
| ୨୦. | ଜାତୀୟ ସଂହତି | ନାମଯଜ୍ଞ ମିଶ୍ର | ୩୦ |
| ୨୧. | ମହାତ୍ମାଗାନ୍ଧୀ ବନ୍ଧୁକ ଧରିଲେ | ଉମାକାନ୍ତ ମହାନ୍ତି | ୩୨ |
| ୨୨. | ଏକ ପାଦ ସ୍ୱଚ୍ଛତା ଅଭିମୁଖେ | ସୁଷମା ଦେଈ | ୩୩ |
| ୨୩. | ମାନବ ପ୍ରେମର ଅମୀୟ... | ଉମାଶଙ୍କର ପ୍ରସାଦ | ୩୪ |
| ୨୪. | ସମ୍ରାଟ ବିକ୍ରମାଦିତ୍ୟ | ଭବାନୀ ଶଙ୍କର ଦାଶ | ୩୫ |
| ୨୫. | ବିଷହୀନ ସାପ ଢମଣା | ମନୋଜ କୁମାର ମହାପାତ୍ର | ୩୬ |
| ୨୬. | ମାଧବଚନ୍ଦ୍ର ଶତପଥୀ ପାଇଁ ଶ୍ରଦ୍ଧାଞ୍ଜଳି | | ୩୭ |
| ୨୭. | ଗଣତନ୍ତ୍ରର ସାୟେରି | ଦେବାଶିଷ ଚକ୍ରବର୍ତ୍ତୀ | ୩୮ |
| ୨୮. | ସତ୍ୟର ହେବ ଜୟ | ଡକ୍ଟର ପ୍ରଦୀପ କୁମାର ମିଶ୍ର | ୩୮ |
| ୨୯. | ଭୁଲ୍ କାହାର ? | ଡ. ପ୍ରମୋଦ ଚନ୍ଦ୍ର ଦାଶ | ୩୯ |
| ୩୦. | କଳିଙ୍ଗ ଲାନ୍ସର୍ସର ବଡ଼ ସଫଳତା | ଆଶିଷ କୁମାର ରାୟ | ୪୦ |
| ୩୧. | ସାଧାରଣ ଜ୍ଞାନ | | ୪୨-୫୦ |


## ସକାଳ ବନ୍ଦନା- ସଂଜପ୍ରାର୍ଥନା-(୧୦)

ରମେଶ ମଙ୍ଗରାଜ




ଦେବତା ହେବାକୁ ଇଚ୍ଛାନାହିଁ ମୋର
ପ୍ରଭୁ ହେ' ଦାନବ କରନା ମୋତେ
ମଣିଷଟେ ହୋଇ ବଞ୍ଚିବାକୁ ଦିଅ
ମରଣ ଦିଅ ହେ' ଆନର ହିତେ।।୦।।

ଜନମ ସହିତ ମରଣ ରହିଛି
ମରିବାକୁ ହେବ ଦିନେ ନା' ଦିନେ
ମରଣ ମୁହଁରେ ପହଞ୍ଚିବାଯାଏ
ଶୁଭଚିନ୍ତା ରହୁ ସଦା ମୋ ମନେ
ମାନବର ସେବା ହେଉ ମୋର କର୍ମ
ଫଳ ରହୁ ପ୍ରଭୁ ତୁମରି ହାତେ।।୧।।
ମଣିଷଟେ ହୋଇ..........

ସୁଖର ସଂପଦ ଲୋଡ଼ାନାହିଁ ମୋର
ଦୁଃଖ ସହିବାକୁ ଶକତି ଦିଅ
ସତ୍ୟ ଅହିଂସାରେ ଦିନ ବିତୁ ମୋର
ମିଛଠାରୁ ପ୍ରଭୁ ଦୂରେଇ ନିଅ
ସେବାରେ ସେବାରେ ଯାଉ ଏ ଜୀବନ
ତୁମରି କରୁଣା ଥାଉ ମୋ' ସାଥେ।।୨।।
ମଣିଷଟେ ହୋଇ..........

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା- ୭୫୨୦୫୪
ମୋ- ୯୧୭୮୬୨୬୨୮୦



# ସମ୍ପାଦକୀୟ....



ଆରମ୍ଭ ହୋଇଗଲା ପରୀକ୍ଷା ଋତୁ। ବର୍ଷଯାକର ଶ୍ରମର ସମୀକ୍ଷା ହେବାର ସମୟ। ସମୀକ୍ଷା ହେବ, ଛାତ୍ର, ଶିକ୍ଷକ ଓ ଅଭିଭାବକମାନଙ୍କର। ଛାତ୍ର ପାଠକୁ କେତେ ନିର୍ଭୁଲଭାବେ ନିଠେଇ ଦେଖିଛି, ଶିକ୍ଷକ କେତେ ବୁଝେଇପାରିଛି ଓ ଅଭିଭାବକ ଉଭୟଙ୍କ କାର୍ଯ୍ୟକୁ କେତେ ତଦାରଖ କରିଛି, ଏସବୁର ସମୀକ୍ଷାର ସମୟ ଏବେ ଉପନୀତ। ସମସ୍ତଙ୍କ ଛାତିରେ ଛନକା। ମନରେ ଅସରନ୍ତି ଭାବନା ଓ ଦୁର୍ଭାବନା। ବ୍ୟବସାୟରେ ପୁଞ୍ଜି ବିନିଯୋଗଭଳି ଏ ମଧ୍ୟ ସେପରି ଏକ ବ୍ୟବସ୍ଥା। ଲାଭକ୍ଷତି ନିର୍ଭରକରେ ନିଜର ଅଧ୍ୟବସାୟ, କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ସାଧୁତା, ସଙ୍କୋଚତା, ସର୍ବୋପରି ସକାରାତ୍ମକ ମାନସିକତା ଉପରେ। ଯିଏ ଏସବୁକୁ ଯେତେଦୂର ବୁଝିପାରିଛି, ତା' ପାଇଁ ପ୍ରାପ୍ତିର ପ୍ରତ୍ୟାଶା ସେତେ ସୁଗମ ହୋଇପାରିଛି। ଯିଏ ହେୟଜ୍ଞାନ କରିଛି କିମ୍ବା ଆଜି ନାହିଁ କାଲିକୁ ଦେଖିବା ନୀତି ଆପଣେଇଛି, ସିଏ ସେତେ ପ୍ରାପ୍ତିର ଦୂରାଶା ଆଡ଼କୁ ଆଗେଇ ଚାଲିଛି। ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ଅଛି। ଭଲର ଭଲ ଓ ଖରାପର ଖରାପ- ଏହା ପ୍ରାକୃତିକ ବ୍ୟବସ୍ଥା। ଏଥକୁ କେହି କିଛି କରିପାରିବେ ନାହିଁ କି କାହାକୁ କେହି ଅଟକାଇ ପାରିବେନାହିଁ।

ତେବେ, ବର୍ତ୍ତମାନର ସମୟ ଏକ ସ୍ଥିତାବସ୍ଥାର ସମୟ। ଆଗରେ ପରୀକ୍ଷା। ଯିଏ ଯାହା ଯେପରି ପ୍ରସ୍ତୁତ ହେବାର କଥା ହୋଇ ସାରିଲେଣି। ଏଣିକି କେବଳ ନିଜ ଭିତରେ ସେସବୁକୁ ଗୁଣୁଗୁଣେଇ ହେବାର ସମୟ। ପୁନଃ ପଠନ, ପୁନଃ ପୁନଃ ପଠନର ବେଳ ସରିଯାଇଛି। ଏବେ କେବଳ ଯାହା ପଢ଼ିଛେ ତାକୁ ମନ ପକେଇବାର କଥା। ଅଭିଭାବକମାନେ ଏ ସମୟରେ ମଧ୍ୟ ଯଥେଷ୍ଟ ସ୍ଥିରତା ରକ୍ଷା କରିବାର କଥା। ପିଲାର ପାଠପଢ଼ାକୁ ନେଇ ନିଜେ ଅସ୍ଥିର ହୋଇ ପିଲାକୁ ବ୍ୟସ୍ତ କରିବାର ଅନାବଶ୍ୟକ ଅପଚେଷ୍ଟାରୁ ଅଭିଭାବକମାନେ ଦୂରେଇ ରହିବା ଉଚିତ୍। କାରଣ, ଏହା ପିଲା ଉପରେ ଏକ ଅଯଥା ବୋଝ ସଦୃଶ ହେବ। ପିଲାର ମାନସିକ ଚାପ ବଢ଼ିଯିବ। ପଢ଼ିଥିବା ପାଠରେ ବିଭ୍ରାନ୍ତି ଆସିବ। କଅଁଳମନ ଦ୍ୱିଧାଗ୍ରସ୍ତ ହେବ। ଠିକ୍‌ଭୁଲର ଦୋଛକିରେ ନିରୀହପ୍ରାଣଟି ତାର ଆନ୍ଦୋଳିତ ହେବ, ଯାହା ସର୍ବାଦୌ ପରିତ୍ୟଯ୍ୟ।

ବର୍ଷାଦିନରେ ପାଣିର ଗତିରେ ଠିକ୍ ଠିକଣା କିଛି ନଥାଏ। କୁଆଡ଼କୁ ମାଡ଼ିଯାଏ ତ କୁଆଡ଼କୁ ଭସାଇଦିଏ। ବର୍ଷା ପରେ ପାଣିର ଧାର ସଂଯମତା ଆଚରଣ କରେ। ଗୋଟିଏ ନିର୍ଦ୍ଦିଷ୍ଟ ଧାରରେ ନିମ୍ନାଭିମୁଖୀ ହୁଏ। ଏହା ହେଉଛି ବର୍ଷା ଓ ବର୍ଷାପରର ପାଣିର ଧର୍ମ। ସେହିପରି ପାଠପଢ଼ା ଓ ପାଠପଢ଼ା ପରବର୍ତ୍ତୀ ସମୟର ମଧ୍ୟ ସ୍ୱତନ୍ତ୍ର ଧର୍ମ ରହିଛି। ପାଠପଢ଼ା ପରବର୍ତ୍ତୀ ସମୟର ପରୀକ୍ଷା ପାଇଁ ପିଲାଟି ମାନସିକ ସ୍ତରରେ ତାର ବିଦ୍ୟାବୁଦ୍ଧିକୁ ଗୋଟିଏ ଧାରରେ ନିମ୍ନାଭିମୁଖୀ କରିଥାଏ। ଏଥିରେ ବ୍ୟାଘାତ ସୃଷ୍ଟିକଲେ, ଏହା ଅତ୍ୟନ୍ତ ହାନିକାରକ ସାବ୍ୟସ୍ତ ହୁଏ। ଏବେ ଦେଖାଯାଉଛି, କେତେକ ପତ୍ରପତ୍ରିକା ଓ ଖବରକାଗଜ ପରୀକ୍ଷା ପାଇଁ କିପରି ପ୍ରସ୍ତୁତ ହେବ, ତାର ଉପାୟ ବିଶେଷଜ୍ଞମାନଙ୍କ ଦ୍ୱାରା ବତେଇବାର ଚେଷ୍ଟା କରୁଛନ୍ତି। ତାହା ସ୍ୱାଗତଯୋଗ୍ୟ ହୋଇଥା'ନ୍ତା, ଯଦି ଏହା ୨/୩ମାସ ଆଗରୁ ପିଲାଙ୍କୁ ବତେଇ ଦିଆହୋଇଥା'ନ୍ତା। ଏବେ ସେ ସମୟ ଆଉ ନାହିଁ। ପିଲାଟି ଏବେ ତା ନିଜସ୍ୱ କିମ୍ବା ତାର ଶିକ୍ଷକ କିମ୍ବା ଅଭିଭାବକମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସୂତ୍ରକୁ ଆପଣେଇ ସାରିଲାଣି। ମୁଣ୍ଡ ଉପରେ ପରୀକ୍ଷା। ହାତଗଣତିରେ ଆଉ କେତେଟା ଦିନ ବାକିଥିବାବେଳେ, ପରୀକ୍ଷା ପ୍ରସ୍ତୁତି ପାଇଁ ସୂତ୍ର ବତେଇବାର ଉଦ୍ଦେଶ୍ୟ ମହତ୍ ହୋଇପାରେ; ମାତ୍ର, ତାହା ପିଲାଟିକୁ ବିଭ୍ରାନ୍ତ କରିଦେବ। ସଭିଏଁ ଏକଥାକୁ ଟିକିଏ ହେଜିଲେ ଭଲ ହୁଅନ୍ତା।

ଡ. ପ୍ରସନ୍ନ କୁମାର ଜେନା



## ଗୀତା

କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ ।
ସ ବୁଦ୍ଧିମାନ୍ମନୁଷ୍ୟେଷୁ ସ ଯୁକ୍ତଃ କୃତ୍ସ୍ନକର୍ମକୃତ୍ ।।୪/୧୮

ଯେ କର୍ମରେ ଅକର୍ମ ଦର୍ଶନ କରନ୍ତି ଏବଂ ଅକର୍ମରେ କର୍ମ ଦର୍ଶନ କରନ୍ତି, ସେ ମନୁଷ୍ୟମାନଙ୍କ ମଧ୍ୟରେ ବୁଦ୍ଧିମାନ୍ ଏବଂ ସେହି ଯୋଗୀ ସମସ୍ତ କର୍ମ କରିଥାନ୍ତି ।।

## ହିତୋପଦେଶ

ଭାଗ୍ୟ ଅନୁକୂଳ ରହିଲେ ଭିକାରିକୁ ରାଜା ଓ

ପ୍ରତିକୂଳ ହେଲେ ରାଜାକୁ ଭିକାରୀ କରିଦିଏ

## ଭାଗବତ ବାଣୀ

ସଂସାରେ ଥିବ ଯେତେଦିନ । ଆନନ୍ଦ କରୁଥିବ ମନ ।।
ମୃତ୍ୟୁ ଯାହାର ସନ୍ନିଧାନ । ମନୁ ହରଇ ତାର ଜ୍ଞାନ ।।

## ମୁଖ୍ୟ ପ୍ରବାଦ

ଅଳସୁଆ ମାଗିଖିଆ ଭାଇ

## କୁହତ ଦେଖି

ଗଛ ଲହକା ପତର ବଙ୍କା
ତା ଫଳ ବିକିଲେ ମୁଠାଏ ଟଙ୍କା -ଧାନ

## ଚାଣକ୍ୟ ନୀତି



ବଳଂବିଦ୍ୟା ଚ ବିପ୍ରାଣାଂ ରାଜ୍ଞଃ ସୈନ୍ୟଂ ବଳଂ ତଥା ବଳଂ ବିତ୍ତଂ ଚ ବୈଶ୍ୟାନାଂ ଶୂଦ୍ରାଣାଂ ଚ କନିଷ୍ଠତା ।

ବିପ୍ରମାନଙ୍କର ଯେପରି ବିଦ୍ୟାବଳ, ରାଜାମାନଙ୍କର ସେହିପରି ସୈନ୍ୟମାନେ ବଳ, ସେହିପରି ବଶ୍ୟମାନଙ୍କର ବଳ ଯେପରି ଧନ ସେହିପରି ଶୁଦ୍ରମାନଙ୍କର ସେବା କରିବା ବଳ ଅଟେ

## ନୀତିଶ୍ଳୋକ

ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍ ।
ନାୟଂ ଲୋକୋଽସ୍ତ୍ୟଯଜ୍ଞସ୍ୟ କୁତୋଽନ୍ୟଃ କୁରୁସତ୍ତମ ।।

ହେ କୁରୁଶ୍ରେଷ୍ଠ ଅର୍ଜୁନ ! ଯଜ୍ଞାବଶେଷ ଅମୃତ ଅନୁଭବ କରୁଥିବା ମନୁଷ୍ୟ ସନାତନ ପରବ୍ରହ୍ମପରମାତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି ଯଜ୍ଞ ନ କରୁଥିବା ମନୁଷ୍ୟଙ୍କ ପାଇଁ ଇହଲୋକ ମଧ୍ୟ ସୁଖଦାୟକନୁହେଁ, ପୁଣି ପରଲୋକ ସୁଖଦାୟକ ହେବ କିପରି ?

## ଢଗଢମାଳି

ଆଖିବେଦନାକୁ ନଖ ବେଦନା
ପେଟ ବେଦନାଟି ଦୁଃଖୀ
ଘର ଅଛୁ ଆଣି ମାଇପ କାଣ୍ଡୋଇ
ମରିଯିବା ବଡ଼ ସୁଖୀ ।

ଶାରୀରିକ କଷ୍ଟ ଭୋଗୁଥିବା ସହ ଉପାସରେ ରହୁଥିବା ଲୋକ ନିଶ୍ଚିତ ଭାବେ ଦୁଃଖୀ । ମାତ୍ର ଘରକରଣାକୁ ତୁଚ୍ଛ ମନେ କରୁଥିବା କାଣ୍ଡୋଇ ସ୍ତ୍ରୀର ସ୍ୱାମୀ ଦୁଃଖ ଭୋଗିବା ଅପେକ୍ଷା ମରିଯିବାକୁ ଶ୍ରେୟ ମନେକରେ ।

## ଖନା ବଚନ / ଦନେଇ ବଚନ

○ ଅଳିଆ ଲେଖାରେ ବାଳିଆ ବନ୍ଧୁ -
ଗୁରୁତ୍ୱହୀନ ସଂପର୍କ ।

●●

○ ଆଡ଼ ଆଖିରେ ଅନେଇବା-
ଅଣଦେଖା କରିବା ।


# ଭାରତର ଐତିହାସିକ ସଫଳତା
# ଇସ୍ରୋ ଛାଡ଼ିଲା ୧୦୪ ଉପଗ୍ରହ



ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ସୃଷ୍ଟିକରିଛି ଏକ ନୂତନ ବିଶ୍ୱରେକର୍ଡ । ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରେ ଥିବା ଉପଗ୍ରହ ଉତ୍କ୍ଷେପଣ କେନ୍ଦ୍ରରୁ ଏକା ଥରକେ ୧୦୪ଟି ଉପଗ୍ରହକୁ ସଫଳତାର ସହ ମହାକାଶକୁ ପଠାଇଛି ଇସ୍ରୋ । ୧୫ ଫେବ୍ରୁଆରୀ ୨୦୧୭ ବୁଧବାର ସକାଳ ୯.୨୮ ମିନିଟ୍ ସମୟରେ ପିଏସ୍ଏଲଭି-ସି୩୭ ସାହାଯ୍ୟରେ ପ୍ରଥମେ ଭାରତୀୟ ଉପଗ୍ରହ କାର୍ଟୋସାଟ୍-୨କୁ ମହାକାଶକୁ ପ୍ରେରଣ କରିବା ପରେ ଦୁଇଟି ଛୋଟ ଉପଗ୍ରହ ଆଇଏନ୍ଏସ୍-୧-ଏ ଓ ୧-ବି କୁ ମହାକାଶକୁ ପଠାଯାଇଥିଲା । ଏହାର ୧୦ ମିନିଟ୍ ମଧ୍ୟରେ ୧୦୧ଟି ଛୋଟ ଛୋଟ ଉପଗ୍ରହକୁ ମହାକାଶକୁ ପଠାଯାଇଛି । ଏହି ଉପଗ୍ରହଗୁଡ଼ିକ ମଧ୍ୟରେ ୯୬ଟି ଆମେରିକାର ଉପଗ୍ରହ ରହିଥିବା ବେଳେ ଇସ୍ରାଏଲ, କାଜାଖସ୍ତାନ, ନେଦରଲ୍ୟାଣ୍ଡ, ସୁଇଜରଲ୍ୟାଣ୍ଡ ଓ ୟୁନାଇଟେଡ୍ ଆରବ ଏମିରେଟ୍ର ଉପଗ୍ରହ ରହିଛି । ୨୦୧୪ରେ ରୁଷିଆ ଥରକେ ୩୭ଟି ଓ ୨୦୧୩ରେ ଆମେରିକା ଥରକେ ୨୯ଟି ଉପଗ୍ରହ ମହାକାଶକୁ ପଠାଇଥିବା ବେଳେ ଇସ୍ରୋ ଏକା ଥରକେ ୧୦୪ଟି ଉପଗ୍ରହ ମହାକାଶକୁ ପଠାଇ ନୂଆ ରେକର୍ଡ଼ ସୃଷ୍ଟି କରିଛି । । ମାତ୍ର ଏହାର ୩ ବର୍ଷ ମଧ୍ୟରେ ଭାରତୀୟ ବୈଜ୍ଞାନିକମାନେ ଏକ ସଙ୍ଗେ ୧୦୪ ଟି ଉପଗ୍ରହ ଉତ୍କ୍ଷେପଣ କରି ବିଶ୍ୱରେ ରେକର୍ଡ ସୃଷ୍ଟି କରିପାରିଛି ଇସ୍ରୋ ।

ପିଏସଏଲଭି-୩୭-କାର୍ଟୋସେଟ୨ ଶୃଙ୍ଖଳାର ଏହି ଉପଗ୍ରହ ଉତ୍କ୍ଷେପଣ ପାଇଁ ବୁଧବାର ଭୋର ୫.୨୮ ରୁ ଓଲଟା ଗଣତି ଆରମ୍ଭ ହୋଇଥିଲା । ଏଥି ପାଇଁ ରେଡିନେସ ରିଭ୍ୟୁ କମିଟି ଏବଂ ଉତ୍କ୍ଷେପଣ ମଣ୍ଡଳୀ ଅନୁମତି ଦେଇଥିଲେ । ପିଏସଏଲଭି-ସି୩୭ ନିଜର ୩୯ ତମ ଉଡ଼ାଣରେ ଆନ୍ତର୍ଜାତୀୟ ଉପଭୋକ୍ତାଙ୍କ ସହ ଜଡ଼ିତ ୧୦୪ ଟି ଉପଗ୍ରହକୁ କକ୍ଷପଥରେ ସ୍ଥାପିତ କରିଛି । ଏହି ଉଡ଼ାଣ ପାଇଁ ଇସ୍ରୋର ବୈଜ୍ଞାନିକମାନେ ଏକ୍ସଏଲ ଭେରିଏଣ୍ଟ ସିରିଜର ଶକ୍ତିଶାଳୀ ରକେଟର ବ୍ୟବହାର କରିଥିଲେ, ଯାହାର ବ୍ୟବହାର ଇସ୍ରୋ ଚନ୍ଦ୍ରଯାନ ଏବଂ ମଙ୍ଗଳ ଯାନ ପ୍ରକ୍ଷେପଣ ସମୟରେ କରିଥିଲା । ଏହା ପୂର୍ବରୁ ଭାରତ ଜୁନ ୨୦୧୫ ରେ ଏକ ସଙ୍ଗେ ୨୩ଟି ଉପଗ୍ରହ ପ୍ରକ୍ଷେପଣର ରେକର୍ଡ ସୃଷ୍ଟି କରିଥିଲା ।

ଏହି ସଫଳତା ପାଇଁ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଇସ୍ରୋର ଅଧ୍ୟକ୍ଷ ଏ. ଏସ୍. କିରଣ କୁମାର । ସେହିପରି ଏହି ପ୍ରକଳ୍ପର ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ବି. ଜୟକୁମାର ନିଜ ପ୍ରତିକ୍ରିୟାରେ କହିଛନ୍ତି, ଥରକେ







୧୦୪ଟି ଉପଗ୍ରହକୁ ସଫଳତାର ସହ ମହାକାଶକୁ ପ୍ରେରଣ କରିବା ନିଶ୍ଚିତ ଭାବେ କଷ୍ଟକର ଥିଲା, ମାତ୍ର ଇସ୍ରୋର ବୈଜ୍ଞାନିକମାନେ ନିଷ୍ଠାର ସହ ଏହାକୁ ସଂପନ୍ନ କରିଛନ୍ତି। ବୈଜ୍ଞାନିକଙ୍କ ଏହି ପ୍ରଚେଷ୍ଟା ଦେଶ ପାଇଁ ଗର୍ବ ଆଣି ଦେଇଛି।  କାରଟୋସାଟ୍-୨ ଉପଗ୍ରହର ଓଜନ ୬୬୪ କିଲୋ ହୋଇଥିବା ବେଳେ ଏହା ବିଭିନ୍ନ କ୍ଷେତ୍ରର ଉନ୍ନତି ପାଇଁ କାର୍ଯ୍ୟ କରିବ। ବିଶେଷ କରି ଭୂଭାଗ ସଂପର୍କରେ ତଥ୍ୟ ପ୍ରଦାନ, ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷା, ବିପଦସଙ୍କୁଳ ସ୍ଥାନରେ ଥିବା ରାସ୍ତା ନକ୍ସା ପ୍ରସ୍ତୁତି, ଦୁର୍ଗମ ଅଞ୍ଚଳର ନକ୍ସା ପ୍ରସ୍ତୁତି ସହ ଯୋଗାଯୋଗ କ୍ଷେତ୍ରରେ ଉନ୍ନତି ଆଣିବା ଏହି ଉପଗ୍ରହର ମୁଖ୍ୟ କାର୍ଯ୍ୟ ହେବ। ଆଇଏନ୍ଏସ୍-୧ଏ ଏବଂ ୧ବି ଉପଗ୍ରହ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉନ୍ନତି ନିମନ୍ତେ କାର୍ଯ୍ୟ କରିବ। ଆମେରିକା ତରଫରୁ ପଠାଯାଇଥିବା ଅଧିକାଂଶ ଉପଗ୍ରହ ବିଶ୍ୱ ଭୂଭାଗ ସଂପର୍କରେ ତଥ୍ୟ ପ୍ରଦାନ କରିବାକୁ ଥିବା ବେଳେ ଆଠଟି ଉପଗ୍ରହ ପାଣିପାଗ ସଂପର୍କିତ ଏବଂ ସମୁଦ୍ରରେ ଜାହାଜ ଚଳାଚଳ ସଂପର୍କରେ ତଥ୍ୟ ପ୍ରଦାନ କରିବ। ଅନ୍ୟପକ୍ଷରେ ଇସ୍ରାଏଲ୍, କାଜାଖସ୍ତାନ, ନେଦରଲ୍ୟାଣ୍ଡ ଆଦି ରାଷ୍ଟ୍ରର ଉପଗ୍ରହ ବିଶେଷତଃ ବୈଷୟିକ ଜ୍ଞାନକୌଶଳ ବିକାଶ ନିମନ୍ତେ କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଇସ୍ରୋ ତରଫରୁ ବର୍ତ୍ତମାନ ସୁଦ୍ଧା ୨୨୬ଟି ଉପଗ୍ରହକୁ ମହାକାଶକୁ ପଠାଯାଇ ଥିବା ବେଳେ ସେଥିମଧ୍ୟରୁ ୧୭୯ଟି ବିଦେଶୀ ଉପଗ୍ରହ ରହିଛି।



୧୯୮୦ ଦଶକରେ ଭାରତୀୟ ବୈଜ୍ଞାନିକମାନଙ୍କ ସମ୍ମୁଖରେ ଧାତୁ ରହିତ ଉତ୍କ୍ଷେପଣ ଲଞ୍ଚ୍‌ପ୍ୟାଡ୍ ଖୋଜିବା ଏକ ଚ୍ୟାଲେଞ୍ଜ୍ ଭାବେ ଉଭା ହୋଇଥିଲା ସେତେବେଳେ ଭାରତୀୟ ବୈଜ୍ଞାନିକମାନେ ସମଗ୍ର ବିଶ୍ୱକୁ ଚମକୃତ କରିବା ସହ ଏକ ବଳଦ ଗାଡିରୁ ରକେଟ ଉତ୍କ୍ଷେପଣ କରିଥିଲେ, ଯାହା ସେ ସମୟରେ ମହାକାଶ ଗବେଷଣା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଦେଶମାନଙ୍କ ପାଇଁ ଥିଲା ଏକ ଅବିଶ୍ୱସନୀୟ ଘଟଣା । କମ୍ ସାଧନ, ଅନ୍ତରୀକ୍ଷରେ... କମ୍ ଖର୍ଚ୍ଚରେ ଉନ୍ନତ ଜ୍ଞାନକୌଶଳ ଏବଂ କଠିନ ପରିଶ୍ରମ ବଳରେ ଇସ୍ରୋ ଏହି ସଫଳତାର ଯାତ୍ରା ଅତିକ୍ରମ କରିଛି । ଭାରତୀୟ ବୈଜ୍ଞାନିକମାନଙ୍କର ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଇସ୍ରୋର  ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଯୁଗାନ୍ତକାରୀ ଘଟଣା ନିଶ୍ଚିତ ଭାବରେ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ।

ଧର୍ମପ୍ରାଣ ଲୋକ କାହାର ଅନିଷ୍ଟ କରେ ନାହିଁ। ବରଂ ତାହାର ଯିଏ ଅନିଷ୍ଟ କରେ ତାକୁ ସେ କ୍ଷମା ଦିଏ।

# ବିଚିତ୍ରା

## ବିବାହିତା ଭଉଣୀର ସମ୍ପତ୍ତିରେ ଭାଇର ଅଧିକାର ନାହିଁ

ବିବାହିତା ଭଉଣୀଙ୍କ ସମ୍ପତ୍ତି ଉପରେ ଭାଇର କୌଣସି ଅଧିକାର ନାହିଁ ବୋଲି ଉଚ୍ଚତମ ନ୍ୟାୟାଳୟ ସ୍ପଷ୍ଟ କରି ଦେଇଛନ୍ତି। ହିନ୍ଦୁ ପରିବାରର ବିବାହିତା ଭଉଣୀ ନିଜ ସ୍ୱାମୀ କିମ୍ବା ଶଶୁରଙ୍କଠାରୁ ପାଇଥିବା ସମ୍ପତ୍ତି ଉପରେ ସଂପୃକ୍ତ ମହିଳାଙ୍କ ଭାଇର କୌଣସି ଅଧିକାର ନ ଥିବା ବିଚାରପତି ଦୀପକ ମିଶ୍ର ଓ ଆର.ଭାନୁମତୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ରାୟ ଦେଇଛନ୍ତି। ହିନ୍ଦୁ ଉତ୍ତରାଧିକାର ଆଇନର ଧାରା ୧୫ ଅନୁଯାୟୀ ବିବାହିତ ମହିଳାଙ୍କ ସମ୍ପତ୍ତି ଉପରେ ଶଶୁର ଘର ପକ୍ଷ ବ୍ୟକ୍ତିଙ୍କ ଅଧିକାର ରହିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରି ଦେଇଛନ୍ତି।

## ବିଶ୍ୱର ଜୀବିତ ବୟସ୍କା ମହିଳା ନରସାମ୍ମା


ବିଶ୍ୱର ବୟସ୍କ ଜୀବିତ ମହିଳା ଭାବେ ରେକର୍ଡ଼ର ଅଧିକାରୀ ହୋଇଛନ୍ତି ହାଇଦରାବାଦର ଟି. ନରସାମ୍ମା। ତାଙ୍କୁ ଏବେ ୧୧୯ବର୍ଷ ଓ ସେ ବନସ୍ଥଳୀପୁରମ୍ ନିକଟରେ ପରିବାର ସହ ବାସ କରୁଛନ୍ତି। ୧୮୯୮ରେ ତାଙ୍କର ଜନ୍ମ ଓ ଏବେ ତାଙ୍କ ପରିବାରର ସଦସ୍ୟ ସଂଖ୍ୟା ୫୦ ବୋଲି ଜଣାପଡ଼ିଛି। ଶୁକ୍ରବାର ସେ ଇଟାଲୀର ୧୧୮ବର୍ଷ ବୟସ୍କା ଏମ୍ମା ମାର୍ଟିନା ଲୁଇଗିଆ ମାରାନୋଙ୍କୁ ପଛରେ ପକାଇଛନ୍ତି। ତେବେ ଏ କ୍ଷେତ୍ରରେ ସର୍ବକାଳୀନ ରେକର୍ଡ଼ର ଅଧିକାରିଣୀ ହେଉଛନ୍ତି ଫ୍ରାନ୍ସର ଜିଆନେ କାଲମେଣ୍ଟ। ୧୨୨ବର୍ଷ ବୟସରେ ତାଙ୍କର ୧୯୯୭ରେ ମୃତ୍ୟୁ ଘଟିଛି। ନରସାମ୍ମାଙ୍କ ୭୫ବର୍ଷ ବୟସ୍କା ଝିଅଙ୍କ କହିବାନୁସାରେ ଏ ବୟସରେ ବି ମାଆ ସୁସ୍ଥ ଅଛନ୍ତି ଓ ଠିକ୍ ଭାବେ ଖିଆପିଆ କରୁଛନ୍ତି। ତାଙ୍କର ୪ସନ୍ତାନଙ୍କ ମଧ୍ୟରୁ ତିନିଜଣଙ୍କର ମୃତ୍ୟୁ ହୋଇ ସାରିଲାଣି।

## ବୈଷୟିକ ଶିକ୍ଷାର ଉନ୍ନତି ପାଇଁ ବିଶ୍ୱବ୍ୟାଙ୍କ ସହ ଚୁକ୍ତି

ଭାରତରେ ବୈଷୟିକ ଶିକ୍ଷାର ଉନ୍ନତି ପାଇଁ ବିଶ୍ୱବ୍ୟାଙ୍କ ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି କେନ୍ଦ୍ର ସରକାର। ଏହି ଚୁକ୍ତି ଅନୁଯାୟୀ ବିଶ୍ୱବ୍ୟାଙ୍କ ଭାରତକୁ ୨୦୧.୫୦ମିଲିୟନ୍ ଡଲାର ଋଣ ଆକାରରେ ପ୍ରଦାନ କରିବ। ଏହି ଅର୍ଥ ଦ୍ୱାରା ଭାରତରେ ବୈଷୟିକ ଶିକ୍ଷାର ଉନ୍ନତି ପାଇଁ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ନେବେ। 'ତୃତୀୟ ବୈଷୟିକ ଶିକ୍ଷା ଗୁଣାତ୍ମକ ଅଭିବୃଦ୍ଧି କାର୍ଯ୍ୟକ୍ରମ' ଅନୁଯାୟୀ ବିଶ୍ୱବ୍ୟାଙ୍କ ଓ ଭାରତ ସରକାରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା କେନ୍ଦ୍ର ଅର୍ଥମନ୍ତ୍ରାଳୟ ତରଫରୁ ସୂଚନା ମିଳିଛି। ବିଭିନ୍ନ ରାଜ୍ୟରେ ଇଞ୍ଜିନିୟରିଂ ଶିକ୍ଷାରେ ଉନ୍ନତି ଆଣିବା ସହ ଶିକ୍ଷାର୍ଥୀଙ୍କୁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ପ୍ରଦାନରେ ଏହି ଅର୍ଥ ବ୍ୟୟ କରାଯିବ। ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ଆଣ୍ଡାମାନ ନିକୋବରରେ ଥିବା ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକର ବିକାଶ ନିମନ୍ତେ ଚୁକ୍ତିରେ ନିଷ୍ପତ୍ତି ହୋଇଛି।

## ନୂଆ ମହାଦେଶ 'ଜିଲାଣ୍ଡିଆ' ଆବିଷ୍କୃତ

ପୃଥିବୀରେ ମହାଦେଶ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ବୈଜ୍ଞାନିକମାନେ 'ଜିଲାଣ୍ଡିଆ' ନାମରେ ଆଉ ଏକ ମହାଦେଶ ଆବିଷ୍କାର କରିଛନ୍ତି। ଏହି ନୂଆ ମହାଦେଶଟି ଅଷ୍ଟ୍ରେଲିଆ ମହାଦେଶର ପୂର୍ବରେ ଅବସ୍ଥିତ। ଏହାର ଆକାର ପ୍ରାୟ ୫୦ଲକ୍ଷ ବର୍ଗ କିଲୋମିଟର। ଏହା ବିଶ୍ୱର ସବୁଠାରୁ ଛୋଟ ଓ କନିଷ୍ଠ ମହାଦେଶ। ଏହାର ଲୋକସଂଖ୍ୟା ମଧ୍ୟ ବହୁତ କମ୍। ନ୍ୟୁଜିଲାଣ୍ଡ ଓ ନ୍ୟୁ କାଲେଡୋନିଆର କେତେକ ଅଞ୍ଚଳ ଏହି ମହାଦେଶରେ ମିଶି ରହିଛି। ୧୧ଜଣିଆ ଏକ ବୈଜ୍ଞାନିକ ଦଳ ଏହାକୁ ଆବିଷ୍କାର କରିଛନ୍ତି। ଏହି ମହାଦେଶକୁ ହଠାତ ଆବିଷ୍କାର କରାଯାଇ ନାହିଁ। ୧୦ବର୍ଷ ଧରି ଏହା ଉପରେ ଅନୁଧାନ କରାଯିବା ପରେ ଏବେ ଏହାକୁ ସ୍ୱୀକାର କରାଯାଇଛି।




## ଓଏଏସ୍-୨୦୧୫ ଫଳ ପ୍ରକାଶିତ; ସୌରଭ ଦାସ ପ୍ରଥମ



ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷା-୨୦୧୫ ଫଳ ଗୁରୁବାର ପ୍ରକାଶିତ ହୋଇଛି। ଏହି ପରୀକ୍ଷାରେ ମୋଟ ୬୭୦ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ସୌରଭ ଦାସ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ସୁଧୀରକୁମାର ନାୟକ ଦ୍ୱିତୀୟ ଓ ପଲ୍ଲବୀ ସ୍ୱାଇଁ ତୃତୀୟ ସ୍ଥାନରେ ରହିଛନ୍ତି। ରାଜ୍ୟରେ ବିଭିନ୍ନ ବିଭାଗରେ ଖାଲି ପଡିଥିବା ୬୭୦ ଓଏଏସ୍ ପଦ ପାଇଁ ଓପିଏସ୍‌ସି ପକ୍ଷରୁ ୨୦୧୫ରେ ପ୍ରିଲିମ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରିଲିମ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୫୦୦୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ମୁଖ୍ୟ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୩୦୯ଜଣଙ୍କୁ ସାକ୍ଷାତକାର ପାଇଁ ଡକାଯାଇଥିଲା।

୨୦୧୬ ଡିସେମ୍ବର ୮ତାରିଖରୁ ୨୧ତାରିଖ ପର୍ଯ୍ୟନ୍ତ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କ ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା।

## ବିବାହରେ ଖର୍ଚ୍ଚକାଟ୍ ପାଇଁ ଲୋକସଭାରେ ବିଲ୍ ଆଗତ

ବିବାହରେ ହେଉଥିବା ମାତ୍ରାଧିକ ଖର୍ଚ୍ଚ ଉପରେ ଅଙ୍କୁଶ ଲଗାଇବାକୁ ଲୋକସଭାରେ ଏକ ବିଲ୍ ଆଗତ ହୋଇଛି। କଂଗ୍ରେସ ସାଂସଦ ରଞ୍ଜିତ ରଞ୍ଜନଙ୍କ ଦ୍ୱାରା ଆଗତ ଏହି ବିଲ୍‌ରେ ବିବାହରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରୁଥିବା ବ୍ୟକ୍ତି ଗରିବ ଝିଅଙ୍କ ବିବାହ ପାଇଁ ଅର୍ଥ ଦେବାକୁ ପ୍ରସ୍ତାବ ରହିଛି। ସେହିପରି ବିବାହରେ ଅଳ୍ପସଂଖ୍ୟକ ଅତିଥିଙ୍କୁ ନିମନ୍ତ୍ରଣ ଓ ଭୋଜିରେ ପରିବେଷଣ କରାଯାଉଥିବା ଖାଦ୍ୟ ପଦାର୍ଥର ସଂଖ୍ୟାକୁ କମ୍ କରିବାକୁ ବିଲ୍‌ରେ ପ୍ରସ୍ତାବ ରହିଛି। ବହୁଲୋକ ନିଜ ପାଖରେ ଥିବା ଟଙ୍କା ପଇସାର ପ୍ରଦର୍ଶନ ନିମନ୍ତେ ବ୍ୟୟବହୁଳ ବିବାହ ଆୟୋଜନ କରୁଥିବା ବେଳେ ବହୁ ଗରିବ ଝିଅ ଟଙ୍କା ଅଭାବରୁ ଅବିବାହିତ ରହୁଥିବା ଏବଂ ଭୋଜିରେ ବହୁମାତ୍ରାରେ ଖାଦ୍ୟ ଅଯଥାରେ ନଷ୍ଟ ହେଉଥିବା ବେଳେ ଦେଶରେ ବହୁଲୋକ ଦୁଇବେଳା ଖାଇବାକୁ ପାଉନଥିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ରଞ୍ଜିତ ଗଣମାଧ୍ୟମକୁ ସୂଚନା ଦେବା ସହ ଏଭଳି ଅର୍ଥଶ୍ରାଦ୍ଧ କରୁଥିବା ବ୍ୟକ୍ତି ନିଜର ସାମାଜିକ ଦାୟିତ୍ୱ ତୁଲାଇବାକୁ ମଧ୍ୟ ପଛଘୁଞ୍ଚା ଦେବା ଅନୁଚିତ୍ ବୋଲି ମତ ଦେଇଛନ୍ତି। ଯଦି ଏହି ବିଲ୍ ଆଇନରେ ପରିଣତ ହୁଏ ତେବେ ବିବାହରେ ଅତିଥିଙ୍କ ସଂଖ୍ୟା ସୀମିତ ରଖିବା ସହ ଖର୍ଚ୍ଚକାଟ୍ କରିବାକୁ ଧନୀଲୋକ ବାଧ୍ୟ ହେବେ। ସେହିଭଳି ବିବାହର ୬୦ଦିନ ମଧ୍ୟରେ ଏହାକୁ କୋର୍ଟରେ ରେଜେଷ୍ଟ୍ରି କରାଯିବାକୁ ବିଲ୍‌ରେ ପ୍ରସ୍ତାବ ରହିଛି।

## ଚଳଚ୍ଚିତ୍ରରେ ଜାତୀୟ ସଙ୍ଗୀତ ପ୍ରଦର୍ଶନ ବେଳେ ଦର୍ଶକ ଠିଆ ହେବା ଜରୁରୀ ନୁହେଁ: ସୁପ୍ରିମକୋର୍ଟ

ସିନେମା ହଲ୍‌ରେ କୌଣସି ଚଳଚ୍ଚିତ୍ର ପ୍ରଦର୍ଶନ ସମୟରେ ଯଦି ଏଥିରେ ଜାତୀୟ ସଙ୍ଗୀତ ଗାନର ଦୃଶ୍ୟ ପ୍ରଦର୍ଶିତ ହୁଏ; ତେବେ ଦର୍ଶକ ଠିଆ ହେବା ଜରୁରୀ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଉପରେ ଲୋଡାଯାଇଥିବା ସ୍ପଷ୍ଟୀକରଣ ଉପରେ ସର୍ବୋଚ୍ଚ ଅଦାଲତ ଏପରି ମତ ଦେଇଛନ୍ତି। ଗତବର୍ଷ ନଭେମ୍ବର ୩୦ରେ ସୁପ୍ରିମକୋର୍ଟ କହିଥିଲେ ଦେଶବ୍ୟାପୀ ପ୍ରତ୍ୟେକ ସିନେମା ହଲରେ ଚଳଚ୍ଚିତ୍ର ପ୍ରଦର୍ଶନ ପୂର୍ବରୁ ଜାତୀୟ ସଙ୍ଗୀତ ଗାନ କରାଯିବ ଓ ପ୍ରତ୍ୟେକ ଦର୍ଶକ ଠିଆ ହୋଇ ଏହାକୁ ସମ୍ମାନ ଜଣାଇବେ। ଭୋପାଳର ଏକ ଏନଜିଓର ଆବେଦନକ୍ରମେ ସୁପ୍ରିମକୋର୍ଟ ଏହି ରାୟ ଦେଇଥିଲେ। କୌଣସି ଚଳଚ୍ଚିତ୍ରରେ ଜାତୀୟ ସଙ୍ଗୀତ ଗାନର ଦୃଶ୍ୟ ପ୍ରଦର୍ଶନ ବେଳେ ଠିଆ ହେବା ଜରୁରୀ କି ନାହିଁ ତା' ଉପରେ ଅଧିକ ସ୍ପଷ୍ଟୀକରଣ ଲୋଡା ଯାଇଥିଲା। ଏହାର ବିଚାର କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ମତ ଦେଇଛନ୍ତି।

## ବାୟୁ ପ୍ରଦୂଷଣ: ପ୍ରତି ମିନିଟ୍‌ରେ ମରୁଛନ୍ତି ଦୁଇ ଭାରତୀୟ



ମଣିଷର ଜୀବନଧାରଣ ପାଇଁ ବାୟୁର କୌଣସି ବିକଳ୍ପ ନାହିଁ। ଏହା ଜାଣିଥିବା ସତ୍ତ୍ୱେ ଆଧୁନିକ ସୁଖସ୍ୱାଚ୍ଛନ୍ଦ୍ୟର ସାଧନ ସୃଷ୍ଟି ଓ ଉପଯୋଗ ପାଇଁ ଆମେ ଜୀବନରକ୍ଷାକାରୀ ବାୟୁକୁ ଦୂଷିତ କରିବାକୁ ପଛଘୁଞ୍ଚା ଦେଉନାହୁଁ। ଦେଶରେ କ୍ରମବର୍ଦ୍ଧିଷ୍ଣୁ ଡିଜେଲଚାଳିତ ଯାନବାହନ, କଳକାରଖାନା ଆଦିରୁ ନିର୍ଗତ ଧୂଆଁ, ଜଙ୍ଗଲ ପୋଡ଼ି, ବିଭିନ୍ନ ସ୍ରୋତରୁ ଅଙ୍ଗାରକାମ୍ଳ ନିର୍ଗମନ ବାୟୁମଣ୍ଡଳକୁ ବେଶି ଦୂଷିତ କରିଚାଲିଛି। ଏହା ଅବିଶ୍ୱାସ ହେଲେ ମଧ୍ୟ ସତ୍ୟ। ୨୦୧୦ ବାୟୁ ପ୍ରଦୂଷଣ ଓ ବିଷାକ୍ତ ଗ୍ୟାସ୍ ନିର୍ଗମନ ସମ୍ପର୍କରେ ଅନୁଧ୍ୟାନ କରି ଅନ୍ତରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ପତ୍ରିକା ଲାନ୍‌ସେଟ୍ ପକ୍ଷରୁ କରାଯାଇଥିବା ଏକ ସର୍ଭେ ମୁତାବକ ପ୍ରତ୍ୟେକ ମିନିଟ୍‌ରେ ୨ ଜଣ ଭାରତୀୟ ମୃତ୍ୟୁବରଣ କରିଥାନ୍ତି। ପ୍ରତ୍ୟେକ ବର୍ଷ ଏକ ନିୟୁତ ଭାରତୀୟ ବାୟୁ ପ୍ରଦୂଷଣରେ ମରୁଥିବା ଏହି ଅନୁସନ୍ଧାନ ରିପୋର୍ଟରୁ କୁହାଯାଇଛି। ପୃଥିବୀର ୨୦ଟି ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରୁ ୧୩ଟି ରହିଛି ଭାରତରେ। ଯଦି ପ୍ରଦୂଷିତ ସହର ସଂଖ୍ୟା ଦେଖାଯିବ, ଦେଶର ଅଧିକାଂଶ ସହର ଏହି ତାଲିକାରେ ସ୍ଥାନ ପାଇବେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତା'ର ତାଜା ସର୍ବେକ୍ଷଣ ବିବରଣୀରେ ଚେତାବନୀ ଦେଇଥିଲା ଯେ ସ୍ୱାସ୍ଥ୍ୟପ୍ରତି ବିପଦ ପହଞ୍ଚାଉଥିବା ପାରିବେଶିକ କାରଣ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି ବାୟୁ ପ୍ରଦୂଷଣ, ଯାହା ପ୍ରତି ଆଠ ଜଣରେ ଜଣକର ମୃତ୍ୟୁ ପାଇଁ ଦାୟୀ। ରିପୋର୍ଟରେ କୁହାଯାଇଛି ଯେ, ଦେଶର ଅଧିକାଂଶ ସହରର ଲୋକେ ଏବେ ବାୟୁ ପ୍ରଦୂଷଣ ଯୋଗୁଁ ବିଭିନ୍ନ ଶ୍ୱାସପ୍ରଶ୍ୱାସଜନିତ ରୋଗରେ ଆକ୍ରାନ୍ତ। ବହୁ ଲୋକଙ୍କ ଫୁସ୍‌ଫୁସ୍ ଦୁର୍ବଳ ହେବାରେ ଲାଗିଛି। ଦିଲ୍ଲୀରେ ୪୦ ପ୍ରତିଶତ ପିଲାଙ୍କର ଫୁସ୍‌ଫୁସ୍ ଦୁର୍ବଳ ହୋଇଯାଇଛି। ସେମାନଙ୍କୁ ଶ୍ୱାସ ବ୍ୟତୀତ ହୃଦ୍‌ରୋଗ ଓ ରକ୍ତବିକାର ଭଳି ରୋଗ ହେଉଛି। ଆମ ଦେଶରେ ବାୟୁ ପ୍ରଦୂଷଣ ନିରାକରଣ ଓ ନିୟନ୍ତ୍ରଣ ଆଇନ ୧୯୮୧ ମସିହାରୁ ପ୍ରଣୀତ ହେବାପରେ ସେଥିରେ ବହୁବାର ସଂଶୋଧନ ଅଣାଯାଇଥିଲେ ହେଁ ତାକୁ ଠିକ୍‌ଭାବେ କାର୍ଯ୍ୟକାରୀ କରାଯାଉନଥିବାରୁ ବାୟୁ ପ୍ରଦୂଷଣକୁ ରୋକିବା ସମ୍ଭବ ହୋଇନାହିଁ।



# ବିଜ୍ଞାନ ବିଚିତ୍ରା

ଡକ୍ଟର ପ୍ରେମଚାନ୍ଦ ମହାନ୍ତି

## ତୈଳପର୍ଣ୍ଣୀ Eucalyptus Globulous

ଏହା ପୃଥିବୀର ସର୍ବୋଚ୍ଚ ଲମ୍ବାଳିଆ ବୃକ୍ଷ ଅଟେ ଯାହାର ଲମ୍ବ ବେଳେ ବେଳେ ୩୦୦ ଫୁଟରୁ ବି ଅଧିକ ହୋଇଥାଏ । ଜଙ୍ଗଲରେ ଏହା ସିଧାହୋଇ ବଢିଥାଏ କିନ୍ତୁ ଖୋଲାଜାଗା ମିଳିଲେ ଏହା ଝଙ୍କାଳିଆ ମଧ୍ୟ ହୋଇଥାଏ।ଏହାର କାଣ୍ଡ ଉପର ପରସ୍ତ ବର୍ଷ ମଧ୍ୟରେ ଅନେକଥର ବକଳା ଛାଡିଥାଏ। ସେହିପରି ଏହାର ପତ୍ରଗୁଡିକ ୬ ରୁ ୧୨ ଇଂଚ ଲମ୍ବ ବିଶିଷ୍ଟ ହୋଇଥାଏ। ଏହା ମୋଟାଳିଆ ହୋଇ ନୀଳ ସବୁଜ ରଙ୍ଗର ହୋଇଥାଏ। ଏଗୁଡିକ ଏକାନ୍ତର ଏବଂ ସିଧା ହୋଇ ବଢିଥାନ୍ତି। ଏମାନଙ୍କ ମୂଳରେ ଏକ ତୈଳଗ୍ରନ୍ଥୀ ଥାଏ ଯେଉଁଥିରୁ ଏକ ସୁଗନ୍ଧଯୁକ୍ତ ତରଳ ପଦାର୍ଥ ନିର୍ଗତ ହୋଇଥାଏ। ଫୁଲଗୁଡିକ ଡେମ୍ଫହୀନ ଏବଂ ଏକାକି କିମ୍ବା ଗୁଚ୍ଛ ରୂପେ ଡାଳ ସହିତ ଲାଗିଥାନ୍ତି। ଏହାର ଫଳଗୁଡିକ ଟାଣ ଓ ଅତି ସରୁ ମଞ୍ଜିକୁ ନେଇ ଗଠିତ। ଏହି ଗଛଗୁଡିକ ଦ୍ରୁତ ଗତିରେ ବଢିଥାନ୍ତି। ଏହାର ପତ୍ର ଓ କଅଁଳିଆ ଡାଳକୁ ଜଳୀୟ ବାଷ୍ପସହ ପାତନ କଲେ ଏଥିରୁ କେତେକ ଅତ୍ୟାବଶ୍ୟକୀୟ ତେଲ ବାହାରେ ଯାହା ଔଷଧ ,ଶିଳ୍ପ ଓ ସୁଗନ୍ଧ ଦ୍ରବ୍ୟଭାବେ ବ୍ୟବହୃତ ହୁଏ। ଏଥିପାଇଁ ନୂତନ ବୃକ୍ଷ ଅପେକ୍ଷା ପୁରାତନ ବୃକ୍ଷର ପତ୍ରକୁ ପ୍ରାଧାନ୍ୟ ଦିଆଯାଏ। ଏଥିରୁ ନିର୍ଗତ ତେଲରେ ଇଉକାଲିପ୍ଟଲ ନାମକ ସୁଗନ୍ଧ ପଦାର୍ଥ ରହିଥାଏ ଯାହା ଆଂଟିସେପ୍ଟିକ , ଆଷ୍ଟ୍ରିଂଜେଂଟ ,ଡିସଇନଫେକ୍ଟେଂଟ ଏବଂ କୀଟପତଙ୍ଗଙ୍କୁ ଦୂରେଇ ରଖେ। ଶ୍ୱାସ ତଥା ବିଭିନ୍ନ ଗଳାରୋଗ ର ଉପଚାରପାଇଁ ଏହାକୁ ଚକଲେଟ୍ କିମ୍ବା ସିରପ ଆକାରରେ ବ୍ୟବହାର କରାଯାଏ। ମୁଖ ପ୍ରସାଧନପାଇଁ ଏହାକୁ ଜଳସହ ମିଶାଇ କୁଲୁକୁଚା କରାଯାଇପାରେ।କେତେକ ଚର୍ମରୋଗର ଉପଚାର ପାଇଁ ଏହାକୁ ବାହ୍ୟ ପ୍ରଲେପ ଆକାରରେ ଲଗାଯାଏ। ବାତ ,ପୀଡା ଏବଂ ବିଭିନ୍ନ ଯନ୍ତ୍ରଣାର ଉପଶମ ପାଇଁ ଏହାକୁ ମାଲିସ୍ ରୂପେ ବ୍ୟବହାର କରାଯାଏ। ମେନ୍ଥଲ ଓ ପାଇନ୍ ତେଲ ସହ ମିଶ୍ରିତ କରି ଏହାକୁ ବିଭିନ୍ନ ଶ୍ୱାସଜନିତ ରୋଗପାଇଁ ଇନହେଲେଂଟ ଭାବେ ରୋଗୀ ନେଇପାରନ୍ତି। ଏଥିରୁ ମିଳୁଥିବା ଟର୍ପିନ୍ କୁ ଶିଳ୍ପକାରଖାନାରେ ସଲଫାଇଡ୍ ଜାତୀୟ ଖଣିଜ ପଦାର୍ଥକୁ ଅଲଗା କରିବାକୁ ଜଳ ସହ ମିଶାଯାଏ। ଏହାର ଏରୋମେଟିକ ଧର୍ମ ଯୋଗୁଁ ବିଭିନ୍ନ ଔଷଧ ଓ ଡିଓଡରେଂଟରେ ଏହାକୁ ମିଶ୍ରିତ କରାଯାଏ। ଏକ ଅଂଚଳକୁ ଜୀବାଣୁ, ମଶା, ମାଛି ଏବଂ ଜିଆଙ୍କଠାରୁ ମୁକ୍ତ ରଖିବା ପାଇଁ ଏକ ଜର୍ମସାଇଡ୍ ଓ ଡିସ୍ ଇନଫେକ୍ଟେଂଟ ରୂପେ ଏହାକୁ ବ୍ୟବହାର କରାଯାଇପାରେ।

ଏହାର ଶୁଖିଲା ପତ୍ର ସବୁକୁ ଶ୍ୱାସ, ଫାଇସିସ୍ ଓ ବ୍ରୋଙ୍କାଇଟିସ୍ ରୋଗର ଉପଶମରେ ଟିଙ୍କଚର୍ ଭାବେ ଏବଂ ପତ୍ରର ନାଡ ଓ ଶିରାକୁ ଜାଳି ମଶା, ମାଛି ଜାତୀୟ କୀଟଙ୍କୁ ଦୂରେଇ ରଖା ଯାଇପାରେ।ଏହି ଗଛର ଚେରରୁ ବାହାରୁଥିବା ତେଲ ଅଂଶକୁ ଝାଡା ବାନ୍ତି ଭୋଗୁଥିବା ରୋଗୀଙ୍କୁ ପରଗେଟିଭ୍ ଭାବେ ଦିଆଯାଏ। ଏହାର କାଣ୍ଡରେ କ୍ଷତ ସୃଷ୍ଟି ହେଲେ ଏଥିରୁ ଗାଢ ଲାଲରଙ୍ଗର କିନୋ ନାମକ ଅଠା ବାହାରେ ଯାହାକୁ ବିଭିନ୍ନ ଚର୍ମ ରୋଗରେ ଅଏଂଟମେଂଟ ରୂପେ ଲଗାଯାଏ। ହାତ ,ଗୋଡ ଖଣ୍ଡିଆ ହେଲେ ,ମୁଣ୍ଡରେ ରୁପି ହେଲେ, ଗୋଡ ଫାଟୁଥିଲେ, କୌଣସି ଗ୍ରନ୍ଥି ଫୁଲି ଯାଇଥିଲେ, ଛାତି ଓ ଶରୀରରେ ଅବାଂଛିତ ଚିହ୍ନ ଦୂର କରିବାକୁ ଏହାକୁ ଅଏଂଟମେଂଟ ଭାବେ ବ୍ୟବହାର କରାଯାଇପାରେ। "ଆଂଠୁ ଗଣ୍ଠି ପୀଡାରୁ ବି ଏହି ମଲମ ଉପଶମ ଦେଇଥାଏ। ଏହି ଗଛ ବଢୁଥିବା ସ୍ଥାନମାନଙ୍କରେ ମଶାଙ୍କ ପ୍ରାଦୁର୍ଭାବ କମିଯାଏ। ତେଣୁ ଓଦା ରହୁଥିବା ସନ୍ତସନ୍ତିଆ ତଳୁଆ ଅଂଚଳରେ ଏହାକୁ ବହୁଳଭାବେ ଲଗା ଯାଇଥାଏ। ଏହି ବୃକ୍ଷର ଅନ୍ୟ ଏକ ଗୁଣ ହେଲା ଏହା ପ୍ରଚୁର ପରିମାଣର ଅନାବଶ୍ୟକ ଜଳକୁ ଶୋଷି ନିଏ ତେଣୁ ପାଣି ଜମୁଥିବା ସ୍ଥାନରେ ଏହାକୁ ରୋପଣ କଲେ ପାଣି ଆଉ ଜମା ହୋଇ ରହେ ନାହିଁ ଓ ମଶାବଂଶ ବୃଦ୍ଧି ହୁଏନାହିଁ ଫଳରେ ଜ୍ୱର ରୋଗର ପ୍ରାବଲ୍ୟ କମିଯାଏ। ଏହି ଗଛର କାଠ ମଧ୍ୟ ଅତ୍ୟନ୍ତ ଦରକାରୀ ଅଟେ। ଏଥିରେ ସହଜରେ ନିଆଁ ଲାଗୁ ନ ଥିବାରୁ ଏହାକୁ ଘର ତିଆରି କିମ୍ବା ଆସବାବ ତିଆରିରେ ବ୍ୟବହାରକରାଯାଏ। କିନ୍ତୁ ଆମ ଦେଶରେ ଏହାକୁ ମୁଖ୍ୟତଃ ଜାଳେଣି ଭାବେ ବ୍ୟବହୃତ ହୋଇଥାଏ। ଏହି ଗଛର ମଣ୍ଡକୁ କାଗଜ ତିଆରିରେ ବ୍ୟବହାର କରାଯାଇଥାଏ।

## କେଶର ବା ସାଫ୍ରନ୍ (Crocus sativa ) :-



ବର୍ଷସାରା ଚାଷ ହୋଇ ପାରୁଥିବା ୬ ରୁ ୧୦ ଇଂଚ ଲମ୍ବର ଏହି ବୃକ୍ଷରେ ମାଂସାଳ ଫୁଲ ଧରିଥାଏ। ଏହି ଫୁଲଗୁଡିକ ଲମ୍ବ, ତିନି ପାଖୁଡା ବିଶିଷ୍ଟ ଏବଂ ସୁଗନ୍ଧଯୁକ୍ତ ହୋଇଥାଏ। ଏହାର ରଙ୍ଗ ନୀଳ କିମ୍ବା ଗୋଲାପି ହୋଇଥାଏ। ଏହାର କେଶରଗୁଡିକ କମଳା ରଙ୍ଗର ହୋଇଥାଏ ଯାହା ଉତ୍ତମ ସୁଗନ୍ଧଯୁକ୍ତ

କିନ୍ତୁ ପିତା ହୋଇଥାଏ । ଏହାକୁ ମୁଖ୍ୟତଃ ରଙ୍ଗ ଓ ସୁଗନ୍ଧ ପ୍ରଦାୟୀ ପଦାର୍ଥଭାବେ ବ୍ୟବହାର କରାଯାଏ । ଏଥିସହିତ ଏହାର ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି ଯେପରିକି ଏହାକୁ ଏକ ନର୍ଭାଇନ୍ ସିଡେଟିଭ ଓ ଇମେନାଗୋଗ୍ ଭାବେ ବ୍ୟବହାର କରାଯାଏ । ତା ସହ ଘାଆ ସବୁକୁ ଶୀଘ୍ର ପଚାଇବାପାଇଁ ଏହାକୁ ସଠିକ ଜାଗାରେ ଲଗାଯାଏ । ଜ୍ୱର, ପେଟ ରୋଗ, ଯକୃତ୍ ବୃଦ୍ଧି ଏବଂ ଛୋଟ ଶିଶୁମାନଙ୍କ ଆଖି ଦୋଷ ଦୂର କରିବାକୁ ଏହା ବ୍ୟବହୃତ ହୁଏ । ଆଧୁନିକ ମେଡିକାଲ୍ ଶାସ୍ତ୍ରାନୁଯାୟୀ କେଶରକୁ ବିଭିନ୍ନ ଔଷଧକୁ ରଙ୍ଗୀନ କରିବାକୁ ନିରାପଦ ଭାବେ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି । ଜଳରେ ଦ୍ରବୀଭୂତ ହେଉ ନ ଥିବା ତଥା ସୂର୍ଯ୍ୟ କିରଣକୁ ସହି ପାରୁ ନ ଥିବା ଔଷଧକୁ ହଳଦିଆ ରଙ୍ଗ ଦେବାପାଇଁ ଏହାକୁ ବ୍ୟବହାର କରାଯାଏ । କେଶବୃଦ୍ଧି ତଥା କେଶ ଝଡିବା ବନ୍ଦ କରିବାକୁ କେଶର ମିଶ୍ରିତ ତେଲ ଲଗାଇବାକୁ ପରାମର୍ଶ ଦିଆଯାଏ । ଏଥିରେ ମାଞ୍ଜିକ୍ରୋସିନ୍ ନାମକ ଏକ ଜାନ୍ଥୋନକାରୋଟିନଏଡ୍ ଗ୍ଲାଇକୋସାଇଡିକ୍ କଂଜୁଗେଟ ଥାଏ ଯାହା ମନୁଷ୍ୟମାନଙ୍କର ରୋଗ ପ୍ରତିଷେଧକ ଶକ୍ତିକୁ ବୃଦ୍ଧି କରେ ଏବଂ ବିଭିନ୍ନ ପ୍ରତିକୂଳ ପରିବେଶ ସହ ଖାପ ଖୁଆଇଚଳିବାର କ୍ଷମତା ଅର୍ପଣ କରେ । ଏହାର କେଶର ରକ୍ତ ଜମାଟ ବାନ୍ଧିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ ।

**ରୋଗକୁ ଜାଣନ୍ତୁ( ପେରିଓଡେଣ୍ଟାଲ ରୋଗ ):** ସାରା ପୃଥିବୀରେ ପ୍ରାୟ ୮୦% ଲୋକଙ୍କ ଦନ୍ତକ୍ଷୟ ଓ ରୋଗ ଏଥିପାଇଁ ହୋଇଥାଏ । ଏହା ମୁଖ୍ୟତଃ ପରଫାଇରୋମୋନାସ ଜିଞ୍ଜିଭାଲିସ୍ ଓ ଅନ୍ୟାନ୍ୟ ମଇଳା ସୃଷ୍ଟିକାରୀ ଜୀବାଣୁଙ୍କ ଯୋଗୁଁ ହୋଇଥାଏ । ଯଦି ମୁହଁ ଓ ଦାନ୍ତର ଉପଯୁକ୍ତ ଯତ୍ନ ନିଆ ନ ଯାଏ ତେବେ ଏହି ଜୀବାଣୁମାନେ ସେମାନଙ୍କ ବଂଶ ବୃଦ୍ଧି କରି ଦାନ୍ତ ଓ ମାଢି ର କ୍ଷତି କରିଥାନ୍ତି । ଥରେ ଯଦି ମାଢିର ତନ୍ତୁ ସଢିବା ଆରମ୍ଭ କରେ ତେବେ ଧିରେ ଧିରେ ଦାନ୍ତ ହୁଗୁଳା ହୋଇଯାଏ ଏବଂ ବେଳେବେଳେ ଦାନ୍ତ ଉପାଡିବା ଦରକାର ପଡିପାରେ । ପ୍ରଥମାବସ୍ଥାରେ ପାଟିରୁ ଗନ୍ଧ ବାହାରିବା ,ମାଢି ଫୁଲି ଲାଲ ଦେଖାଯିବା ବ୍ରସ କଲା ସମୟରେ ମାଢିରୁ ରକ୍ତ ବାହାରିବା ଏପରି ରୋଗର ସୂଚନା ଦେଇଥାଏ । ୮ ରୁ ୧୨ ସପ୍ତାହ ମଧ୍ୟରେ ଯଦି କିଛି ଚିକିତ୍ସା କରା ନ ଯାଏ ତେବେ ଦାନ୍ତ ଓ ମାଢି ମଧ୍ୟରେ ପ୍ରାୟ ୩ ମିମି ଗାଢ ପର୍ଯ୍ୟନ୍ତ ଏହି ଜୀବାଣୁମାନେ ମାଡିଯାନ୍ତି ଏବଂ ଏକ ନିରପରାଧ ସ୍ୱରୂପରୁ ଅତ୍ୟନ୍ତ ବିପଜ୍ଜନକ "ପ୍ରାଣୀରେ ପରିଣତ ହୋଇଯାନ୍ତି । ମାନସିକ ଚାପ, ଧୂମପାନ ,ମଧୁମେହ ,ଅତ୍ୟଧିକ ଶର୍କରା ଜାତୀୟ ଖାଦ୍ୟ ସେବନ ଏବଂ କେତେକ ଔଷଧର ନିୟମିତ ବ୍ୟବହାର ଏହି ଅବସ୍ଥାକୁ ଆହୁରି ଜଟିଳ କରି ଦେଇପାରେ ।

ଡାକ୍ତରଙ୍କ ମତାନୁସାରେ ଦିନକୁ ଅତି କମ୍‌ରେ ଦୁଇଥର ଖାଇସାରିଲାପରେ ୩୦ ରୁ ୬୦ସେକେଣ୍ଡ ପାଇଁ ଏକ ନରମ ବ୍ରସ ସାହାଯ୍ୟରେ ଦାନ୍ତକୁ ଧିରେ ଧିରେ ବ୍ରସ କରନ୍ତୁ । ଯେହେତୁ ଏହି ଜୀବାଣୁମାନେ ଦୁଇ ଦାନ୍ତ ସନ୍ଧିରେ ରହିଥାନ୍ତି ତେଣୁ ବ୍ରସ୍ କରିବାସହ ଭଲଭାବେ ମୁହଁ ଧୋଇବା ଦରକାର ପଡିଥାଏ ।ଏଥିପାଇଁ ମହମ ମିଶି ନ ଥିବା ମାଉଥ୍‌ୱାସ୍ ବ୍ୟବହାର କରି ପାରନ୍ତି ।ଯଦି ଜୀବାଣୁ ସଂକ୍ରମଣ ଅଧିକ ଗଭୀରକୁ ଯାଇଥାଏ ତେବେ ଅଭିଜ୍ଞ ଡାକ୍ତରଙ୍କ ସହାୟତାରେ ସ୍କେଲିଙ୍ଗ୍ ଦ୍ୱାରା ଏହି ପ୍ଲେକ୍ ବା ଟାର୍ଟାରକୁ ଅଲଗା କରିଦେଇ ପାରିବେ । ସ୍କେଲିଙ୍ଗ ଦ୍ୱାରା ଜୀବାଣୁ ବୃଦ୍ଧିକୁ ରୋକି ହୁଏ ତଥା ଗାତ ହୋଇ ଯାଇଥିବା ମାଢିର ଆକାରକୁ ଛୋଟ କରି ହୁଏ । ସୁସ୍ଥ ଦନ୍ତ ଥିବା ବ୍ୟକ୍ତି ବର୍ଷକୁ ଅନ୍ୟୁନ ୨ ଥର ଓ ରୋଗଥିବା ବ୍ୟକ୍ତି ବର୍ଷରେ ୪ ଥର ଡାକ୍ତରଙ୍କ ଦ୍ୱାରା ନିଜ ଦାନ୍ତ ଓ ମାଢି ର ପରୀକ୍ଷା କରିନେବା ବିଧେୟ । ଯଦି ସ୍କେଲିଙ୍ଗ ଦ୍ୱାରା ବି ଅବସ୍ଥାର କୌଣସି ପରିବର୍ତ୍ତନ ନ ଘଟେ ତେବେ ଶଲ୍ୟ ଚିକିତ୍ସାର ଦରକାର ପଡିପାରେ । ଏଥିରେ ରୋଗଗ୍ରସ୍ତ ଅଂଶକୁ କାଟି ବାହାର କରି ଦିଆଯାଏ ।

**କାକୁଡ଼ି( Cucumis sativa ):-** ଏହି ଫଳକୁ ସମଗ୍ର ଭାରତବର୍ଷରେ ଗରମ ଅନୁଭୁତ ହେଉଥିବା ଅଂଚଳରେ ଚାଷ କରାଯାଏ । କାକୁଡିକୁ କଂଚାରେ ଲେମ୍ବୁ ,ଲଙ୍କା ଓ ଲୁଣ ସହ ଖାଇଲେ ଶରୀରକୁ ପ୍ରଚୁର



ପରିମାଣର ଭିଟାମିନ୍ ଓ ଖଣିଜ ଲବଣ ମିଳିଥାଏ । ଛୋଟ ଓ କଅଁଳିଆ କାକୁଡିକୁ ଆଚାର ଓ ବଡ କାକୁଡିକୁ ସାଲାଡ କିମ୍ବା ତରକାରି ପାଇଁ ବ୍ୟବହାର କରାଯାଏ । ଏହାର ମଞ୍ଜି ଶରୀରକୁ ଥଣ୍ଡା ରଖିବା ସଙ୍ଗେ ସଙ୍ଗେ ପରିସ୍ରା ନଳୀକୁ ସଫା ରଖେ । ଅତ୍ୟଧିକ ସୌର ତାପରୁ ଶରୀରକୁ ଥଣ୍ଡା କରିବାକୁ କପାଳରେ ଏହାକୁ କାଟି ରଖା ଯାଇଥାଏ । ପରିସ୍ରା ନଳୀ ସଂକ୍ରମଣ , ଯନ୍ତ୍ରଣାଦାୟକ ଜ୍ୱର ଓ ଆଖି ରୋଗର ଉପଶମ ପାଇଁ କାକୁଡି ମହୌଷଧି ରୂପେ କାର୍ଯ୍ୟ କରେ । ଏକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଲେପ ଭାବେ ଏହାକୁ ମୁହଁରେ ଲଗାଇଲେ ଚର୍ମ ମସୃଣ ହୁଏ ଏବଂ ଔଜ୍ଜ୍ୱଲ୍ୟ ବୃଦ୍ଧି ପାଏ । ଚର୍ମରେ କ୍ଷତ ଜାଗା ମାନଙ୍କରେ କାକୁଡି ରସ ଲେପନ କଲେ ଆରାମ ମିଳିଥାଏ । ଯେଉଁମାନେ ଅଧିକ ସମୟ ବାହାରେ କଟାନ୍ତି ସେମାନେ.କାକୁଡିର ତିଆରି ସାବୁନ କିମ୍ବା ଫେସ୍‌ୱାସ୍ ବ୍ୟବହାର କରିବା ଉଚିତ ।



**ଅଖରୋଟ୍ (Juglans regia ):-**ଅପେକ୍ଷାକୃତ ଥଣ୍ଡା ଅଂଚଳ ଥିବା ଉତ୍ତର ଭାରତର କେତେକ ଅଂଚଳରେ ଏହାକୁ ଚାଷ କରାଯାଏ । ଏହାକୁ ଏକ ମରୁ ଜାତୀୟ ଶୁଷ୍କ ଫଳ ରୂପେ

ଆଇସ୍କ୍ରିମ୍ ଓ ଚକୋଲେଟରେ ବ୍ୟବହାର କରାଯାଏ। କଂଚା ଫଳରେ ଆସକର୍ବିକ ଅମ୍ଳ ପ୍ରଚୁର ପରିମାଣରେ ଥିବାରୁ ଏହା ବାତରୋଗୀଙ୍କ ପାଇଁ ଅତି ଉପାଦେୟ ଅଟେ। ଏଥିରୁ ବାହାରୁଥିବା ତେଲ ଫିତାକୃମି ସଂକ୍ରମଣ ବିରୁଦ୍ଧରେ କାର୍ଯ୍ୟ କରିଥାଏ। ଏହାର କଂଚାପତ୍ରକୁ ବିଶୁଦ୍ଧ ଜଳ ସହ ମିଶାଇ ବେସିଲସ ଆନ୍ଥ୍ରାସିସ୍ ଓ କରିନବେକ୍ଟେରିଅମ୍ ଡିପ୍ଥେରି ଜୀବାଣୁ ସକ୍ରମଣକୁ ପ୍ରତିହତ କରାଯାଏ। ସେହିପରି ଭିବ୍ରିଓ କୋମା ,ବେସିଲସ ସବଟିଲିସ୍, ନିଉମୋ କକ୍ସି, ଷ୍ଟ୍ରେପ୍ଟୋକକ୍ସି ,ମାଇକ୍ରୋକକସ ପାଇରୋଜେନ୍ସ ,ଅରିଅସ୍ ,ପ୍ରୋଟିଅସ୍ ଏବଂ ଇ କୋଲାଇ ବିରୁଦ୍ଧରେ ଏହା କିଛି ପରିମାଣରେ କାର୍ଯ୍ୟ କରିଥାଏ। ଏହାର ପତ୍ରରେ ବିଟା କେରୋଟିନ ଅଧିକ ପରିମାଣରେ ଥାଏ। ଏହାକୁ କୃମିନାଶକ ଓ ଆଷ୍ଟ୍ରିଞ୍ଜେଂଟ ଭାବେ ନିଆଯାଏ। "ଏହାର ପତ୍ର ଏବଂ ଛାଲିରୁ ବାହାରୁଥିବା ତେଲକୁ ହର୍ପିସ୍ ,ଏକଜିମା ,ସ୍କ୍ରୋଫୁଲା ଏବଂ ସିଫିଲିସ୍ ରୋଗର ଉପଶମ ପାଇଁ ବ୍ୟବହାର କରାଯାଏ। ଏହି ଗଛର ବକଳ ଓ ପତ୍ରକୁ ଶୁଖାଇ ଗୁଣ୍ଡ କରି ପରଗେଟିଭ୍ ଭାବେ ରୋଗୀମାନେ ନେଇଥାନ୍ତି। ଏଥିରୁ ନିର୍ଗତ ତେଲ କାଠ ପଲିସ୍ ପାଇଁ ମଧ୍ୟ ବ୍ୟବହୃତ ହୁଏ।

**ସପୁରୀ :-**ଏକ ମାଂସାଳ, ରସାଳ ଓ ସ୍ୱାଦିଷ୍ଟ ଫଳରୂପେ ସପୁରୀ ସର୍ବତ୍ର ପରିଚିତ।କେବଳ ଯେ ପାଟିକୁ ଏହା ଭଲ ଲାଗେ ତାହା ନୁହଁ ବରଂ ଏହାର ବହୁମୂଲ୍ୟ ଔଷଧୀୟ ଗୁଣ ମଧ୍ୟ ରହିଛି। ସତେଜ ଫଳକୁ ଚୋବାଇ, କିମ୍ବା ରସ ଆକାରରେ ପାନ କରି ଏହାକୁ ଖିଆଯାଏ। ଏଥିରେ ଭିଟାମିନ , ଖଣିଜ ଲବଣ, କ୍ୟାଲସିଅମ, ପୋଟାସିଅମ ,ତନ୍ତୁ ଓ ଭିଟାମିନ ସି ଭରପୂର ରହିଛି। ଏଥିରେ ସ୍ନେହସାର ଓ କୋଲେଷ୍ଟରଲ କମ୍ ଥିବାରୁ ସମସ୍ତଙ୍କ ପାଇଁ ଏହା ଉପାଦେୟ ଅଟେ। ଏହା ଅସ୍ଥି ଗଠନରେ ସହାୟକ ହୋଇଥାଏ କାରଣ ଅସ୍ଥି ତିଆରି ଏବଂ ସଂଯୋଜକ ତନ୍ତୁ ଗଠନରେ ସହାୟକ ମାଙ୍ଗାନିଜ ଏଥିରେ ପ୍ରଚୁର ପରିମାଣରେ ରହିଛି। ପ୍ରତ୍ୟେକ ଦିନ ଏକ କପ୍ ସପୁରୀ ରସ ଶରୀରର ୭୩% ଆବଶ୍ୟକ ମାଙ୍ଗାନିଜର ଭରଣା କରିଥାଏ। ଏହା ଶିଶୁ ଓ ଯୁବକମାନଙ୍କ ଅସ୍ଥି ଗଠନରେ ଓ ବୟସ୍କମାନଙ୍କ ଅସ୍ଥିକୁ ସୁଦୃଢ କରିବାରେ ସହାୟତା କରିଥାଏ। ଥଣ୍ଡା କାଶ ଓ କଫ ଭୋଗୁଥିବା ରୋଗୀ ଔଷଧ ସହ ଭିଟାମିନ୍ ସି କୁ ନେଇଥାନ୍ତି। ସପୁରୀରେ ଏହି ଉପାଦାନ ଅଧିକ ଥିବାରୁ ଔଷଧ ସହ ସପୁରୀ ଖାଇଲେ ସମାନ ସୁଫଳ ମିଳିଥାଏ। ଏଥିରେ ଥିବା ବ୍ରୋମିଲେନ୍ ନାମକ ଏଞ୍ଜାଇମ୍ କାଶ କମ୍ କରି କଫକୁ ବାହାର କରିଦିଏ। ଏଥିସହ ଏହା ଖାଦ୍ୟର ହଜମ କ୍ରିୟାରେ ମଧ୍ୟ ସହାୟତା କରିଥାଏ। ସପୁରୀରେ ଥିବା ଭିଟାମିନ ସି ମୁଖ ଗହ୍ୱରକୁ ସଫା ରଖି ଜିଞ୍ଜିଭାଇଟିସ୍ ଓ ପେରିଓଡେଂଟାଲ ରୋଗଠୁଁ ସୁରକ୍ଷା ଯୋଗାଏ। ଏହାଛଡା କ୍ଷୟ ହେଉଥିବା ତନ୍ତୁର ପୁନର୍ଗଠନ ଓ ଶରୀରର ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି କରିବାରେ ଏହା ସହାୟତା କରେ। ଏହାର ଆଂଟିଅକ୍ସିଡେଂଟ ଧର୍ମ ଶରୀରକୁ ବାହ୍ୟ ଶତ୍ରୁ ଯଥା ବିଷାକ୍ତ ଦ୍ରବ୍ୟ ଓ ଫ୍ରି ରେଡିକାଲ୍ କବଳରୁ ସୁରକ୍ଷା ଯୋଗାନ୍ତି। ତେଣୁ ମନେ ରଖନ୍ତୁ ଯଦି ରୋଗ କବଳରୁ ମୁକ୍ତି ,ଏକ ସୁସ୍ଥ ଶରୀର ଗଠନ ଓ ଜିହ୍ୱାର ସ୍ୱାଦ ମୁକୁଳକୁ ସତେଜ ଓ ଶକ୍ତ ରଖିବାକୁ ଚାହାନ୍ତି ତେବେ ସପୁରୀକୁ ଆଜିଠୁ ନିଜ ଖାଦ୍ୟ ତାଲିକାରେ ମିଶାନ୍ତୁ।



**ରସାଳ କୋଳି :-** ପ୍ରକୃତି ଆମକୁ ବରକୋଳି, ଜାମୁକୋଳି , ଲିଚୁ ଭଳି ଅନେକ କୋଳି ଦେଇଛି ଯାହାର ଆଂଟିଅକ୍ସିଡେଂଟ ଗୁଣ ଯୋଗୁଁ ତାହା ସମସ୍ତଙ୍କଠାରେ ଆଦୃତ ହୋଇଥାଏ। ଏଗୁଡିକର ରଙ୍ଗ ଆନ୍ଥୋସିଆନିନ୍ ନାମକ ଯୌଗିକ ଯୋଗୁଁ ଦେଖା ଦେଇଥାଏ ଯାହା ଶରୀର କୋଷକୁ କ୍ଷୟ କରୁଥିବା ଫ୍ରି ରେଡିକାଲ ସବୁକୁ ପ୍ରଶମିତ କରି ଆମକୁ କର୍କଟ ,ହୃଦରୋଗ ପରି ମାରାତ୍ମକ ରୋଗ କବଳରୁ ସୁରକ୍ଷା ପ୍ରଦାନ କରିଥାଏ। କ୍ରେନବେରି ନାମକ କୋଳି ମୂତ୍ରନଳୀ ସଂକ୍ରମଣ ପାଇଁ ଏକ ଅମୋଘ ଔଷଧ ଅଟେ।

ଏଗୁଡିକୁ ଆପଣ ଫଳରସ ରୂପେ, ସାଲାଡ କିମ୍ବା ଜଳଖିଆ ସହିତ ଖାଇ ପାରନ୍ତି।

**ଚଣା ଜାତୀୟ ଖାଦ୍ୟ :-**ଚଣା ,ବାଦାମ, ରାଶି ଆଦି ଶସ୍ୟଦାନାରେ ସ୍ନେହସାର ଭର୍ତ୍ତି ରହିଥାଏ। କିନ୍ତୁ ଏଥିରେ ଥିବା ମୁଫା ଓ ପୁଫା ରକ୍ତରୁ କୋଲେଷ୍ଟେରଲ ମାତ୍ରା ବଢିବାକୁ ଦିଅନ୍ତି ନାହିଁ। ଏମାନେସବୁ ପ୍ରୋଟିନ ,ଫାଇବର ,ସେଲିନିଅମ୍ ,ଭିଟାମିନ ଇ ଓ ଏ ର ବିଶାଳ ଭଣ୍ଡାର ଅଟନ୍ତି। ଏଗୁଡିକ ଶକ୍ତିବର୍ଦ୍ଧକ "ଓ କ୍ଷୁଧା ସୃଷ୍ଟିକାରୀ ଅଟନ୍ତି। କିନ୍ତୁ ଖାଇବା ସମୟରେ ଏହାର ମାତ୍ରାକୁ ଏକ ଆଉନ୍ସରୁ ଅଧିକ ରଖନ୍ତୁ ନାହିଁ।

ବିଭାଗୀୟ ମୁଖ୍ୟ(ରସାୟନ ବିଜ୍ଞାନ )
ଏନ୍. ଏ. ସି. ମହାବିଦ୍ୟାଳୟ ,
ବୁର୍ଲା ମୋ -୯୪୩୭୧୨୭୮୨୦

# ଫଗୁଣ : ବସନ୍ତୋତ୍ସବ

ବିପିନ ବିହାରୀ ମହାନ୍ତି





ଫାଲଗୁନ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏବଂ ପୂର୍ଣ୍ଣିମାଠାରୁ ଚୈତ୍ର କୃଷ୍ଣ ପଞ୍ଚମୀ ପର୍ଯ୍ୟନ୍ତ ଦୋଳ ଉତ୍ସବ ଅନୁଷ୍ଠିତ ହୁଏ। ଏହା ଭାରତୀୟ ହିନ୍ଦୁମାନଙ୍କର ଏକ ଜାତୀୟ ପର୍ବ। ଓଡ଼ିଶାରେ ଏହା ଏକ ବିଶେଷ ଉତ୍ସବ ରୂପେ ପାଳିତ ହୁଏ।

ଦୋଳୋତ୍ସବଟି ରାଧା-କୃଷ୍ଣଙ୍କ ପ୍ରେମ ସମ୍ବଳିତ ଏକ ଉତ୍ସବ। ଏହି ଉତ୍ସବରେ ରାଧା-କୃଷ୍ଣ ଯୁଗଳ ମୂର୍ତ୍ତିଙ୍କୁ ଦୋଳାରୋହଣ କରି ନୃତ୍ୟ, ଗୀତ, ସଂକୀର୍ତ୍ତନ ଏବଂ ନାନା ବାଦ୍ୟଯନ୍ତ୍ର ପୂର୍ବକ ସମାର୍ଜନୀ କରାଯାଏ; ମେଳଣ ପଡ଼ିଆରେ ଦୋଳବେଦୀ ପରେ ଅବସ୍ଥାପିତ କରି ପୂଜା-ପାର୍ବଣ ଅନୁଷ୍ଠିତ କରାଯାଏ। ଏହା ଶୀତାନ୍ତେ ଫଗୁଣରେ ବସନ୍ତ ଋତୁରେ ପାଳିତ ହେଉଥିବାରୁ ଏହାର ନାମ ମଧ୍ୟ ବସନ୍ତୋତ୍ସବ ରଖାଯାଇଛି। ସ୍କନ୍ଦ ପୁରାଣ, ପଦ୍ମପୁରାଣ, ବ୍ରହ୍ମ ବୈବର୍ତ୍ତ ପୁରାଣ, ନିମ୍ବାର୍କଙ୍କ ଦଶଶ୍ଳୋକୀ, ଜୟଦେବଙ୍କ ଗୀତ ଗୋବିନ୍ଦ ଏବଂ ଭାଗବତ ଦଶମ ସ୍କନ୍ଦ, ଗୋପଲୀଳାରେ ବସନ୍ତ ରାସ ସଂପର୍କରେ ସବିଶେଷ ବିବରଣୀ ମିଳେ। ଏତଦ୍ ବ୍ୟତୀତ ଅଚ୍ୟୁତାନନ୍ଦଙ୍କ ହରିବଂଶୀ ଗୋବିନ୍ଦ ଚାର୍ଯ୍ୟଙ୍କ ଆର୍ଯ୍ୟାସପ୍ତଶତୀ, ଭାସଙ୍କ ବାଳ ଚରିତ ନାଟକ ଏବଂ କ୍ଷେମେନ୍ଦ୍ରଙ୍କ ଦଶାବତାର ବୃତ୍ତାନ୍ତରେ ମଧ୍ୟ ବସନ୍ତୋତ୍ସବ କଥା ଦେଖିବାକୁ ମିଳେ।

ଦଶାବତାର ମଧ୍ୟରେ ଭଗବାନ ଶ୍ରୀକୃଷ୍ଣଙ୍କର ନାଁ ନାହିଁ। ଏଇଥିପାଇଁ ଯେ ତାଙ୍କୁ ଅବତାରୀ ବୋଲି ଗ୍ରହଣ କରାଯାଇଛି। ପୁରାଣମତେ କୃଷ୍ଣଙ୍କର ଅପୋଡ଼ା ପିଣ୍ଡହିଁ ଜଗନ୍ନାଥ। ମୂଳ ଭାଗବତରେ ରାଧାଙ୍କର ନାଁ ନେଇ ନାନା ପ୍ରଶ୍ନ ଉଠୁଥିଲେ ହେଁ, ରାଧା ଯେ ଶ୍ରେଷ୍ଠ ଗୋପୀଥିଲେ ଏବଂ କୃଷ୍ଣଙ୍କ ସହିତ ତାଙ୍କର ଭାବଗତ, ମନୋଗତ ଏବଂ ଦେହଗତ ସଂପର୍କ ଥିଲା, ପୁଣି ଗଭୀର ଥିଲା ଏହା ଅନେକ ସ୍ୱୀକାର କରନ୍ତି। ଏହି ସଂସପର୍କର ରସ ହିଁ ରାସ।' ଏହି ରାସ ଛ' ପ୍ରକାର : ବସନ୍ତ ରାସ, ଶରତ ରାସ, ମହାରାସ, କୁଞ୍ଜରାସ, ନିତ୍ୟରାସ ଏବଂ ଗୋପରାସ। ତେବେ ଅଧିକ ପ୍ରସିଦ୍ଧି ଲାଭ କରିଛି ବସନ୍ତ ରାସ।

ଏ ରାସ ପରମାତ୍ମା ରୂପୀ କୃଷ୍ଣ ଓ ଜୀବରୂପୀ ଗୋପୀ ଗଣଙ୍କ ସହିତ ଏକ ଆଧ୍ୟାତ୍ମିକ ନିବିଡ଼ତାର ସଂପର୍କ। ଏକଥା ସତ୍ୟ ଯେ ଯେତେବେଳେ ରାଧା କୃଷ୍ଣଙ୍କ ସହିତ, ଜୀବ ପରମ ସହିତ, ଆତ୍ମା ପରମାତ୍ମା ସହିତ ସଂଯୁକ୍ତ ହୁଏ, ସେତେବେଳେ ପ୍ରକୃତରେ ଜୀବନର ପରିପୂର୍ଣ୍ଣତା ଆସେ; ଆରମ୍ଭ ହୁଏ ନୂତନ ସୃଷ୍ଟି। ଏହାହିଁ ପ୍ରକୃତି ଓ ପୁରୁଷର ମିଳନ, ଶିବ ଶକ୍ତିର ମିଳନ ଯାହା ରୂପାନ୍ତରିତ ହୁଏ ରାଧାକୃଷ୍ଣଙ୍କ ମିଳନରେ। ଏହି ତତ୍ତ୍ୱକୁ ଆଧାର କରି ଚାଲିଛି ଦୋଳୋତ୍ସବ : ବସନ୍ତୋତ୍ସବ।

ଏହି ଯାତ୍ରାରେ ମଦନ ମୋହନ ତାଙ୍କ ପ୍ରଣୟିନୀ ରାଧାଙ୍କ ସହିତ ଦୋଳରେ ବିଜେହୁଅନ୍ତି ଏବଂ ତାଙ୍କର ଐକାନ୍ତିକ ପ୍ରେମର ଜୟଗାନ କରି ବସନ୍ତ ପ୍ରାଣମୟ ଓ ରସମୟ ହୋଇଉଠେ।

ଜଗନ୍ନାଥ ଓ ଶୀକୃଷ୍ଣ ମଧ୍ୟରେ ଏକ ଏବଂ ଅଭିନ୍ନତା ପ୍ରତିପାଦନ କରାଯାଇଥିବାରୁ ଏବଂ ଶ୍ରୀ ଜଗନ୍ନାଥ ଓଡ଼ିଆଙ୍କର ଇଷ୍ଟଦେବତା ହୋଇଥିବାରୁ ଶ୍ରୀ ମନ୍ଦିରର ପୂଜାବିଧି ଓଡ଼ିଆମାନଙ୍କ ପାଇଁ ଅନୁକରଣୀୟ। ମନ୍ଦିରରେ ଛ'ଦିନ ବ୍ୟାପୀ, : ଫଗୁଦଶମୀ ଠାରୁ ପୂର୍ଣ୍ଣିମା ଯାଏଁ ଏହା ପାଳିତ ହୁଏ। ଦଶମୀ ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ଧୂପ ପରେ ଶ୍ରୀ ଜଗନ୍ନାଥଙ୍କ ଚଳନ୍ତି ମୂର୍ତ୍ତି ଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଲୋକନାଥ, ଯମେଶ୍ୱର, ମାର୍କେଣ୍ଡେଶ୍ୱର, ନୀଳକଣ୍ଠ ଓ କପାଳମୋଚନାଦି ପଞ୍ଚଦେବଙ୍କ ଗହଣରେ ଜଗନ୍ନାଥ ବଲ୍ଲଭ ମଠ ପର୍ଯ୍ୟନ୍ତ ଯାଆନ୍ତି। ପୂର୍ଣ୍ଣିମାଦିନ ନିତ୍ୟ ଅର୍ଚ୍ଚନା ପରେ ଲକ୍ଷ୍ମୀ ଓ ସରସ୍ୱତୀ ସହିତ ଦୋଳମଣ୍ଡପକୁ ବିଜେ କରନ୍ତି। ଏହି ସମୟରେ ଠାକୁରମାନଙ୍କୁ ଦର୍ଶନ କଲେ ସଂସାର ବନ୍ଧନରୁ ମୁକ୍ତି ପାଇବାର ବିଶ୍ୱାସ

କରାଯାଏ :

ଯଃ ପଶ୍ୟତି ଜଗଦ୍ଧାମ ଦୋଳାୟାଂ ପରମେଶ୍ୱରମ୍ ।
ନ ସ ଗର୍ଭଗୃହଂ ଯାତି ଯାବଦାଚନ୍ଦ୍ର ତାରକୌ ॥

ଦୋଳ ଉତ୍ସବଟି ଫଗୁ ଉତ୍ସବ ରୂପେ ମଧ୍ୟ ପାଳିତ ହୁଏ । ଲୋକମତେ ଏହା ଫଗୁ ଦଶମୀ, ଫଗୁ ପୂନେଇ, ଦୋଳ ପୂନେଇ ରୂପେ ଖ୍ୟାତି । ଫଗୁଣର ଫଗୁ ଶବ୍ଦର ବ୍ୟବହାରର ସମୀଚୀନତାକୁ ଦର୍ଶାଏ :

ଫାଲଗୁନେ ପୌର୍ଣ୍ଣମାସ୍ୟାଂ ତୁ ଦିଦଧ୍ୟା ଦ୍ୱୈଷ୍ଟବୈଃ ସହ ।
ଶ୍ରୀକୃଷ୍ଣ ପ୍ରିୟ ଭକ୍ତସ୍ୟ ବସନ୍ତ ସ୍ୟାର୍ଚ୍ଚନୋତ୍ସବମ୍ ॥

ଓଡ଼ିଶାର ପ୍ରଖ୍ୟାତ କବି ହଳଧର ମିଶ୍ର ଏହାକୁ ବସନ୍ତୋତ୍ସବ ରୂପେ ଅଭିହିତ କରିଛନ୍ତି ।



ଫଗୁଦଶମୀରେ ଫଗୁ ଖେଳାଯାଏ । ଠାକୁର ଓ ଠାକୁରାଣୀଙ୍କ ମଧ୍ୟରେ ଏହା ଚାଚେରୀ ଲୀଳା ରୂପେ ବିଦିତ ।

ଫଗୁଣେ ଫଗୁ ଚାଚେରୀ
ବୃନ୍ଦାବନେ ଲାଗିଅଛି କଚେରୀ ଲୋ
ପିଚକାରୀ ମରାମରି ॥

ଦୋଳପୂର୍ଣ୍ଣିମା ବାସିଦିନ ହିଁ ହୋଲି । ଏହି ପର୍ବର ମୁଖ୍ୟ ଆକର୍ଷଣ ରଙ୍ଗ ଖେଳ: ଫଗୁ ଏବଂ ଅବିରରେ ପରସ୍ପରକୁ ଲେପନ, ରଙ୍ଗ ବେରଙ୍ଗର ପିଚକାରୀରେ ଉନ୍ମାଦିଆ ଖେଳ । ଅବଶ୍ୟ ଆଜିକାଲିର ନାନାବିଧ ରଙ୍ଗ ଅତୀବ କଦର୍ଯ୍ୟ ପରିବେଶ ସୃଷ୍ଟି କରୁଥିବାରୁ, ଆଉ ରଙ୍ଗକୁ କାହାର ସଅକ ନାହିଁ ।

ଧର୍ମଶାସ୍ତ୍ରରେ କୃଷ୍ଣ ଏହିଦିନ ହୋଲିକା ରାକ୍ଷସୀକୁ ମାରିଥିବାରୁ, ଏହାକୁ ହୋଲିପର୍ବ କୁହନ୍ତି । ଅନ୍ୟ ଏକ ବିଶେଷତ୍ୱର ଏହି ପୂର୍ଣ୍ଣିମାତିଥିରେ ଶ୍ରୀ ଚୈତନ୍ୟ ଦେବ ଜନ୍ମଲାଭ କରିଥିବାରୁ ବୈଷ୍ଣବ ସଂପ୍ରଦାୟ ବିଶେଷକରି ଗୌଡ଼ୀୟମାନଙ୍କ ପାଇଁ ଏହା ଏକ ମହାନପର୍ବ । ଏହା ଏକ ସମ୍ଭୋଗର ଋତୁ । ଏଣୁ ଏହାକୁ ସ୍ୱାଗତ ଜଣାଇ ପାଳନ ହେଉଛି ବୋଲି କେହି କେହି ମତ ବ୍ୟକ୍ତ କରନ୍ତି ।

ବସନ୍ତୋତ୍ସବ କେଉଁ ଦୂର ଅତୀତରୁ ପାଳିତ ହୋଇ ଆସୁଅଛି । ଏହା ନିମ୍ବାର୍କ ଏବଂ ଦ୍ୱାଦଶ ଶତାବ୍ଦୀର ଗୀତ ଗୋବିନ୍ଦରେ ଆଖ୍ୟାୟିତ ଥିବାରୁ, ବହୁପୁରାତନ ବୋଲି ଅନୁମିତ ହୁଏ ।

ଏହି ପର୍ବ ପାଳନ କେବଳ ଧାର୍ମିକ ବା ସାତ୍ତ୍ୱିକ ଦୃଷ୍ଟିକୋଣରୁ ପାଳିତ ହୁଏ ନାହିଁ । ଧର୍ମ ସଦାକାଳେ ବିଜ୍ଞାନ ସମ୍ମତ ଅଟେ । ଏହା ଅନ୍ଧ ଅନୁକରଣ ନୁହେଁ । ପୂର୍ବେ ବସନ୍ତ ଋତୁରେ ହାଡ଼ଫୁଟି, ବସନ୍ତ, ମିଳିମିଳା ଏବଂ ଅନ୍ୟାନ୍ୟ ଚର୍ମରୋଗ ହେଉଥିଲା । ଅବିର ବା ରଙ୍ଗ ବୋଳିହେବାରେ ଏହିସବୁ ରୋଗମାନଙ୍କର ପ୍ରତିଷେଧକ ରୂପେ କାର୍ଯ୍ୟ କରେ ବୋଲି ବସନ୍ତ ଆଗମନରେ ଅବିର ଓ ରଙ୍ଗ ଖେଳାଯାଏ ।


ତେବେ ସାମ୍ପ୍ରତିକ ସମୟରେ 'ବସୁଧୈବ କୁଟୁମ୍ବକମ୍' ପରିପ୍ରେକ୍ଷୀରେ ଅର୍ଥାତ୍, ଶାନ୍ତି, ପ୍ରୀତି, ମୈତ୍ରୀ, ଭ୍ରାତୃଭାବ ଓ ସଂହତି ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ । ଏହା ସାମ୍ୟଭାବ, ସ୍ନେହ, ସଦ୍‌ଭାବ ଓ ସମନ୍ୱୟର ଚିନ୍ତାଧାରାରେ ପ୍ରତିଷ୍ଠିତ ଏକ ମହାନ ପର୍ବ ।

ଆସନ୍ତୁ ସବୁ ସଂକୀର୍ଣ୍ଣତାର ଉର୍ଦ୍ଧ୍ୱରେ ରହି ବସନ୍ତୋତ୍ସବ : ହୋଲି ଓ ଦୋଳ ଯାତ୍ରାକୁ ଉପଭୋଗ କରିବା ।

**ଅଧକ୍ଷ. ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,**
**ବିପିନ ବିହାରୀ ପାଠାଗାର, ଜଟଣୀ**
**ଦୂରଭାଷ : ୯୯୩୮୩୪୧୩୮**

# ଧର୍ମ ଓ ସମ୍ପ୍ରଦାୟ କ'ଣ ?

ଇଂ ଯଜ୍ଞ ପ୍ରକାଶ ଦାସ



ଧର୍ମ ନାମରେ ଯେତେ କଳହ ଓ ଯୁଦ୍ଧର ସୂତ୍ରପାତ ହୋଇଛି, ତାହାର ଠିକଣା ନାହିଁ। ଏହି ଯୁଦ୍ଧର ପରିଣାମ ସ୍ୱରୂପ କୋଟି କୋଟି ମନୁଷ୍ୟ ପ୍ରାଣ ହରାଇଛନ୍ତି। ଆଧୁନିକ ଯୁଗରେ ଏହି କଳହର ଅବସାନ ଘଟିନାହିଁ। ବରଂ ଏହା ଅତ୍ୟନ୍ତ ଉଗ୍ରରୂପ ଧାରଣ କରିଛି। ଧର୍ମ ଓ ସଂପ୍ରଦାୟ ମଧ୍ୟରେ ଯେଉଁ ପ୍ରଭେଦ ରହିଛି, ତାହା ଅନୁଧ୍ୟାନ କଲେ ସ୍ୱତଃ ଏହି ସଂଘର୍ଷର ଅବସାନ ଘଟେ।

ଧର୍ମ ଏକ, ସଂପ୍ରଦାୟ ଅନେକ। ଧର୍ମ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ। ସଂପ୍ରଦାୟ କୌଣସି ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରବର୍ତ୍ତିତ। ଧର୍ମ ମାନବ ସମାଜରେ ମୈତ୍ରୀ ସ୍ଥାପନ କରେ। ସଂପ୍ରଦାୟ ନିଜକୁ ଶ୍ରେଷ୍ଠ ଓ ଅନ୍ୟକୁ ନ୍ୟୁନ କରିବା ପାଇଁ ଚେଷ୍ଟାକରେ। ସଂପ୍ରଦାୟର ଅନୁଗାମୀମାନେ ନିଜ ସଂସ୍ଥାପକଙ୍କୁ ସବୁଠାରୁ ବେଶି ଗୁରୁତ୍ୱ ଦିଅନ୍ତି ଓ ତାଙ୍କ ଜୀବନୀରେ ଅନେକ ମନଗଢ଼ା ଚମତ୍କାରର କଥା ଯୋଡ଼ି ଦିଅନ୍ତି। ଧର୍ମ ପୁରାତନ ଅଟେ। ସଂପ୍ରଦାୟଗୁଡ଼ିକ ବିଗତ ତିନି ହଜାର ବର୍ଷ ପୂର୍ବେ ପ୍ରବର୍ତ୍ତନ ହୋଇଛନ୍ତି। ମହାଭାରତକାଳ- ଅର୍ଥାତ୍ ପ୍ରାୟ ପାଞ୍ଚହଜାର ବର୍ଷ ପୂର୍ବରୁ ସଂପ୍ରଦାୟଗୁଡ଼ିକର ସଂସ୍ଥାପକମାନେ ଜନ୍ମ ହୋଇନଥିଲେ।

ପୃଥିବୀ ପୃଷ୍ଠରେ କେବଳ ଗୋଟିଏ ଧର୍ମ ରହିଛି। ତାହା ହେଉଛି ମାନବ ଧର୍ମ। ଏହି ଧର୍ମରେ ଦୀକ୍ଷିତ ମନୁଷ୍ୟର ଦଶଟି ଲକ୍ଷଣ ପରିଲକ୍ଷିତ ହୁଏ। ମହର୍ଷି ମନୁ କହିଛନ୍ତି- 'ଧୃତିଃ କ୍ଷମା ଦମୋଽସ୍ତେୟଂ ଶୌଚଂଇନ୍ଦ୍ରିୟନିଗ୍ରହଃ। ଧୀର୍ବିଦ୍ୟା ସତ୍ୟମକ୍ରୋଧଃ ଦଶକଂ ଧର୍ମଲକ୍ଷଣମ୍' (ମନୁସ୍ମୃତି ୬,୯୨)। ଧୃତି (ସହନଶୀଳତା), କ୍ଷମା (ପ୍ରତିଶୋଧ ଭାବନା ନରଖିବା), ଦମ (ମନର ସଂଯମ), ଅସ୍ତେୟ (ଚୋରି ନକରିବା), ଶୌଚ (ଦେହ, ମନ ଓ ବୁଦ୍ଧିର ଶୁଦ୍ଧତା), ଇନ୍ଦ୍ରିୟ ନିଗ୍ରହ (ଅଙ୍ଗ, ପ୍ରତ୍ୟଙ୍ଗର ସଂଯମ ), ଧୀ (ପବିତ୍ର ବୁଦ୍ଧି), ବିଦ୍ୟା (ଆତ୍ମିକ ଓ ଭୌତିକ ତଥ୍ୟ ଗ୍ରହଣ କରିବା), ସତ୍ୟ (ବିଚାର, ମନ ଓ କର୍ମରେ ଏକରୂପ ଶୁଦ୍ଧତା) ଓ ଅକ୍ରୋଧ (ଅନ୍ୟ ପ୍ରତିହିଂସା ନକରିବା) - ଏହି ଦଶଟି ଧର୍ମର ଲକ୍ଷଣ ଅଟେ।

ଜରୁଦସ୍ତ, ଇବ୍ରାହିମ, ବୁଦ୍ଧ, ଯୀଶୁ, ମହମ୍ମଦ, ମହାବୀର ଆଦି ମହାପୁରୁଷଗଣ ଧର୍ମର ମୌଳିକ ତତ୍ତ୍ୱର ଉଦ୍ଭାବନ କରିନଥିଲେ। ପ୍ରଚଳିତ ମାନବ ଧର୍ମର ଅଧୋପତନ ସମୟରେ ଏମାନେ ଧର୍ମକୁ ଉଦ୍ଧାର କରିବା ପାଇଁ ଯଥା ସମ୍ଭବ ଚେଷ୍ଟା କରିଥିଲେ। ସେମାନଙ୍କ ଅନୁଗାମୀମାନେ ମହାପୁରୁଷମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ଭକ୍ତି ପୂର୍ବକ ଗୋଟିଏ ଗୋଟିଏ ନୂତନ ମତ ଆରମ୍ଭ କଲେ। 'ଧର୍ମ'ର ମୌଳିକ ତତ୍ତ୍ୱ ମନୁଷ୍ୟର ସ୍ୱଳ୍ପ ବୁଦ୍ଧିରୁ ସୃଷ୍ଟିହେବା ସମ୍ଭବପର ନୁହେଁ। ସେଥିପାଇଁ ବ୍ରହ୍ମା, ମନୁ, ବ୍ୟାସ, କୃଷ୍ଣ, ରାମ ପ୍ରଭୃତି ମହାପୁରୁଷଗଣ କେହି ନିଜକୁ ଧର୍ମର ସ୍ରଷ୍ଟାବୋଲି ଗ୍ରହଣ କରିନାହାନ୍ତି। ବରଂ ନିଜକୁ ସନାତନ ବୈଦିକ ଧର୍ମର ପ୍ରଚାରକ ବୋଲି କହିଛନ୍ତି। ସ୍ୱାମୀ ବିବେକାନନ୍ଦ ଲେଖିଛନ୍ତି- "ମାନବ ଧର୍ମର ପ୍ରବର୍ତ୍ତକ 'ବେଦ'ର ରଚୟିତାଙ୍କୁ କେହି ଦେଖିନହାନ୍ତି ଓ ଏହିପରି କଳ୍ପନା କରିବା ସମ୍ଭବ ନୁହେଁ। ଋଷିଗଣ ମନ୍ତ୍ର ବା ଶାଶ୍ୱତ ଧର୍ମର ଦ୍ରଷ୍ଟା ଥିଲେ। ସେମାନେ ଅନାଦି କାଳରୁ ରହିଥିବା ଅସୀମ ଜ୍ଞାନର ଭଣ୍ଡାରରୂପୀ ବେଦଜ୍ଞାନର ଅନ୍ତର୍ଦର୍ଶନ କରିଥିଲେ।"

**ଡେପୁଟି ଜେନେରାଲ ମ୍ୟାନେଜର ( କମ୍ପ୍ୟୁଟର ଆଣ୍ଡ ଆଇଟି)**
**ରାଉରକେଲା ଇସ୍ପାତ କାରଖାନା**
**ସି-୬୯, ସେକ୍ଟର -୨,ରାଉରକେଲା-୭୬୯୦୦୬**
**ମୋ-୮୮୯୫୫୦୦୪୫୪**

## ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡି ଗୁଡ଼ିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟା ଗୁଡ଼ିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

**ସୁ-ଡୋକୁ ଉତ୍ତର ୨୧ ପୃଷ୍ଠାରେ**


| | | | | | | | | |
|---|---|---|---|---|---|---|---|---|
| | | 1 | | 6 | 4 | 8 | | |
| 3 | 4 | | 8 | | 5 | | | 7 |
| | 7 | 9 | | 1 | | 6 | | 5 |
| 5 | 8 | | | 7 | | 9 | | 3 |
| | 9 | | | | | | 8 | 6 |
| | | 3 | 9 | 5 | | | 7 | 2 |
| 9 | | 5 | | 4 | | 3 | 6 | |
| 7 | | | 5 | | 3 | | 9 | 1 |
| | | 8 | 6 | 2 | | 7 | | |

# ହସ୍ତାକ୍ଷର ଲେଖେଇବାରେ ଫାଇଦା



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ବର୍ତ୍ତମାନର ପିଲାମାନେ ହେଉଛନ୍ତି କଂପ୍ୟୁଟର କି'ବୋର୍ଡ଼ର ପିଲା। ତେଣୁ ସେମାନଙ୍କର ପାରଂପରିକ ପୁରୁଣାକାଳିଆ ହସ୍ତାକ୍ଷର ଲେଖିବା କି' ଦରକାର ? ସତରେ କଅଣ ହସ୍ତାକ୍ଷର ଲେଖିବାର ଆବଶ୍ୟକତା ନାହିଁ ସେମାନଙ୍କର ? ହୁଏତ ଆବଶ୍ୟକତା ଅଛି।



ସୁନ୍ଦର ହସ୍ତାକ୍ଷରକୁ ଆମ ସମସ୍ତଙ୍କର ପସନ୍ଦ। ମାତ୍ର ଅନେକେ ଏହାକୁ ଗୁରୁତ୍ୱ ଦିଅନ୍ତିନି। ଏପରିକି ଅକ୍ଷର ଲେଖାକୁ କେହି କେହି ଏକ ନିରର୍ଥକ କସରତ ବୋଲି କହିଥାଆନ୍ତି। ପ୍ରକୃତରେ କଅଣ ଏଇୟା ? ବରଂ ଜଣେ ଗବେଷକ ଏ ସମ୍ପର୍କରେ ସତର୍କ କରେଇ ଦେଇ କହିଛନ୍ତି, "ଭଲ ଭାବରେ ଲେଖି ଶିଖିବା ହେଉଛି ଭଲ ଭାବରେ ଲେଖିପାରିବାର ଚାବିକାଠି।"

ଆଚ୍ଛା, ମନେ ପକାନ୍ତୁତ ଆପଣଙ୍କ ଲେଖି ଶିଖିବାର ପିଛିଲା ଦିନକୁ। ମନେ ପକେଇବା ମାତ୍ରେ ସେହିଦିନଗୁଡ଼ିକ ସହ ଆପଣଙ୍କର ଏକ ଆବେଗିକ ସଂପର୍କ ସ୍ଥାପିତ ହୋଇଯାଉନି ? କିନ୍ତୁ ସେଇ 'ଅ', 'ଆ', 'କ', 'ଖ', ମଡ଼େଇବା କି 'A', 'B', 'C', 'D', ଲେଖି ଶିଖିବା ଆପଣଙ୍କ ପାଇଁ କଅଣ ବେଶ୍ ସହଜ ଥିଲା ସେତେବେଳେ ? ନା ଆଦୌ ନୁହେଁ। ସେହି ସମୟରେ ଆପଣଙ୍କ କୁନି ମସ୍ତିଷ୍କଟି କ୍ଷୁଦ୍ର ମୁଣ୍ଡଟି ଭିତରେ ଅଗ୍ରସର ହୋଇଚାଲିଥିଲା ବିକାଶ ପଥରେ। ବିକଶିତ ହୋଇନଥିଲା ପୂରାପୂରି। ସିଲଟ ଉପରେ ହେଉ କି କାଗଜ ପୃଷ୍ଠାରେ ହେଉ, ଅକ୍ଷର ରୂପକ ସେହି ସ୍ୱତନ୍ତ୍ର ଚିତ୍ରଗୁଡ଼ିକୁ ଆଙ୍କିବା ନିମନ୍ତେ କିଛି କମ୍ ମେହନତ୍ କରିବାପାଇଁ ପଡ଼ିନଥିଲା ଆପଣଙ୍କର ସେହି ଅବିକଶିତ ମସ୍ତିଷ୍କଟିକୁ।

ଏକ ଗବେଷକ ଗୋଷ୍ଠୀ ଉଲ୍ଲେଖ କରିଛନ୍ତି ଯେ, ମୌଖିକ ଭାଷା ହେଉ କି ଲିଖିତ ଭାଷା ହେଉ, ତାହା ଏକାଗ୍ରତା ସହ ଘନିଷ୍ଠ ଭାବରେ ସଂପୃକ୍ତ। ସେମାନେ ଏହାକୁ ପିଲାମାନଙ୍କର କାର୍ଯ୍ୟ ସଂପାଦନ କରିବାର ଦକ୍ଷତା ଭାବରେ ଅଭିହିତ କରିଛନ୍ତି। ସେହି ଗବେଷକ ଗୋଷ୍ଠୀର ନେତୃତ୍ୱ ନେଇଥିଲେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ମନସ୍ତତ୍ତ୍ୱ ବିଭାଗୀୟ ମୁଖ୍ୟ ଭର୍ଜିନିଆ ବର୍ନିଜର୍। ବର୍ନିଜର୍ କହନ୍ତି, " ହସ୍ତାକ୍ଷର ଲେଖିବା କ୍ରିୟାଟି ପିଲାମାନଙ୍କ ମନକୁ ଜଡ଼ିତ କରିପକାଏ।" ତେଣୁ ଲେଖିବା ସମୟରେ ସେମାନଙ୍କଠାରେ ଏକାଗ୍ରତା ପାଇଁ ମନକୁ ସହାୟତା ମିଳିଯାଏ।

ଫ୍ଲୋରିଡ଼ା ଇଣ୍ଟରନେସନାଲ୍ ୟୁନିଭରସିଟିର ଆଦ୍ୟ ଶୈଶବ ଶିକ୍ଷା ବିଭାଗର ସହଯୋଗୀ ଅଧ୍ୟାପିକା ଲରା ଡାଇନୋହାର୍ଟ ପ୍ରକାଶ କରିଛନ୍ତି ଏକ ପ୍ରବନ୍ଧ। ଭଲ ହସ୍ତାକ୍ଷର ଓ ବୌଦ୍ଧିକ ସାଫଲ୍ୟ ମଧ୍ୟରେ ରହିଥିବା ବିଭିନ୍ନ ସମ୍ଭାବନା ସଂପର୍କରେ ସେ ଉକ୍ତ ପ୍ରବନ୍ଧଟିରେ ଉଲ୍ଲେଖ କରିଛନ୍ତି। ନିଜେ ଅନୁଧ୍ୟାନ ସେ କହିଥିଲେ କେତେଜଣ ପିଲାଙ୍କ ଉପରେ। ସେହି ପିଲାମାନଙ୍କ ଭିତରୁ କେତେକ ପିଲାଙ୍କ ହସ୍ତାକ୍ଷର ଥିଲା ସୁନ୍ଦର। ସେହି ପିଲାମାନେ ପରୀକ୍ଷାରେ ବେଶୀ ନମ୍ବର ପାଇଥିବାର ପରିଲକ୍ଷିତ ହେଲା। ଏହାର କାରଣ ଦର୍ଶାଇବାକୁ ଯାଇ ସେ ମତ ଦେଇଛନ୍ତି ଯେ ଭଲ ହସ୍ତାକ୍ଷରରେ ଲେଖାଯାଇଥିବା ଉତ୍ତର ଖାତାକୁ ପଢ଼ିବା ନିମନ୍ତେ ପରୀକ୍ଷକମାନଙ୍କ ପକ୍ଷେ ଥିଲା ସହଜ ଓ ତୃପ୍ତିଦାୟକ। କିନ୍ତୁ ଯେଉଁ ପିଲାମାନଙ୍କ ଅକ୍ଷର ଖରାପ, ସେମାନେ ଉତ୍ତର ଲେଖିବାବେଳେ ଅକ୍ଷରଗୁଡ଼ିକୁ ଲେଖିବା ଉପରେ ବେଶୀ ଧ୍ୟାନ ଦେଇଥିବାରୁ ଉତ୍ତରର ବିଷୟବସ୍ତୁ ଉପରୁ ସେମାନଙ୍କର ଧ୍ୟାନ କୋହଳ ହୋଇଯିବା ଥିଲା ସ୍ୱାଭାବିକ।

ଭାବନ୍ତୁତ, ପିଲାମାନଙ୍କ ମସ୍ତିଷ୍କକୁ ଭଲ ହସ୍ତାକ୍ଷର ଲେଖିପାରିବା ନିମନ୍ତେ ମନେଇ ହେବକି ? ଡାଇନୋହାର୍ଟ କହନ୍ତି, "ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ପରିବାରଗୁଡ଼ିକର ପିଲାମାନେ ଅପେକ୍ଷାକୃତ କମ୍ ବୟସରେ ଆଙ୍ଗୁଠିର ସୂକ୍ଷ୍ମ ମାଂସପେଶୀଗୁଡ଼ିକୁ ବ୍ୟବହାର କରିବା ଶିଖିଥିଲେ, ସେମାନେ ସ୍କୁଲରେ ପଢ଼ାପଢ଼ି ସମୟରେ ଭଲ ବ୍ୟୁତ୍ପତ୍ତି ପ୍ରଦର୍ଶନ କରିପାରୁଥିବାର ପରିଲକ୍ଷିତ ହେଉଛି। ସେଥିପାଇଁ ପ୍ରାକ୍ ବିଦ୍ୟାଳୟ ବୟସରେ ହସ୍ତାକ୍ଷରର ପ୍ରଭାବ ସଂପର୍କରେ ଅଧିକ ଗବେଷଣାର ଆବଶ୍ୟକତା ଅଛି। ଛୋଟ ଛୋଟ ପିଲାମାନଙ୍କ ନିମନ୍ତେ ଲେଖାଲେଖି କରିପାରିବା ଏକ ଜଟିଳ ସମସ୍ୟା। କାରଣ ଏହି କାର୍ଯ୍ୟ ସଂପାଦନ କରିବା ନିମନ୍ତେ ଅବବୋଧ, ପେଶୀ ସଂଚାଳନ, ତଥା ସ୍ନାୟୁପେଶୀୟ ପ୍ରକ୍ରିୟାଗୁଡ଼ିକ ମଧ୍ୟରେ ଶୃଙ୍ଖଳିତ ସମନ୍ୱୟର ଦରକାର ଅଛି। ତେଣୁ ଏଥିରେ ପିଲାମାନଙ୍କୁ କିପରି ସାହାଯ୍ୟ କରିହେବ, ତା'ର ପନ୍ଥା ଉଦ୍‌ଭାବନ ନିମନ୍ତେ ଅଧିକ ଅନୁଧ୍ୟାନ ଲୋଡ଼ା।"

ହସ୍ତାକ୍ଷରକୁ କେବଳ ଏକ ମାମୁଲି ପେଶୀସଂଚାଳନ ସାମର୍ଥ୍ୟ ବୋଲି ବିଚାରିବା ସଂପୂର୍ଣ୍ଣ ଭ୍ରମାତ୍ମକ ବୋଲି କହିଛନ୍ତି ଭର୍ଜିନିଆ ବର୍ନିଞ୍ଜର୍। ସେ କହିଛନ୍ତି ଅକ୍ଷର ଲେଖିବା ସମୟରେ ଜଡ଼ିତ ହୋଇଥାଏ ଆମ ମସ୍ତିଷ୍କର 'ଫ୍ୟୁଜିଫର୍ମ ଜାଇରସ୍' ନାମକ ଅଞ୍ଚଳ। ଏଠାରେ ସଂପାଦିତ ହୁଏ ଏକକାଳୀନ ଦୁଇଟି କାର୍ଯ୍ୟ- ଦେଖିବା କାର୍ଯ୍ୟ ଓ ଭାଷା ବ୍ୟବହାର କରିବା

କାର୍ଯ୍ୟ। ଉଭୟ କାର୍ଯ୍ୟର ସଂଯୋଗରେ ସୃଷ୍ଟି ହୋଇଥାଏ ଦୃଷ୍ଟି ସମ୍ବନ୍ଧିତ ଉଦ୍ଦୀପନା। ଉକ୍ତ ଉଦ୍ଦୀପନାହିଁ ଲିଖିତ ଶବ୍ଦ ଏବଂ ଅକ୍ଷରଗୁଡ଼ିକୁ ରୂପାନ୍ତରିତ ହୋଇଯାଏ।

ପୃଷ୍ଠା ଉପରେ ଅକ୍ଷରଗୁଡ଼ିକୁ ଥୋଇବା ନିମନ୍ତେ ନିଜର ମନଶ୍ଚକ୍ଷୁରେ ଅକ୍ଷରଗୁଡ଼ିକୁ ପ୍ରଥମେ ଲେଖିପାରିବା ଅପରିହାର୍ଯ୍ୟ। ମସ୍ତିଷ୍କର ଚିତ୍ର ଉତ୍ତୋଳନ କରି ସେହି ଚିତ୍ରଗୁଡ଼ିକୁ ଅନୁଧ୍ୟାନ କରାଯାଇଛି। ଚିତ୍ରଗୁଡ଼ିକର ଅନୁଧ୍ୟାନରୁ ଜଣାପଡ଼ୁଛି ଯେ, ଯେଉଁ ଶିଶୁମାନଙ୍କଠାରେ ହସ୍ତାକ୍ଷର ଲେଖିବାରେ ସମସ୍ୟା ଥାଏ, ସେମାନଙ୍କଠାରେ ସକ୍ରିୟ ଫ୍ୟୁଜିଫର୍ମ ଜାଇରସ୍ ଅଞ୍ଚଳର ଚିତ୍ର ହେଉଛି ଭିନ୍ନ।

ବୟସ୍କ ବ୍ୟକ୍ତିମାନଙ୍କ ଠାରେ ମସ୍ତିଷ୍କର ଫଙ୍କସନାଲ୍ ସ୍କାନିଂ ବା ପ୍ରକ୍ରିୟାତ୍ମକ ଚିତ୍ରଣରେ ପରିଲକ୍ଷିତ ହୋଇଥାଏ ଜାଲି ସଦୃଶ ଏକ ସ୍ନାୟୁସଂଯୋଗ ବ୍ୟବସ୍ଥା। ସେମାନେ ପଢ଼ିବା ସମୟରେ ଏହି ବ୍ୟବସ୍ଥାଟି ସକ୍ରିୟ ହୋଇଉଠେ। ଏହି ସ୍ନାୟୁସଂଯୋଗ ବ୍ୟବସ୍ଥାରେ ମସ୍ତିଷ୍କର ମୋଟର ବା ପ୍ରେରକ ପକ୍ରିୟାସହ ଜଡ଼ିତ ଅଞ୍ଚଳଟି ସଂପୃକ୍ତ। ଏଥିରୁ ଏହା ଅନୁମେୟ ଯେ ପଠନ କ୍ରିୟା ସଦୃଶ ଅବବୋଧ ପକ୍ରିୟାଟି ମଧ୍ୟ ଅକ୍ଷର ଲେଖିପାରିବା ଭଳି ପ୍ରେରକ ପକ୍ରିୟା ସହ ସଂପୃକ୍ତ।

କାରିନି ଜେମ୍ସ ହେଉଛନ୍ତି ଇଣ୍ଡିଆନା ବିଶ୍ୱବିଦ୍ୟାଳୟର ମନସ୍ତାତ୍ତ୍ୱିକ ଏବଂ ମସ୍ତିଷ୍କ ବିଜ୍ଞାନ ବିଭାଗର ପ୍ରଫେସର୍। ସେ ମସ୍ତିଷ୍କର ସ୍କାନିଂ କରେଇଥିଲେ ଅକ୍ଷର ଲେଖିଶିଖି ନଥିବା ପିଲାମାନଙ୍କଠାରେ। ସେ ଲକ୍ଷ୍ୟକଲେ ଯେ ପିଲାମାନେ ଅକ୍ଷର ଲେଖି ଶିଖିନଥିଲେ ମଧ୍ୟ ସେମାନଙ୍କ ମସ୍ତିଷ୍କ ଅକ୍ଷରଗୁଡ଼ିକ ମଧ୍ୟରେ ଥିବା ବିଭିନ୍ନତାକୁ ମଧ୍ୟ ବାରିପାରିବା ନିମନ୍ତେ ଅସମର୍ଥ ଥିଲା। ଉଦାହରଣସ୍ୱରୂପ, ସେହି ପିଲାମାନଙ୍କ ମସ୍ତିଷ୍କର ପ୍ରତିକ୍ରିୟା ଅକ୍ଷର ଓ ତ୍ରିଭୁଜପ୍ରତି ଭିନ୍ନ ଭିନ୍ନ ନହୋଇ ରହିଥିଲା ସମାନ।

ସେ ଏହା ମଧ୍ୟ ଲକ୍ଷ୍ୟକଲେ ଯେ ପିଲାମାନଙ୍କୁ ଅକ୍ଷର ଲେଖିବା ଶିଖେଇ ଦେବାପରେ ପଠନକ୍ରିୟା ପାଇଁ ଉଦ୍ଦିଷ୍ଟ ସେମାନଙ୍କ ମସ୍ତିଷ୍କର ଜାଲକ ସଦୃଶ ବ୍ୟବସ୍ଥା ଅକ୍ଷରଗୁଡ଼ିକ ପ୍ରତି ଅଧିକ ସକ୍ରିୟ ହୋଇଉଠିଲା। ସମାନ ସମୟରେ ବି ସକ୍ରିୟ ହୋଇଉଠିଲା ମସ୍ତିଷ୍କର ଫ୍ୟୁଜିଫର୍ମ ଜାଇରସ୍ ଏବଂ ମସ୍ତିଷ୍କସ୍ଥିତ ଏପରି ଅନ୍ୟଏକ ଅଞ୍ଚଳ ଯାହା ବୟସ୍କ ବ୍ୟକ୍ତିମାନଙ୍କ ଠାରେ ଲିଖିତ ଭାଷାପାଇଁ ବିନିଯୋଗ ହୋଇଥାଏ। ଏପରିକି ପିଲାମାନେ ଅକ୍ଷର ଲେଖି ଶିଖିବା କେବଳ ଆରମ୍ଭ କରିଥିଲେ ମଧ୍ୟ ଉପରୋକ୍ତ ପ୍ରକାରେ ପରିବର୍ତ୍ତନ ସଂଘଟିତ ହେବାର ଲକ୍ଷ୍ୟ କରିପାରିଲେ କାରିନ୍ ଜେମ୍ସ୍।

ଆପଣମାନେ ନିଜ ପୁଅଝିଅ ଓ ନାତିନାତୁଣୀମାନଙ୍କୁ ଅକ୍ଷର ଲେଖିପାରିବା ଶିଖେଇଥିବେ। ସେତେବେଳେ ଆପଣ ଲକ୍ଷ୍ୟ କରିଥିବେ ଯେ ଲେଖି ଶିଖିବା ଆରମ୍ଭ କଲାବେଳେ ସେମାନଙ୍କ ଅକ୍ଷରଗୁଡ଼ିକ ଖୁବ୍ ବଙ୍କାଡ଼ଙ୍କା ହୋଇଥାଏ। ଏପରିକି ଏକାଧିକ ଥର ଲେଖିଲେ ବି ଅକ୍ଷରଗୁଡ଼ିକ ସମାନ ଭାବରେ ଲେଖି ହୋଇନଥାଏ। ମାତ୍ର ଏଥିରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ। କାରଣ ଏହି ଧାରାରେ ହିଁ ପିଲାମାନେ ପ୍ରତ୍ୟେକ କାମ ଆରମ୍ଭ କଲାବେଳେ ହିଁ କରିଥାନ୍ତି ବଙ୍କାଡ଼ଙ୍କା, ଭୁଲଭଟକା।

ଆପଣମାନଙ୍କ ମଧ୍ୟରୁ ଅନେକେ 'କର୍ସିଭ ରାଇଟିଙ୍ଗ୍' ପରିଚିତ ଥାଇପାରନ୍ତି। ଏହି ଲିଖନ ପଦ୍ଧତିରେ ଗୋଟିଏ ଅକ୍ଷର ସଙ୍ଗେ ପରବର୍ତ୍ତୀ ଅକ୍ଷରକୁ ଯୋଡ଼ିକରି ଲେଖାଯାଇଥାଏ। ସାଧାରଣ ପ୍ରକାରରେ ଲେଖାଯାଉଥିବା ପଦ୍ଧତି ତୁଳନାରେ କର୍ସିଭ ରାଇଟିଙ୍ଗ ପଦ୍ଧତିର କଅଣ କିଛି ସ୍ୱତନ୍ତ୍ରତା ଅଛି? କର୍ସିଭ ରାଇଟିଙ୍ଗ ପଦ୍ଧତି ଶିଖିଲେ ପିଲାମାନେ କଅଣ ପ୍ରାପ୍ତ ହୋଇଥାଆନ୍ତି କୌଣସି ସ୍ୱତନ୍ତ୍ର ଧରଣର ଦକ୍ଷତା? ଏ ସମ୍ପର୍କରେ ଏବେ ମଧ୍ୟ ଗଭୀର ଗବେଷଣା ଜାରି ରଖିଛନ୍ତି ହସ୍ତାକ୍ଷର ବିଶେଷଜ୍ଞମାନେ। ତେବେ କର୍ସିଭ ରାଇଟିଙ୍ଗ ବିଷୟକ ଏକ ଅନୁଧ୍ୟାନର ଫଳାଫଳ ପ୍ରକାଶ ପାଇଛି ୨୦୧୫ ମସିହାରେ। ଉକ୍ତ ଫଳାଫଳ ଅନୁଯାୟୀ ପିଲାମାନେ ଫୋର୍ଥ ଷ୍ଟାଣ୍ଡାର୍ଡ଼କୁ ଗଲାପରେ କର୍ସିଭ ରାଇଟିଙ୍ଗର ଅଭ୍ୟାସ କଲେ ତାହା ଶବ୍ଦ ଗଠନ ଓ ଶବ୍ଦର ବନାନ୍ ଏହି ଉଭୟ କାର୍ଯ୍ୟରେ ଉପକାରୀ ସାବ୍ୟସ୍ତ ହୋଇଥାଏ। କାରଣ ପ୍ରତ୍ୟେକ ଶବ୍ଦ ଲେଖିବାବେଳେ ଅକ୍ଷରକୁ ଅକ୍ଷର ସଂଯୋଗ କରୁଥିବାର ରେଖାମାନ ଅକ୍ଷରଗୁଡ଼ିକୁ ସଂଯୁକ୍ତ କରେଇବା ପକ୍ରିୟାରେ ଶବ୍ଦ ଗଠନର ମଧ୍ୟ ଶିଶୁମାନଙ୍କୁ ସାହାଯ୍ୟ କରିଥାଏ।

କିନ୍ତୁ ଶିଶୁମାନଙ୍କ ମସ୍ତିଷ୍କର ବିକାଶ ପକ୍ରିୟା କାଳରେ, ସେମାନଙ୍କୁ ଯଦି କଂପ୍ୟୁଟରର୍ କି'ବୋର୍ଡ଼ ସାହାଯ୍ୟରେ ଅକ୍ଷର ଟାଇପ୍ କରିବା ଶିକ୍ଷା ଦିଆଯାଏ, ତେବେ ସେମାନଙ୍କ ମସ୍ତିଷ୍କ ଉପରୋକ୍ତ ପ୍ରକାରେ ସକ୍ରିୟ ହୋଇପାରେ ନାହିଁ। କିନ୍ତୁ ବୟସ ବଢ଼ିଲେ ଅନେକ କି'ବୋର୍ଡ଼ ସାହାଯ୍ୟରେ ଲେଖାଲେଖି କରିବା କାର୍ଯ୍ୟକୁ ବେଶ୍ ସହଜ ବୋଲି ମନେ କରିଥାନ୍ତି। ହେଲେ ହାତରେ ଲେଖିବା ଓ କି'ବୋର୍ଡ଼ ସାହାଯ୍ୟ ନେଇ ଟାଇପ୍ କରିବାରେ ଏକାଗ୍ରତା ସମାନ ହୋଇନଥାଏ। ହାତରେ ଲେଖିବାବେଳେ ଲେଖକ, ଲେଖାର ଦର୍ଶକ ଏବଂ ପାଠକ ଲେଖାଟିପ୍ରତି ଅଧିକ ଏକାଗ୍ର ହେଉଥିବାର ପରିଲକ୍ଷିତ ହେଉଛି। ପୁଣି ଶ୍ରେଣୀଗୃହରେ ଛାତ୍ରଛାତ୍ରୀମାନେ ହାତରେ ଲେଖି ନୋଟ୍ କରିବା ଏବଂ କି'ବୋର୍ଡ଼ ସାହାଯ୍ୟନେଇ ନୋଟ୍ ଲିପିବଦ୍ଧ କରିବାରେ ପାର୍ଥକ୍ୟ ଦେଖାଯାଇଥାଏ। ଡ଼ାଇନହାର୍ଟ କହନ୍ତି, "ଯେଉଁମାନେ ଶ୍ରେଣୀକକ୍ଷରେ କାଗଜ କଲମ ଧରି ନୋଟ୍ ଲେଖିଥାନ୍ତି, ସେମାନେ କି'ବୋର୍ଡ଼ର ସାହାଯ୍ୟ ନେଇ ନୋଟ୍ କରୁଥିବା ଛାତ୍ରଛାତ୍ରୀମାନଙ୍କ ତୁଳନାରେ ଭଲମନେ ରଖିପାରନ୍ତି। ପରୀକ୍ଷାରେ ବେଶୀ ଭଲ ପ୍ରଦର୍ଶନ କରିଥାନ୍ତି ମଧ୍ୟ।"

ବେନିଞ୍ଜର୍ କହିଛନ୍ତି, ଗବେଷଣାରୁ ପ୍ରମାଣ ମିଳିଛି ଯେ ପିଲାମାନଙ୍କୁ ପ୍ରଥମେ ପାରଂପରିକ ଅକ୍ଷରଗୁଡ଼ିକ ସହ ପରିଚିତ କରାଇ ସେଗୁଡ଼ିକୁ ଭଲ ଭାବରେ ଲେଖି ପାରିବାର ଅଭ୍ୟାସ କରାଇବାକୁ ପଡ଼ିବ। ଏହାର ପରବର୍ତ୍ତୀ ଦୁଇବର୍ଷଧରି କରାଇବା ପାଇଁ ପଡ଼ିବ ପଢ଼ିବା ଓ କର୍ସିଭ ପଦ୍ଧତିରେ ଲେଖେଇବାର ଅଭ୍ୟାସ। ଏହା ଆରମ୍ଭ ହେବ ଥାର୍ଡ଼ ଷ୍ଟାଣ୍ଡାର୍ଡ଼ ପରେ। ତା'ପରେ ଧୀରେଧୀରେ ପରିଚିତ କରାଇବାକୁ ପଡ଼ିବ କି'ବୋର୍ଡ଼ ସାହାଯ୍ୟରେ ଲେଖିପାରିବା ପଦ୍ଧତି।

କି'ବୋର୍ଡ଼ ବ୍ୟବହାର କରିବା, ବିଶେଷକରି କି'ବୋର୍ଡ଼କୁ ଆଖିରେ

ନଦେଖି କି'ବୋର୍ଡ଼ରେ ଅକ୍ଷରଗୁଡ଼ିକର ଅବସ୍ଥିତିକୁ ମନେରଖି ଅକ୍ଷର ଟାଇପ୍‌କଲେ ମସ୍ତିଷ୍କ ଭିତରେ ସ୍ନାୟୁସୂତ୍ରଗୁଡ଼ିକର ପାରସ୍ପରିକ ସଂଯୋଗ ସୁଗମ ହୋଇଯାଏ । କାରଣ ହାତରେ ଲେଖିବାବେଳେ କେବଳ ଗୋଟିଏ ହାତ ଲିଖନ କ୍ରିୟାରେ ବ୍ୟବହୃତ ହେଉଥିବାବେଳେ କି'ବୋର୍ଡ଼ ସାହାଯ୍ୟରେ ଲିଖନ ପାଇଁ ବ୍ୟବହୃତ ହୋଇଥାଏ ଦୁଇଟିଯାକ ହାତ ।

ବର୍ନିଞ୍ଜର୍‌ଙ୍କ ପରାମର୍ଶ ହେଲା, ପିଲାମାନେ ପ୍ରଥମେ ପାରଂପରିକ ପଦ୍ଧତିରେ ଅକ୍ଷର ଲେଖି ଶିଖିଲେ ତାହା ଶବ୍ଦଗୁଡ଼ିକୁ ଠିକ୍ ଭାବରେ ଚିହ୍ନଟ କରିବାରେ ସହାୟକ ହୋଇଥାଏ । ପରବର୍ତ୍ତୀ ଅବସ୍ଥାରେ କର୍ସିଭ୍ ପଦ୍ଧତିରେ ଲେଖିବା ଦ୍ୱାରା ତାହା ଶବ୍ଦର ବନାନ୍ ଓ ଗଠନକୁ କରିଦିଏ ନିର୍ଭୁଲ୍ । ମାତ୍ର ପ୍ରଥମିକ ଶିକ୍ଷା ଶେଷ ହେବା ପୂର୍ବରୁ ସେମାନେ କି'ବୋର୍ଡ଼ରେ ଟାଇପ୍ କରିପାରିବା ଶିଖିନେଲେ ତାହା ହୋଇଥାଏ ଅଧିକ ଫଳପ୍ରଦ ।

ପିଲାମାନଙ୍କ ମସ୍ତିଷ୍କ ଅତି ଦ୍ରୁତ ହାରରେ ବିକଶିତ ହୋଇଥାଏ । ସେହି କାରଣରୁ ପିଲାମାନଙ୍କ ବାସ୍ତବ ଅନୁଭବକୁ ଡ଼ିଜିଟାଲ ଜଗତ ଯେପରି ଅପହରଣ କରିନପାରେ, ସେଥିପ୍ରତି ପିତାମାତା ଓ ଶିକ୍ଷକ ଶିକ୍ଷିକାମାନେ ସର୍ବାଧିକ ଯତ୍ନବାନ୍ ରହିବା ବାଞ୍ଛନୀୟ । କାରଣ ବିକାଶ ପକ୍ରିୟା ସଂଘଟିତ ହେଉଥିବା ସମୟରେ ବାସ୍ତବ ଅନୁଭବର ପ୍ରଭାବ ଅନୁକୂଳ ସାବ୍ୟସ୍ତ ହୋଇଥାଏ । ଅବଶ୍ୟ ହସ୍ତାକ୍ଷର ଉପରେ ଦକ୍ଷତା ହାସଲକରି ସ୍ପଷ୍ଟ ଓ ସୁନ୍ଦର ଭାବରେ ଲେଖିବା କିମ୍ବା ବଙ୍କାଟଙ୍କା ଭାବରେ କଦର୍ଯ୍ୟ ଅକ୍ଷରରେ ଲେଖିବା ହେଉଛି ଆପଣଙ୍କ ନିଜସ୍ୱ ପସନ୍ଦ ।

ଏ ସଂପର୍କରେ କାରିନି ଜେମ୍ସ କହନ୍ତି, "ମୋର ଝାଳବୁହା ତଥା ହାଡ଼ଭଙ୍ଗା ଗବେଷଣାରୁ ମୁଁ ପ୍ରମାଣ ପାଇଛି ଯେ, ଆମ ହାତରେ ସହାୟତାରେ ଶିକ୍ଷାଲାଭ କରିବା ଓ ପୃଥିବୀ ସହ ଭାବ ଆଦାନ ପ୍ରଦାନ କରିପାରିବାରେ ଆମର ଅବବୋଧ ତଥା ଜ୍ଞାନ ଅର୍ଜନ ଅତି ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇଥାଏ । ହାତରେ ଲେଖିବା ଓ କଂପ୍ୟୁଟରର କି'ବୋର୍ଡ଼ ସାହାଯ୍ୟରେ ଲେଖିବା ମଧ୍ୟରୁ ହାତରେ ଲେଖିବା ଦ୍ୱାରା ମସ୍ତିଷ୍କର ବିକାଶ ଓ କାର୍ଯ୍ୟ ଉପରେ ପଡ଼ିଥାଏ ଯଥେଷ୍ଟ ଅନୁକୂଳ ପ୍ରଭାବ ।"

'ଅଭୀପ୍ସା' ସେକ୍ଟର-୬,ପ୍ଲଟ୍ ନମ୍ବର-୧୧୩୧
ଅଭିନବ ବିଡ଼ାନାସୀ,କଟକ-୭୫୩୦୧୪
ମୋ-୯୪୩୭୭୬୬୧୧୭


## ବିଶେଷ ସୂଚନା

ଫେବ୍ରୁଆରୀ ୨୦୧୭ ସଂଖ୍ୟାର ପୃଷ୍ଠା ୧୭ରେ ପ୍ରକାଶିତ 'ମୋହ' ବିଷୟବସ୍ତୁରେ କେତୋଟି ଶବ୍ଦ ପ୍ରିଣ୍ଟିଂ ପାଇଁ ପ୍ରସ୍ତୁତି ସମୟରେ କମ୍ପ୍ୟୁଟର ତ୍ରୁଟି ହେତୁ 'ୟ' ଗୁଡ଼ିକ 'ନ୍ଦୁ' ଏବଂ ହଲନ୍ତ ' ୍ ' ଗୁଡ଼ିକ 'ନ୍ଦ' ହୋଇଯାଇଛି । ଉକ୍ତ ବିଷୟଟି ପୁନଃ ପ୍ରକାଶିତ କରାଯିବ । ଏହି ତ୍ରୁଟି ପାଇଁ ଦୁଃଖିତ ।

ସଂପାଦକ

# ଜୀବନ ପାଇଁ ଆଠପଦ

**ଅନିଲ ଚନ୍ଦ୍ର ଦାଶ**



ସହିଷ୍ଣୁତା ଅଟେ ସର୍ବଶ୍ରେଷ୍ଠ ଗୁଣ
ସମସ୍ୟାକୁ କରେ ଦୂର,
ସାମାନ୍ୟ କଥାରେ ବିରକ୍ତ ନହୋଇ
ହୁଅ ତୁମେ ଅଗ୍ରସର ।।୧।।
ପ୍ରତିଦିନ ଭେଟ ନୂଆନୂଆ ବନ୍ଧୁ
ସେଥିରେ ମିଳିବ ପ୍ରେମ,
ବନ୍ଧୁ ଖୋଜିବାରେ ନିରାଶ ହୋଇଲେ
ଠିକ୍ ନୁହେଁ ତୁମ କାମ ।।୨।।
ବିଶ୍ୱାସ ଅଟଇ ପ୍ରଧାନ ଚରିତ୍ର
ବନ୍ଧୁତ୍ୱ ପ୍ରତିଷ୍ଠା ପାଇଁ,
ବିଶ୍ୱାସ ଯଦିଓ ଦୁର୍ବଳ ହୋଇବ
ବନ୍ଧୁତାର ମୂଲ୍ୟ ନାହିଁ ।।୩।।
ଭୁଲ ଯଦି ହୁଏ ସଂଶୋଧନ କର
ପୁନରାବୃତ୍ତି ନହେଉ,
ପାପ ଯଦି କର ଅନୁତାପ ଦ୍ୱାରା
ପାପ ନକରିବ ଆଉ ।।୪।।
ବିବେକକୁ ଯଦି ସଚେତନ କର
ଦୁନିଆ ଚିହ୍ନିପାରିବ,
ବିବେକକୁ ଯଦି ଅବାଟରେ ନବ
ଦୁର୍ନାମ ନିଶ୍ଚେ ପାଇବ ।।୫।।
ଆସୁଛି ଜୀବନ ଯାଉଛି ଜୀବନ
ମଧ୍ୟେ ବ୍ୟସ୍ତତାର ଖେଳ,
ବସ୍ତୁ ସୁଖପାଇଁ ଧାଆଁ ଓ ଦଉଡ଼
ଜଂଜାଳ ପାଇଁ ଜଂଜାଳ ।।୬।।
ଜୀବନକୁ ଯଦି ଉପଯୁକ୍ତ ଭାବେ
ଗଢ଼ିବାକୁ ଚେଷ୍ଟାକର,
ଦିନକର କାର୍ଯ୍ୟ କିଛି ଦିଏନାହିଁ
ପ୍ରତିଦିନ ଦରକାର ।।୭।।
ଆଦର୍ଶ ବ୍ୟକ୍ତିର ଭାବନାକୁ ଯଦି
ତୁମେ ଅନୁଧ୍ୟାନ କର,
ସେ ଆଦର୍ଶ ଛାପ ମହକାଇ ଦେବ
ତୁମରି ଜୀବନ ସ୍ୱର ।।୮।।

କେନ୍ଦୁଗୁଡ଼ା, ବୈପାରୀଗୁଡ଼ା, କୋରାପୁଟ-୪୩
ମୋ- ୯୪୩୮୨୨୫୫୧୬

# ଓଡ଼ିଆ ସଂସ୍କୃତିର ପରିଚୟ: ପାଲା

ଅଧ୍ୟାପକ ପବିତ୍ର ମୋହନ ବାରିକ



ପାଲା ଓଡ଼ିଶାର ଏକ ପ୍ରାଚୀନ ଲୋକ କଳା। ଏହାର ଉତ୍ପତ୍ତି, ବିକାଶ ସମୃଦ୍ଧି ଦିନେ ଓଡ଼ିଶାର ସାଂସ୍କୃତିକ ପ୍ରବାହମାନ ଧାରାକୁ ତ୍ୱରାନ୍ୱିତ କରିଥିଲା। ସଂସ୍କୃତି ସମ୍ପନ୍ନ ରାଜ୍ୟ ଓଡ଼ିଶାର ପ୍ରାଚୀନ ନୃତ୍ୟ, କଳାମାନଙ୍କ ମଧ୍ୟରେ ପାଲାର ସ୍ଥାନ ସ୍ୱତନ୍ତ୍ର। ପାଲା ତା'ର ସ୍ୱତନ୍ତ୍ରତା ପାଇଁ ଦିନେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲା। ଅତୀତରେ ପାଲା ଓଡ଼ିଶାର ଜନମାନସକୁ ଆନ୍ଦୋଳିତ କରି ଆଧ୍ୟାତ୍ମିକ, ସାଂସ୍କୃତିକ ଓ ସାମାଜିକ ସହିତ ଅତ୍ୟାଧୁନିକ ମନୋରଞ୍ଜନ ଶୈଳୀକୁ ଗଭୀର ଭାବରେ ପ୍ରଭାବିତ କରିଆସୁଥିଲା। କିନ୍ତୁ ସମୟର ପରିବର୍ତ୍ତନ ସହିତ ଅତ୍ୟାଧୁନିକ ମନୋରଂଜନ ଶୈଳୀ ଏବଂ ପାଶ୍ଚାତ୍ୟ ସଭ୍ୟତାର ଅନୁକରଣ ଦ୍ୱାରା ଆମ ସଂସ୍କୃତିର ପରିଚୟ ପାଲା ପ୍ରତି କିଛି ବର୍ଷହେଲା ବିପଦ ଦେଖାଦେଇଅଛି। ଆମ ସାଂସ୍କୃତିକ ବିଭବର ଶ୍ରେଷ୍ଠ ଦାନ ପାଲା ଓ ଏହା ଆମର ନିଜସ୍ୱ ପରିଚୟ। କିନ୍ତୁ ଭାଗ୍ୟର ବିଡ଼ମ୍ବନା ଆଜି ପାଲା ପ୍ରତି ଯୁବ ସମାଜର ଅନାଗ୍ରହ ଏକ ଦୁର୍ଭାଗ୍ୟ ଓ ପରିତାପର ବିଷୟ। ଘଡ଼ି ସନ୍ଧି ମୁହୂର୍ତ୍ତ ମଧ୍ୟରେ ଗତିକରି ଏହା ଆଜି ମଧ୍ୟ ବଞ୍ଚିରହିଛି ଓ ତାର ମୌଳିକ କର୍ତ୍ତବ୍ୟ, ଦାୟିତ୍ୱକୁ ନିଷ୍ଠାର ସହିତ ସଂପାଦିତ କରୁଅଛି। ଓଡ଼ିଆ ସମାଜକୁ ଶୃଙ୍ଖଳିତ, ପରିମାର୍ଜିତ, ଦାୟିତ୍ୱ ସଂପନ୍ନ କରିବା ଦିଗରେ ପାଲା ନିରବଚ୍ଛିନ୍ନ ଭାବରେ ଉଦ୍ୟମ କରିଆସିଛି ଏଥିରେ କୌଣସି ସନ୍ଦେହର ଅବକାଶ ନାହିଁ। ପାଲା ଏକ ଶିକ୍ଷଣୀୟ କଳା। ଏହା ଏକ ଶିକ୍ଷକର ଭୂମିକାରେ ଅବତୀର୍ଣ୍ଣ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜକୁ ଉତ୍ତମ ଶିକ୍ଷା ଦେଇଥାଏ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସଂସ୍କାରମୂଳକ କାର୍ଯ୍ୟକ୍ରମମାନ ପାଲା ମାଧ୍ୟମରେ ପରିବେଷଣ ହୋଇଥାଏ ଏକ ସମାଜ ସଂସ୍କାରକ ଭୂମିକାରେ ପାଲାର ଭୂମିକା କୌଣସି ଗୁଣରେ କମ୍ ନୁହେଁ। ଯୌତୁକ ପ୍ରଥା, ନାରୀ ନିର୍ଯାତନା ପ୍ରଭୃତି ନାରୀ ସମସ୍ୟା ସଂପର୍କିତ ଅମାନୁଷିକ ବିଷୟ ଉପରେ ତୀବ୍ର ସ୍ୱର ଉତ୍ତୋଳନ କରିଥାଏ। କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ସଂଗ୍ରାମ ପାଇଁ ପାଲା ମଧ୍ୟ ସମାଜକୁ ଆହ୍ୱାନ ଦେଇଥାଏ। ସାମାଜିକ ମମତା ଓ ଐକ୍ୟଭାବ ପ୍ରଚାର ଓ ପ୍ରସାର ଦିଗରେ ଲୋକ କଳା ପାଲା ଏକ ସାର୍ଥକ ଭୂମିକା ଗ୍ରହଣ କରିଅଛି। ଛୁଆଁ-ଅଛୁଆଁ ଭେଦଭାବ ଦୂର କରିବା ନିମନ୍ତେ ପାଲା ଏହାର କାର୍ଯ୍ୟକ୍ରମମାନ ତ୍ୱରାନ୍ୱିତ କରିଥାଏ। ସାଂପ୍ରଦାୟିକ ସଦ୍‌ଭାବ ସୃଷ୍ଟି କରିବା ପାଲାର ମୌଳିକ ବୈଶିଷ୍ଟ୍ୟ। ଭକ୍ତି ଆନ୍ଦୋଳନ ପରିପ୍ରେକ୍ଷୀରେ ହିନ୍ଦୁ-ମୁସଲମାନ ସାଂପ୍ରଦାୟକୁ ଏକତ୍ରିତ କରିବା ଦିଗରେ ଉଦ୍ୟମ ଆରମ୍ଭ ହୋଇଥିଲା। ପାଲା ମାଧ୍ୟମରେ ସତ୍ୟପୀରଙ୍କୁ ଆବାହନ କରାଯାଏ। ସାଂପ୍ରଦାୟିକ ଏକତା ଓ ଜାତୀୟ ସଂହତି ପ୍ରତିଷ୍ଠା ଦିଗରେ ପାଲା ତାର ମୌଳିକ ନୀତିରୁ କେବେ ଦୂରେଇ ଯାଇନାହିଁ। ଏକ ସରଳ, ସୁନ୍ଦର, ନିରାଡ଼ମ୍ବର ସମାଜ ଗଠନରେ ପାଲା ନିରନ୍ତର ଶିକ୍ଷା ଦେଇଆସିଥାଏ। ବୃକ୍ଷରୋପଣ, ପରିବେଶର ସୁରକ୍ଷା, କୃଷି ସମ୍ବନ୍ଧୀୟ ଜ୍ଞାନ ପ୍ରଭୃତି ସଚେତନମୂଳକ କାର୍ଯ୍ୟକ୍ରମ ପାଲାରେ ସ୍ଥାନ ପାଇଥାଏ। ପରିବାର ନିୟନ୍ତ୍ରଣ, ସଞ୍ଚୟର ଉପକାରିତା, ନାରୀଶିକ୍ଷା ଓ ପ୍ରାକୃତିକ ସଂପଦର ସୁରକ୍ଷା ପ୍ରଭୃତି ବିଷୟବସ୍ତୁ ପାଲା ମାଧ୍ୟମରେ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଏ। ଏ ସମସ୍ତ ଶିକ୍ଷଣୀୟ ବିଷୟ ପାଲା ମାଧ୍ୟମରେ ଜନସାଧାରଣ ଗ୍ରହଣ କରିଥାଆନ୍ତି। ସମାଜ ଗଠନରେ ପାଲାର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ଏହା ସହଜରେ ଅନୁମେୟ। ଯଦିଓ ଗଣମାଧ୍ୟମର ଭିନ୍ନ ଭିନ୍ନ ଉତ୍ସ ଆଧୁନିକ ସମାଜରେ ଦେଖିବାକୁ ମିଳେ ତଥାପି ପାଲା ତାର ପ୍ରାସଙ୍ଗିକତାକୁ କେବେ ହରାଇ ନାହିଁ। ସଂସ୍କୃତିପ୍ରେମୀ ବିଦ୍ୱାନ, ଗବେଷକ, ଶ୍ରଦ୍ଧାଳୁ ଭାଷାବିତ୍ ଓ ଭକ୍ତ ପ୍ରାଣ ସାଧାରଣ ପାଲାର କର୍ଣ୍ଣଧାର ଏବଂ ଏହାକୁ ବଞ୍ଚାଇ ରଖିବାପାଇଁ ସେମାନେ ଆପ୍ରାଣ ଉଦ୍ୟମ ଅବ୍ୟାହତ ରଖିଛନ୍ତି। ପାଲା ଓଡ଼ିଆ ଜାତି ଓ ଭାଷା ସୁରକ୍ଷାର ରକ୍ଷାକବଚ। ବିଗତ ଦିନରେ ଓଡ଼ିଆ ଭାଷା ପ୍ରତି ଯେତେବେଳେ ବିପଦ ଦେଖାଦେଇଥିଲା ପାଲା ନିର୍ଭୀକ ଭାବରେ ଏହାର ରକ୍ଷା କରିବାପାଇଁ ଆଗେଇ ଆସିଥିଲା। ଓଡ଼ିଆ ଭାଷା-ସାହିତ୍ୟକୁ ବଞ୍ଚାଇ ରଖିବା ଓ ଏହାର ପ୍ରଚାର ପ୍ରସାର ଦିଗରେ ପାଲାର ଉଦ୍ୟମ ପ୍ରଶଂସନୀୟ। ଯୁବ ପିଢ଼ିଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଲାର ଅନ୍ୟ ଏକ ବୈଶିଷ୍ଟ୍ୟ। ପ୍ରାଚୀନ ଓ ଆଧୁନିକ କବି, ଲେଖକ, ସାହିତ୍ୟିକମାନଙ୍କର

ପ୍ରତିଭା ଓ କୃତିକୁ ପାଲାକାରମାନେ ପରିବେଷଣ କରିଥାଆନ୍ତି। ସେମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କବି ଓ ଲେଖକ ସୃଷ୍ଟି କରିବା ଦିଗରେ ଉତ୍ସାହିତ କରିଥାନ୍ତି। ପ୍ରାଚୀନ କାବ୍ୟ, କବିତା ପ୍ରଭୃତି ସେମାନେ ପରିବେଷଣ କରି ସମୃଦ୍ଧ ଓଡ଼ିଆ ସାହିତ୍ୟକୁ ବୃଦ୍ଧିମନ୍ତ କରିଥାନ୍ତି। ପାଲା ଏକ ସାମାଜିକ ଶିକ୍ଷା। ଅନେକ ଶିକ୍ଷଣୀୟ ବିଷୟବସ୍ତୁ ପାଲା ମାଧ୍ୟମରେ ଶିକ୍ଷା ମିଳିଥାଏ। ଏହା ଓଡ଼ିଶାର ଏକ ନିଜସ୍ୱ କଳା। ଓଡ଼ିଆ ସାହିତ୍ୟ, ପରମ୍ପରା, ଐତିହ୍ୟ, ଲୋକକଳା ଓ ସଂସ୍କୃତିର ଅନନ୍ୟାନନ୍ୟ ଅଙ୍ଗକୁ ଶକ୍ତିଶାଳୀ ଓ ସମୃଦ୍ଧିଶାଳୀ କରିଥାଏ ପାଲା। କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, କବିବର ରାଧାନାଥ ରାୟ ଓ ପ୍ରକୃତି କବି ଗଙ୍ଗାଧର ମେହେର ପ୍ରଭୃତି ଲବ୍ଧ ପ୍ରତିଷ୍ଠିତ ସାରସ୍ୱତ ସାଧକମାନଙ୍କୁ ପାଲା ଆଜି ବଂଚାଇ ରଖିପାରିଛି। ପାଲାକାରମାନ ଏକ ଗଣଶିକ୍ଷକର ଭୂମିକାରେ ନିଜକୁ ସାମିଲନ୍ଦ୍ୱ କରିଥାନ୍ତି। ଓଡ଼ିଆ ସମାଜକୁ ପାଲାର ଅବଦାନ ଅତୁଳନୀୟ। ସଂଗୀତ, ନୃତ୍ୟ, ଅଭିନୟ ଓ ସାହିତ୍ୟ ପ୍ରତି ସାଧାରଣ ଜନତାର ଦୃଷ୍ଟି ଆକର୍ଷଣ କରିବା ପାଲାର ଅନନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଧାର୍ମିକ ଓ ଆଧ୍ୟାତ୍ମିକ ବିଷୟବସ୍ତୁମାନ ପରିବେଷଣ କରାଯାଇ ଜନସାଧାରଣଙ୍କ ହୃଦୟରେ ଧର୍ମ ଓ କର୍ମ ପ୍ରତି ଆଗ୍ରହ ସୃଷ୍ଟି କରିଥାଏ। ଭାଗବତ ପ୍ରେମ ଓ କର୍ମ ସାଧାରଣ ଜନତାକୁ ବିମୁଗ୍ଧ କରେ। ଆଧ୍ୟାତ୍ମିକ ପରିବେଶ ସୃଷ୍ଟିକରିବା ପାଲାର ମୂଳଲକ୍ଷ୍ୟ। ପୌରାଣିକ କଥାବସ୍ତୁକୁ ଆଧାରକରି ବିଭିନ୍ନ ଉପମା, ଅଳଙ୍କାର, ମାଧ୍ୟମରେ ପାଲାଗାୟକମାନେ ତାଙ୍କ ଉଚ୍ଚକୋଟିର କଳା ପରିବେଷଣ କରିଥାନ୍ତି। ସତ୍ୟ, ନ୍ୟାୟ ଓ ପ୍ରେମର ବାତାବରଣ ସୃଷ୍ଟିପାଇଁ ପାଲା କଳାକାରମାନେ ପ୍ରୟାସ କରିଥାନ୍ତି। ଓଡ଼ିଆ ଘରର ଚାଲିଚଳଣ, ରୀତିନୀତି, ପ୍ରଥା, ବିଶ୍ୱାସ ଓ ପରମ୍ପରା ବାସ୍ତବ ଚିତ୍ର ପାଲା ମାଧ୍ୟମରେ ରୂପାୟିତ ହୋଇଥାଏ। ଧର୍ମଧାରଣର ସ୍ୱରୂପ ମଧ୍ୟରେ ଏକ ସୁନ୍ଦର ସମାଜର ଚିତ୍ର ପାଲା ମାଧ୍ୟମରେ ଦେଖିବାକୁ ମିଳେ। ପାଲା ଏକ ଲୋକକଳା। ଏହା ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ସମାଜର ସବୁ ବର୍ଗର ବ୍ୟକ୍ତି ଯଥା, ସାହିତ୍ୟ ରସିକ, ଜ୍ଞାନୀ ଓ ବିଦ୍ୱାନମାନେ ପାଲାର ଗୁଣଗ୍ରାହୀ ଅଟନ୍ତି। ପାଲା ନବଧା ଭକ୍ତିରେ ପରିପୂର୍ଣ୍ଣ। ବିଭୁପ୍ରେମ, କରୁଣା ଓ ଆର୍ଶୀବାଦ ଲାଭ କରିବାର ଏକ ସହଜ ମାଧ୍ୟମ ପାଲା। ଶ୍ରୋତା ଓ ଦର୍ଶକମାନଙ୍କର ଅନ୍ତଃନିହିତ ଚେତନା ଓ ମାନବୀୟ ମୂଲ୍ୟବୋଧର ବିକାଶ ଦିଗରେ ପାଲାର ନିର୍ଣ୍ଣାୟକ ଭୂମିକା ରହିଛି। ପାଲାରୁ ଯେଉଁ ଅନିର୍ବଚନୀୟ ଆନନ୍ଦ ଓ ଶାନ୍ତିର ସଂକେତ ମିଳେ ତାହା ଅନନ୍ୟାନନ୍ୟ ଗଣମାଧ୍ୟମରୁ ମିଳିବା ସମ୍ଭବପର ନୁହେଁ। ସତ୍ୟ, ଧର୍ମ ଓ ଅହିଂସା ମାର୍ଗରେ ପରିଚାଳିତ ହେବାପାଇଁ ପାଲାରୁ ମହାନନ୍ଦ୍ୱ ଶିକ୍ଷା ମିଳେ। ପାଲାକାରମାନଙ୍କୁ ସମାଜରେ ଉଚ୍ଚ ସମ୍ମାନ ଦିଆଯାଏ। ସେମାନେ ଭଗବାନଙ୍କର ନାମ ଉଚ୍ଚାରଣ କରି ଦେଶ, ଜାତି ଓ ବିଶ୍ୱର ମଙ୍ଗଳ ବିଧାନ ନିମନ୍ତେ ପ୍ରର୍ଥନା କରିଥାନ୍ତି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନଙ୍କରେ ପାଲା ପରିବେଷଣ କରାଯାଇଥାଏ। ପାଲାର ଇତିହାସ, ଐତିହ୍ୟ ସଂପର୍କରେ ଅଧିକ ଗବେଷଣା ପାଇଁ ଗବେଷକ ଓ ସାହିତ୍ୟପ୍ରେମୀମାନେ ଆଗେଇ ଆସିବା ଉଚିତନ୍ଦ୍ୱ। ବାଙ୍କ ଦାସ, ଲୋକନାଥ କର, ବିଶ୍ୱନାଥ ପଟ୍ଟଯୋଶୀ, ହରିନାଥ, ଉଦୟନାଥ ରଥ, ନିରଞ୍ଜନ କର, ମାର୍କେଣ୍ଡେୟ ବାହିନିପତି, ଲକ୍ଷ୍ମୀଧର ରାଉତ, ଅମେରଶ୍ୱର ଦାସ, ବଳଭଦ୍ର ପଣ୍ଡା, ଅଭୟ ସ୍ୱାଇଁ, ପ୍ରହଲ୍ଲାଦ ସାହୁ ଜଗନ୍ନାଥ ବେହେରା ପ୍ରଭୃତି ସୁନାମଧନ୍ୟ ପାଲା ଶିଳ୍ପୀମାନେ ଏହି ଶିଳ୍ପର ମୂଳଭିତ୍ତିକୁ ସୁଦୃଢ଼ କରିଛନ୍ତି। ବର୍ତ୍ତମାନ ସମୟ ଆସିଯାଇଛି ଉତ୍ତର ଦାୟାଦ୍ ଓ ଯୁବ ପାଲା ଗାୟକମାନଙ୍କୁ ଅଧିକ ପରିଶ୍ରମ କରି ପାଲାର ଅଧିକ ଶ୍ରୀବୃଦ୍ଧି କରିବା ନିମନ୍ତେ। ଏଥିପାଇଁ ନିଷ୍ଠା, ଆଗ୍ରହ ଓ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ପାଲା ବିନା ଓଡ଼ିଆ ସଂସ୍କୃତିର ପରିକଳ୍ପନା କେବେ କରାଯାଇପାରିବ ନାହିଁ। ବର୍ତ୍ତମାନ ପାଲା ଅବହେଳିତ ଅବସ୍ଥାରେ ପହଞ୍ଚିଯାଇଛି। ସମୟ ସହିତ ତାଳଦେଇ ଏବଂ ପାଲାର ମୌଳିକତାକୁ ରକ୍ଷାକରି ଏଥିରେ କିଛି ପରିବର୍ତ୍ତନର ଆବଶ୍ୟକତା ରହିଛି। ଅତୀତରେ ପାଲା ପରିବେଷଣ କରାଯାଉଥିବା ସ୍ଥାନରେ ଲୋକେ ବସିବା ପାଇଁ ଜାଗାଟିଏ ପାଉନଥିଲେ। କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଅଧିକାଂଶ ଅଞ୍ଚଳରେ ୩୦/୪୦ ଦର୍ଶକ ପାଲା ଉପଭୋଗ କରୁଥିବାର। ଏଥିପାଇଁ ଆମେ କାହାକୁ ଦୋଷଦେବା ଉଚିତ ହେବନାହିଁ। ପାଲା ପ୍ରତି ଆଗ୍ରହ ଓ ଉତ୍ସାହ ସୃଷ୍ଟି କରିବା ନିମନ୍ତେ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ଜୀବନବ୍ୟାପୀ ସଂଗ୍ରାମକରି ପାଲା ସଂସ୍କୃତିକୁ ବଞ୍ଚାଇ ରଖିଥିବା ଗାୟକ ଓ ପାଳିଆମାନଙ୍କୁ ପ୍ରୋତ୍ସାହନ, ସମ୍ବର୍ଦ୍ଧନା ଓ ଆର୍ଥିକ ସହାୟତା ପ୍ରଦାନ କରିବା ଉଚିତ ହେବ। ବିଭିନ୍ନ ସରକାରୀ ଓ ବେସରକାରୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲାକୁ ସ୍ଥାନଦେବା ବିଧେୟ ହେବ। ବିଭିନ୍ନ ସମୟରେ ପାଲା ସମ୍ପର୍କିତ ଜାତୀୟ ଆଲୋଚନାଚକ୍ରମାନ ଆୟୋଜନ କରି ଏଥିରୁ ବାହାରୁଥିବା ନିର୍ଯାସକୁ କାର୍ଯ୍ୟକାରୀ କରିବା ଉଚିତ୍। ବିଭିନ୍ନ ଗଣମାଧ୍ୟମମାନଙ୍କରେ ପାଲା ଉପରେ ଆଧାରିତ କାର୍ଯ୍ୟକ୍ରମମାନ ପ୍ରଚାର ଓ ପ୍ରସାର କରିବା ଏକାନ୍ତ ଆବଶ୍ୟକ। ଦୂରଦର୍ଶନ ଓ ଆକାଶବାଣୀରେ ପାଲାର ପ୍ରସାରଣ ସମୟ ବୃଦ୍ଧି କରିବା ଉଚିତ୍ ହେବ। ସାହିତ୍ୟିକମାନେ ପାଲାର ବିଭିନ୍ନ ପ୍ରସଙ୍ଗ ଉପରେ ଲେଖନୀ ଚାଳନା କରିବା ସହିତ ଏହାର ଉନ୍ନତି କଳ୍ପେ ନିଜସ୍ୱ ମତାମତ ପ୍ରଦାନ କରିବା ଆବଶ୍ୟକ। ବର୍ତ୍ତମାନ ବି ସମୟ ଅଛି ଆମ ସଂସ୍କୃତିର ପୃଷ୍ଠପୋଷକ ଓ ପଦାଧିକାରୀମାନେ ନିଃସ୍ୱାର୍ଥପର ଭାବରେ ଆଗ୍ରହର ସହିତ ଏକ ଲୋକପ୍ରିୟ ପ୍ରାଚୀନ କଳାକୁ ବଞ୍ଚାଇ ରଖିବାପାଇଁ ଆଗେଇ ଆସିବା ଉଚିତ୍।


**ଇତିହାସ ବିଭାଗ, ସନାତନ ହରିଚନ୍ଦନ**
**ମହାବିଦ୍ୟାଳୟ, ମଦନପୁର, ଖୋର୍ଦ୍ଧା**


## ସୁ-ଡୋକୁ ଉତ୍ତର ୧୬ ପୃଷ୍ଠାର

| | | | | | | | | |
|---|---|---|---|---|---|---|---|---|
| 2 | 5 | 1 | 7 | 6 | 4 | 8 | 3 | 9 |
| 3 | 4 | 6 | 8 | 9 | 5 | 1 | 2 | 7 |
| 8 | 7 | 9 | 3 | 1 | 2 | 6 | 4 | 5 |
| 5 | 8 | 2 | 4 | 7 | 6 | 9 | 1 | 3 |
| 4 | 9 | 7 | 2 | 3 | 1 | 5 | 8 | 6 |
| 6 | 1 | 3 | 9 | 5 | 8 | 4 | 7 | 2 |
| 9 | 2 | 5 | 1 | 4 | 7 | 3 | 6 | 8 |
| 7 | 6 | 4 | 5 | 8 | 3 | 2 | 9 | 1 |
| 1 | 3 | 8 | 6 | 2 | 9 | 7 | 5 | 4 |

# ପାରା ମଳ ଓ ଫୁସ୍‌ଫୁସ୍ ରୋଗ

ଡକ୍ଟର ମୁରାରି ମୋହନ ଦାଶ





ଜଣେ ବ୍ୟକ୍ତି ତାଙ୍କର ବୃଦ୍ଧା ମାତାଙ୍କୁ ନେଇ ଫୁସ୍‌ଫୁସ୍ ବିଶେଷଜ୍ଞଙ୍କ ପାଖକୁ ଗଲେ। ବିଶେଷଜ୍ଞ ରୋଗିଣୀଙ୍କୁ ପରୀକ୍ଷା କଲାବେଳେ ପ୍ରଶ୍ନ କଲେ- "ପାରାମାନେ ତୁମ ପାଖରେ ରହନ୍ତି କି ?'' ରୋଗିଣୀଙ୍କ ଉତ୍ତର ସକାରାତ୍ମକ ଥିଲା। ଡ଼ାକ୍ତର ତାଙ୍କୁ ମାଛ ଜାଲ ବ୍ୟବହାର କରି ପାରାମାନଙ୍କୁ ତଡ଼ିବାକୁ ଉପଦେଶ ଦେଇଥିଲେ। ପ୍ରକୃତରେ ତାଙ୍କ ଉପଦେଶ କାମ କରିଥିଲା ଓ ବୃଦ୍ଧାଙ୍କ ରୋଗ ଉପଶମ ହୋଇଥିଲା। ବିଶେଷଜ୍ଞ ଥିଲେ ଆପୋଲ ହସ୍‌ପିଟାଲ୍, ହାଇଦ୍ରାବାଦ୍‌ର ଡାକ୍ତର ବିଜୟ କୁମାର ଚେନାମଚର୍ଚ୍ଚି। ଡାକ୍ତରଙ୍କ ନିଦାନ ଥିଲା ଯେ ବୃଦ୍ଧା ହାଇପରସେନସିଟିଭ୍ ନିମୋନାଇଟିସ୍ (Hypersensitive pneumonities) ଦ୍ୱାରା ଆକ୍ରାନ୍ତ। ସେ ରୋଗକୁ ମଧ୍ୟ 'ବାର୍ଡ଼ ଫାନ୍‌ସିଅରସ୍ ଲଙ୍ଗ' (Bird Fanciers lung) କହନ୍ତି। ଏହି ରୋଗ ହେଲେ ଫୁସ୍‌ଫୁସ୍‌ରେ ପ୍ରଦାହ ଜାତ ହୋଇଥାଏ। ପକ୍ଷୀମାନଙ୍କର ବିଷ୍ଠା ସଂସ୍ପର୍ଶରେ ଆସିଲେ ଏ ରୋଗହୁଏ। ସେମାନଙ୍କର ମଳରୋଗୀ ପାଇଁ ଆଲରଜେନ୍ (ଆଲର୍ଜି ସୃଷ୍ଟିକାରୀ) ଭାବରେ କାର୍ଯ୍ୟ କରିଥାଏ।

ରୋଗର ଲକ୍ଷଣ ଫୁସ୍‌ଫୁସ୍ ସଂକ୍ରମଣ ସହିତ ସମାନ ହୋଇଥିବାରୁ ଅଧିକାଂଶ ଡାକ୍ତର ରୋଗ ନିର୍ଣ୍ଣୟବେଳେ ଭୁଲ୍ କରିଥାନ୍ତି। ସେମାନେ ରୋଗକୁ ଏଟିପିକାଲ ନିମୋନିଆ (atypical pneumonia) ବୋଲି ଚିହ୍ନଟ କରିଥାନ୍ତି। ଏହି ରୋଗରେ ଜ୍ୱର , କାଶ, ପେଶୀରେ ଯନ୍ତ୍ରଣା, ଗଣ୍ଠିପୀଡ଼ା ଓ ଶୀଘ୍ର ଶୀଘ୍ର ନିଶ୍ୱାସ ଛାଡ଼ିବାର ଦେଖାଯାଏ। ରୋଗୀଠାରେ ଉପରୋକ୍ତ ଲକ୍ଷଣଗୁଡ଼ିକ ଦେଖାଦେଲେ ଡାକ୍ତର ଚେନାମଚେର୍ଚ୍ଚିଙ୍କର ମନରେ ସନ୍ଦେହ ଆସେ। ଏହା ପାରା ମଳ ପାଇଁ ହୋଇନାହିଁ ତ ? ପାରା ମଳ ପବନରେ ମିଶି ଯଦି ଫୁସ୍‌ଫୁସ୍‌ରେ ପ୍ରବେଶ କରେ ତେବେ ଏପରି ଲକ୍ଷଣ ଦେଖାଯାଏ। ଲୋକମାନେ ଝରକା ଖୋଲିବା ନଖୋଲିବା ସହିତ ସମ୍ପର୍କ ନଥାଏ। ଡ଼ାକ୍ତର ଚେନାମଚେର୍ଚ୍ଚିଙ୍କ କହିବା ଅନୁସାରେ ପ୍ରାୟ ୧୫ଦିନ ବ୍ୟବଧାନରେ ସେ ଏପରି ଗୋଟିଏ ରୋଗୀର ସଂସ୍ପର୍ଶରେ ଆସିଥାନ୍ତି।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଧୂମପାନକାରୀଙ୍କୁ ଏ ରୋଗ ଆକ୍ରାନ୍ତ କରିନଥାଏ। ବଲ୍ଲଭଭାଇ ଚେଷ୍ଟ ଇନଷ୍ଟିଚ୍ୟୁଟ୍, ନୂଆଦିଲ୍ଲୀର ଡ଼ାକ୍ତର ରାଜକୁମାରଙ୍କ ମତରେ ସିଗାରେଟ୍ ଧୂଆଁର ଧୂଳିକଣା ଉପରେ ଇମ୍ୟୁନୋସପ୍ରେସିଭ୍ (ପ୍ରତିରୋଧକ ଶକ୍ତିକୁ ଦବେଇଦେବା) ପ୍ରଭାବ ରହିଛି। ତେଣୁ ଧୂମପାନକାରୀଙ୍କ ଫୁସ୍‌ଫୁସ୍ ଉପରେ ହାଇପର ସେନସିଟିଭିଟିର କୌଣସି ପ୍ରଭାବ ପଡ଼େନାହିଁ।ଡାକ୍ତର କୁମାରଙ୍କ ମତରେ ଯେ କୌଣସି ଫୁସ୍‌ଫୁସ୍ ରୋଗୀ ଚିକିତ୍ସା ପାଇଁ ଆସିଲେ ତାଙ୍କୁ ପ୍ରଥମେ ପାରା ମଳ ଉପରେ ପ୍ରଶ୍ନ କରାଯିବା ଉଚିତ୍। ଫଳରେ ନିଦାନ ଭୁଲ୍ ହେବନାହିଁ।

ପକ୍ଷୀ ବିଶେଷଜ୍ଞ ଆଶୀଶ ପିଟି (Aasheesh Pittie)ଙ୍କ କହିବା ଅନୁଯାୟୀ ପାରା ସଂଖ୍ୟା ବୃଦ୍ଧି ସହିତ ହାଇପରସେନସିଟିଭ୍ ନିମୋନାଇଟିସ୍‌ର ସମ୍ପର୍କ ରହିଛି। ପାରାମାନେ ପୁଲମୋନାରୀ ଫାଇବ୍ରୋସିସ୍ ପାଇଁ ମଧ୍ୟ ଦାୟୀ। ବଣୁଆ ପାରାଙ୍କ ଯୋଗୁଁ ସହରାଞ୍ଚଳରେ ଏ ରୋଗ ବ୍ୟାପେ। କିନ୍ତୁ ମିଛ ଧର୍ମୀୟ ଭାବନା ମନରେ ରଖି ଆମେ ସେମାନଙ୍କୁ ଖାଇବାକୁ ଦେଉ। ଅଧିକାଂଶ ବ୍ୟବସାୟୀ ପ୍ରଥମେ ଯଅ/ବାଜରା ପାରାଙ୍କୁ ଖାଇବାକୁ ଦେଇ ତା'ପରେ ନିଜେ ଖାଇଥାନ୍ତି। ଜଣେ ଦୋକାନୀଙ୍କ କହିବା ଅନୁସାରେ ସେ ଦିନକୁ ୩୦୦-୪୦୦ କେ.ଜି. ଯଅ ହାଇଦ୍ରାବାଦରେ ବିକ୍ରି କରିଥାନ୍ତି।

ଡାକ୍ତରଙ୍କ ଉପଦେଶ ହେଲା, ପାରା ମଳ ସଂସ୍ପର୍ଶରେ ଆସ ନାହିଁ, ତେବେ ହେଲେ ଜଣେ ହାଇପରସେନସିଟିଭ୍ ନିମୋନାଇଟିସ୍‌ରୁ ରକ୍ଷା ପାଇ ପାରିବ। ଯଦି ଜଣେ ପାରା ମଳକୁ ଉନ୍ମୁକ୍ତ ରଖୁଛନ୍ତି ତେବେ ମାସ୍କ ବ୍ୟବହାର କରିବା ଉଚିତ। ପାରାକୁ ଖାଇବାକୁ ନ ଦେବାକୁ ଅନୁରୋଧ କରିଛନ୍ତି।

**ଲୋକପ୍ରିୟ ବିଜ୍ଞାନ ସଂଚାରକ**
**ଜି/ଏଲ୍- ୧, ଭି.ଏସ୍.ଏସ୍.ନଗର**
**ଭୁବନେଶ୍ୱର- ୭୫୧୦୦୭**
**ମୋ- ୯୪୩୭୧୧୦୭୧୫**

# ଷ୍ଟେମ୍ ସେଲ୍



ଡା ଧନେଶ୍ୱର ସାହୁ

## ଏହା କଣ ?

ଏହା ଏକ ବାଇଓଲୋଜିକାଲ ଅନଡ଼ିଫରେନସିଏଟେଡ଼ ମଦର ସେଲ। ଏହା ଶରୀରର ଯେ କୌଣସି ପ୍ରକାର ସ୍ପେସିଆଲାଇଜଡ଼ ସେଲ୍ (ଯଥା ରକ୍ତସେଲ, ଚର୍ମସେଲ, ସ୍ନାୟୁସେଲ୍)କୁ ଡ଼ିଫରେନସିଏଟ କରିପାରେ। ଏହା ଡ଼ିଭିଜନ କରି ନୂଆ ଷ୍ଟେମ ସେଲ ତିଆରି କରିପାରେ। ଏହା ଶରୀରର ରିପେୟାର ଓ ରିଜେନେରେସନ କାମ ମଧ୍ୟ କରେ।

## ଏହାର ଇତିହାସ କଣ ?

୦ ୧୯୮୧ ମସିହାରେ ବୈଜ୍ଞାନିକମାନେ ମୂଷାଠାରୁ ଏମ୍ବ୍ରିଓନିକ୍ ଷ୍ଟେମସେଲ୍ ଆବିଷ୍କାର କରିଥିଲେ।

୦ ୧୯୯୮ ମସିହାରେ ବୈଜ୍ଞାନିକମାନେ ମଣିଷ ଏମ୍ବ୍ରିଓରୁ ଷ୍ଟେମ୍ ସେଲ୍ ଆବିଷ୍କାର କରିଥିଲେ।

## ଏହା କେତେ ପ୍ରକାରର ?

୧. ଏମ୍ବ୍ରିଓନିକ୍ ଷ୍ଟେମ ସେଲସ୍:- (ES ସେଲସ୍)

୦ ଏହା ବ୍ଲାଷ୍ଟୋସିସ୍ଟର ଭିତର ସେଲ୍ ମାସ୍‌ରୁ ଅଲଗା କରାଯାଏ।

୦ ଏହା ୩-୫ ଦିନର ପ୍ରିଇଂପ୍ଲାଂଟେସନ ଏମ୍ବ୍ରିଓ।

୦ ଏହି ବ୍ଲାଷ୍ଟୋସିସ୍ଟରେ ଆନୁମାନିକ ଭାବରେ ୧୫୦ ସେଲ୍‌ସଥାନ୍ତି।

୦ ଏହି ଷ୍ଟେମସେଲଗୁଡ଼ିକ ପ୍ଲୁରିପୋଟେଣ୍ଟ। ଅର୍ଥାତ୍ ଏହି ସେଲଗୁଡ଼ିକ ଡ଼ିଭିଜନ ହୋଇ ଅଧିକ ଷ୍ଟେମସେଲ ଦୀର୍ଘସମୟ ପର୍ଯ୍ୟନ୍ତ ତିଆରି କରନ୍ତି ଓ ଶରୀରର ଯେକୌଣସି ପ୍ରକାର ସେଲ ସୃଷ୍ଟି କରନ୍ତି।

୦ ଏହା ପିଲାକୁ ମା ପେଟରେ ବଢ଼ିବାକୁ ସାହାଯ୍ୟ କରେ।

୦ ଏହାକୁ 'ଟ୍ରୁ' ଏମ୍ବ୍ରିଓନିକ୍ ଷ୍ଟେମ ସେଲ୍ କୁହାଯାଏ।

୨. ଆଡ଼ଲଟ ଷ୍ଟେମ୍ ସେଲସ୍:-

୦ ଏହାକୁ ଟିସୁ ଷ୍ଟେମ ସେଲସ(TSC), ସୋମାଟିକ ଷ୍ଟେମ ସେଲସ, ଟିସୁ ସ୍ପେସିଫିକ ଷ୍ଟେମ ସେଲସ ମଧ୍ୟ କୁହାଯାଏ। ଏହାଛଡ଼ା ଫିଟାଲ ଷ୍ଟେମ ସେଲସ, ଅମ୍ବିଲିକାଲକର୍ଡ଼ ଷ୍ଟେମସେଲସ ମଧ୍ୟ ଏକପ୍ରକାର ଆଡ଼ଲଟ ଷ୍ଟେମ ସେଲସ।

୦ ଏହାକୁ ମଲଟି ପୋଟେଣ୍ଟ ଷ୍ଟେମ ସେଲ କୁହାଯାଏ। ଏହା ଡ଼ିଭିଜନ ହୋଇ ଷ୍ଟେମ ସେଲ ସୃଷ୍ଟି କରିବା ସହିତ, ଲିମିଟେଡ଼ ପରିମାଣର ଶରୀରର ଯେକୌଣସି ସେଲ ସୃଷ୍ଟି କରନ୍ତି।

୦ ଏହି ଷ୍ଟେମସେଲସ ଶରୀରର ବ୍ରେନ, ବୋନମାରୋ, ଫ୍ୟାଟ, ରକ୍ତ, ରକ୍ତନଳୀ, ସ୍କେଲିଟାଲ ମାଂସପେଶୀ, ଚର୍ମ, ଦାନ୍ତ, ହୃତପିଣ୍ଡ, ଖାଦ୍ୟନଳୀ, ଯକୃତ, ଓଭାରିଆନ ଏପିଥେଲିୟମ, ଟେସ୍ଟିସ, ଅମ୍ବିଲିକା କର୍ଡ଼ିଟିସୁ ଆଦି ଶରୀରର ବିଭିନ୍ନ ଯାଗାରୁ ଚିହ୍ନଟ କରାଯାଏ।

## ୩. ଅନ୍ୟାନ୍ୟ:-

୦ ଇଣ୍ଡ୍ୟୁସଡ଼ ପ୍ଲୁରିପୋଟେଣ୍ଟ ଷ୍ଟେମ ସେଲସ (ipscs) ଏହା ଲାବୋରେଟୋରୀରେ ଆଡ଼ଲଟ ସେଲ୍ ରିପ୍ରୋଗ୍ରାମିଙ୍ଗ ଯୋଗୁଁ ସୃଷ୍ଟିହୁଏ।

୦ ସୋମାଟିକ ସେଲ ନିଉକ୍ଲିୟାର ଟ୍ରାନସଫର୍ (SCNT) ଦ୍ୱାରା ଷ୍ଟେମସେଲ ସୃଷ୍ଟି କରିବା। ଏହା ଏକ ଲାବୋରୋଟେରୀ ପଦ୍ଧତି ଯେଉଁଥିରେ ଏକ ଡ଼ୋନର ନିଉକ୍ଲିୟସ୍‌ରେ ଏକଓଭମ୍ ସୃଷ୍ଟି କରାଯାଏ।

## ଅମ୍ବିଲିକାଲ କର୍ଡ଼ ଷ୍ଟେମ୍ ସେଲସ:-

୦ ମା ପେଟରେ ଅମ୍ବିଲିକାଲ କର୍ଡ଼ ଛୁଆ ଓ ମା ମଧ୍ୟରେ ସଂଯୋଗ କରିଥାଏ।

୦ ଅମ୍ବିଲିକାଲ କର୍ଡ଼ରୁ ଜୀବନ ରକ୍ଷାକାରୀ ଅଧିକ ଷ୍ଟେମ ସେଲସ ମିଳେ।

୦ ଅମ୍ବିଲିକାଲ କର୍ଡ଼ ଷ୍ଟେମ ସେଲସ ଦୁଇପ୍ରକାରର।

୧. କର୍ଡ଼ଟିସୁ (CT) ଷ୍ଟେମସେଲ।

୨. କର୍ଡ଼ବ୍ଲଡ଼ (CB) ଷ୍ଟେମସେଲ।

୦ ଏହା ପିଲା ଜନ୍ମ ପରେ ପରେ ସାଙ୍ଗେ ସାଙ୍ଗେ ସଂଗ୍ରହ କରାଯାଏ ଓ ଲାବୋରେଟୋରୀରେ ପ୍ରୋସେସିଙ୍ଗ କରାଯାଏ।

୦ ଏହା ସଂଗ୍ରହ କରିବା ଅତି ସହଜ।

୦ ଏହି ଷ୍ଟେମସେଲ ପ୍ରିଜର୍ଭ ହେବାପରେ କଦାପି ନଷ୍ଟ ହୁଏନାହିଁ। ତେଣୁ ଜୀବନସାରା ଉପକାର କରେ।

୦ ଏହି ପ୍ରିଜର୍ଭଡ଼ ଷ୍ଟେମ ସେଲସ ଯେକୌଣସି ସମୟରେ ଅଣାଯାଇ ଚିକିତ୍ସାରେ ଲଗାଯାଇପାରେ। ଫଳରେ ଚିକିତ୍ସା ସମୟ କମିଯାଏ।

୦ ଏହି ଷ୍ଟେମ ସେଲସର ରିଜେକସନ ପ୍ରାୟ ନାହିଁ।

୦ ଏହି ଷ୍ଟେମସେଲ ସଂଗ୍ରହ କରିବାରେ ମା ଓ ଛୁଆର କୌଣସି କ୍ଷତି ହୁଏନାହିଁ।

୦ ଜୀବନରେ ଥରେ ମାତ୍ର ସେ ପିଲାର କର୍ଡ଼ ଷ୍ଟେମସେଲ ସଂଗ୍ରହ କରାଯାଇଥାଏ।

୦ ଏହା ସହଜରେ ରିପ୍ରୋଗ୍ରାମିଙ୍ଗ କରିହୁଏ।

୦ ଏହି ଷ୍ଟେମସେଲସ ଘରର ଅନ୍ୟପିଲାମାନଙ୍କୁ ବାପା, ମା, ଗ୍ରାଣ୍ଡ ପ୍ୟାରେଣ୍ଟଙ୍କ ଠାରେ ମଧ୍ୟ ପ୍ରୟୋଗ କରାଯାଇପାରେ।

## ବର୍ତ୍ତମାନ ଷ୍ଟେମସେଲକୁ ଅଧିକ ଗୁରୁତ୍ୱ କାହିଁକି ଦିଆଯାଉଛି ?

କାରଣ ଏହା

୧. ନଷ୍ଟ ହୋଇଥିବା ଟିସୁକୁ ରିପେୟାର ଓ ରିଜେନେରେସନ କରିପାରେ।

୨. ବିଭିନ୍ନ ରୋଗ ଭଲ ହେବାପାଇଁ ବ୍ୟବହାର ହୁଏ।

୩. ବିଭିନ୍ନ ରୋଗ ବିଷୟରେ ସୃଷ୍ଟି କରିବାପାଇଁ ବ୍ୟବହାର ହୁଏ।

୪. ବିଭିନ୍ନ ବିଷୟରେ ଡ଼େଭଲପମେଣ୍ଟ ସ୍ଟଡ଼ି କରିବାପାଇଁ ବ୍ୟବହାର କରାଯାଏ।

୫. ନୂଆ ନୂଆ ଚିକିତ୍ସା ପରୀକ୍ଷା କରିବାପାଇଁ ଏକ ଭଲ ମାଧ୍ୟମ।

## ଷ୍ଟେମ ସେଲ ଥିରାପି:-

ଏହା ସବୁଠାରୁ ନିରାପଦ ଚିକିତ୍ସା। ଏହା ଆଶା ହରାଇଥିବା ରୋଗୀକୁ ସୁବିଧା ଯୋଗାଏ। ନିମ୍ନଲିଖିତ ରୋଗରେ ଏହା ବ୍ୟବହାର କରାଯାଏ।

୦ ପୋଡ଼ାଜଳା ରୋଗୀ
୦ ବ୍ଲଡ଼ କ୍ୟାନସର
୦ ବ୍ରେନଷ୍ଟ୍ରୋକ, କୋମା
୦ ପାରକିନସନ୍ ରୋଗ
୦ ସ୍ପାଇନାଲ କର୍ଡ଼ ଇଂଜୁରି
୦ ସିରିବ୍ରାଲ ପାଲସି
୦ ମସ୍କୁଲାର ଡ଼ିସଟ୍ରୋଫି
୦ ସ୍ପାଇନାଲ ଫ୍ୟୁଜନ
୦ ଅଟିଜିନ
୦ ମୋଟର ନ୍ୟୁରନ ରୋଗ
୦ ମଲଟିପୁଲ ସ୍କେଲରୋସିସ
୦ ହୃତପିଣ୍ଡ ରୋଗ- କ୍ରୋନିକ ଅବଷ୍ଟ୍ରକଟିଭ ପଲମୋନାରି ଡ଼ିଜିଜ ( COPD)
୦ ଅପ୍ଟିକ ସ୍ନାୟୁନଷ୍ଟ
୦ ରେଟିନାଇଟିସ ପିଗମେଣ୍ଟୋସା
୦ ମାକୁଲାର ଡ଼ିଜେନେରେସନ୍
୦ ଏଡ଼ସ୍
୦ ଥାଲାସିମିଆ
୦ ସିକଲସେଲ ରୋଗ
୦ ମାଏଲୋମା
୦ ନ୍ୟୁରୋବ୍ଲାଷ୍ଟୋମା
୦ ଅନ୍ଧ
୦ କାଲା
୦ ଟ୍ରମାଟିକ ବ୍ରେନ ଇଂଜୁରି
୦ ଓଷ୍ଟିଓ ଆଥ୍ରାଇଟିସ
୦ ରିଉମାଟଏଡ଼ ଆଥ୍ରାଇଟିସ୍
୦ ନନ୍‌ଇଉନିୟନ, ଡ଼ିଲେଡ଼ ଇଉନିୟନ ଫାକ୍ଟର
୦ ଓଷ୍ଟିଓନ୍ୟୁରୋସିସ କିମ୍ବା ଆଭାସ୍କୁଲାର ନେକ୍ରୋସିସ
୦ କାର୍ଟିଲେଜ ରିପେୟାର
୦ ଯକୃତ ରୋଗୀ
୦ ବୃକକ୍ ରୋଗୀ
୦ ପେରିଫେରାର ଆରଟେରିଆଲ ଡ଼ିଜିଜ
୦ ଅନ୍ୟାନ୍ୟ ଡ଼ିଜିନରେଟିଭ ରୋଗ

ଏହାଛଡ଼ା ବହୁତ ଗୁଡ଼ିଏ ରୋଗ ଉପରେ ରିସର୍ଚ୍ଚ ଚାଲିଛି।

## ଷ୍ଟେମସେଲ ବ୍ୟାଙ୍କିଙ୍ଗ କେମିତି କାମ କରୁଛି ?

ପ୍ରଥମେ ବ୍ୟକ୍ତି ନାଆଁ ଠିକଣା ଏନରୋଲମେଣ୍ଟ କରନ୍ତି। ତାପରେ ବ୍ୟାଙ୍କିଙ୍ଗ କରୁଥିବା ଲୋକମାନେ ଆସି ଷ୍ଟେମ ସେଲ ସଂଗ୍ରହ କରନ୍ତି, ପଠାନ୍ତି। ଲାବୋରେଟୋରୀରେ ଟେଷ୍ଟିଙ୍ଗ ଓ ପ୍ରୋସେସିଙ୍ଗ ପରେ ପ୍ରିଜର୍ଭ କରି ରଖାଯାଏ। ଦରକାର ବେଳେ କାମରେ ଲାଗେ।


## ଷ୍ଟେମସେଲ ବ୍ୟାଙ୍କିଙ୍ଗ କରୁଥିବା କଂପାନୀମାନଙ୍କର ନାଁ କଣ ?

ବହୁତ ଅଛନ୍ତି। ସେଥିମଧ୍ୟରୁ ଟପ୍ ୧୦ଜଣଙ୍କ ନାଁ ପ୍ରଦତ୍ତ କରାଗଲା।

୧. ଲାଇଫ ସେଲ
୨. କର୍ଡ଼ ଲାଇଫ
୩. କ୍ରାଇଓସେଭ
୪. କ୍ରାଇଓଭିଭା
୫. ନୋଭାକର୍ଡ଼
୬. ବେବିସେଲ
୭. ରିଲାବ
୮. ସ୍ଟେମସାଇଟ
୯. ଇନ୍ଦୁ ଷ୍ଟେମସେଲ ବ୍ୟାଙ୍କ
୧୦. ରେଲିଆନସ ଲାଇଫ

ଷ୍ଟେମସେଲ ଏକ ଉପକାରୀ ସେଲ। ଏହା ଆମ ଶରୀରରୁ ସଂଗୃହୀତ ହୁଏ ଓ ଦରକାର ବେଳେ ରୋଗ ଭଲ ହେବାପାଇଁ ବ୍ୟବହାର କରାଯାଏ। ସମସ୍ତ ବାପା ମାଆମାନେ ପିଲା ଜନ୍ମ ସମୟରେ ଅମ୍ବିଲିକାଲ କର୍ଡ଼ ଷ୍ଟେମ ସେଲ ସଂଗ୍ରହ ହୋଇ ଠିକରେ ପ୍ରିଜର୍ଭ ହୋଇଥିଲେ ଭବିଷ୍ୟତରେ ସେଇ ଛୁଆ ଓ ପରିବାରର ଅନ୍ୟମାନଙ୍କ ରୋଗ ଭଲ ହେବାପାଇଁ ବ୍ୟବହାର ହୋଇପାରିବ। ଏବେ ବି ଷ୍ଟେମ ସେଲ ଉପରେ ବହୁ ପରୀକ୍ଷା ନିରୀକ୍ଷା ଚାଲିଛି।

ପୂର୍ବତନ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ , ଖୋର୍ଦ୍ଧା
ମୋ-୯୪୩୭୧୦୭୬୧୩



# ଆସିଗଲା ଖରା

ପ୍ରତିମା ସ୍ୱାଇଁ

ଆସିଗଲା ଖରା    ଶୁଖିଲାଏ' ଧରା
ସବୁଜିମା ହେଲା ଧୂସର,
ନଈ-ନାଳ-ଝର    ହୋଇଗଲେ ଧୀର
ଜଳଜୀବ ହେଲେ ଅସ୍ଥିର। (୧)
ଦିବସର ତାତି    ଛୋଟ ହୁଏ ରାତି
ଝାଳ ଗମ୍‌ଗମ୍ ବହିଲା
ଶାଗ ପଖାଳକୁ    ଥଣ୍ଡା ସର୍ବତକୁ
ମନ ହାଇଁପାଇଁ ହୋଇଲା। (୨)
ଅଂଶୁଘାତ ଡ଼ର    ମୁଣ୍ଡେ ଛତା ଧର
ଖରାଠାରୁ ରୁହ ଦୂରରେ,
ସକାଳୁଆ କାମ    ଶ୍ରମିକର ଶ୍ରମ
ସବୁ ହେଉ ସୁରୁଖୁରୁରେ (୩)
ବରଗଛ ଛାଇ    ଗାଆଁର ବାଟୋଇ
ବିଚାରନ୍ତି ଖରା ଏ 'ସନ
ମାରିଦେବ ଭଲା    ଫସଲତ ଗଲା
କେମନ୍ତେ ବଞ୍ଚିବ ଜୀବନ (୪)
ନାଇଁରେ ବାଟୋଇ    ଗାଈ ହମ୍ବାଳଇ
ଏ' ପରା ଆମରି କରମ,
ଗଛ ଲଗାଇବା    ଜଙ୍ଗଲ କରିବା
ଖରା ତେଜ ହେବ ନରମ (୫)

ପ୍ରାଣନାଥ ଉଚ୍ଚ ବିଦ୍ୟାଳୟ,
ଜଟଣୀ



# ଚିଠି

ଅକ୍ଷୟ କୁମାର ମହାନ୍ତି

ଅନେକ ଚିଠିର ଉତ୍ତର ଆସୁଛି
ତୁମଠୁ ଆସୁନି କିଛି,
ସବୁଠାରୁ ବେଶୀ ତୁମକୁ ଦେଇଛି
ଭରସା ତୁମଠି ଅଛି।
ଆଜି ନହେଲେ ବି କିଛି ଦିନପରେ
ମିଳିବ ତୁମର ଚିଠ.
ଗୁଣି ହୁଏ ମୁହିଁ ତୁମରି ଗାରିମା
ପାହିଲା ରାତିରୁ ଉଠି।
ତୁମେ ତ ବୁଝନା ମୋ ମନ ବେଦନା
ତୁମକୁ ଖୋଜେ ମୁଁ କେତେ,
ତୁମକଥା ଭାବି ରାତି ପାହିଯାଏ
ନିଦ ଲାଗେ ନାହିଁ ମୋତେ।
ଗୋପନରେ ତମେ ସପନେ ଆସିବ
ଝଲମଲ କରି ରାତି,
ଏମିତି ବି ମୁହିଁ ଭରସା କରିଛି
ତୁମେ ହେବ ମୋର ସାଥୀ।
ହୃଦ କନ୍ଦରେ ମନ ମନ୍ଦିରେ
ଅଲିଭା ରଖିଛି ଦୀପ,
ସାଇତି ରଖିଛି ଅର୍ଘ୍ୟ ରେକାବୀ
ଫୁଲଚନ୍ଦନ ଧୂପ।
ଜୀବନର ଦୀପ ଲିଭି ଆସିଲାଣି
ତୁମକୁ ଭରଷା କରି,
କେଉଁ ଗଉରବ ମିଳିବ ତୁମକୁ
ମତେ ହତାଦର କରି ???
ଏ ଦେହର ତାତି ଶିଥିଳ ହେଲାଣି
ରକ୍ତ ଗଲାଣି ଶୁଖି,
ତୁମକଥା ଭାବି, ତୁମକଥା ଶୁଣି
ତୁମରି ପଥକୁ ଦେଖି।
ତଥାପି ଭରଷା କରିଛି ତୁମକୁ
ମିଳିବ ତୁମର ଦେଖା,
ସୁନ୍ଦର ତୁମର ଦିବ୍ୟ ସ୍ୱରୂପ
ଆଖି ତୁମ ଚକା ଚକା।
ଏହି ଜନମରେ ଯଦି ନଦେଖିଲି
ରହିଯିବ ଅବଶୋଷ,
ମନ ବୁଝିଯିବ ଦେଖିଦେଲେ ଥରେ
ତୁମ ଚିନ୍ମୟ ବେଶ।
ଭୋକ ମରିଯାଏ, ଶୋଷ ମରିଯାଏ
ଆଖିରୁ ଝରେ ମୋ ଲୁହ,
ଏମିତି ପଥର କାହିଁକି ହେଉଛ
ଭଗବାନ ତୁମେ କୁହ।


**ନିର୍ମାଲ ଆପାର୍ଟମେଣ୍ଟ**
**ମହୁରା, ଭୁବନେଶ୍ୱର**
**ମୋ- ୯୯୩୭୪୬୨୫୦୭**

# ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ –'ପାଇକ ବିଦ୍ରୋହ'

(ପାଇକ ବିଦ୍ରୋହର ଦ୍ୱିଶତବର୍ଷ ପୂର୍ତ୍ତି ୧୮୧୭-୨୦୧୭ ପାଳନ ଅବସରରେ)

**ଜବାହରଲାଲ ସୁବୁଦ୍ଧି**





ରକ୍ତତୀର୍ଥ ତଥା ବୀରଭୂମି ଖୋରଧା ଭାରତବର୍ଷରେ ଏକ ସ୍ୱତନ୍ତ୍ର ଐତିହ୍ୟର ସ୍ଥାନ ଅଧିକାର କରିଛି । ଖୋରଧା ଅଞ୍ଚଳର ପ୍ରତ୍ୟେକଟି ଧୂଳିକଣା ଆମ ଦେଶ ପାଇଁ ଆତ୍ମୋତ୍ସର୍ଗର ଇତିହାସ ବହନ କରିଛି । ପରାଧୀନ ଭାରତବର୍ଷର ପ୍ରଥମ ସଂଗ୍ରାମ ଏହି ପବିତ୍ର ଖୋରଧା ମାଟିରେ ହିଁ ସଂଗଠିତ ହୋଇଥିଲା । ୧୮୧୭ମସିହାରେ ଖୋରଧା ଅଞ୍ଚଳର ପାଇକ ବିଦ୍ରୋହ ତାହାର ଜ୍ୱଳନ୍ତ ପ୍ରମାଣ । ଖୋରଧା ଅଞ୍ଚଳର ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରଂପରା ସମଗ୍ର ଓଡ଼ିଆ ଜାତିର ସାଂସ୍କୃତିକ ସମ୍ପଦ । ଖୋରଧା ଅଞ୍ଚଳର ବୀର ପାଇକମାନେ ଖୋର୍ଦ୍ଧା, ତଥା ଓଡ଼ିଶାର ସ୍ୱାଧୀନତା ରକ୍ଷା କରିବା ପାଇଁ ଆଜୀବନ ସଂଗ୍ରାମ କରିଥିଲେ ଯଥା-ମହାନ୍ ବିପ୍ଳବୀ ଜୟକୃଷ୍ଣ ରାଜଗୁରୁ ମହାପାତ୍ର-ବୀର ହରେକୃଷ୍ଣପୁର, ପୁରୀ, ମହାନ୍ ବିପ୍ଳବୀ, ବକ୍ସିଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ, ଗଡ଼ରୋଡ଼ଙ୍ଗ, ପୁରୀ, ସାମନ୍ତମାଧବ ଚନ୍ଦ୍ର ରାଉତରାୟ-ନିଜିଗଡ଼ ତାପଙ୍ଗ, ବିପ୍ଳବୀ ସାମନ୍ତ ପିଣ୍ଡିକି ବାହୁବଳେନ୍ଦ୍ର- ଗଡ଼ଦାରୁଠେଙ୍ଗ ବିପ୍ଳବୀ ସାମନ୍ତ କୃତିବାସ ପାଟସାହାଣୀ-ଅରାଙ୍ଗଗଡ଼, ବାଣପୁର ଆଦି ପଞ୍ଚପାଇକ ବୀରଙ୍କ ନେତୃତ୍ୱ ସମେତ ବହୁ ସଂଗ୍ରାମୀ ପାଇକବୀର ଆମର ପ୍ରାତଃ ସ୍ମରଣୀୟ ଓ ଚିର ଅମର ।

ସୁଚତୁର ଇଂରେଜମାନେ ବ୍ୟବସାୟ କରିବା ଆଳରେ ଆସି କୋଲକତା (କଲିକତା), ମୁମ୍ବାଇ (ବମ୍ବେ), ଦିଲ୍ଲୀ, ଚେନ୍ନାଇ (ମାଡ୍ରାସ) ଆଦି ସହରରେ କୋଠି ନିର୍ମାଣ କରି ସମଗ୍ର ଭାରତବର୍ଷକୁ ଦଖଲ କରି ଶେଷରେ ୧୮୦୩ ମସିହାରେ ଓଡ଼ିଶାର ଶାସନକୁ ନିଜ ହାତକୁ ନେଲେ । ୧୮୦୪ ମସିହାରେ ବିପ୍ଳବୀ ସିଂହ ଜୟୀରାଜଗୁରୁଙ୍କ ନେତୃତ୍ୱରେ ଖୋର୍ଦ୍ଧା ଅଞ୍ଚଳର ପାଇକମାନଙ୍କ ସହଯୋଗରେ ଇଂରେଜମାନଙ୍କ ବିରୁଦ୍ଧରେ ସଂଗ୍ରାମର ଅୟମାରମ୍ଭ ହେଲା । ଦୀର୍ଘ ତିନି ସପ୍ତାହ ଧରି ଇଂରେଜ ବାହିନୀର ବହୁମୁଖୀ ଆକ୍ରମଣକୁ ପ୍ରତିହତ କରି ପରିଶେଷରେ ଇଂରେଜମାନଙ୍କ ଦ୍ୱାରା ଜୟୀରାଜଗୁରୁ ଫାଶୀ ପାଇଥିଲେ । ଏଥିରେ ଭୟଭୀତ ନହୋଇ ଦୁର୍ଦ୍ଧର୍ଷ ସେନାପତି ବୀର ଶ୍ରେଷ୍ଠ ବକ୍ସିଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଖୋରଧା ଅଞ୍ଚଳର ଦୁର୍ଦ୍ଧର୍ଷ ପାଇକକୂଳ ସଂଗଠିତ ହୋଇ ୧୮୧୭ମସିହାରେ ଖୋରଧା ଜିଲ୍ଲା ବାଣପୁରରୁ ସଂଘର୍ଷ ଆରମ୍ଭ କରିଥିଲେ । ସେଠାରେ ଘୁମୁସରର କନ୍ଧ, ବାଣପୁର ଅଞ୍ଚଳର ପାଇକମାନେ ଓ କନ୍ଧ ପାଇକମାନେ ଏକତ୍ରିତ ହୋଇ ବକ୍ସିଙ୍କର ନେତୃତ୍ୱରେ ସଂଘର୍ଷ ଆରମ୍ଭ କରିଥିଲେ । ବକ୍ସିଙ୍କ ସହିତ ନେତୃତ୍ୱରେ ସାମିଲ ହୋଇଥିଲେ ଦୀନବନ୍ଧୁ ସାମନ୍ତରାୟ ମହାପାତ୍ର, ଭାଟପଡ଼ାଗଡ଼ ଦଳବେହେରା ଯେକି ୧୨ଟି ଗଡ଼ର ମୁଖ୍ୟଥିଲେ । ଏମାନଙ୍କ ନେତୃତ୍ୱରେ ଇଂରେଜମାନେ ବାଣପୁରରେ ପରାଜିତ ହେଲେ ଓ ତାଙ୍କର ସେନାଧକ୍ଷ ବେଲ୍ ସାହେବ ଜୀବନ ରକ୍ଷା କରିବାକୁ ଯାଇ ଲୁଚି ପଳାୟନ କଲେ । ପାଇକମାନେ ଇଂରେଜମାନଙ୍କ ଯୁଦ୍ଧ ଶିବିରକୁ, ବାଣପୁର ଥାନାକୁ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ପୋଡ଼ିଜାଳି ଧ୍ୱଂସ କରି ଦେଇଥିଲେ ତଥା କଳକାରଖାନାରୁ ଲୁଟପାଟ କରିଦେଇଥିଲେ । ତା'ପରେ ବକ୍ସି ପ୍ରାୟ ପାଞ୍ଚ/ଛଅ ହଜାର ସଶସ୍ତ୍ର ପାଇକଙ୍କୁ ନେଇ ବାଣପୁର, ବୋଲଗଡ଼, ବେଗୁନିଆ ବୀର ପାଇକମାନଙ୍କୁ ଧରି ଖୋରଧା ଅଞ୍ଚଳ ଆକ୍ରମଣ କଲେ । ପ୍ରାଇଡ଼ସାହେବ ଯୁଦ୍ଧ ନ କରି ଭୟଭୀତ ହୋଇ ପଳାୟନ କଲେ । ପରେ ପରେ ବକ୍ସି ପୁରୀ ଉପରେ ଆକ୍ରମଣ କରି ଇଂରେଜମାନଙ୍କୁ ପରାସ୍ତକରି ପୁରୀ ଉପରେ ନିଜର ଅଧିକାର ପ୍ରତିଷ୍ଠା କଲେ । ଗଙ୍ଗପଡ଼ା ଗଡ଼ଠାରେ ଲେଫ୍ଟନାଣ୍ଟ ପେରିସ୍‌ଙ୍କ ସେନାବାହିନୀ ଓ ଲେଫ୍ଟନାଣ୍ଟ ପ୍ରାଇଡ଼୍‌ଙ୍କର ସେନାବାହିନୀ ଏକତ୍ରିତ ହୋଇ ମଧ୍ୟ ବକ୍ସିଙ୍କଠାରୁ ଇଂରେଜମାନେ ପରାଜିତ ହୋଇ ଛତ୍ରଭଙ୍ଗ ଦେଲେ ଓ ପେରିସ୍ ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁବରଣ କଲେ । ଦ୍ୱିତୀୟବାର ଗଙ୍ଗପଡ଼ା ଯୁଦ୍ଧରେ ଇଂରେଜମାନେ ତାଙ୍କର ସମସ୍ତ ଶକ୍ତି ଓ ବୁଦ୍ଧି ଖଟାଇ ବକ୍ସିଙ୍କ ପାଇକମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ ।ଏହି ସମୟରେ ବକ୍ସିଙ୍କ ଅନୁପସ୍ଥିତିର ସୁଯୋଗ ଉଣ୍ଡି ଯୁଦ୍ଧ କଲେ ଓ ଯୁଦ୍ଧରେ ବିଜୟୀ ହେଲେ । ଏହି ଯୁଦ୍ଧ ୧୮୨୫ ମସିହା ପର୍ଯ୍ୟନ୍ତ ବକ୍ସିଙ୍କ ନେତୃତ୍ୱରେ ଚାଲିଥିଲା । ଗରିଲା ଯୁଦ୍ଧ ଓ ଏହି ଯୁଦ୍ଧରେ ଇଂରେଜମାନେ ଅସ୍ତବ୍ୟସ୍ତ ହୋଇ ପଡ଼ିଲେ । ସେତେବେଳର ଯୁଦ୍ଧ ଏତେ ଭୟଙ୍କର ଥିଲାଯେ ଇଂରେଜ ଐତିହାସିକ ଟଏନ୍‌ବି ଲେଖିଥିଲେ – "ଖୋରଧାର ଏହି ବିଦ୍ରୋହ ଅତି ଭୟଙ୍କର ରୂପ ନେଉଛି । ଏହା ଆହୁରି ଭୟଙ୍କର ବିସ୍ଫୋରଣ ହେବ । ଏହି ଅବସ୍ଥାରେ ସମଗ୍ର ଓଡ଼ିଶା ନହେଲେ ବି ଖୋର୍ଦ୍ଧା ଅଞ୍ଚଳ ବ୍ରିଟିଶ ଶାସନରୁ ନିଶ୍ଚିତ ଭାବେ ମୁକ୍ତ ହୋଇଯିବ । "

ଓଡ଼ିଆ ବୀର ଜାତିର ଏହି ଗର୍ବିତ ସାମରିକ ଇତିହାସ ଓ ଭାରତର ମୁକ୍ତି ପାଇଁ ଗଣସଂଗ୍ରାମ ଓ ତା'ର ମହାନାୟକ ବକ୍ସି ଜଗବନ୍ଧୁଙ୍କ ମହାନ



ସ୍ମୃତିକୁ ଓଡ଼ିଶା ସମେତ ଭାରତ ସରକାର ସ୍ୱାଗତ ଜଣାଉଛନ୍ତି । ଏହି ଐତିହାସିକ ପାଇକ ବିଦ୍ରୋହ ଯାହା ୧୮୧୭ ମସିହାରେ ଖୋର୍ଦ୍ଧାରେ ହୋଇଥିଲା ତା'ର ୪୦ବର୍ଷ ପରେ ଉତ୍ତର ଭାରତରେ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ୧୮୫୭ ମସିହାରେ ସିପାହୀ ବିଦ୍ରୋହ ହୋଇଥିଲା । ତାହାକୁ ସ୍ୱାଧୀନତା ସଂଗ୍ରାମରେ ଭାରତ ଇତିହାସରେ ସ୍ଥାନିତ ହୋଇଛି ମାତ୍ର ଦୁଃଖର କଥା ଖୋର୍ଦ୍ଧାର ପାଇକ ବିଦ୍ରୋହ ୧୮୧୭କୁ ସ୍ଥାନିତ କରାଯାଇନାହିଁ । ଏବେ କେନ୍ଦ୍ର ବଜେଟରେ ଖୋର୍ଦ୍ଧା ପାଇକ ବିଦ୍ରୋହ ୨୦୦ବର୍ଷ (୧୮୧୭-୨୦୧୭) ପାଳନ ପାଇଁ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା ହୋଇଥିବାରୁ ତଥା ସ୍ୱୀକୃତି ପ୍ରଦାନ କରାଯାଇଥିବାରୁ ଖୋର୍ଦ୍ଧା ସମେତ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ସମେତ ରାଜନେତା, ସାହିତି୍ୟକ, ଆଇନଜୀବୀ, ସମାଜସେବୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ପେଟ୍ରୋଲିୟମ ମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି ଏବଂ ଦେଶର ଏ ଇତିହାସରେ ଭାରତ ସ୍ୱାଧୀନତା ସଂଗ୍ରାମ ଇତିହାସ ୧୮୫୭ ପରିବର୍ତ୍ତେ ୧୮୧୭ ମସିହାକୁ ସ୍ଥାନିତ କରାଯିବାକୁ ଦାବି ହେଉଛି । କେନ୍ଦ୍ର ସରକାର ରାଜଧାନୀ ଦିଲ୍ଲୀରେ ବକ୍ସିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହିତ ଓଡ଼ିଶା ସରକାର ମଧ୍ୟ ବିଭିନ୍ନ ସ୍ଥାନରେ ବକ୍ସିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ନୂତନ ଡାକ ଟିକେଟ ପ୍ରଚଳନ କଲେ ରାଜ୍ୟ ତଥା ଦେଶର କୋଟି କୋଟି ଲୋକଙ୍କ ପାଖରେ ଦେଶ ପ୍ରେମର ଜାଗରଣ ବାର୍ତ୍ତା ପହଞ୍ଚିପାରିବ। ଓଡ଼ିଶାରେ ୧୮୧୭ରେ ଅନୁଷ୍ଠିତ ବକ୍ସିଙ୍କ ନେତୃତ୍ୱରେ ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ସଂଘବଦ୍ଧ ସଶସ୍ତ୍ର ସଂଗ୍ରାମର ମହାନ୍ ବୀରତ୍ୱର କାହାଣୀ ଓଡ଼ିଶାର ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଲୋକ ଲୋଚନକୁ ଆସିପାରିବ ।

**ଶିକ୍ଷାବିତ୍-ବଡ଼ତୋଟା-ଜଟଣୀ-ଖୋରଧା**
**ମୋ-୯୪୩୮୩୫୨୩୭୬**

# ଖୋରଧା

**ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ**




ଜାଣେ ନାହିଁ
କେଉଁଦିନ ତୋର ମମତାର ନଈ
ବହିବ ଦିକୂଳ ଛୁଇଁ ଛୁଇଁ
ଜାଣେ ନାହିଁ
ବେଳକୁ ବେଳ ସରିଯାଉଛି
ଶବ୍ଦର ମେଖଳା
ବେଳକୁ ବେଳ ଗଡ଼ି ଯାଉଛି ଆୟୁଷ।

କେଉଁଦିନ ତୋ କୁହୁକ ଛୁଆଁରେ
ମାଟି ହେବ ଶ୍ୟାମଳ କେଦାର
ହାଲ୍‌କା ପବନରେ ଦୋଳି ଖେଳିବ ପକ୍ଷୀଘର।
ଜାଣେ ନାହିଁ ,
କେଉଁଦିନ ଏହି ଝଞ୍ଜା ଋତୁପରେ
ଆସିବ ଶ୍ରାବଣ ବର୍ଷା ନେଇ,
ଜାଣେ ନାହିଁ।

ଯେତିକି ଜାଣିଥିଲି ପୂଜା ଆରାଧନା
ସେତିକିରେ ମଣ୍ଡେଇଲି ତୋ ପାଦ।
ଯେତିକି ଦେଇଥିଲୁ ଭକ୍ତି ଓ ସାହସ
ସେତିକିରେ ରଚିଲି ବିଶ୍ୱାସ।
ଜାଣେ ନାହିଁ
କେବେ ବା ଉଇଁବ ସୁବର୍ଣ୍ଣ ସକାଳ
ବରୁଣେଈ ତୀଖ ଚୂଡ଼ା ଛୁଇଁ
ଜାଣେ ନାହିଁ।

**ପୂର୍ବତନ ବିଧାୟକ ଓ**
**ସଭାପତି, ପ୍ରେରଣା, ଭୁବନେଶ୍ୱର**
**ମୋ.ନଂ- ୯୪୩୭୨୮୭୮୦୬**



# ବିଦେଶୀ ପର୍ଯ୍ୟଟକ ଓ ବୁଣାକାର

**ଇଂ ସତ୍ୟବ୍ରତ ରଥ**

ଗଙ୍ଗାନଦୀ କୂଳରେ ଅବସ୍ଥିତ ବାରଣାସୀ ସହର ଭାରତବର୍ଷର ଏକ ପ୍ରମୁଖ ତୀର୍ଥସ୍ଥଳୀ। ଏହି ସହର ପୃଥିବୀର ବହୁ ପୁରାତନ ସହରମାନଙ୍କ ମଧ୍ୟରେ ପରିଗଣିତ। ଏହାର ଅନ୍ୟନାମ କାଶୀ। ପାଶ୍ଚାତ୍ୟ ପର୍ଯ୍ୟଟକ ମାର୍କଟ୍ୱେନଙ୍କ ମତରେ ବାରଣାସୀ ଏକ ବହୁପ୍ରାଚୀନ ସହର। ଏହା ପରମ୍ପରାଠାରୁ ପୁରାତନ ଏବଂ ଇତିହାସ ଠାରୁ ବୟୋଜ୍ୟେଷ୍ଠ। ମନ୍ଦିରମାଳିନୀ ଏହି ସହରର ଐତିହ୍ୟ ବର୍ଣ୍ଣନାତୀତ।

ଅନେକ ବର୍ଷପୂର୍ବେ ବାରଣାସୀ ସହରର ଉପକଣ୍ଠରେ ଜଣେ ବୁଣାକାର ବାସ କରୁଥିଲେ। ସବୁବେଳେ ହସହସ ମୁହଁ ଓ ମନ ନିର୍ମଳ। ତାଙ୍କର ଦୁଇଟି ଲୁଗାବୁଣା ତନ୍ତ ଥିଲା। ସପ୍ତାହକୁ ସେ ଖଣ୍ଡିଏ ପାଟଲୁଗା ବୁଣୁଥିଲେ। କାରୁକାର୍ଯ୍ୟରେ ତାଙ୍କର ଦକ୍ଷତା ଥିଲା। ମାସକୁ ଚାରିଖଣ୍ଡ ପାଟଲୁଗା ବୁଣି ବିକ୍ରୟ କରି ଯାହା ଲାଭ ପାଉଥିଲେ ସେଥିରେ ପରିବାର ଚଳାଉଥିଲେ। ତାଙ୍କର ଅଧିକ ଲୋଭ ନଥିଲା କିମ୍ବା ଉଚିତ୍ ମୂଲ୍ୟଠାରୁ ସେ ଟଙ୍କାଟିଏ ଅଧିକ ନେଉନଥିଲେ। ପୁଅ କାମରେ ସାହାଯ୍ୟ କଲା ଦିନଠାରୁ ସେ ମାସକୁ ଆଉ ଦୁଇଖଣ୍ଡ ଅଧିକ ପାଟଲୁଗା ବୁଣିପାରିଲେ। ନାଆଁ ତାଙ୍କର ରାମପ୍ରସାଦ।

ଦିନେ ଜଣେ ବିଦେଶୀ ପର୍ଯ୍ୟଟକ ସାଙ୍ଗରେ ଜଣେ ସ୍ଥାନୀୟ ଗାଇଡ୍‌ଙ୍କୁ ଧରି ରାମପ୍ରସାଦଙ୍କ ପାଟବୁଣା ଘରେ ଆସି ପହଞ୍ଚିଥିଲେ। ଗାଇଡ୍ ରାମପ୍ରସାଦଙ୍କୁ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟ ଜଣାଇଥିଲେ। ବାରଣ୍ଡାରେ ଗୋଟେ ବେଞ୍ଚରେ ଦୁଇଜଣଙ୍କୁ ବସିବା ପାଇଁ କହିଲେ ରାମପ୍ରସାଦ। ପାଟଲୁଗାର କେତୋଟି ନମୁନା ଆଣି ଦେଖାଇଲେ। ପର୍ଯ୍ୟଟକ ସେଇ ନମୁନା କେତୋଟିରୁ ଗୋଟିଏ ପସନ୍ଦ କଲେ ଏବଂ ନେବାପାଇଁ ଚାହିଁଲେ। ରାମପ୍ରସାଦ ନମ୍ରତାର ସହିତ କହିଲେ- ମହାଶୟ ! ଏଇ ନମୁନାର ପାଟଲୁଗା ଏବେ ଗଛିତ ନାହିଁ। ବୁଣିବାକୁ ପାଞ୍ଚଦିନ ସମୟ ଲାଗିବ। ଆପଣ ଯଦି ବରାଦ କରିବେ ମୁଁ ବୁଣିଦେବି। ଆଜି ମଙ୍ଗଳବାର, ଆସନ୍ତା ରବିବାର ଦିନ ଦଶଟା ବେଳକୁ ଆପଣ ଆସିଲେ ନେଇପାରିବେ।

ପର୍ଯ୍ୟଟକ ସମ୍ମତି ଜଣାଇ ଚାଲିଗଲେ। ସେ ଚାଲିଗଲା ପରେ ରାମପ୍ରସାଦଙ୍କୁ ତାଙ୍କ ପୁଅ କହିଲା- ବାପା ! ତମେ କାହିଁକି ଏମିତି କହିଲ ? ସେଇ ନମୁନାର ପାଟଲୁଗା ବୁଣିବା ପାଇଁ ପାଟଳୀ ରଙ୍ଗର ସୂତା ନାହିଁ। ତା'ପରେ ଦୁଇଦିନ ପରେ ମୁଁ ମାମୁଘରକୁ ଯିବି ବୋଲି ମାଆ କହିଛି।

ରାମପ୍ରସାଦ କହିଲେ- ପୁଅ ! ବର୍ଷସାରା ଆମେ ପରିଶ୍ରମ କରୁଛେ। ସ୍ଥାନୀୟ ବେପାରୀ ଓ ଗ୍ରହକମାନଙ୍କ ସହିତ ବେପାର କରୁଛେ। ଆମ କଥାରେ ଏପଟ ସେପଟ ହୋଇନାହିଁ। ଜଣେ ବିଦେଶୀ ପର୍ଯ୍ୟଟକ ଯିଏକି ଆମ ଦେଶରେ ଅତିଥି, ତାଙ୍କ ପାଇଁ ଅଧିକ ଟିକିଏ ପରିଶ୍ରମ କରିବା କର୍ତ୍ତବ୍ୟ। ଆଜି ତୁ ସିଧା ସୂତାଗୁଡ଼ାକ ମାପକରି ବାନ୍ଧିଦେ। କାଲି ସକାଳବେଳା ମୁଁ ଯାଇ ପାଟଳୀ ରଙ୍ଗର ସୂତା ଗାଣ୍ଠିଏ କିଣିଆଣିବି। ତିନିଦିନ ବୁଣି ବସିଲେ ଦୁଇଖଣ୍ଡି ପାଟଲୁଗା ତିଆରି ହୋଇଯିବ। ମତେ ଅବଶ୍ୟ ସେଥିପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।

ଠିକ୍ ସମୟରେ ବିଦେଶୀ ପର୍ଯ୍ୟଟକ ଓ ଗାଇଡ୍ ଆସି ପହଞ୍ଚିଥିଲେ। ରାମପ୍ରସାଦ ଆଦରରେ ସେ ଦୁହିଁଙ୍କୁ ବେଞ୍ଚରେ ବସାଇଲେ। ପାଟଲୁଗା ଖଣ୍ଡିଏ କାଗଜରେ ବାନ୍ଧି ପର୍ଯ୍ୟଟକଙ୍କ ହାତରେ ଦେଲେ। ଅଳ୍ପ ସମୟ ପାଇଁ ଘର ଭିତରକୁ ଯାଇ ଦୁଇଟି ପ୍ଲେଟ୍‌ରେ କେତୋଟି ପାଚିଲା କଦଳୀ, କମଳା ଓ ଆତ ଆଣି ସେ ଦୁହିଁଙ୍କ ପାଖରେ ରଖିଲେ। ଗୋଟିଏ ପରିଷ୍କାର ତମ୍ବା ଢ଼ାଳରେ ପାଣି ଢ଼ାଳେ ମଧ୍ୟ ଆଣି ରଖିଲେ। ପର୍ଯ୍ୟଟକ କିଛି କହିବା ପୂର୍ବରୁ ସେ ହାତଯୋଡ଼ି କହିଲେ- ଆପଣ ଦୁହେଁ ମୋର ଅତିଥି, ବରାଦ ମୁତାବକ ମୁଁ ପାଟଲୁଗା କରିପାରିଥିବାରୁ ଖୁସି। ତାହା ବେପାର କଥା। ମୋ ଘରେ ଆପଣଙ୍କ ପାଦ ପଡ଼ିଛି। ଅତିଥି ସେବା ଆମର ପରମ୍ପରା। ମୋ ବାପା ମୋତେ କହିଥିଲେ- ଅତିଥି ଈଶ୍ୱରଙ୍କ ତୁଲ୍ୟ ଅଟନ୍ତି। ଆପଣ ଯତ୍ କିଞ୍ଚିତ୍ ଏଇଫଳ ଗ୍ରହଣ କଲେ ମୁଁ କୃତାର୍ଥ ହେବି।

ରାମପ୍ରସାଦଙ୍କ ବ୍ୟବହାରରେ ବିଦେଶୀ ପର୍ଯ୍ୟଟକ ମୁଗ୍‌ଧ ହୋଇଗଲେ। ସେ ରାମପ୍ରସାଦଙ୍କ ମୁହଁକୁ ଚାହିଁ ରହିଲେ। ଅଳ୍ପ ସମୟ ପରେ କହିଲେ- ମହାଶୟ ଆପଣଙ୍କ ବ୍ୟବହାରରେ ମୁଁ ପ୍ରୀତ। ସୁଦୂର ଦକ୍ଷିଣ ଅଷ୍ଟ୍ରେଲିଆର ଆଡ଼େଲାଇଡ୍ ସହରରୁ ମୁଁ ଆପଣଙ୍କ ବାରଣାସୀ ସହରକୁ ଆସିଛି। ଭାରତୀୟ ସଭ୍ୟତା ଓ ସଂସ୍କୃତି ସମ୍ପର୍କରେ ମୁଁ ବହିରୁ ପଢ଼ିଥିଲି। ସୁଯୋଗ କ୍ରମେ ମୁଁ ଆସିପାରିଲି। ଏଠିକାର ଭାଷା ମୁଁ ଅଳ୍ପ ଅଳ୍ପ ବୁଝୁଛି। ଆମ ସହରରେ ମରିସସ୍, ଫିଜି, ମ୍ୟାଲେସିଆ, ଗୁଏନା, ଭାରତ, ଶ୍ରୀଲଙ୍କା ପ୍ରଭୃତି ଦେଶରୁ ହିନ୍ଦୁ ଧର୍ମାବଲମ୍ବୀମାନେ ବହୁ ସଂଖ୍ୟାରେ ରହିଛନ୍ତି। ହିନ୍ଦୁମାନଙ୍କର ଧାର୍ମିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ସେଠାରେ ଏକ ସୁଦୃଶ୍ୟ ଗଣେଶ ମନ୍ଦିର ରହିଛି। ଏହି ମନ୍ଦିରର ପରିବେଶ ଶାନ୍ତିପ୍ରଦ। ମନ୍ଦିର ପରିସର ଭିତରେ ଶହଶହ ହିନ୍ଦୁଭକ୍ତ ଏକାଠି ହୋଇ ପୂଜାର୍ଚ୍ଚନା କରିଆସୁଛନ୍ତି। ସାମାଜିକ ଓ ସାଂସ୍କୃତିକ ଏକତା ସ୍ଥାପନରେ ମନ୍ଦିର ସହାୟକ ହୋଇଛି। ମୁଁ କେତେଥର ଆଗ୍ରହ ବଶତଃ ସେହି ମନ୍ଦିରକୁ ଯାଇଛି। ଥରେ ଦୁଇଜଣ ଭଦ୍ର ମହିଳା ବନାରସ ପାଟଲୁଗା ପିନ୍ଧି ମନ୍ଦିରକୁ ଆସିଥିଲେ। ମୋତେ ସେହି ପୋଷାକ ଖୁବ୍ ଭଲ ଲାଗିଥିଲେ। ଏଠାକୁ ଆସି ସେଥିରୁ ଖଣ୍ଡିଏ ନେବାପାଇଁ ଆଗ୍ରହୀ ଥିଲି। ଆଜି ମୋର ଇଚ୍ଛା ପୂରଣ ହେଲା।

ରାମପ୍ରସାଦ ପର୍ଯ୍ୟଟକଙ୍କୁ ଧନ୍ୟବାଦ ଜଣାଇ ତାଙ୍କୁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଛାଡ଼ିବାକୁ ଆସିଥିଲେ।

କଲେଜ ରୋଡ୍, ବାଙ୍କୀ, କଟକ
ମୋ- ୯୯୩୭୩୨୭୬୪୭

(ଏବେ, କେବେ, କୋଉଠି- ୫୪)

# ଅମେରୁଦଣ୍ଡୀ



ସତ୍ୟନାରାୟଣ ସାମନ୍ତରାୟ(ସତ୍ୟକଚ୍ଛ)

ଝରକାରେ ମୁହଁକୁ ଗଳାଇ ହାତେ ଲମ୍ବର ଜିଭଟାକୁ ଲହଲହ କରି ମେଞ୍ଚାମେଞ୍ଚା ହୋଇ ଜମା ହୋଇଥିବା ମଣିଷମାନଙ୍କୁ ସିଏ ଚାହିଁଥିଲା। ଜଣା ଯାଉଥିଲା, ସିଏ ଏଇ ମଣିଷମାନଙ୍କୁ ପ୍ରଥମକରି ଦେଖୁଛି। ମଇଳାଗଦାରେ ସାଲୁବାଲୁ ହେଉଥିବା ପୋକ ଅବା ନର୍ଦ୍ଦମା ଉପରେ ଭଣଭଣ ହୋଇ ଚକର କାଟୁଥିବା ମଶାମାଛିମାନଙ୍କଭଳି, ଗୋଟିଏ ଜାଗାରେ ଏତେ ଲୋକଙ୍କ ଗହଳିକୁ ସିଏ ହଜମ କରିପାରୁନଥିଲା ଯେମିତି। ମଝିରେ ମଝିରେ ଭୋ ଭୋ ଭୁକି ନିଜର ଉପସ୍ଥିତି ଜଣେଇ ଦେଉଥିଲା। ରାସ୍ତାରେ ଯାଉଥିବା ଲୋକେ ତାକୁ ଚାହୁଁଥିଲେ। କିଏ କୋଉ ଭାବନା ଓ ଭାବାନ୍ତର ଭିତରେ ଯିଏ ଯାହା ରାସ୍ତାରେ ଚାଲିଯାଉଥିଲେ। ମାତ୍ର, ସିଏ ସେମିତି ଭୁକିଚାଲିଥିଲା ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ। ଭୁ...ଭୁ....ଭୁ.....

ରାଜଧାନୀର ବର୍ଷା। ସହରୀ କିଶୋରୀଟିଏ! ସହରୀ କିଶୋରୀଟିଏଭଳି ରାଜଧାନୀର ବର୍ଷାକୁ ବିଶ୍ୱାସ ନାହିଁ। ଝିପିଝିପି ହୋଇ ଆସେ। ଦୁଲୁଦୁଲୁକି ବରଷିଯାଏ। ଓଦା ସରସରକରି ଛାଡ଼ିଦିଏ ବିଚ୍ ରାସ୍ତାରେ। ଆଶ୍ରୟ ତ ଦୂରର କଥା ଆଶ୍ୱାସନା ଟିକିଏ ମିଳେନି। ସେଇମିତି ଗୋଟିଏ ବର୍ଷାରୁ ନିଜକୁ ବଞ୍ଚେଇବା ପାଇଁ କ୍ୟାବିନ୍ ସାମ୍ନାରେ ଟଣାଯାଇଥିବା ଜରି ଛାତ ତଳକୁ ପଶିଗଲି। ଠିକ୍ ଏତିକିବେଳେ ମଟରଗାଡ଼ିଟି ସେଇଠି ବ୍ରେକ୍ କଷିଲା। ବେଶ୍ ଦାମୀ କାର୍। ସେଥିରେ ସବାର ଥିବା ଏକମାତ୍ର ଚାଳକ ତଥା ସବାରୀ ଜଣେ ମହିଳା। ଖୁବ୍ ସମ୍ଭ୍ରାନ୍ତ। ସମ୍ଭ୍ରାନ୍ତ ବୋଲି ଆମେ କେମିତି ଜାଣିଲୁ ବୋଲି ପଚାରିବେନାହିଁ। ଆମେ ସମ୍ଭ୍ରାନ୍ତ ବୋଲି ସେଇମାନଙ୍କୁ ଜାଣୁ, ଯୋଉମାନେ ଏମିତି ଦାମୀ କାର୍‌ରେ କୁକୁର ଧରି ବୁଲନ୍ତି। ମୁକୁଳା ବାଳ ପିଠି ପର୍ଯ୍ୟନ୍ତ ଲମ୍ୱେଇଥା'ନ୍ତି। ଲିପ୍‌ଷ୍ଟିକ୍ ମାରି ଓଠର ପ୍ରାକୃତିକ ରଙ୍ଗକୁ ଘୋଡ଼େଇ ପକେଇବାକୁ ଉଦ୍ୟମ କରିଥା'ନ୍ତି। ଶାଢ଼ୀ ବଦଳରେ ଡ୍ରେସ୍ ପିନ୍ଧନ୍ତି। ହାତରେ ବଡ଼ ମୋବାଇଲ୍ ଫୋନ୍ ଧରନ୍ତି। ବାଘୁଣୀଭଳି ଚାହାଁନ୍ତି ଓ ଘୋଡ଼ାଭଳି ଚାଲନ୍ତି। ହୃଦୟଟା କେମିତି କେଜାଣି-ଥାଏ ନା ମାଙ୍କଡ଼ଭଳି କୋଉ ଗଛ କୋରଡ଼ରେ ରଖି ରାସ୍ତାକୁ ବାହାରିଥା'ନ୍ତି? ହୃଦୟ ନଥିଲା ଭଳି ଲାଗିଲା ତାଙ୍କ କଥାରୁ।

କାର୍‌ରୁ ଓହ୍ଲେଇ ଖୁବ୍ ଜୋର୍‌ରେ ସିଏ ମଣିଷପଲ ଭିତରକୁ ଧସେଇ ପଶିଗଲେ। କହିଲେ, ଆରେ ପାଞ୍ଚଟା ଲୋକ ଦରକାର। ତମ ଭିତରୁ କିଏ ଯିବ? ତୁ ଯିବୁ.... ତୁ ଯିବୁ..... ତୁ ଯିବୁ.....? ଏମିତି ଜଣଜଣକରି ପଚାରିଗଲେ। ଜଣେ ପଚାରିଲା କାମ କଣ ମ୍ୟାଡ଼ାମ୍?

କାମ କ'ଣ? କାମ କିଛି ନାହିଁ! ସେଠି ରୋଷେଇବାସ ହେଇଚି। ଖାଲି ତମେ ଗଲେ ସେଠି ପଙ୍ଗତ ପକେଇବ। ଖାଣ୍ଟି ନିକମାଗୁଡ଼ାକ। କାମ ତ ଅଛି ବୋଲି ତମକୁ ନବାକୁ ଆସିଛି। ତମେ ଯିବ। ସେଠିକୁ ଗଲେ କାମ କଣ ଦେଖିବନାହିଁ? କାମ କରୁଛ- ସବୁକାମ କରିବ। କାମକୁ ଚଏସ୍ କରିବାକୁ ତମେ କିଏ?

ଚୁପ୍ ହୋଇଗଲେ ମୂଲିଆମାନେ।

ପ୍ରକୃତରେ କଣ ବା ଏହାର ଉତ୍ତର? ଏମାନେ କେବଳ ଶୁଣିବେ। ପ୍ରଶ୍ନ ପଚାରି ପାରିବେନି କି କେହି ପ୍ରଶ୍ନ କଲେ ତାର ଉତ୍ତର ଦେଇପାରିବେନି! ପ୍ରଶ୍ନ ପଚାରିବା ଭୁଲ୍ ଓ ଉତ୍ତର ଦବାଟା ତାଠୁ ଅଧିକ ଭୁଲ୍। କେବଳ ଗୁଡ଼ାଏ ଭୁଲ୍ ଭିତରେ ଛନ୍ଦିହୋଇପଡ଼ିଥିବା ମଣିଷ ଏମାନେ। ଏମାନଙ୍କୁ ନେଇ ଯେତେସବୁ ରାଜନୀତି, ଭାଷଣବାଜି। ଏମାନଙ୍କୁ ନେଇ ସଭାସମିତି। ଏମାନଙ୍କୁ ନେଇ ସାହିତ୍ୟ। ଏମାନଙ୍କୁ ନେଇ ଚର୍ଚ୍ଚା। ଏମାନଙ୍କୁ ନେଇ କେତେ କେତେ ଆଲୋଚନା। ଏଇମାନଙ୍କୁ ମୋହରା କରି କେତେ କିଏ ନେତା ଆଉ ମନ୍ତ୍ରୀ। ଏଇମାନେ ବିଧାନସଭା ଗଢ଼ନ୍ତି। ପାର୍ଲିଆମେଣ୍ଟକୁ ନେତା ପଠାନ୍ତି। ଏମାନେ ସବୁ କରନ୍ତି। ମାତ୍ର କିଛି କହିଲା ବେଳକୁ, ଏମାନଙ୍କୁ କୁହାଯାଏ ଚୁପ୍। କାରଣ, ଚୁପ୍ ରହିବା ପାଇଁ ଏମାନଙ୍କର ଜନ୍ମ!

କିନ୍ତୁ, ସିଏ ଚୁପ୍ ନାହିଁ। ଭୁକିଚାଲିଛି ଭୁ...ଭୁ...ଭୁ....। ତା' ମାଲିକାଣୀ ଗାଡ଼ିରୁ ଓହ୍ଲେଇଗଲା ପରେ ସିଏ ନିଜର ଅସନ୍ତୋଷ, ଏହି ତରିକାରେ ବ୍ୟକ୍ତ କରୁଛି ବୋଲି ଲାଗିଲା। ଆହୁରି ଲାଗିଲା, ତାର ମାଲିକାଣି ପ୍ରତି ସିଏ ଘୋର ଅଭିଯୋଗ କରୁଛି। କହୁଛି, କାହିଁକି ଏମିତି ଛୋଟଲୋକମାନଙ୍କ ଗହଳି ଭିତରେ ପଶିଯାଉଛ ମ! ଜାଣିନ, ଏମାନେ ବିଭିନ୍ନ ସଂକ୍ରାମକ ରୋଗରେ ଆକ୍ରାନ୍ତ ବୋଲି? ଏମାନଙ୍କ ଦେହ ଓ ଲୁଗାପଟା ସବୁଥିରେ ଜୀବାଣୁ ସାଲୁବାଲୁ। ଏମାନେ ସାବୁନ ଲଗାନ୍ତି ନାହିଁ। ସାମ୍ପୋ ଏମାନଙ୍କ ପାଇଁ ସାତସପନ। ଲୁଗାପଟାରେ ସର୍ଫ କି ଡିଟରଜେଣ୍ଟ୍ ଟିକିଏ ମାରନ୍ତିନାହିଁ। ଦେହରୁ ଏମାନଙ୍କର ଏକ ଉତ୍କଟ ଗନ୍ଧ ବାହାରେ। ଏମାନଙ୍କର ଘର ନାହିଁ। ବସ୍ତି ବାନ୍ଧି ରହନ୍ତି, ନଇଲେ ରାସ୍ତାର ଫୁଟ୍‌ପାଥ୍‌ରେ ଦୁଇଗୋଡ଼ ସନ୍ଧିରେ ମୁଣ୍ଡକୁ ପୁରେଇ ଶୋଇପଡ଼ନ୍ତି। କାକର ଓ କାଦୁଅ ଭିତରେ ଏକ କାର୍ଦ୍ଦୁର୍ଦ୍ଦ ଜୀବନ ଏମାନଙ୍କର। ଉପରକୁ ଯେତେ ମଣିଷଭଳି ଦେଖାଗଲେ ବି ଏମାନେ କୋଉ ଆବର୍ଜ୍ଜନାମୟ ପରିବେଶ ଭିତରେ ଜୀବନ ଜିଉଁଥିବା ଗୋଟିଏ ଗୋଟିଏ ସରୀସୃପ! ଅଖାଦ୍ୟ ଖାଆନ୍ତି, ପେଟେଇ ଚାଲନ୍ତି। ସାରାଜୀବନ ଏମାନେ ସଳଖି ଠିଆ ହୋଇପାରୁନଥିବା ଗୋଟିଏ ଗୋଟିଏ ଅମେରୁଦଣ୍ଡୀ ପ୍ରାଣୀ!

ତଥାପି ଭୁକୁଛି ଭୁ...ଭୁ...ଭୁ....। ତା ଭୁକିବାଟା ରାସ୍ତାରେ ବୁଲୁଥିବା କୁକୁରମାନଙ୍କଠାରୁ ଢ଼େର ଅଲଗା। ତା ଭୁକିବାରେ ଗୋଟେ ସମ୍ଭ୍ରାନ୍ତପଣିଆର ଗନ୍ଧ ମୁଁ ବାରିପାରିଲି। ତା ଭିତରେ ସିଏ ଅନେକ କଥା କହିଯାଉଥିବାର ସ୍ପଷ୍ଟ ଇଙ୍ଗିତ ବି ଥିଲା। ସିଏ କହୁଥିଲା ସେହି ଲୋକମାନଙ୍କୁ। ତାଚ୍ଛଲ୍ୟ କରୁଥିଲା ସେମାନଙ୍କ ଅସହାୟତାକୁ। କହୁଥିଲା, ମୋତେ ଦେଖ ରେ ମଣିଷରୂପୀ ଅମେରୁଦଣ୍ଡୀମାନେ! ଶୀତ-ତାପ ନିୟନ୍ତ୍ରିତ ଘରେ ରହୁଛି।

ମୁଲାୟମ ଶେଯରେ ଶୋଉଛି। ସାବୁନ-ସାମ୍ପୋରେ ଗାଧୋଉଛି। କ୍ଷୀର-ମାଉଁସ ଖାଉଛି। ମୋର ସେବାପାଇଁ ଚାକରବାକର ଖଞ୍ଜା। ଡାକ୍ତର ମୋର ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତି। ଶୀତ-ତାପ ନିୟନ୍ତ୍ରିତ ଗାଡ଼ିରେ ମେମ୍ ସାହେବାଙ୍କ କୋଳରେ ବସି ସହର ବୁଲୁଛି। ମେମ୍ ସାହେବା ମୋତେ ବହୁତ ଗେଲ କରନ୍ତି। ଦଣ୍ଡେ ନଦେଖିଲେ ପାଗଳୀ ହୋଇଯିବା ଭଳି ଅବସ୍ଥା ହୁଏ ତାଙ୍କର। ହେଲେ, ତୁମପାଇଁ କିଏ ବ୍ୟସ୍ତ ହେଉଛି ? ନା ତୁମ ଘରଲୋକ ନା ବାହାରର କେହି ?

ପ୍ରକୃତରେ ସେମାନଙ୍କ ପାଇଁ ବ୍ୟସ୍ତ ହେବାକୁ କେହି ନାହିଁ। କେହି ବ୍ୟସ୍ତ ହେବା ଭଳି ଜଞ୍ଜାଳ ବି ସେମାନଙ୍କର ନାହିଁ। ସେମାନେ ଜାଣନ୍ତି, ସେମାନେ ମୂଲ ଲାଗିବେ। ମୂଲ ଲାଗିବା ସେମାନଙ୍କର ବୃତ୍ତି, ପ୍ରବୃତ୍ତି ଓ ପ୍ରକୃତି। ଆଗରେ ସେମାନଙ୍କର ବ୍ୟସ୍ତ ଭବିଷ୍ୟତ ନାହିଁ କି ଛାଡ଼ି ଆସିଥିବା ଅତୀତ ପାଇଁ ମୋହ କିମ୍ବା ମମତା ନାହିଁ। ବର୍ତ୍ତମାନକୁ ନେଇ ବଞ୍ଚିବାକୁ ଚେଷ୍ଟା କରୁଥିବା ମଣିଷମାନେ ଅତୀତ ଭୁଲିଯିବାକୁ ବାଧ୍ୟ। ଭବିଷ୍ୟତ ସେମାନଙ୍କ ପାଇଁ ସୁଦୂର ପରାହତ। କେବଳ ବର୍ତ୍ତମାନ। ଖାଲ, ଢିପ, ଅରମା, ଅରଣ୍ୟ, ପାହାଡ଼, କାନ୍ତାର, ନଦୀ, ସମୁଦ୍ର ଯୋଉଠିକୁ ବି ଗଲେ ସେମାନେ କେବଳ ବର୍ତ୍ତମାନକୁ ଦେଖନ୍ତି। ମୂଲ ଲାଗିବେ। ସେମାନଙ୍କ ପିଲାଏ ଜରି ଗୋଟେଇବେ। ଟିକିଏ ବଡ଼ ହୋଇଗଲେ ସେମାନେ ବି ମୂଲିଆହାଟରେ ସାମିଲ ହୋଇଯିବେ। ନିଜକୁ ବଡ଼କରିବା କିମ୍ବା ନିଜ ପାଇଁ କିଛି ବଡ଼ କରି ଦେଖେଇବାର ଖର୍ବକାୟ ମାନସିକତା ସେମାନଙ୍କର ରକ୍ତରେ, ମଜାରେ ଓ ବୁନିଆଦିରେ। ପେଷା ସେମାନଙ୍କର ମୂଲ ଲାଗିବା ଓ ପରିଚୟ ସେମାନଙ୍କର ମୂଲିଆ। ଠିକଣା ଏଇ ମୂଲିଆ ହାଟ, ଯୋଉଠି ସିଏ ବିକା ହୁଏ ଦିନକ ପାଇଁ। ନିଜର ସ୍ୱାଧୀନତାକୁ ଜାଣି ଜାଣି ନିଲାମ କରିଦିଏ ବିଚ୍ ରାସ୍ତାରେ- ଦିନ ଦିପହରେ।

ଲୋକ ପାଞ୍ଚଟିଙ୍କୁ ନିଜଘର ଠିକଣା ବତେଇଦେଲେ ମହିଳାଜଣକ ଓ ଗାଡ଼ି ଛୁଟାଇ ଚାଲିଗଲେ।

ଯା' ଭିତରେ ବର୍ଷା ଛାଡ଼ି ଯାଇଛି। ମୁଁ ମୋର ଗନ୍ତବ୍ୟପଥରେ ଆଗଉଥିଲାବେଳେ, ଭାବୁଥିଲି ସେଇ କୁକୁର ଓ ମଣିଷମାନଙ୍କ କଥା। ଗୋଟିଏ ବିଚାରରେ ଦୁଇ ବିପରୀତସ୍ତରର ପ୍ରାଣୀ। ଭଗବାନଙ୍କ ସୃଷ୍ଟିରେ ସର୍ବୋତ୍କୃଷ୍ଟପ୍ରାଣୀ ମଣିଷ ଓ ସର୍ବ ନିକୃଷ୍ଟପ୍ରାଣୀ କୁକୁର ହେଲେ ବି ଏମାନଙ୍କର ଆବେଗିକ ସଂପର୍କ ବହୁ ପୁରୁଣା। ଉଭୟଙ୍କର ସଂପର୍କକୁ ନେଇ ପୁରାଣ-ସାହିତ୍ୟରେ ଅନେକ ଉପାଖ୍ୟାନ ଓ ଆଖ୍ୟାୟିକା। ବିଶ୍ୱାସର ପ୍ରତିନାମ ହେଉଛି କୁକୁର। ଏଥିପାଇଁ ଆମର କୌଣସି ଅସହିଷ୍ଣୁତା ବା ଅସୂୟାଭାବ ନାହିଁ। ତେବେ, ଆମର କହିବାର କଥା ହେଲା, କୁକୁର ତା' ଜାଗାରେ ଥାଉ। ଯେତେ ସମ୍ମାନ ପାଇବାକଥା ପାଉ। ମାତ୍ର, ମଣିଷକୁ ତା' ଜାଗାରେ ପହଞ୍ଚିବାକୁ କିମ୍ବା ତା' ସମ୍ମାନଟିକକ ହାତେଇବାକୁ କିମ୍ବା ତା' ମେରୁଦଣ୍ଡ ସଳଖି ଠିଆ ହେବାକୁ ଆଉ କେତେ ଦିନ ଅପେକ୍ଷା କରିବାକୁ ପଡ଼ିବ ?

ବେଗୁନିଆ, ଜି- ଖୋରଧା
ମୋ- ୯୪୩୮୭୩୪୮୧୬

# ଜାତୀୟ ସଂହତି

ନାମଯଜ୍ଞ ମିଶ୍ର

ଜାତୀୟ ସଂହତି କହିଲେ ସାଧାରଣତଃ 'ରାଷ୍ଟ୍ରୀୟ ଏକତା'କୁ ବୁଝାଇଥାଏ। ମାତ୍ର 'ସଂହତି'ର ଅର୍ଥ କେବଳ 'ଏକତା' ହିଁ ନୁହେଁ ଏହା ଅଧିକ ଆଉକିଛି। ଇଟା, ବାଲି, ସିମେଣ୍ଟ, ପାଣି ଅଲଗା ଅଲଗା ପଦାର୍ଥକୁ ପାଗକରି ବିଶାଳ ଭବନ ନିର୍ମାଣ ହୁଏ ସେଗୁଡ଼ିକର ସଂଶକ୍ତି ଫଳରେ ତାହା ଏତେ ଦୃଢ଼ ଥାଏ ଯେ ପୁଣି ଉକ୍ତ ବସ୍ତୁକୁ ଅଲଗା କରିବାକୁ ଗଲେ ଭବନ ତ ଧ୍ୱଂସପାଏ ତହିଁରେ ମିଳିତ ସେଇ ପଦାର୍ଥଗୁଡ଼ିକ ମଧ୍ୟ ତା'ର ପୂର୍ବ ମୂଲ୍ୟ ହରାଇ ଅକାମୀ ହୋଇଯାଏ। ଏଇ ରାଷ୍ଟ୍ରରୂପୀ ଭବନରେ ମଧ୍ୟ ସେଇ ଏକାକଥା ଘଟେ। ବିଭିନ୍ନ ଜାତି, ଧର୍ମ ସମୁଦାୟକୁ ନେଇ ଗଠିତ ଏକ ଜାତୀୟ ସଂହତିରେ ଯେକୌଣସି ବିଭେଦତାର ବର୍ଗୀକରଣ ହେଲେ ଜାତୀୟ ସଂହତି ନଷ୍ଟପ୍ରାପ୍ତ ହୋଇଥାଏ, ଏଥିରେ ସନ୍ଦେହ ନାହିଁ।

ପ୍ରାଚୀନ ଭାରତବର୍ଷ ମଧ୍ୟ ବିଭିନ୍ନ ରାଜଶାସନରେ ଅଲଗା ଅଲଗା ରାଜ୍ୟ ଭାବରେ ଶାସିତ ହୋଇ ସୁଦ୍ଧା ଏକ ସାଂସ୍କୃତିକତାକୁ ନେଇ ସୁସଂହତ ଥିଲା। ଏହାର ଉତ୍ତରରେ ଉତ୍ତୁଙ୍ଗ ହିମାଳୟ ଓ ଅନ୍ୟ ତିନିପାଖରେ ସାଗରର ଅବସ୍ଥିତି ହେତୁ ଏହାର ଭୌଗୋଳିକ ପରିସୀମାତ ଅତ୍ରତ୍ୟ ଅଧିବାସୀଙ୍କୁ ଏକାତ୍ମିକତା ପ୍ରଦାନ କରିଥିଲା, ମାନବବାଦୀ ବୈଦିକ ସଂସ୍କୃତି ପିତୁଳା ପୂଜାଠାରୁ ଅଦ୍ୱୈତ ଅଣାକାର ଉପାସନା ଲିଙ୍ଗ, ସର୍ପ, ଗଛ, ବୃକ୍ଷ ପୂଜାଠାରୁ ନିରାକାର ଅର୍ଚ୍ଚନା ପର୍ଯ୍ୟନ୍ତ ସବୁକୁ ନିଜର କରିନେଇଥିଲା। କାଳକ୍ରମେ ଏଥିରୁ ଉଦ୍ଭବ, ଜୈନ, ବୌଦ୍ଧ, ଶିଖ୍, ଶୈବ , ସୌର , ଶାକ୍ତ, ଗାଣପତ୍ୟ ବୈଷ୍ଣବବାଦୀ ସକଳ ବିଚାର ଧାରା ବା ସଂପ୍ରଦାୟକୁ ନିଜର ପରିବାର ମନେ କରିନେଇଥିଲା। ଆଜିର ଅର୍ଥରେ 'ହିନ୍ଦୁ' ବୋଲି କୌଣସି ଧର୍ମଟିଏ ନଥିଲା। ପରବର୍ତ୍ତୀ ସମୟରେ ବିଦେଶାଗତ ମୁସଲମାନ୍, ଖ୍ରୀଷ୍ଟିୟାନ୍ ଧର୍ମାଦି ଆସିଥିଲେ ହେଁ ଏ ଦେଶରେ ନାନକ, କବୀର, ରାମାନନ୍ଦ, ମୁସ୍‌ଲିମ୍, ସୁଫୀସନ୍ଥ ଓ ଶ୍ରୀଚୈତନ୍ୟାଦି ଭଗବତ୍ ପୁରୁଷଗଣଙ୍କ ଧର୍ମ ସହିଷ୍ଣୁତା ଓ ଏକତା ପ୍ରଚାରରେ ଭାରତର ଜାତୀୟ ସଂହତି ପରିପୁଷ୍ଟ କରିଥିଲା। ତେଣୁ ତ ସମସ୍ତେ ଅଲଗା ଅଲଗା ଭାଷା, ଚଳଣି, ପୋଷାକ, ଉପାସନା ସତ୍ତ୍ୱେ ନିଜକୁ ହିମାଳୟ ସମାରଭ୍ୟଂ ଯାବତ୍ ବିନ୍ଦୁ ସରୋବରଂ। ଆଦ୍ୟାନ୍ତ ପ୍ରତିଯୋଗେଣ ହିନ୍ଦୁ ନାମ ପ୍ରକୀର୍ତ୍ତିତଃ।" କହି ସମଗ୍ର ଭାରତ ବର୍ଷକୁ ନିଜର କହି ଆପଣାକୁ "ହିନ୍ଦୁସ୍ଥାନ" ବାସୀ ବୋଲି ଗର୍ବ ଅନୁଭବ କରୁଥିଲେ। ଏକ ଉଦାର ମାନବବାଦୀ ସଂସ୍କୃତି ସେମାନଙ୍କୁ ଏକାତ୍ମିକତା ପ୍ରଦାନକରି ବାନ୍ଧି ରଖିଥିଲା। ଇଂରେଜମାନେ ଆସି ସେମାନଙ୍କୁ ବିଜିତ କରି ସମଗ୍ର ଭାରତବର୍ଷକୁ ଏକଶାସନାଧୀନ କରିବାର ଶ୍ରେୟ ନେଲେ ଓ ନିଜ ଶାସନ ସୁବିଧାକୁ ନେଇ ଶ୍ରୀଲଙ୍କା, ବ୍ରହ୍ମଦେଶ, ନେପାଳକୁ ଅଲଗା ରଖି ଶାସନ କଲେ। ପରେ ସ୍ୱାଧିନତା ପାଇଁ ସଂଗ୍ରାମ ସମୟରେ ମହାତ୍ମାଗାନ୍ଧୀଙ୍କର ଯାଦୁଗରୀ ସ୍ପର୍ଶରେ

ମୂଳ ଭାରତ ଏକତାବଦ୍ଧ ହୋଇ ଏକ ରାଷ୍ଟ୍ରୀୟ ସଂହତି ପ୍ରଦର୍ଶନ କଲା। ମାତ୍ର ହାୟ ! ଇଂରେଜଙ୍କ ବିଭେଦ ନୀତି ଓ ଜିନ୍ନାଙ୍କ ଭକ୍ତି ବ୍ୟକ୍ତିଗତ ଉଚ୍ଚାକାଂକ୍ଷୀ ଧର୍ମବାଦୀଙ୍କ ଯୋଗୁଁ ଭାରତ ଦ୍ୱିଖଣ୍ଡିତ ହେଲା: ଭାରତ ଓ ପାକିସ୍ଥାନ। ଯାହେଉ, ଯେଉଁ ଭାରତ ରହିଲା , ଧର୍ମନିରପେକ୍ଷତା ଓ ସମାନତା ମନ୍ତ୍ରୋଚାରଣ କରି "Unity in Diversity" ବା ବିଭିନ୍ନତାରେ ଏକତା। ସଂସ୍କୃତିକୁ ନିଜସ୍ୱ କରି ଗଣତନ୍ତ୍ର ଶାସନ ପ୍ରତିଷ୍ଠା କଲା। ସମସ୍ତେ ଆଜି ଅନୁଭବ କରନ୍ତି "United we stand Divided we fall".

ଏହି ପରିପ୍ରେକ୍ଷୀରେ 'ବିଭିନ୍ନତାକୁ ଏକତା' ଆଡ଼କୁ ପଦଚାଳନା ନକରି ଏକତାକୁ ବିଭିନ୍ନତା ଆଡ଼କୁ ମୁହାଇ ନେଲେ 'ଜାତୀୟ ସଂହତି' ରହିବ କି ? ଜଣେ ମଣିଷଙ୍କ ଉକ୍ତି ହେଲା : – 'ଧର୍ମ ସଂଶ୍ଲିଷ୍ଟତା ଧର୍ମନିରପେକ୍ଷତା ନୁହେଁ।' ଜାତି, ଧର୍ମ ନାମରେ ସଂରକ୍ଷଣ, ଦଳର ଗଠନ, ଧର୍ମନାମରେ ମନ୍ଦିର, ମସଜିଦ୍ , ଗୀର୍ଜା ଗୁରୁଦ୍ୱାର ପାଇଁ ସରକାରୀ ଜମିଦେବା, ହଜ୍ ବା ତୀର୍ଥ ନାମରେ ଅଥବା ଅନ୍ୟ କିଛି ଧର୍ମକାର୍ଯ୍ୟ ପାଇଁ ରାଷ୍ଟ୍ରପକ୍ଷରୁ ଅର୍ଥ ପ୍ରଦାନ କରିବା କଦାପି ଧର୍ମନିରପେକ୍ଷତା ହୋଇନପାରେ। ସେଇଭଳି ଭୋଟବ୍ୟାଙ୍କ ସକୋଟ ଭାରତୀୟ ଜନସମୁଦାୟକୁ ଏସ୍‌ଟି, ଏସ୍‌ସି , ଓବିସି, ଇସିବିସି, ସଂଖ୍ୟାଲଘୁ, ସଂଖ୍ୟାଗୁରୁ, ପିଏଲ୍‌ଓ, ଦଳିତ, ଉନ୍ନତ ଆଦି ନାମରେ ବର୍ଗୀକରଣ କରି ବିଭେଦକୁ ଉସ୍‌କାଇବାକୁ ଯିବା ଠିକ୍ ନୁହେଁ। ଜାତୀୟ ସଂହତିର ପ୍ରଧାନ ଅନ୍ତରାୟ ହେଉଛି ଜାତି, ଧର୍ମ, ଅଞ୍ଚଳ, ଭାଷା ଓ ଆର୍ଥିକ ଅସମତା।ଏଣୁ କୌଣସି ଜାତି, ଧର୍ମ ବା ସଂପ୍ରଦାୟ ନାମରେ ର୍‌ୟାଲି କରିବା, ରଜନୀତିକରଣ, କରିବାକୁ ଯିବା ଇତ୍ୟାଦିକୁ ନିଷେଧ କରି ନିକଟରେ ଆହ୍ଲାବାଦ ହାଇକୋର୍ଟ ରାୟ ଦେଇଛନ୍ତି। ଯାହାକି ଅନୁପାଳନ ହେଉନାହିଁ ସ୍ୱାର୍ଥୀ ରାଜନେତାଙ୍କର ଚକ୍ରାନ୍ତ ଯୋଗୁଁ ଜାତିର ଜନକ ମହାତ୍ମାଗାନ୍ଧୀ କହିଥିଲେ, "ରାଷ୍ଟ୍ରୀୟ ଜନଜୀବନକୁ ଧାର୍ମିକ , ସାମାଜିକ , ଅର୍ଥନୈତିକ , ରାଜନୈତିକ କୋଠରୀରେ ନବାଣ୍ଟି ହୋଲିଷ୍ଟିକ୍ ବା ସାମଗ୍ରୀକ ଭାବରେ ଦେଖ।" ଏ ମର୍ମବାଣୀକୁ ଆମେ ଭୁଲିଯାଇ ଅବାଟରେ ଧାଇଁ ଚାଲିଛୁଁ। ସ୍ୱତନ୍ତ୍ର ସୁବିଧା ସୁଯୋଗ ବାଣ୍ଟିବା ନାଆଁରେ ଜାତି, ଧର୍ମ, ସମାଜ, ସଂପ୍ରଦାୟର ବର୍ଗିକରଣ ବଢ଼ିବଢ଼ି ଚାଲିଛି। ଚାଲିଥିବ ବି। ଏହା ସର୍ବ ବିଦିତ ଯେ ଜୈନ, ବୌଦ୍ଧ, ଶିଖ୍, ଶୈବ, ସୌର ଗାଣପତ୍ୟାଦି ବା ଆଜିର ତଥା କଥିତ ହିନ୍ଦୁ ଆଦି ସେଇ ଏକ ମହାଭାରତୀୟ ସନାତନ ଧର୍ମରୁ ଏକ ଏକ ଶାଖା ମାତ୍ର।ଏବେ ସରକାର ଜୈନମାନଙ୍କୁ 'ସଂଖ୍ୟାଲଘୁ' ଆଖ୍ୟାଦେଲେଣି। ମୁସଲମାନ୍ ଓ ଖ୍ରୀଷ୍ଟିୟାନ୍‌ମାନଙ୍କୁ 'ସଂଖ୍ୟାଲଘୁ' କହି ଆର୍ଥିକ ସୁବିଧା ଦେଉଛନ୍ତି। ଏହାପରେ ମୁସଲମାନ୍ ମଧ୍ୟରେ ବି ସିହା, ସୁନି, ଖ୍ରୀଷ୍ଟିୟାନ୍ ମଧ୍ୟରେ ରୋମାନ୍ କାଥିଲିକ୍, ପ୍ରୋଟେଷ୍ଟାଣ୍ଟ, ଲୁଥେରାନ୍ ଆଦି ବିଭାଜନ ନଆସିବ କାହିଁକି ? ସଂବିଧାନରେ ସଂଖ୍ୟାଲଘୁ (Minority) ଆଖ୍ୟା କେବଳ କୌଣସି ଏକ ପ୍ରଦେଶରେ ବାସ କରୁଥିବା ଭିନ୍ନଭାଷୀ ଲୋକଙ୍କୁ କୁହାଯାଇଛି ଓ ସେମାନଙ୍କୁ କେବଳ ଭାଷାଗତ ଶିକ୍ଷା ଓ ସୁରକ୍ଷାଭାର ରାଷ୍ଟ୍ର ନେବ ବୋଲି କୁହାଯାଇଛି ତାକୁ ଟାଣିଓଟାରି ଆର୍ଥିକ ସୁବିଧା ସଂରକ୍ଷଣ ଆଡ଼କୁ ନେଇଯିବା ଗର୍ହିତ ନୁହେଁ କି ?

ଆଜି ଜାତୀୟ ସଂହତିର ପ୍ରଧାନ ବାଧକ ସାଜିଛି 'ବହୁଦଳୀୟ ଗଣତନ୍ତ୍ର', ମନେରଖିବାକୁ ହେବ ଯେ ବିଶ୍ୱର କୌଣସି ଦେଶକୁ ବହୁଦଳୀୟ ଗଣତନ୍ତ୍ର ସଶକ୍ତ କରିନାହିଁ। ଇଂଲଣ୍ଡ ଓ ଆମେରିକାରେ ବି ଆମ ଦେଶ ଭଳି ବହୁ ସମସ୍ୟା ଥିବା ସତ୍ତ୍ୱେ ଦ୍ୱିଦଳୀୟ ଗଣତନ୍ତ୍ର ହେତୁ ସଶକ୍ତ ରହିଛି। ବ୍ୟକ୍ତିଗତ ଉଚ୍ଚକାଂକ୍ଷୀ, ଧାର୍ମିକ, ଆଞ୍ଚଳିକ ସ୍ୱାର୍ଥକୁ ସମ୍ବଳ କରି ଏଦେଶରେ ନିତ୍ୟପ୍ରତି ବହୁଦଳ ହେଉଛନ୍ତି। ସଂଖ୍ୟା ଗରିଷ୍ଠ ଦଳକୁ ଅଳ୍ପ ସଦସ୍ୟ ବିଶିଷ୍ଟ ଦଳ ସମର୍ଥନ ଦେଇ ସରକାର ଗଢ଼ା ହେଉଛି। ଏହି କିଙ୍ଗମେକର୍ ଦଳ ମୂଲଚାଲ୍ କରି ନିଜ ସ୍ୱାର୍ଥପାଇଁ ସରକାରକୁ ଟଳଟଳ କରିପକାଉଛନ୍ତି। ଫଳରେ ଆଜି ଆମ ଭାରତରେ ରାଷ୍ଟ୍ରୀୟ ସ୍ୱାର୍ଥଜନିତ କୌଣସି ନିଷ୍ପତ୍ତି ଟଳଟଳ ସରକାର ନେଇପାରୁନାହାନ୍ତି। ଅପରପକ୍ଷରେ ବହୁଦଳର ବହୁବିଚ୍ଛିନ୍ନ ସ୍ୱାର୍ଥ ଜାତୀୟ ସଂହତିକୁ ଛିନ୍ନ ବିଚ୍ଛିନ୍ନ କରୁଛି। ସେଇଭଳି ସମ୍ବିଧାନର 'ସମାଜବାଦୀ ଗଣତନ୍ତ୍ର' ଭାବକୁ ଉପେକ୍ଷା କରି ଏଦେଶରେ ପୁଞ୍ଜିବାଦୀ ଅର୍ଥନୀତିର ପ୍ରଚଳନ ବହୁଦେଶୀୟ କମ୍ପାନୀର ପ୍ରବେଶ, କୃଷିପ୍ରଧାନ ଭାରତରେ କୃଷିପ୍ରତି ଓ ହସ୍ତଶିଳ୍ପପ୍ରତି ଅବହେଳା ବିକଟ ଆର୍ଥିକ ବୈଷମ୍ୟ ସୃଷ୍ଟିକରିଛି। ଜଳ, ଜମି, ଜୀବିକା ହରାଇ କୃଷକ ଆତ୍ମହତ୍ୟା କରୁଛି। ଦାଦନ ଖଟୁଛି, ପିଲା ବିକୁଛି। ରାଷ୍ଟ୍ରର ୧୦% ଭାଗ ଲୋକଙ୍କ ହାତରେ ୯୦% ଭାଗ ସଂପତ୍ତି ଓ ୯୦% ଭାଗ ଲୋକଙ୍କ ହାତରେ ମାତ୍ର ୧୦%। ସମଗ୍ର ବିଶ୍ୱର ମାତ୍ର ୮୫ଜଣଙ୍କ ହାତରେ ଯଦି ୫୦ଭାଗରୁ ଅଧିକ ସଂପତ୍ତି ଠୁଳ ହୋଇଥାଏ ଭାରତର ଦୁଇଚାରିଜଣଙ୍କ ହାତରେ ଯେ ୬୦% ରାଷ୍ଟ୍ରୀୟ ଆୟ ଯାଉନଥିବ ଏକଥା କିଏ କହିବ? ଯା ଫଳରେ ଭାରତର ବର୍ଦ୍ଧିଷ୍ଣୁ ବେକାରୀ ସମସ୍ୟା ନାନା ଅଶାନ୍ତି ଓ ହିଂସାକୁ ବୃଦ୍ଧି କରୁଛି ଏଥିରେ ସନ୍ଦେହ ନାହିଁ। ଏଇତ ନକ୍ସଲ ସମସ୍ୟା ଆଦି ଉଗ୍ରବାଦକୁ ଜନ୍ମ ଦେଇଛି ଓ ସର୍ବତ୍ର ଅଶାନ୍ତି ଓ ଅସନ୍ତୋଷ ପରିବ୍ୟାପ୍ତ ହୋଇପଡ଼ିଛି। ନିତ୍ୟପ୍ରତି ଆନ୍ଦୋଳନ ଏହାର ପ୍ରମାଣ। ଗାନ୍ଧିଜୀ କହିଥିଲେ, "We need not mass production but production by the masses"। ପୁଞ୍ଜିବାଦୀ ଅର୍ଥନୀତି ନୁହେଁ ସମସ୍ତଙ୍କୁ ଜୀବିକା ଯୋଗାଇବା ଅର୍ଥନୀତି ଆବଶ୍ୟକ।

ଜାତୀୟ ସଂହତି ପାଇଁ ବହୁଧର୍ମକୁ ଏକ ମହାଭାରତୀୟ ମାନବଧର୍ମ, ବହୁଜାତିକୁ ଏକ 'ଭାରତୀୟ ଜାତି', ବହୁକୋଟି ଅର୍ଥନୀତିକୁ ଏକକ ଏକକୋଟି ଆୟନୀତି; ବହୁ ବିଭିନ୍ନତାକୁ ବହୁ ଆଞ୍ଚଳିକତାକୁ ଅଖଣ୍ଡ ଐକିକତାକୁ ଧାବିତ କରିବା ଆଜିର ଆବଶ୍ୟକତା ରହିଛି। ବିଭେଦୀକରଣ ନୁହେଁ ଏକୀକରଣ ଆମ ରାଷ୍ଟ୍ରଧର୍ମ ହେବା ଉଚିତ୍।

**ଦରବାଲିପଡ଼ା,ବଲାଙ୍ଗିର**

# ମହାତ୍ମାଗାନ୍ଧୀ ବନ୍ଧୁକ ଧରିଲେ

ଉମାକାନ୍ତ ମହାନ୍ତି

ଆଟ୍‌ଲାଣ୍ଟିକ ମହାସାଗରର ଭଙ୍ଗିଳ ତରଙ୍ଗମାଳା ସହିତ ତାଳଦେଇ ଅଣ୍ଟା ଦୋହଲାଇ ଏକ ଚପଳଚ୍ଛନ୍ଦା ବାଳିକା ପରି ନାଚିନାଚି ଆମ କାର୍ନିଭାଲ୍ ଭିକ୍ଟ୍ରି ଜାହଜଟି କୋଜୁମେଲ୍ ଦ୍ୱୀପ ଆଡ଼କୁ ଆଗେଇ ଚାଲିଲା। ଝାପ୍ସା ଜହ୍ନ ଆଲୁଅରେ ଆଟ୍‌ଲାଣ୍ଟିକ ମହାସାଗରର ଅନନ୍ତନୀଳିମାର ଦୃଶ୍ୟ ଦେଖିଦେଖି, ଆଖି କେତେବେଳେ ବନ୍ଦ ହୋଇଯାଇଛି, ଜଣାନାହିଁ।

ରାତି ପାହିଆସିଲା ବେଳକୁ କାର୍ନିଭାଲ ଭିକ୍ଟ୍ରି ଜାହଜଟି ଫ୍ଲୋରିଡ଼ା ରାଜ୍ୟର ଶେଷ ସୀମାରେ ଥିବା 'କି' ୱେଷ୍ଟ (Key- west) ନାମକ ଏକ ମଧ୍ୟମ ଧାରଣର ବନ୍ଦରର ଜଳସୀମାରେ ପ୍ରବେଶ କରୁଥାଏ। ପୂର୍ବ ଆକାଶରୁ ଖାଣ୍ଟି ସୁନାଗୁଣ୍ଡ ମିଶା ଅବିର ମେଞ୍ଚାକୁ ମେଞ୍ଚା କିଏ ଛାଟି ଦେଉଥିବା ପରି ଜଣାପଡୁଥାଏ।

କି-ୱେଷ୍ଟ ଏକ ସୌନ୍ଦର୍ଯ୍ୟମୟୀ ବନ୍ଦର ନଗରୀ। ଏହାର ସୌନ୍ଦର୍ଯ୍ୟ ଏବଂ ନୈସର୍ଗିକ ନିଥରତାରେ ମୁଗ୍ଧହୋଇ ଆମେରିକା ପ୍ରଶାସନ ଆମେରିକା ରାଷ୍ଟ୍ରପତିମାନଙ୍କ ପାଇଁ ଏଠାରେ ଅନ୍ୟ ଏକ ଶୀତକାଳୀନ ହ୍ୱାଇଟ୍-ହାଉସ୍ ଠିଆ କରିଦେଇଛନ୍ତି।

ଏତଦ୍ ବ୍ୟତୀତ, ଏଠାରେ ଆମେରିକା ନୌସେନାରେ କାମ କରୁଥିବା ବୈମାନିକମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କେନ୍ଦ୍ର ରହିଛି। ତେଣୁ ଏଇ ବନ୍ଦରଟି ସର୍ବଦା ଚଳଚଞ୍ଚଳ ରହିଥାଏ।

ଆମେ କି-ୱେଷ୍ଟ୍‌ରେ ଓହ୍ଲାଇ କିଛି ସମୟ ବୁଲାବୁଲି କରି ପୁଣି ଜାହାଜକୁ ଫେରିଆସିଲୁ।

ମଧ୍ୟାହ୍ନ ଭୋଜନପରେ, ଜାହାଜ ଭିତରେ ଥିବା ଶରୀର ଚର୍ଚ୍ଚାକେନ୍ଦ୍ର (Spa) ଡ଼ାକ୍ତରଖାନା, ପାଠାଗାର ଇତ୍ୟାଦି ବୁଲି ଦେଖିଲୁ। ଜାହାଜଟି କିନ୍ତୁ କଳକଳ ଶବ୍ଦକରି ତା' ଗତିପଥରେ ଆଗେଇ ଚାଲିଥାଏ।

ଏହିପରି ଆମଯାତ୍ରାର ତୃତୀୟ ଦିନ ମଧ୍ୟାହ୍ନ ପୂର୍ବରୁ, କାର୍ନିର୍ଭାଲ ଭିକ୍ଟ୍ରି (Cozumel) କୋଜୁମେଲ୍ ଜଳରେ ପ୍ରବେଶ କରିଗଲା। ସେଠାରେ ୧ $^{୧}/_{୨}$ - ୨ ଦିନ ପର୍ଯ୍ୟନ୍ତ ରହିବାର କାର୍ଯ୍ୟକ୍ରମ ଥାଏ।

ଆମେ ମଧ୍ୟାହ୍ନ ନୀତି ଶେଷକରି, ଜାହଜରୁ ଓହ୍ଲାଇ ଆସିଲୁ। ଜାହଜ କର୍ତ୍ତୃପକ୍ଷଙ୍କ ବ୍ୟବସ୍ଥା ଅନୁଯାୟୀ, ସେଠାରୁ ଯାତ୍ରୀମାନେ ଅନ୍ୟ କେତେକଙ୍କ ସଂକ୍ଷିପ୍ତ ଭ୍ରମଣ କାର୍ଯ୍ୟକ୍ରମରେ ବାହାରିଗଲେ। କେହିକେହି ମେକ୍ସିକୋ ଦେଶ ଭିତରକୁ ଚାଲିଗଲେ; ଆଉ କେତେକ କୋଜୁମେଲ୍ ଦ୍ୱୀପର ଅଭ୍ୟନ୍ତରକୁ ଚାଲିଗଲେ। ପ୍ରକାଶ ଥାଉକି ଆମେରିକା- ମେକ୍ସିକୋ ମଧ୍ୟରେ ଏକ ଚୁକ୍ତି ଅନୁଯାୟୀ ଆମେରିକା ଭିସା ପାଇଥିବା ପର୍ଯ୍ୟଟକମାନଙ୍କ ପାଇଁ ମେକ୍ସିକୋ ଭିସାରେ କିଛିଟା କୋହଳତା ଅବଲମ୍ବନ କରାଯାଇଥାଏ।

ଆମେ ଏଇସବୁ ଦଳରେ ଯୋଗନଦେଇ ପୂରାପୂରି ଏକ ନିଆରା ପର୍ଯ୍ୟଟନ କାର୍ଯ୍ୟକ୍ରମରେ ଯୋଗଦେବାକୁ ବାହାରିଲୁ। ଏଇଟି ଥାଏ ଏକ ବୁଡ଼ାଜାହାଜ (Sub- marine) ରେ ବସି ଆଟଲାଣ୍ଟିକ ମହାସାଗରର ଅତଳ ଗର୍ଭକୁ ପ୍ରବେଶକରି ସମୁଦ୍ର ତଳର କିଛି ମନୋଲୋଭା ଦୃଶ୍ୟ ଦେଖିବା। ଏହା ଆମକୁ ଏକ ଅପୂର୍ବ ଅନୁଭୂତି ପ୍ରଦାନ କରିବ ବୋଲି ଭାବି, ଏପରି ନିଷ୍ପତ୍ତି ନେଇଥିଲୁ। ଆମେ ଏକ ଷ୍ଟିମର୍‌ରେ ବସି ଆମ ବୁଡ଼ାଜାହାଜଟି ଦିଗକୁ ଆଗେଇଗଲୁ।

ଆମ ବୁଡ଼ାଜାହଜ (Sub-marine)ର ନାଁ ହେଉଛି 'ଆଟ୍‌ଲାଣ୍ଟିସ୍' (Atlantis)। କିଛି ସେକ୍ୟୁରିଟି ଚେକ୍ ପରେ ଆମେ ପ୍ରାୟ ୬୦ଜଣ ପର୍ଯ୍ୟଟକ ଆଟ୍‌ଲାଣ୍ଟିସ୍‌ରେ ପ୍ରବେଶ କଲୁ।

ସେତେବେଳକୁ ଛାତି ଖାଲି ଦାଉଁ ଦାଉଁ ପଡୁଥାଏ ଉଠୁଥାଏ। ମନରେ ନାନା ଆଶଙ୍କା ବି ଆସୁଥାଏ। ସେଥିରେ ନିଃଶ୍ୱାସ-ପ୍ରଶ୍ୱାସ ବନ୍ଦ ହୋଇଯିବନାହିଁ ତ? ଆମକୁ ସଲିଳ ସମାଧି ନେବାକୁ ହବନାହିଁ ତ? ବାଟରେ ତିମି କି ହାଙ୍ଗର ପ୍ରଭୃତି ସମୁଦ୍ରର ମହାକାଳ ଦଳ ଆମ ବୁଡ଼ାଜାହଜଟିକୁ ଆକ୍ରମଣକରି ଓଲଟାଇ ଦେବେ ନାହିଁ ତ? କେଜାଣି ସେ କଥା କିଏ ଜାଣିଛି ଯେ କହିପାରିବ? ଯାହାହେଉ, ଜଗତର ନାଥ ଜଗନ୍ନାଥଙ୍କୁ ମନେମନେ ସୁମରଣା କରି ଆମେ ବୁଡ଼ାଜାହାଜଟିରେ ପ୍ରବେଶ କଲୁ।

ଆଟ୍‌ଲାଣ୍ଟିସ୍ କିଛି ସମୟ ଧୀରେ ଧୀରେ ଗତିକରି ଶେଷକୁ ଗଭୀର ଜଳରାଶି ମଧ୍ୟକୁ ପ୍ରବେଶକରି ଗଲା। ଗଭୀର ଜଳରାଶି ମଧ୍ୟରେ ଗୋଟିକ ପରେ ଗୋଟିଏ ଅଦ୍‌ଭୁତ ଦୃଶ୍ୟ ଆମ ଆଖିରେ ପଡ଼ିଯାଉଥାଏ। କେଉଁଠି ଫଂଝାଫଂଝା ନାଲି-ନୀଳ-ହଳଦୀ-ଧଳା ରଙ୍ଗର ମାଛ ତ ଆଉ କେଉଁଠି ସାନବଡ଼ ମାଳମାଳ ମାଛ, ଆଖିରେ ପଡୁଥାଆନ୍ତି। କେଉଁଠି ବୁଢ଼ାବୁଢ଼ା ଚିଙ୍ଗୁଡ଼ି ମାଛ ଆଉ କେଉଁଠି ମାଳ ମାଳ ସାପ, ଆଉ ବା କେଉଁଠି ମାଳମାଳ ସାନବଡ଼ କଙ୍କଡ଼ା କି କଇଂଛ ବି ଆଖିରେ ପଡୁଥାଆନ୍ତି। ସମସ୍ତେ ଧାଡ଼ିବାନ୍ଧି ଏକ ଏକ ଶୃଙ୍ଖଳିତ ସୈନିକ ଦଳଭଳି ଆଗକୁ ଆଗକୁ ମାଡ଼ିଚାଲିଥାଆନ୍ତି।

ଆଉ ବା କେଉଁଠି ମନଲୋଭା ନାଲି-ହଳଦୀ ସଫେଦ୍ ରଙ୍ଗର ପୋହଳାମାଛ- କେଉଁଠି ଟୋକେଇ ଟୋକେଇ ଝୁରା ଫୁଲଭଳି ତ ଆଉ କେଉଁଠି ଛୋଟ ଛୋଟ ବୁଦା ଜଙ୍ଗଲ ବା ଛୋଟ ପାହାଡ଼ ପରି ସେଗୁଡ଼ିକ

ଦେଖାଯାଉଥାଏ।

ଏଥିମଧ୍ୟରେ, ଆଟ୍‌ଲାଣ୍ଟିସ୍ ପ୍ରାୟ ୧୫୦ଫୁଟ୍‌ରୁ ୨୦୦ଫୁଟ୍ ଗଭୀରତାକୁ ପ୍ରବେଶ କରିସାରିଥାଏ। ତଳକୁ ତଳକୁ ଆହୁରି ବିଚିତ୍ର ଦୃଶ୍ୟ ଆଖିରେ ପଡୁଥାଏ। ଏହିପରି ପ୍ରାୟ ୧½ରୁ ୨ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର କିଛି ମନଲୋଭା ଦୃଶ୍ୟଦେଖି ଦେଖି ନୟନ ମନ ସାର୍ଥକ ହୋଇଗଲା। ଆଟ୍‌ଲାଣ୍ଟିସ୍ ଉପରକୁ ଉଠିଆସିଲା।

ଉପରକୁ ଉଠିଆସି ଆମେ ଦେଖିଲୁ, ଆମ ନିଃଶ୍ୱାସ-ପ୍ରଶ୍ୱାସ ବନ୍ଦ ହୋଇଯାଇନାହିଁ କି ଆମେ ସମୁଦ୍ରର ମହାକାଳ ଦଳଙ୍କ ହାବୁଡ଼ରେ ପଡ଼ିନାହୁଁ।

ଆମେ ଯେଉଁ ବାଟରେ ଏବଂ ଯେଉଁଭଳି ଭାବେ କେଦୁମେଲ ଯାଇଥିଲୁ, ପୁନର୍ବାର ସେଇ ବାଟରେ ସେଇଭଳି ଭାବେ ଫେରିଆସିଲୁ।

ବନ୍ଦର ନଗରୀ ମୀୟାମିରେ ପହଞ୍ଚି, ଆମେ ଆଗରୁ ରିଜର୍ଭ କରିଯାଇଥିବା ହୋଟେଲ୍‌ରେ ଆମେ ଡ଼େରାପକାଇଲୁ। ଉଦ୍ଦେଶ୍ୟ ଥାଏ ବିଶ୍ୱପ୍ରସିଦ୍ଧ ମାୟାମିନଗରୀ ବୁଲି ଦେଖିବା। ପ୍ରକାଶ ଥାଏକି ଏହି ନଗରୀଟି, ବେଶ୍ ଜଣାଶୁଣା ଆନ୍ତର୍ଜାତିକ ପତ୍ରିକା ଫୋର୍ବସ (Forbes) ର ଆକଳନ ଅନୁସାରେ ଆମେରିକାର ସର୍ବଶ୍ରେଷ୍ଠ ପରିଷ୍କୃତ ନଗରୀ (Cleanest City) ବୋଲି ବିବେଚିତ ହୋଇଛି। ସେହିପରି ବିଶ୍ୱର (2013-14) ସର୍ବଶ୍ରେଷ୍ଠ ଧନଶାଳୀ ନଗରୀର ମାନ୍ୟତା ମଧ୍ୟ ଲାଭକରିଛି।

ଆମେ ରହୁଥିବା ହୋଟେଲ୍ ନିକଟରେ ସମୁଦ୍ର ଆଡ଼କୁ ମୁହଁକରି ରହିଥାଏ ଏକ ବିଶାଳ ପାର୍କ (Byfront Park)। ପାଖାପାଖି ୭୦୦-୮୦୦ ଏକର ପର୍ଯ୍ୟନ୍ତ ଏହାର ବିସ୍ତୃତି। ହଜାର ହଜାର ନଡ଼ିଆଗଛ ପାର୍କଟିରେ ଦେଖିବାକୁ ମିଳୁଥାଏ। ସବୁଗଛରେ ଫଳ ନଦି ହୋଇରହିଥାଏ।

ଏହି ପାର୍କଟିର ଅନ୍ୟ ଏକ ବିଶେଷତ୍ୱ ହେଉଛି, ଏଠାରେ ମହାତ୍ମାଗାନ୍ଧୀ, ମଦରଟେରେସା, ପ୍ରସିଦ୍ଧ ପପ୍ ସଙ୍ଗୀତ ଗାୟକ ମାଇକେଲ୍ ଜାକ୍ସନ ମୁଷ୍ଟିଯୋଦ୍ଧା ମହମ୍ମଦ ଅଲ୍ଲୀ ପ୍ରଭୃତି ବିଶ୍ୱପ୍ରସିଦ୍ଧ ବ୍ୟକ୍ତିତ୍ୱମାନଙ୍କର ବ୍ରୋଞ୍ଜନିର୍ମିତ ପ୍ରତିମୂର୍ତ୍ତି ସବୁରହିଅଛି।

କିନ୍ତୁ ଆଶ୍ଚର୍ଯ୍ୟର କଥା, ପ୍ରତ୍ୟେକ ପ୍ରତିମୂର୍ତ୍ତି ହାତରେ ଖଣ୍ଡେ ଖଣ୍ଡେ ବନ୍ଧୁକ ଧରାଇ ଦିଆଯାଇଛି। ମହାତ୍ମାଗାନ୍ଧୀ ଏବଂ ମଦର ଟେରେସାଙ୍କ ହାତରେ ମଧ୍ୟ ରହିଛି ଖଣ୍ଡେ ଖଣ୍ଡେ ବନ୍ଧୁକ।

ଏପରି ଏକ ବିକୃତ ପ୍ରତିମୂର୍ତ୍ତି ଦେଖି ମନଟିକିଏ ବିଦ୍ରୋହ କରିଉଠିଲା। ସାରାଜୀବନ ସତ୍ୟ ଅହିଂସାର ଜଣେ ସଚ୍ଚା ପୂଜାରୀ ହିସାବରେ ଯେଉଁ ମହାତ୍ମା ଶେଷରେ ନିଜେ ବନ୍ଧୁକ ଗୁଳିରେ ଟଳିପଡ଼ିଲେ, ତାଙ୍କ ହାତରେ ପୁଣି ବନ୍ଧୁକ?? ସେହିପରି ଯେଉଁ ମଦର ଟେରେସା ସେବା ଏବଂ ମାନବ ପ୍ରେମକୁ ଜୀବନର ବ୍ରତରୂପେ ଗ୍ରହଣକରି ଜୀବନ ତ୍ୟାଗ କରିଛନ୍ତି, ତାଙ୍କ ହାତରେ ପୁଣି ବନ୍ଧୁକ....!!

ଏହା ଆମେରିକାବାସୀଙ୍କର ଆମପ୍ରତି ତାଚ୍ଛଲ୍ୟ ନୁହେଁ ତ??

ପରେ ଆମକୁ କଥାଟି ବୁଝାଇଦିଆଗଲା- ବନ୍ଧୁକ ହେଉଛି ପ୍ରକୃତ ସଂଗ୍ରାମର ପ୍ରତୀକ। ବିନା ଅସ୍ତ୍ରରେ କୌଣସି ସଂଗ୍ରାମ ଅସମ୍ଭବ। ମହାତ୍ମାଗାନ୍ଧୀଙ୍କର ସଂଗ୍ରାମର ଅସ୍ତ୍ର ଥିଲା ସତ୍ୟ ଏବଂ ଅହିଂସା।

ସେହିପରି ମଦର ଟେରେସାଙ୍କର ସଂଗ୍ରାମର ଅସ୍ତ୍ରଥିଲା ସେବା ଏବଂ ମାନବ ପ୍ରେମ। ଯଥାକ୍ରମେ ମାଇକେଲ ଜାକ୍‌ସନ ସଙ୍ଗୀତକୁ ଏବଂ ମହମ୍ମଦ ଅଲ୍ଲୀ କ୍ରୀଡ଼ାକୁ ସେମାନଙ୍କର ଅସ୍ତ୍ର ହିସାବରେ ବ୍ୟବହାର କରି ବିଶ୍ୱଜନତାଙ୍କୁ ଭରପୂର ଆନନ୍ଦ ଦେଇଆସୁଥିଲେ।

ସା:ପୋ:ଅ:- ମଣ୍ଡାସାହି
ଜଗତସିଂହପୁର- ୭୫୪୧୧୪
ମୋ- ୮୭୫୮୮୭୦୫୪୨

# ଏକ ପାଦ ସ୍ୱଚ୍ଛତା ଅଭିମୁଖେ


**ସୁଷମା ଦେଈ**



କେଡ଼େ ନିରିମଳ ପୋଖରୀ ତୁଠ,
ନିରିମଳ ଅଟେ ମୋ ମନ୍ଦିର ମଠ।
ସ୍ୱଚ୍ଛ ମୋର ଗାଁ, ସ୍ୱଚ୍ଛ ବିଦ୍ୟାଳୟ,
କେଡ଼େ ସ୍ୱଚ୍ଛ ମୋର ପାଇଖାନା କୂଅ।
ସ୍ୱଚ୍ଛ ମୋ ଓଡ଼ିଶା, ସ୍ୱଚ୍ଛ ମୋ ଭାରତ,
ସ୍ୱଚ୍ଛ ଚିନ୍ତାଧାରା, ଗଢ଼େ ଭବିଷ୍ୟତ।
ସ୍ୱଚ୍ଛତା ଆଣିଦେବ ସୁନ୍ଦର ସ୍ୱାସ୍ଥ୍ୟ,
ପବିତ୍ର ଭାରତ ହେବ ରୋଗମୁକ୍ତ।
ଛୋଟ ଆମେ ନୁହେଁ ଏ ଛୋଟିଆ ଚିନ୍ତା,
ସକଳ ହୃଦେ ଭରୁ 'ସ୍ୱଚ୍ଛ' ବାରତା।
ସ୍ୱଚ୍ଛତା ତ ସଦା ସଂସ୍କୃତିର ଚିହ୍ନ,
ଅସ୍ୱଚ୍ଛତା ପରାଧୀନ ଠାରୁ ହୀନ।
ଜାଗିଲେ ମୋ ଗାଁ ଜାଗିବ ଭାରତ,
ବିଦ୍ୟାଳୟ ହେବ ସ୍ୱଚ୍ଛତାର ସୂତ୍ର।
ମିଳିମିଶି ଆମେ ଯିବା କାମକରି,
ସ୍ୱପ୍ନର ଭାରତ ଗଢ଼ିବ ସବୁରି।

**ସହକାରୀ ଶିକ୍ଷୟିତ୍ରୀ**
**ମୁକୁନ୍ଦପ୍ରସାଦ ଉନ୍ନୀତ ଉଚ୍ଚ ପ୍ରାଥମିକ**
**ବିଦ୍ୟାଳୟ, ଖୋର୍ଦ୍ଧା**

# ମାନବ ପ୍ରେମର ଅମୀୟ ପୁରୁଷ ଥିଲେ ଆବ୍ରାହମ୍ ଲିଙ୍କନ୍



ଉମାଶଙ୍କର ପ୍ରସାଦ



ଆଜକୁ ୨୦୦ ବର୍ଷ ପୂର୍ବେ ହୃଦୟହୀନ ଲୋଭୀ ୟୁରୋପୀୟ ଓ ଆରବ ବଣିକମାନେ ଆଫ୍ରିକାର ଅଗମ୍ୟ ଅଂଚଳରୁ ନିଗ୍ରୋମାନଙ୍କୁ ଧରି ନେଇ ହଜାର ହଜାର ମାଇଲ ଦୂରରେ ଆମେରିକାର ଧନୀ କୃଷି ମାଲିକମାନଙ୍କୁ ବିକ୍ରି କରି ଦେଉଥିଲେ । ଏମାନଙ୍କୁ ପଶୁମାନଙ୍କ ଭଳି ଗୁହାଳର ଶୃଙ୍ଖଳରେ ବନ୍ଧାଯାଇ ଏମାନଙ୍କ ଉପରେ ପଶୁତୁଲ୍ୟ ବ୍ୟବହାର କରାଯାଉଥିଲା । କିଣି ଆଣିଥିବା ଖାଉନ୍ଦ ଘରେ ନିରୀହ ପଶୁମାନଙ୍କ ପରି ପରସ୍ପରକୁ ଦେଖୁଥିଲେ ନିଗ୍ରୋମାନେ । ସେମାନଙ୍କୁ ମନୁଷ୍ୟ ବୋଲି ଗଣାଯାଉନଥିଲା । ସତେ କ'ଣ ଏହି କ୍ରୀତଦାସ ପ୍ରଥାରେ ପୂର୍ଣ୍ଣଚ୍ଛେଦ ପଡ଼ିବ, ତାହା ଥିଲା ମନରେ ଆଶଙ୍କା । ଦାସ ବ୍ୟବସାୟର କେନ୍ଦ୍ରସ୍ଥଳ ଥିଲା ଆମେରିକାର ଦକ୍ଷିଣ ଦିଗରେ ମିସୋରୀ-ମିସିସିପି ନଦୀ କୂଳରେ ଅବସ୍ଥିତ ନିଉ ଅର୍ଲିନ୍‌ସ ସହର । ସମଗ୍ର ଯୁକ୍ତରାଷ୍ଟ୍ରକୁ ଏହି ସହରରୁ ଦାସମାନଙ୍କୁ ଚାଲାଣ ହେଉଥିଲା । ୧୮୨୮ ମସିହାର କଥା, ସେତେବେଳକୁ ଇଂରେଜ ବଣିକମାନେ ଭାରତରେ ଦୃଢ଼ ଆସନ ଜମେଇ ସାରିଥିଲେ । ଦାସପ୍ରଥା ଓ ଦାସ ବ୍ୟବସାୟ କ'ଣ ଭାରତୀୟମାନଙ୍କୁ ଜଣାନଥିଲା । ମିସିସିପି ନଦୀର ଉପର ମୁଣ୍ଡରୁ ଡଙ୍ଗା ବାହି ୧୯ ବର୍ଷ ବୟସ୍କର ଜଣେ ବାଳକ ସେହି ବଜାରରେ ଉପସ୍ଥିତ ହୋଇଥିଲା । ପିଲାଟି ଦୀର୍ଘକାୟ ୬ଫୁଟ ୬ଇଂଚର ଥିଲା । ଗୋଟିଏ କାଠ କ୍ୟାବିନ୍‌ରେ ବାପ ଓ ସାବତ ମା'ଙ୍କ ସହିତ ସେ ବାସ କରୁଥିଲା । ଜଣେ ଗରିବ କାଠୁରିଆର ସେ ଥିଲା ସନ୍ତାନ । କୌଣସି ବ୍ୟବସାୟୀ ପାଖରେ ଚାକିରି କରି ପେଟପୋଷିବା ସହ ପରିବାରକୁ ମଧ୍ୟ ସାହାଯ୍ୟ କରୁଥିଲା । ସହରକୁ ଜିନିଷ ପତ୍ର ବୋହିବା ତାର ଦୈନନ୍ଦିନ କାର୍ଯ୍ୟ ଥିଲା । କାହିଁକି କେଜାଣି ସେଦିନ ପିଲାଟିମନରେ କୌତୁହଳ ହେଲା ଦାସ ବଜାରକୁ ଯିବାକୁ । ନଦୀ କୂଳରେ ଡଙ୍ଗା ବାନ୍ଧି ଦେଇ ଭିତରକୁ ଯିବା ସମୟରେ ଅନେକ ଦୂରରୁ ଚାବୁକ୍ ମାଡ଼ ଶୁଣିବାକୁ ପାଇଲା । ସ୍ୱଚକ୍ଷୁରେ ଦେଖିବାକୁ ପାଇଲା ଦାସମାନଙ୍କ ପ୍ରତି କ୍ରେତା ଓ ବିକ୍ରେତାଙ୍କ ନିର୍ଦ୍ଦୟତା । ବାଳକଟିର ହୃଦୟ ଦାସମାନଙ୍କର ବିକଳ କ୍ରନ୍ଦନ, ଅକଥନୀୟ ନିର୍ଯ୍ୟାତନା ସହ୍ୟ କରିନପାରି ବିକଳରେ କାନ୍ଦିବାକୁ ଲାଗିଥିଲା । ମନକୁ ପ୍ରଶ୍ନ କରିଥିଲା, ଏମାନେ କ'ଣ ମଣିଷ ନା ପଶୁ ! ଏମାନଙ୍କୁ ଏପରି ଯନ୍ତ୍ରଣା ଦିଆଯାଉଛି କାହିଁକି ? ବଜାରରେ ଅଳ୍ପ ସମୟ ରହଣି ମଧ୍ୟରେ ସେ ହୃଦୟଙ୍ଗମ କରିପାରିଥିଲା ବାସ୍ତବିକତାକୁ । କିନ୍ତୁ କ'ଣ ବା କରିପାରନ୍ତା ସେ ଦରିଦ୍ର ବାଳକ । ମାତ୍ର ଏକ ବଜ୍ର ପ୍ରତିଜ୍ଞା କରିଥିଲା "ଯଦି ଭବିଷ୍ୟତରେ ପରମେଶ୍ୱର କରନ୍ତି, ଏହି ଅସହାୟ ହତଭାଗାମାନଙ୍କୁ ମୁକୁଳାଇବାର ସୁବିଧା ପାଏ, ତେବେ ତାହା ମୁଁ ନିଶ୍ଚୟ କରିବି ।"

ସେହି ଦରିଦ୍ର ସନ୍ତାନ ଥିଲେ ଭବିଷ୍ୟତର ମହାନ ମାନବବାଦୀ ନେତା ଆବ୍ରାହମ୍ ଲିଙ୍କନ୍ ଯିଏ ପରବର୍ତ୍ତୀ ଜୀବନରେ ଯୁକ୍ତରାଷ୍ଟ୍ର ଆମେରିକାର ଚତୁର୍ଦ୍ଦଶ ରାଷ୍ଟ୍ରପତି ଭାବେ ବରିତ ହୋଇ ଦାସପ୍ରଥା ଲୋପ କରିବାକୁ ଯାଇ ଆଇନ୍ ପ୍ରଣୟନ କରି କାଳ କାଳକୁ ଜନମାନସରେ ଅମର ହୋଇ ରହିଗଲେ । ସେହି ଦରିଦ୍ର ପିଲାଟି ଘରୋଇ ଭାବେ ପାଠ ପଢ଼ିବା ସହ ଭାଷଣ ଦେବା ଅଭ୍ୟାସ କରିଥିଲେ । ଜଣେ ସହୃଦୟ ବ୍ୟକ୍ତିଙ୍କ ଠାରୁ ପଢ଼ିବା ପାଇଁ ପୁସ୍ତକଟିଏ ମାଗି ତାହା ବର୍ଷାରେ ଓଦା ହୋଇ ନଷ୍ଟ ହୋଇଯିବାରୁ ସେ ବ୍ୟକ୍ତିଙ୍କର କୃଷି କ୍ଷେତ୍ରରେ କାର୍ଯ୍ୟ କରି ବହିର ମୂଲ୍ୟ ବାବଦ ଭରଣା କରିଥିଲେ । ୨୩ ବର୍ଷ ବୟସରେ ରାଜନୀତିରେ ପ୍ରବେଶ

କରି ଆସେମ୍ବ୍ଲି ମେମ୍ବର ପାଇଁ ଠିଆ ହୋଇ ଅକୃତକାର୍ଯ୍ୟ ହୋଇଥିଲେ ମଧ୍ୟ ଧୈର୍ଯ୍ୟଚ୍ୟୁତ ନହୋଇ ୨୮ ବର୍ଷ ବୟସରେ ଆଇନ୍ ଶାସ୍ତ୍ର ସମ୍ପୂର୍ଣ୍ଣ କରି ଏକ ପ୍ରଭାବଶାଳୀ ଆଇନ୍‌ଜୀବୀ ହୋଇଥିଲେ । ୩୭ ବର୍ଷ ବୟସରେ ଆମେରିକା କଂଗ୍ରେସର ସେ ଜଣେ ସଭ୍ୟ ଭାବେ ବିବେଚିତ ହୋଇଥିଲେ। ସେତେବେଳେ ନିୟମ ଥିଲା ସଭାପତି ପଦ ପାଇଁ ପ୍ରାର୍ଥୀ ହେବାକୁ ହେଲେ ନ୍ୟୁୟର୍କ ସହରର ବିଦ୍ୱାନ ମଣ୍ଡଳୀକୁ ପ୍ରଭାବିତ କରିବାକୁ ହେବ । ସେଠାରେ ଥିବା କୁପର୍ ୟୁନିୟନ୍ ହଲ୍‌ରେ ଦେଶର ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ସମ୍ମୁଖରେ ଭାଷଣ ଦେବା ପାଇଁ ନିଜକୁ ପ୍ରସ୍ତୁତ କରି ନେଇଥିଲେ । ଯଦିଓ ୬ ଫୁଟ ୬ ଇଂଚ୍‌ର ଦୀର୍ଘକାୟ ମଣିଷଟିଏ ଥିଲେ, ମାତ୍ର ଶୀର୍ଣ୍ଣକାୟ ଶରୀର ଥିବାରୁ ପିନ୍ଧିଥିବା ପୋଷାକ ତାଙ୍କୁ ଖାପ ଖାଉନଥିଲା । ମୁଣ୍ଡଟି ଥିଲା ଦେହ ତୁଳନାରେ ଛୋଟ । ମାତ୍ର ସେହି କ୍ଷୁଦ୍ର ମସ୍ତକରେ ଥିଲା ଅସୀମ ଜ୍ଞାନର ଭଣ୍ଡାର। ପୂର୍ବରୁ କେବେ ଏତେ ବିଦ୍ୱାନ ମଣ୍ଡଳୀଙ୍କ ସମ୍ମୁଖରେ ଭାଷଣ ଦେବାର ସୁଯୋଗ ପାଇନଥିଲେ । ମାତ୍ର ଯଦିଓ ପ୍ରଥମେ ମନରେ ସଙ୍କିତ ହୋଇଥିଲେ ମାତ୍ର ଆଶା ସଂଚ୍ଚର କରି ନୂତନ ଉତ୍ସାହ ଓ ଉଦ୍ଦୀପନାରେ ଏପରି ଗମ୍ଭୀର ତଥା ଓଜସ୍ୱିନୀ ଭାଷଣ ଦେଇଥିଲେ, ଯାହାକି ଉପସ୍ଥିତ ସଭାସଦକୁ ତଟସ୍ଥ କରିବା ସହ ତାଙ୍କ ରାଜନୈତିକ ପ୍ରତିଦ୍ୱନ୍ଦୀମାନେ ତାଙ୍କ ସହ କରମର୍ଦ୍ଦନ କରିଥିଲେ । ସେହି ଯୁଗାନ୍ତକାରୀ ଭାଷଣ ଲିଙ୍କନଂଙ୍କ ଗତିପଥକୁ ବଦଳାଇ ଦେଇଥିଲା । ପରେ ପରେ ୧୮୬୧ ମସିହା ରାଷ୍ଟ୍ରପତି ନିର୍ବାଚନରେ ବିପୁଳ ସଂଖ୍ୟକ ଭୋଟ୍‌ରେ ନିର୍ବାଚିତ ହେବା ସହ ୧୮୬୩ ମସିହାରେ ଏହି ଘୃଣ୍ୟ ଦାସପ୍ରଥାକୁ ସମଗ୍ର ଆମେରିକାରୁ ଲୋପ କରିଥିଲେ । ୧୮୬୫ ମସିହାରେ ଆମେରିକାର ଗୃହଯୁଦ୍ଧ ପରେ ଦାସତ୍ୱ ପ୍ରଥାକୁ ବେଆଇନ୍ ଘୋଷଣା କରିଥିଲେ ।

୧୮୨୮ ମସିହାରେ ନ୍ୟୁ ଅଲିନିସ୍ ବଜାରରେ ଦାସମାନଙ୍କର ବିକଳ କ୍ରନ୍ଦନ ଦେଖି ସେଦିନ କରିଥିବା ପ୍ରତିଜ୍ଞାକୁ ପରମେଶ୍ୱର ପୂରଣ କରିଥିବାରୁ ତାଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରିଥିଲେ । ତାଙ୍କର ଏପରି ମହନୀୟ କାର୍ଯ୍ୟପାଇଁ ୧୮୬୫ ମସିହା ଏପ୍ରିଲ ୧୪ ତାରିଖରେ ମହାମନା ଲିଙ୍କନଙ୍କୁ ଅଭ୍ୟର୍ଥନା କରିବା ପାଇଁ ଏକ ନାଟକ ଅଭିନୀତ ହୋଇଥିଲା । ସମସ୍ତ ପରିବାର ସହ ନାଟକ ଉପଭୋଗ କରୁଥିବା ସମୟରେ ଅର୍ଦ୍ଧପାଗଳ ବର୍ଣ୍ଣବିଦ୍ୱେଷୀ  ଜନ୍ ଉଇଲ୍‌କିସ୍ ବୁଥ୍ ନାମକ ଜଣେ ଅଭିନେତା ପଛପଟୁ ତାଙ୍କୁ ଗୁଳିବିଦ୍ଧ କରି ତାଙ୍କ ଜୀବନ ନାଟକର ପରିସମାପ୍ତି ଘଟାଇଥିଲା । ସମୟ ସ୍ରୋତରେ କାଳକାଳକୁ କଥା ରହିଗଲା । ମାନବ ପ୍ରେମ ଓ ଦେଶପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଆବ୍ରାହମ୍ ଲିଙ୍କନ ।

**ସମ୍ପାଦକ "ମାର୍ଗଦର୍ଶୀ",**
**ଖୋର୍ଦ୍ଧା**

ଡ଼ାକଟିକଟରୁ ଜ୍ଞାନ

# ସମ୍ରାଟ ବିକ୍ରମାଦିତ୍ୟ



**ଭବାନୀ ଶଙ୍କର ଦାଶ**




ପ୍ରାଚୀନ ଭାରତର ଜଣେ ପ୍ରସିଦ୍ଧ ସମ୍ରାଟ ଥିଲେ ବିକ୍ରମାଦିତ୍ୟ। ଖ୍ରୀ.ପୂ. ୫୭ରେ ସେ ବିକ୍ରମ କ୍ୟାଲେଣ୍ଡର ପ୍ରସ୍ତୁତ କରିଥିଲେ। ବିକ୍ରମାଦିତ୍ୟର ଅର୍ଥ ସୂର୍ଯ୍ୟଙ୍କ ପରି ଶକ୍ତିଶାଳୀ। ସେ ଉଜ୍ଜୟିନୀରେ ଦୀର୍ଘବର୍ଷ ଧରି ଶାସନ କରିଥିଲେ। ବିକ୍ରମ ସଂବତ୍ କୁ 'କୃତ' ଏବଂ 'ମାଳବ' ରୂପରେ ହିସାବ କରାଯାଏ। ଭାରତରେ ଶ୍ରୀଗୋରିଆନ କ୍ୟାଲେଣ୍ଡର ସହିତ ବିକ୍ରମ ସଂବତ୍ କୁ ମଧ୍ୟ ହିସାବରେ ନିଆଯାଇଥାଏ। ଏହି କ୍ୟାଲେଣ୍ଡରକୁ ନେପାଳର ସରକାରୀ କ୍ୟାଲେଣ୍ଡର ଭାବେ ଗ୍ରହଣ କରାଯାଇଥାଏ। ଭାରତର ସମ୍ବିଧାନର ପ୍ରସ୍ତାବନାର ହିନ୍ଦୀ ରୂପାନ୍ତରଣରେ ସଂବିଧାନ ଗୃହୀତ ହେବାର ତାରିଖ ୨୬ ନଭେମ୍ବର ୧୯୪୯ ବିକ୍ରମ ସଂବତ୍‌ରେ ଅଛି। ଏହା ଏକ ଚନ୍ଦ୍ର କ୍ୟାଲେଣ୍ଡର ଅଟେ ଯେଉଁଥିରେ ଚନ୍ଦ୍ରଙ୍କ ଚଳନ ଅନୁସାରେ ସମୟ ସ୍ଥିର କରାଯାଇଥାଏ।

ବିକ୍ରମାଦିତ୍ୟଙ୍କ ବଂଶ ଥିଲା ପରମାର ବଂଶ। କଥା ସରିତସାଗର ଅନୁସାରେ ସେ ଉଜ୍ଜୟିନୀର ରାଜା ମହେନ୍ଦ୍ରାଦିତ୍ୟଙ୍କ ପୁତ୍ର ଅଟନ୍ତି। କଥା ସରିତସାଗରର ବିଷୟବସ୍ତୁ ହେଉଛି ବୃହତ୍ କଥାମଞ୍ଜରୀର ଘଟଣା ଯାହାକି ମୁଖ୍ୟତଃ ରୂପେ ଗୁଣାଢ଼୍ୟ ଦ୍ୱାରା 'ବଡ଼୍‌ଡ଼' କଥା ଉପରେ ଆଧାରିତ। ବୃହତ୍ କଥାମଞ୍ଜରୀ ଏବଂ ସୋମଦେବଙ୍କ କଥାସରିତ ସାଗରରୁ ବିକ୍ରମାଦିତ୍ୟଙ୍କ ବିଷୟରେ ଜଣାପଡ଼େ। ସେହିପରି ବେତାଳ ପଚିଶି, ସିଂହାସନ ବତୀ ପୁସ୍ତକରୁ ତାଙ୍କ ଶାସନ ବିଷୟରେ ଜଣାପଡ଼େ। ଏଥିରେ ବିକ୍ରମାଦିତ୍ୟଙ୍କୁ ଏକ ଲୋକପ୍ରିୟ ଶାସକ ଓ ବୀର ଭାବରେ କ୍ଷୁଦ୍ରଗଳ୍ପ ମାଧ୍ୟମରେ ଦର୍ଶାଯାଇଛି।

ଐତିହାସିକ ମାନେ ବିଶ୍ୱାସ କରନ୍ତି ଯେ, ବିକ୍ରମାଦିତ୍ୟ ଏକ ପଦବୀ ଯାହାକି ପ୍ରସିଦ୍ଧ ରାଜାଙ୍କ ପାଇଁ ବ୍ୟବହାର କରାଯାଇଛି। ଦ୍ୱିତୀୟ ଚନ୍ଦ୍ରଗୁପ୍ତ ଶକମାନଙ୍କୁ ପରାସ୍ତ କରି 'ଶକାରୀ' ଉପାଧି ଧାରଣ କରିଥିଲେ। ଯାହାକୁ ବିକ୍ରମାଦିତ୍ୟ ଭାବେ କେତେକ ମତ ଦିଅନ୍ତି। ଏହି ପଦବୀ ସହିତ ଧାରା ନଗରୀରର ରାଜା ଭୋଜ, ଗୁଜୁରାଟର ସିଦ୍ଧରାଜ ଜୟସିଂହ, ମୋଗଲ ସେନାକୁ ସାମନା କରିଥିବା ହେମଚନ୍ଦ୍ରଙ୍କୁ ମଧ୍ୟ ବିକ୍ରମାଦିତ୍ୟ କୁହାଯାଏ ବୋଲି କେତେକ ଐତିହାସିକ ଦର୍ଶାନ୍ତି। ଯାହାହେଲେ ବି ୫୭ ଖ୍ରୀ.ପୂ ଏହି ସମୟର ଗଣନା ଭାରତୀୟ ପରମ୍ପରାର ଏକ ପ୍ରମୁଖ ବିଷୟ ଓ ଆମ ସଂସ୍କୃତିର ପରିଚୟ ଅଟେ। ଭାରତୀୟ ଡ଼ାକ ୨୨/୧୨/୧୬ ଦିନ ବିକ୍ରମାଦିତ୍ୟଙ୍କ ଉପରେ ଏକ ୫ଟଙ୍କିଆ ସ୍ମରଣୀୟ ଡ଼ାକଟିକଟ ପ୍ରକାଶିତ କରିବା ଏକ ଗୌରବର ବିଷୟ।

**ଜେକେପୁର, ରାୟଗଡା**

# ବିଷହୀନ ସାପ ଢମଣା



**ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର**



ସାପ ଶବ୍ଦ ଶୁଣିଲେ ମନକୁ ଆପେ ଆପେ ଭୟ ଆସିଥାଏ । କାରଣ ସାପ ଏପରି ଏକ ପ୍ରାଣୀ ଯାହାକୁ ସମସ୍ତେ ଭୟ କରିଥାନ୍ତି ଓ ସାପ କାମୁଡାରେ ଅନେକ ଲୋକ ମଧ୍ୟ ମରିଥାନ୍ତି । ସାପକୁ ଦେଖିଲେ ଲୋକମାନେ "ଆସ୍ତିକ" ମୁନିଙ୍କ ନାମକୁ ଧରନ୍ତି ଓ ଗରୁଡ ପକ୍ଷୀର ନାମ ଧରନ୍ତି । କାରଣ ଏହି ନାମ ସବୁ ଧରିଲେ ସାପ ପାଖରୁ ପଳେଇଯାଏ ବୋଲି ଲୋକମାନେ କହିଥାନ୍ତି । କିନ୍ତୁ ପ୍ରାଚୀନ କାଳରୁ ତଥା ପୌରାଣିକ ଯୁଗରୁ ସାପକଥା ଅନେକ ପୁରାଣରେ ପୋଥି ଓ ରାମାୟଣରେ ବର୍ଣ୍ଣନା କରାଯାଇଛି । ଦେବ ଦେବ ମହାଦେବ ବି ମନ୍ଦିରରେ ପିତଳ କିମ୍ବା ତମ୍ବାରେ ତିଆରି ନାଗମୂର୍ତ୍ତି ପୂଜା କରାଯାଏ । ମହାଦେବ ଶିବଙ୍କ ବେକରେ ନାଗ ସାପ ରହିଥିବାର ପୁରାଣରେ ଉଲ୍ଲେଖ ରହିଛି । ଆଉ ମଧ୍ୟ ବିଷ୍ଣୁଙ୍କ ଅନନ୍ତଶୟନ ରେ ସାପ ରହିଛି। ଅମୃତ ପାନ କରିବାପାଇଁ ଦେବତା ଓ ଅସୁର ମାନଙ୍କ ମଧ୍ୟରେ ଯେଉଁ କଳି ଲାଗିଥିଲା ସେଥିରେ ବାସୁକି ସାପକୁ ସମୁଦ୍ର ମନ୍ଥନ ବେଳେ ବ୍ୟବହାର କରିଥିବାର କଥା ପୁରାଣରେ ବର୍ଣ୍ଣନା କରାଯାଇଛି । ଆମ ଦେଶ ଭାରତରେ ନାଗପଞ୍ଚମୀ ଦିନ ନାଗ ସାପକୁ ପୂଜା କରାଯାଉଛି। ସାପକୁ ଦେଖିଲେ ଅଶୁଭ ହେବାକଥା ଅନେକ ଲୋକ କହିଥାନ୍ତି । କିନ୍ତୁ ଏହା ଠିକ୍ ନୁହେଁ ।

ସାପ ଏକ ମେରୁଦଣ୍ଡୀ ଓ ସରୀସୃପ ଜାତୀୟ ପ୍ରାଣୀ । ପୃଥିବୀରେ ପ୍ରାୟ ୫୦୦ ପ୍ରଜାତିର ସାପ ଦେଖାଯାନ୍ତି । ଆମ ଓଡିଶାରେ ୨୩୫ ପ୍ରଜାତିର ସାପ ମଧ୍ୟରୁ ୫୫ ପ୍ରଜାତିର ସାପ ବିଷଯୁକ୍ତ ଓ ଅନ୍ୟ ସମସ୍ତ ବିଷ ବିହୀନ ଅଟନ୍ତି । ଏହି କିଛିଦିନ ତଳେ ଆମ ଘରଭିତରକୁ ଏକ ସାପ ପସିଆସିଲା ଓ ସଙ୍ଗେ ସଙ୍ଗେ ଫୋନ ପାଇ Snake helpline ର ସଦସ୍ୟ ଦୁର୍ଗାମାଧବ ମହାପାତ୍ର ସାପକୁ ଧରି ନିକଟସ୍ଥ ସୁନାଦେଇ ପାହାଡରେ ଛାଡିଦେଲେ । ସାପକୁ ଦେଖି ଆମେ ସମସ୍ତେ ଭୟଭୀତ ହୋଇଯାଇଥିଲୁ। କିନ୍ତୁ ଦେଖିଲାବେଳକୁ ଏହା ଏକ ବିଷ ହୀନ ସାପ ଯାହାର ନାମ ଢମଣା ସାପ ।

ଏଠାରେ ଏହି ସାପ ସମ୍ବନ୍ଧରେ ବର୍ଣ୍ଣନା କରାଯାଉଛି । ଇଂରାଜୀରେ ଏହାର ନାମ Rat snake ଓ ବୈଜ୍ଞାନିକ ନାମ Ptyas mucosus। ଏହି ସାପ ମୁଖ୍ୟତଃ ଦିବା ସମୟରେ ଚଳ ପ୍ରଚଳ କରିଥାଏ । ମନୁଷ୍ୟକୁ ଦେଖିବା ମାତ୍ରେ ସେଠାରୁ ପଳାୟନ କରେ । କାରଣ ଏହା ଏକ ଭୟାଳୁ ସାପ । ଯଦି ମଣିଷ ତାକୁ ଜଗିଦିଏ, ତେବେ ଏହି ସାପଟି ମୁଣ୍ଡ ଓ ବେକକୁ ଉପରକୁ ଟେକି ଫଁ ଫଁ ଶବ୍ଦ କରିବା ସହ କାମୁଡି ଦିଏ । କିନ୍ତୁ ଏହାର କାମୁଡିବା ଯୋଗୁଁ ମଣିଷର ମୃତ୍ୟୁ ହୋଇନଥାଏ । ଏମାନେ ମୂଷା ଗାତ ଓ ଉଇହୁଙ୍କାରେ ରହିବାକୁ ଭଲପାଆନ୍ତି । ଏହାବ୍ୟତିତ ପଥରଗଦା, କାଠଗଦା, ଚାଳଘରର ଛପର ତଳେ ବାସ କରିଥାନ୍ତି । ଏମାନେ ଗଛରେ ଚଢି ପାରନ୍ତି ଓ ପାଣିରେ ମଧ୍ୟ ପହଁରି ପାରନ୍ତି । ଆଉମଧ୍ୟ ଏହାର ଲମ୍ବା ଲାଞ୍ଜକୁ ଗଛ ଡାଳରେ ଗୁଡାଇ ତଳକୁ ଓହଳି ପାରନ୍ତି । ମୂଷା, ବେଙ୍ଗ, ଏଣ୍ଡୁଅ, ଚଢେଇ ଏମାନଙ୍କର ପ୍ରିୟ ଖାଦ୍ୟ । ଏହି ପ୍ରାଣୀମାନଙ୍କୁ ଜୀବନ୍ତ ଅବସ୍ଥାରେ ଧରି ଗଳି ପକାନ୍ତି ।

ଆକୃତିରେ ଏମାନେ ବଡ ଅଟନ୍ତି ଓ ଦେହର ଲମ୍ବ ପ୍ରାୟ ୨ରୁ ୩.୫ ମିଟର । ଦେହର ରଙ୍ଗ ଫିକା ହଳଦିଆ ବା ବାଦାମୀ ବା ସବୁଜ । ଏମାନଙ୍କର ବେକ ସରୁଆ ଓ ଦୁଇଟି ବଡ ବଡ ଗୋଲାକାର ଆଖି ମୁଣ୍ଡରେ ରହିଛି । ଦେହ ଉପରେ କଳା କଳା ଦାଗ ସବୁ ପଡିଥାଏ । ଲାଞ୍ଜର ରଙ୍ଗ କଳା ଅଟେ । ଓଷ୍ଠୀୟ ଧାର ଓ ଲାଞ୍ଜର ଉପରିଭାଗ କଳାରଙ୍ଗ ଥିବାରୁ ଏହା ଏକ ଢମଣା ସାପ ଅଟେ । ଦେହ ସାରା ଚକଚକିଆ କାତି ରହିଛି ଓ ପିଠି ଉପର କାତି ୧୬ ରୁ ୧୭ ଧାଡିରେ ସଜ୍ଜିତ । ପେଟତଳେ ୧୮୦ ରୁ ୨୧୩ ପର୍ଯ୍ୟନ୍ତ କାତି ରହିଛି ଓ ଏଗୁଡିକ ଓସାରିଆ । ଲାଞ୍ଜତଳେ ଦୁଇଟି ଧାଡିରେ ପ୍ରାୟ ୯୫ ରୁ ୧୪୬ ପର୍ଯ୍ୟନ୍ତ କାତି ରହିଛି । ମଳ ଦ୍ୱାର ଉପରେ କାତି ଦି ପରସ୍ତ । ମୁଣ୍ଡର ଉପରି ଭାଗରେ ୩ଗୋଟି ଡାଲ ଯଥା ପୂର୍ବ ଅକ୍ଷିକ(Pre-ocular), ଅନୁଅକ୍ଷିକ, (Postocular) ଓ ଅଧି ଅକ୍ଷିକ, (Supraocular) ରହିଛି । ଏହା ଛଡା ୮ଗୋଟି ଅଧିଓଷ୍ଠୀୟ ଡାଲ (Supralabials) ୬ ଗୋଟି ଅଧିଷ୍ଠୀୟ ଡାଲ (Infralabilas)। ଆଖି ପାଖରେ ୪ର୍ଥ ଓ ୫ମ ଅଧିଓଷ୍ଠୀୟ ଡାଲ ରହିଛି ଏବଂ ଏଗୁଡିକ ଆଖି ଉପରକୁ ଏକ ହୁଡା ଗଠନ କରିଥାଏ । ନାକର ରନ୍ଧ୍ର ବଡ ଓ ଏଥିରେ ୨ଗୋଟି ନାସାଡାଲ ରହିଛି । ନାକର ରନ୍ଧ୍ର ଓ ଆଖିର ମଧ୍ୟବର୍ତ୍ତୀ ଅଞ୍ଚଳ ଅବତଳକାର ଏବଂ ଏଥିରେ ୨ରୁ ୩ଟି ଡାଲ ମଧ୍ୟ ରହିଛି ।

ମାଈ ଢମଣା ସାପ ଥରକେ ପ୍ରାୟ ୮ରୁ ୨୦ ଟି ଅଣ୍ଡା ଦେଇଥାଏ ଓ ଏହି ଅଣ୍ଡା ଦେବାର ସମୟ ହେଉଛି ମାର୍ଚ୍ଚରୁ ଜୁଲାଇ ମାସ । ଅଣ୍ଡା ଗୁଡିକରୁ ୨ ମାସ ପରେ ଛୋଟ ଛୋଟ ଛୁଆ ବାହାରିଥାଏ । ଏମାନଙ୍କର ଜୀବନକାଳ ହେଉଛି ପ୍ରାୟ ୧୨ ବର୍ଷ । ଏମାନେ ଖୁବ୍ ସହଜରେ ପୋଷା ମାନନ୍ତି ଓ ସାପ ଧରାଳିମାନେ ଏମାନଙ୍କୁ ଧରି ଖେଳ ଦେଖେଇଥାନ୍ତି । ବିଶେଷକରି ଏମାନେ କୃଷକ ମାନଙ୍କର ବନ୍ଧୁ କାରଣ ଶସ୍ୟ କ୍ଷେତ୍ରରୁ ମୂଷାମାନଙ୍କୁ ଖାଇଦେବାଯୋଗୁ ଶସ୍ୟ ସୁରକ୍ଷିତ ହୋଇଥାଏ । ଏହି ସାପ ଆମ୍ଭର ଏକ ଉପକାରୀ ପ୍ରାଣୀ । ଲୋକମାନଙ୍କର ମନରୁ ଭୟ ଦୂରକରିବା ଓ ସର୍ପଦଂଶନରୁ କିପରି ଚିକିତ୍ସା ବ୍ୟବସ୍ଥା କରାଯିବ ସେଥିପାଇଁ ଜନ ସଚେତନତା କରିବା ଆବଶ୍ୟକ ।

**ପ୍ରାଣୀ ବିଜ୍ଞାନ ବିଭାଗ,**
**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ**
**ମୋ ନଂ-୯୪୩୭୩୧୭୬୫୯**

# ବିଶିଷ୍ଟ ହାସ୍ୟ ଓ ବ୍ୟଙ୍ଗ କବି ପ୍ରଫେସର ମାଧବଚନ୍ଦ୍ର ଶତପଥୀ ପାଇଁ ଶ୍ରଦ୍ଧାଞ୍ଜଳି

ବିଶିଷ୍ଟ ହାସ୍ୟ ଓ ବ୍ୟଙ୍ଗ କବି ପ୍ରଫେସର ମାଧବଚନ୍ଦ୍ର ଶତପଥୀଙ୍କର ୮୯ ବର୍ଷରେ ପରଲୋକ ହୋଇଯାଇଛି। ପ୍ରଫେସର ଶତପଥୀ ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ କାଦୁଅମାଗୁରା ଗ୍ରାମରେ ୧୯୨୮ ମସିହା ମାର୍ଚ୍ଚ ୨୧ରେ ଜନ୍ମ ଗ୍ରହଣ କରିଥିଲେ । ରେଭେନ୍ସା କଲେଜ୍‌ରୁ ଶିକ୍ଷା ଶେଷ କରି ଶିକ୍ଷା ବିଭାଗ, ରେଭେନ୍ସା କଲେଜ, ଗଙ୍ଗାଧର ମେହେର କଲେଜ, ରାଧାନାଥ ଟ୍ରେନିଂ କଲେଜ, ସାମନ୍ତ ଚନ୍ଦ୍ରଶେଖର କଲେଜ ଆଦି ବହୁ ସରକାରୀ ଶିକ୍ଷାନୁଷ୍ଠାନରେ ଅଧ୍ୟାପକ ଓ ପ୍ରାଧ୍ୟାପକ ଭାବରେ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି । ତାଙ୍କର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବ୍ୟଙ୍ଗ ଗଳ୍ପ, ରମ୍ୟରଚନା, କବିତା ରହିଛି । ୨୦୧୬ରେ ଆତ୍ମଜୀବନୀ 'ଉଜାଣି ସମୟ' ସେ ଲେଖିଥିଲେ । ତାଙ୍କର ହାଇସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପାଠ୍ୟପୁସ୍ତକ ମଧ୍ୟ ଅଛି । ସେଥିମଧ୍ୟରୁ ବର୍ତ୍ତମାନ ବହୁ ପାଠ୍ୟପୁସ୍ତକ ସରକାରଙ୍କ ଦ୍ୱାରା ସ୍ୱୀକୃତ ଓ ପ୍ରଚଳିତ । ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ପ୍ରଜାତନ୍ତ୍ର ବିଷୁବ ପୁରସ୍କାର, କାନ୍ତକବି ପୁରସ୍କାର ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ଓ ପୁରସ୍କୃତମଧ୍ୟ। କଳାବିକାଶ କେନ୍ଦ୍ର ତରଫରୁ ତବଲା ବିଶାରଦ ଭାବେ ମଧ୍ୟ ସେ ସମ୍ମାନିତ ହୋଇଛନ୍ତି । ସ୍ୱର୍ଗତ ଶତପଥୀ ୧୯୭୫ ମସିହାରୁ ୨୦୧୨ ପର୍ଯ୍ୟନ୍ତ ଆକାଶବାଣୀର ନିୟମିତ ବ୍ୟଙ୍ଗ କବିତା, ରମ୍ୟରଚନା ପଠନ କାର୍ଯ୍ୟ ଅବ୍ୟାହତ ରଖିଥିଲେ।



'ଆମରି ସତ୍ୟ'ରେ ପ୍ରଫେସର ମାଧବଚନ୍ଦ୍ର ଶତପଥୀଙ୍କ ସହ ଏକ ସାକ୍ଷାତକାର ଥିଲା ଯେଉଁଥିରେ ଏକ ପ୍ରଶ୍ନର ଉତ୍ତରରେ ତାଙ୍କର ଶିକ୍ଷକତାବୃତ୍ତିକୁ ସେ ନିଜେ କହି ଶିକ୍ଷକ ସମାଜକୁ ଏକ ଦିଗ୍ ଦର୍ଶନ ଦେଇଛନ୍ତି।

୨୦୧୬ ଅପ୍ରେଲ ମାସରେ ତାଙ୍କ ସହ ମୋର ଶେଷ ଦେଖା ହୋଇଥିଲା ଏବଂ ତାଙ୍କ ସହ ସାକ୍ଷାତକାରଟି ମେ ମାସ ୧୬ରେ ପ୍ରକାଶିତ ଏହାର କିଛି ଅଂଶ ତାଙ୍କ ପାଇଁ ମୋର ଶ୍ରଦ୍ଧାଞ୍ଜଳି...

ପ୍ର.ଦାଶ – ଅଧ୍ୟାପକ ଭାବରେ ଆପଣଙ୍କର ବେଶ୍ ସୁନାମ ଅଛି। ଏବେକାର ଅଧ୍ୟାପନା କ୍ଷେତ୍ରରେ, ଅଧ୍ୟାପକମାନଙ୍କ ପ୍ରତିବଦ୍ଧତାକୁ ଆପଣ କ'ଣ କହିବେ ?

ମା. ଶତପଥୀ – ଅଧ୍ୟାପନା ଏକ କଳା। ମାତ୍ର ସବୁ ଶିକ୍ଷକ ବା ଅଧ୍ୟାପକମାନଙ୍କର ନା ଅଛି ଅଙ୍ଗୀକାରବଦ୍ଧତା ନା ଅଛି କର୍ତ୍ତବ୍ୟ ସଚେତନତା। ଏଥିପାଇଁ ଅନେକ ଉପରଠାଉରିଆ ଭାବେ କେବଳ ଚାକିରୀ କରିବା କଥା ହିଁ ଭାବିଥାଆନ୍ତି। ଏପରି ବ୍ୟକ୍ତିମାନେ କେବେ ବି ଆଦର୍ଶ ଶିକ୍ଷକ ହୋଇପାରନ୍ତି ନାହିଁ। ଏପରି ଅଧ୍ୟାପକମାନଙ୍କ ବିଷୟରେ ବହୁବାର ମୁଁ ଅଧ୍ୟକ୍ଷ ଥିବା ସମୟରେ ଛାତ୍ରଛାତ୍ରୀମାନଙ୍କ ଅଭିଯୋଗ ଶୁଣି ସମାଧାନ କରିଛି।

ଜଣେ ଶିକ୍ଷକର ଦକ୍ଷତା ତିନୋଟି ଫ୍ୟାକ୍ଟର୍‌ରେ ମପାଯାଏ।

| | |
|---|---|
| ୧-ପ୍ରୋଫିସିଏନ୍ସି | (ଗଭୀର ଜ୍ଞାନ) |
| ୨-ପର୍ସନାଲିଟି | (ବ୍ୟକ୍ତିତ୍ୱ) |
| ୩-ପ୍ରଡକ୍ଟ | (ସେ ଯାହା ପଢ଼ାନ୍ତି ତାହାର ପରୀକ୍ଷା ଫଳ) |

ଶିକ୍ଷକଙ୍କ ମାପକାଠି ଛାତ୍ରମାନେ। ମୁଁ ଅନୁଭବ କରିଛି ପିଲାମାନେ ପ୍ରାୟତଃ ମୋ ପଢ଼ାରେ ଖୁସି ।ଏହା ପ୍ରୌଢ଼ି ନୁହେଁ, ଆତ୍ମସମୀକ୍ଷା। ମୁଁ ଅଧ୍ୟାପନା କରୁଥିବା ସମୟରେ ଶ୍ରେଣୀ ଆରମ୍ଭର ୫ ମିନିଟ ପୂର୍ବରୁ ଚକ୍ ଡଷ୍ଟର ସହ ଶ୍ରେଣୀ ସମ୍ମୁଖରେ ଉପସ୍ଥିତ ହୁଏ। ଏହାର ବ୍ୟତିକ୍ରମ ପ୍ରାୟ ହୁଏ ନାହିଁ। ଆଉ ଗୋଟିଏ କଥା କହିବା ପାଇଁ ଉଚିତ ମନେ କରିବି। ସାଧାରଣତଃ ସରକାରୀ କର୍ମଚାରୀମାନେ ସେମାନଙ୍କର ସାମୟିକ ଛୁଟି (ସି.ଏଲ.) ନଷ୍ଟ କରିବାକୁ ଜମା ଦେବେନି। ଏହା ଠିକ୍ ମାନସିକତା ନୁହେଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ମୋ ଚାକିରିରେ ମୁଁ ସି.ଏଲ. ବା ଅନ୍ୟ କୌଣସି ଛୁଟି ନେଇନାହିଁ। ବର୍ଷକୁ ୨/୩ ଟି ସି.ଏଲ. ପ୍ରାୟ ସରିଥାଏ। ଅଧ୍ୟାପକ ଥିବା ସମୟରେ ପେଶାପ୍ରତି ଅଙ୍ଗୀକାର ବଦ୍ଧତା ସହ କେତେଗୁଡ଼ିଏ ଟେକ୍ସଟ୍ ବହି ଲେଖିଥିଲି।

-------------- -----


ପ୍ର.ଦାଶ – ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ କ'ଣ ସୁଧାର ଆବଶ୍ୟକତା ଅଛି ?

ମା. ଶତପଥୀ – ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ନାନା ପରୀକ୍ଷା ନିରୀକ୍ଷା ବିଶେଷତଃ ବ୍ୟୁରୋକ୍ରାଟ୍‌ମାନେ କରୁଛନ୍ତି। ଶିକ୍ଷାରେ କିପରି ସୁଧାର ଆସିବ ? ଯଦି ସ୍କୁଲ ବନ୍ଦ କରି ମାସମାସ ଧର୍ମଘଟ, ଧାରଣା ଶିକ୍ଷକମାନେ ଦେବେ, ଶିକ୍ଷାପ୍ରତି ପ୍ରତିବଦ୍ଧତା ନଥିବ, ଅନେକଙ୍କୁ ଚୁକ୍ତି ଭିତ୍ତିରେ ନିଯୁକ୍ତି ଦିଆଯାଉଥିବ ଏବଂ ଅଙ୍ଗୁଳି ପ୍ରବେଶରୁ ବାହୁ ପ୍ରବେଶ ପରି ଏମାନେ ସ୍ଥାୟୀ ହେବାକୁ ଧର୍ମଘଟ ଜାରି ରଖୁଥିବେ। ଏପରି ଅବସ୍ଥାରେ ଶିକ୍ଷାବ୍ୟବସ୍ଥା ସମ୍ପର୍କରେ କ'ଣ କୁହାଯାଇପାରେ। ଶିକ୍ଷାକୁ ଅର୍ଥ ରୋଜଗାରର ପନ୍ଥା ଭାବିବା ଠିକ୍ ନୁହେଁ। ବର୍ଷ ବର୍ଷ ଧରି ଶିକ୍ଷକ ଓ ଅଧ୍ୟାପକଙ୍କ ପଦବୀ ପୂରଣ ହେଉନାହିଁ। କେଉଁଠି ପାଞ୍ଚଟି ଶ୍ରେଣୀପାଇଁ ଜଣେ ଶିକ୍ଷକ ତ କେଉଁଠି ପିଲାମାନେ ଗଛତଳେ ପାଠପଢ଼ୁଛନ୍ତି। ବର୍ତ୍ତମାନ ପ୍ରାଇମେରୀ ଠାରୁ କଲେଜସ୍ତର ପର୍ଯ୍ୟନ୍ତ ତାଲିମପ୍ରାପ୍ତ ସୁଦକ୍ଷ ଶିକ୍ଷକମାନଙ୍କର ଆବଶ୍ୟକତା ରହିଛି। ନଚେତ୍ ଅବିଳମ୍ବେ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ଯିବ ଏହା ନିଃସନ୍ଦେହ। ପାଠ୍ୟ ଖସଡ଼ାକୁ ବାରମ୍ବାର ବଦଳାଇବା ଉଚିତ୍ ନୁହେଁ।

ଏହା 'ଆମରି ସତ୍ୟ' ପରିବାର ତରଫରୁ ଏକ ବିନମ୍ର ଶ୍ରଦ୍ଧାଞ୍ଜଳି। ଅମର ଆତ୍ମାର ସଦ୍‌ଗତି ହେଉ।

# ଗଣତନ୍ତ୍ରର ସାୟେରି

ଦେବାଶିଷ ଚକ୍ରବର୍ତ୍ତୀ



## ଦାନ ମାଝୀ

ସରଳ ପଣରେ ହୀନସ୍ୱାର୍ଥର
ଅଙ୍କ ଯେ ପାରୁନି ବୁଝି,
ଶଙ୍କା ନକରି ଦିଆଯାଇପାରେ
ନାଆଁ ତାର ଦାନ ମାଝୀ।

## ନଗଡ଼ା

ସ୍ୱାର୍ଥ ଶିଉଳିରେ ପାଦଥାପି ଯହିଁ
ବିବେକ ପଡ଼ଇ ମୁହଁ ମାଡ଼ି
ଅସହାୟତାର ଶତେକ ନଗଡ଼ା
ନିଇତି ସେଇଠି ଉଠେ ଗଡ଼ି।

## ବିଡ଼ମ୍ବନା

ଋଣ ସୁଝି ପାରୁନାହିଁ ବୋଲି ଚାଷୀ
ଲାଜେ ଦିଏ ବିଷ ପିଇ,
ଅଥଚ ମାଲ୍ୟା ଅୟସ କରୁଚି
ଲକ୍ଷ ଲକ୍ଷ କୋଟି ଖାଇ।

## ମହାନଦୀ

ଯେତେଦିନ ଯାଏ ବିଚ୍ଛା ଚାଲିଥିବ
ରାଜନୀତି ପଶାପାଲି,
ପାଞ୍ଚାଳୀ ପରି ମହାନଦୀ ସଦା
ହେଉଥିବ ଖାଲି ଘାରି।

## ନିୟମଗିରି

ଯେତେ ଖାଇଲେବି ଲୋଭର ଜଠର
ଯାଏ ନାହିଁ କେବେ ପୂରି,
ଏହାର ସଠିକ ନମୁନା ସାଜିଚି
ପାହାଡ଼ ନିୟମଗିରି।

ମଣ୍ଡୁଆ, କେନ୍ଦୁଝରଗଡ଼, ୭୫୮୦୧୪
ମୋ- ୯୪୩୭୭୫୨୩୯୫


# ସତ୍ୟର ହେବ ଜୟ

ଡକ୍ଟର ପ୍ରଦୀପ କୁମାର ମିଶ୍ର



ତୁମେ ସୁରଧୁନୀ
ମର୍ତ୍ତ୍ୟ ମାଟିରେ
ସଭିଙ୍କ ଉଦ୍ଧାର ପାଇଁ,
ଅବତରି ଆସ
ସବୁରି ହୃଦୟେ
କରୁଣାର ଧାରା ହୋଇ।।
ହିଂସା ଅସୂୟା
କଳୁଷ କାଳିମା
ଧୋଇଦିଅ ପ୍ରେମ ଜଳେ,
ମଣିଷ ବୁଝିବ
ମଣିଷର ମନ
ତୁମରି ଆଶିଷ ବଳେ।
ଧରାରେ ଫୁଟିବ
ସ୍ୱର୍ଗ ପାରିଜାତ
ବହିବ ମଧୁ ମଳୟ,
ଦୁଃଖ ଯାତନାର
ଅନ୍ତ ହେବ ପୁଣି
ହୋଇବ ସତ୍ୟର ଜୟ।
ପର ଉପକାରେ
ମଣିଷର ମନ
ଲଭିବ ଅପାର ଶାନ୍ତି,
ମଣିଷ ଖୋଜିବ
ମଣିଷର ମନ
ସ୍ନେହଶ୍ରଦ୍ଧା ମିଠାପ୍ରୀତି।।
ଗାଇବ ଧରଣୀ
ମାନବର ଗୀତି
ସଭିଏଁ ହୋଇବେ ଏକ,
ଜାତି, ଧର୍ମ, ବର୍ଣ୍ଣ
ହୋଇବ ବିଜୟ
ନଥିବ କା ମନେ ଦୁଃଖ।।

ଶାନ୍ତି ନଗର, ଡ଼ି.ଏନ୍.କେ.
ଉମରକୋଟ, ନବରଗଂପୁର
ପିନ-୭୬୪୦୭୩
ମୋ- ୯୪୩୭୫୨୫୧୦୫



# ଭୁଲ୍ କାହାର ?

**ଡ. ପ୍ରମୋଦ ଚନ୍ଦ୍ର ଦାଶ**

ବିଦ୍ୟାଳୟ ଓ ମହାବିଦ୍ୟାଳୟ ମଣିଷ ତିଆରି କାରଖାନା ବୋଲି ସମସ୍ତେ ଜାଣନ୍ତି। ଏଠାରେ ମଣିଷ ତିଆରି କରାଯାଏ। ଥରେ ଗୋଟିଏ ବିଦ୍ୟାଳୟରେ ଜଣେ ଶିକ୍ଷକ ବୁଦ୍ଧଦେବଙ୍କ ବିଷୟ ପଢ଼ାଇବା ପରେ ତାହା କିଛି ପିଲାମାନଙ୍କ ଉପରେ ଏପରି ପ୍ରଭାବ ପକାଇଥିଲା ଯେ ସେମାନେ ରାତିରେ ଟ୍ରେନରେ କିଛି ବାଟ ଆସି ଏକ ଷ୍ଟେସନ୍‌ରେ ଓହ୍ଲାଇ ପଡ଼ିଲେ। ସେମାନେ ଟିଟିଙ୍କୁ ପଚାରିଲେ, 'ଆଜ୍ଞା ଏଇ ନିକଟରେ ପାହାଡ଼ ଅଛି କି- ତପସ୍ୟା କରିହେବ ?' ଏହା ଶୁଣି ଟିଟି କହିଲେ 'ବାବୁ କାହିଁକି' ? ଉତ୍ତର ଆସିଲା, 'ବୁଦ୍ଧଦେବ ତପସ୍ୟା କରି ସିଦ୍ଧିଲାଭ କରିଥିଲେ। ଆମେ ସିଦ୍ଧି ଲାଭ କରିବୁ' । ତେଣୁ ତପସ୍ୟା କରିବାକୁ ଯାଉଛୁ। 'କାହିଁକି ଏପରି ଭାବୁଛ ?' ବୋଲି ଟିଟି ପ୍ରଶ୍ନ କଲେ। 'ବୁଦ୍ଧଦେବଙ୍କ ବିଷୟ ପଢ଼ି ଏପରି ତପସ୍ୟା କରି ସିଦ୍ଧି ଲାଭ କରିବାକୁ ଇଚ୍ଛା।' ବୋଲି ସେମାନଙ୍କର ଉତ୍ତର ଥିଲା।

ପରେ ଟିଟି ସେମାନଙ୍କୁ ବିଦ୍ୟାଳୟକୁ ଫେରିଯିବାକୁ ଅନୁରୋଧ କଲେ, ମାତ୍ର ସାରନ୍ଧ ଗାଳି ଦେବେ କହି ପିଲାମାନେ 'ଫେରି ଯିବୁନି' ବୋଲି ଅଡ଼ିବସିଲେ। ବୁଝାସୁଝାପରେ ପରେ ପିଲାମାନେ ବିଦ୍ୟାଳୟକୁ ଫେରିଯାଇଥିଲେ। ସଂଧ୍ୟା ସମୟରେ ଏକ ସଭାହେଲା ପିଲାମାନଙ୍କୁ ଡକାଗଲା। ପଚରାଗଲା ପିଲେ ତୁମେ କାହିଁକି ଗଲ ? ସମସ୍ତେ ଉତ୍ତର ଦେଲେ, ଆଚାର୍ଯ୍ୟ ସାରନ୍ଧ ବୁଦ୍ଧଦେବଙ୍କ ବିଷୟ ପଢ଼ାଉଥିବା ସମୟରେ ଆମେ ବୁଦ୍ଧଦେବଙ୍କ ବିଷୟ ଜାଣିଲୁ। ଆଉ ଭାବିଲୁ ବୁଦ୍ଧଦେବଙ୍କ ପରି ହେବୁ। ମାତ୍ର ପ୍ରଧାନ ଶିକ୍ଷକ କହିଲେ, 'ପିଲାମାନେ ତୁମେମାନେ ଭଲ ପଢ଼ିଛ ଏବଂ ବୁଝିଛ। ମାତ୍ର ବୁଦ୍ଧଦେବ ବିବାହ କରିଥିଲେ, ପୁଅଟିଏ ଥିଲା। ସଂସାର ପ୍ରତି ତାଙ୍କର ବୈରାଗ୍ୟ ହେତୁ ସେ ସନ୍ନ୍ୟାସୀ ହେଲେ। ସେ କଥା ତୁମେମାନେ ବୋଧେ ଭୁଲିଯାଇଛ। ତୁମର ସମୟ ଆସୁ, ତୁମେ ଭାବିବ କ'ଣ କରିବ। ଏବେ ତୁମର କାମ ପାଠ ପଢ଼ିବା - ପାଠ ପଢ଼।'

ଆଉ ଏକ ଉଦାହରଣ, ଥରେ ଗୋଟିଏ କଲେଜରେ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ ହେଉଥାଏ। ଉତ୍ସବରେ ଗୀତ, ନାଚ ସହ ଏକ ଏକାଙ୍କିକା ଅଭିନୀତ ହେଉଥିଲା। ଏକାଙ୍କିକାଟି ପଥଭ୍ରଷ୍ଟ କଲେଜଛାତ୍ରଙ୍କୁ ଉପଯୁକ୍ତ ବାଟକୁ ଫେରାଇ ଆଣିବା ପାଇଁ ଏକ ପ୍ରୟାସ ଥିଲା। ଦେଖାଗଲା ଯେମିତି ଏକାଙ୍କିକା ଆରମ୍ଭ ହୋଇଛି ପ୍ରାୟ ୮୦% ଛାତ୍ର ଓ ଛାତ୍ରୀ ଚାଲିଯିବାକୁ ଲାଗିଲେ। ତା ପରଦିନ ବାର୍ଷିକ ଉତ୍ସବ ଥିଲା। ସାଜସଜ୍ଜା ଅତି ଚିତ୍ତାକର୍ଷକ ଥାଏ । ଅତିଥିମାନେ ନିଜର ଉଦବୋଧନରେ ଚରିତ୍ର ଗଠନ ଏବଂ ଉଚ୍ଚଶିକ୍ଷାର ସୁବିଧା ସୁଯୋଗ ନେବା ସହ ଇ[ରନ୍ଧନେଟନ୍ଧରେ ଉପାଦେୟ ପୁସ୍ତକ ଅଧ୍ୟୟନ ଉପରେ ଗୁରୁତ୍ୱ ଦେଲେ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ପୁରସ୍କାର ମଧ୍ୟ ଦେଲେ।

ଏହି ଅବସରରେ ଜଣେ ଛାତ୍ରକୁ ସମାଜସେବା କ୍ଷେତ୍ରରେ ପ୍ରଶଂସନୀୟ ସେବା ପାଇଁ ବି ପୁରସ୍କାର ଦିଆଗଲା। ଏ ପୁରସ୍କାର ପାଇବାର ଯୋଗ୍ୟତା ହେଲା ଅତୀତରେ ସେ ଏକ ଦୁଷ୍ଟ ପିଲା ଥିଲା ଏବଂ ପୁରସ୍କାର ପାଇଲେ ସେ ବଦଳି ଯିବ ଓ ଆଉ ଗଣ୍ଡଗୋଳ କରିବ ନାହିଁ, ଏହି ଆଶା ରଖି ତାକୁ ପୁରସ୍କାର ଦିଆଯାଇଥିଲା। ପୁରସ୍କାରଟି ତାକୁ ସାମୟିକ ତୃପ୍ତି ଦେଲା ସତ। କାରଣ ସେଥିପାଇଁ ସେ ହକଦାର ନଥିଲା। ପରେ ଏପରିହେଲା ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନାଚଗୀତ ପାଇଁ ଏକ ପ୍ରତିଷ୍ଠିତ ଦଳ ସେମାନଙ୍କ କାର୍ଯ୍ୟକ୍ରମ କରୁଥାନ୍ତି ଏହା ସହ ଏକ ଭଲ ଡ୍ୟାନ୍ସଗ୍ରୁପ୍ ବି ମିଳିତ ଭାବରେ ସମନ୍ୱୟ ରଖି ସେମାନଙ୍କର କାର୍ଯ୍ୟକ୍ରମ କରୁଥାନ୍ତି। ପିଲାମାନେ ପ୍ରାୟ ଦୁଇହଜାରରୁ ଅଧିକ। ପିଲା ଏବଂ ଅଧ୍ୟାପକ ଅଧ୍ୟାପିକାମାନେ ଆନନ୍ଦରେ ବସି ଉପଭୋଗ କରୁଥାନ୍ତି। କାର୍ଯ୍ୟକ୍ରମରେ କୌଣସି ଅଶ୍ଳୀଳତା ନଥିଲା। ଅତି ଶୃଙ୍ଖଳିତ ସମସ୍ତେ ଥିଲେ। ଯେଉଁ ଡ୍ୟାନ୍ସଗ୍ରୁପ୍ ଥିଲେ ସେମାନେ ଅତି ଭଦ୍ର ସ୍ୱଭାବର। ମାତ୍ର ଏହି ସମୟରେ ଉକ୍ତ ପିଲାଟି ନିଜେ ଆଉ ହୋସରେ ରହିଲା ନାହିଁ। ଷ୍ଟେଜ ପାଖରେ ଏପରି ଭାବେ ପାଟିତୁଣ୍ଡ ଏବଂ ଅଭଦ୍ରାମି ଆରମ୍ଭ କଲା ଯାହା ଅତ୍ୟନ୍ତ ଲଜ୍ଜାକର ଏବଂ ଦୃଶ୍ୟକଟୁ ଥିଲା। ଯେଉଁମାନେ ତାକୁ ନିୟନ୍ତ୍ରଣରେ ରଖିବାର ବାହାନା କରୁଥିଲେ ସେମାନେ ବି ଅଧିକାଂଶ ନିୟନ୍ତ୍ରଣ ବାହାରେ ଥିଲେ। ଏମାନଙ୍କ ସଂଖ୍ୟା ଖୁବ୍ କମ ଥିଲା। ମାତ୍ର ଯେଉଁମାନେ ଏସବୁ ପରିଚାଳନା କରୁଥିଲେ ସେମାନଙ୍କ ସଂଖ୍ୟା ବହୁତ ଅଧିକ। ଶେଷରେ ଅଧାରୁ କାର୍ଯ୍ୟକ୍ରମକୁ ବାଧ୍ୟ ହୋଇ ବାତିଲ କରିବାକୁ ପଡ଼ିଲା। ଏହା କଳାକର ଏବଂ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟନ୍ତ ଦୁଃଖ ଦେଲା। ସମସ୍ତେ କହିଲେ ଏବଂ ଅଭିଯୋଗ କଲେ ଜଣେ ଦୁଇଜଣଙ୍କ ପାଇଁ ଆମକୁ ଏପରି ଅବସ୍ଥା ଭୋଗ କରିବାକୁ ପଡ଼ିଲା।

ବର୍ତ୍ତମାନ ବିଦ୍ୟାଳୟ ବା ମହାବିଦ୍ୟାଳୟରେ ଆଦର୍ଶ ଶିକ୍ଷକ ଏବଂ ଆଦର୍ଶ ଛାତ୍ରଛାତ୍ରୀ ସଂଖ୍ୟା ଖୁବ୍ କମ୍। ଜଣକୁ ପ୍ରଶଂସାପତ୍ର ଦେବା ପୂର୍ବରୁ ସେ ପିଲାଟିର ସମସ୍ତ ବିଷୟକୁ ଅନୁଧ୍ୟାନ କରିବା ଉଚିତ। ଗୋଟିଏ ପରିସ୍ଥିତିରେ ପିଲାମାନେ ଶିକ୍ଷକଙ୍କ ଶିକ୍ଷାଦାନରେ ଅଭିପ୍ରେରିତ ହୋଇ ସନ୍ୟାସୀ ହେବାକୁ ଇଚ୍ଛା କରିବା ଏବଂ ଅନ୍ୟପକ୍ଷରେ ଭଲ ସମାଜସେବୀଭାବରେ ପ୍ରଶଂସିତ ହୋଇ ଶାନ୍ତ ସ୍ୱଭାବ ପ୍ରଦର୍ଶନ ନକରି ଏକ ଅଶାନ୍ତ ଅଶୋଭନୀୟ ପରିବେଶ ସୃଷ୍ଟିକରି ଅନ୍ୟମାନଙ୍କୁ ଅସୁବିଧାରେ ପକାଇବା ଏହା ଆମ ଶିକ୍ଷାବ୍ୟବସ୍ଥା ପାଇଁ ଏକ ଉପହାସ ନୁହେଁ କି ? ସମ୍ମାନ ବା ପ୍ରଶଂସାପତ୍ରର ଉପଯୋଗିତାକୁ ଆମେ ବୁଦ୍ଧିଜୀବୀମାନେ ବୁଝିବା ଦରକାର। କିଛି ସମୟପାଇଁ ନିଜର ସୁବିଧା ପାଇଁ ଜଣକୁ ପ୍ରଶଂସା କରିବା ବା ନିନ୍ଦା କରିବା କେତେ ଦୂର ଠିକ୍ ତାହା ବିଚାର୍ଯ୍ୟ।

ପ୍ରତିଷ୍ଠାତା "ଆମରିସତ୍ୟ"
୯୪୩୭୨୮୧୬୫୫

# କଳିଙ୍ଗ ଲାନ୍ସର୍ସର ବଡ଼ ସଫଳତା



**ଆଶିଷ କୁମାର ରାୟ**

ଓଡ଼ିଶା ଭିତ୍ତିକ ହକି ଫ୍ରାଞ୍ଚାଇଜ୍ ଦଳ କଳିଙ୍ଗ ଲାନ୍ସର୍ସଙ୍କୁ ମିଳିଛି ଏକ ବିରାଟ ସଫଳତା। ହକି ଇଣ୍ଡିଆ ଲିଗ୍‌ର ପଞ୍ଚମ ସଂସ୍କରଣରେ ଆମ ରାଜ୍ୟର ଏହି ଦଳ ପରିଧାନ କରିଛି ବିଜେତାର ମୁକୁଟ। ଗତବର୍ଷ ଯେଉଁ କାର୍ଯ୍ୟ ଅସଂପୂର୍ଣ୍ଣ ରହିଯାଇଥିଲା ତାହା ଏବେ ସଂପୂର୍ଣ୍ଣ ହୋଇଛି। ୨୦୧୬ର ଚତୁର୍ଥ ସଂସ୍କରଣରେ ଲାନ୍ସର୍ସ ଦଳ ରନର୍ସ ଅପ୍ ଭାବେ ସନ୍ତୁଷ୍ଟ ରହିଯାଇଥିବା ବେଳେ ୨୦୧୭ରେ କିନ୍ତୁ ଚାମ୍ପିଆନ ଆଖ୍ୟା ଅର୍ଜନ କରିଛି। ଗତ ଫେବ୍ରୁଆରୀ ୨୬ତାରିଖ ସନ୍ଧ୍ୟାରେ ଚଣ୍ଡିଗଡ଼ର ସେକ୍ଟର-୪୨ ହକି ଷ୍ଟାଡିୟମଠାରେ ଅନୁଷ୍ଠିତ ଏକ ଚିତ୍ତାକର୍ଷକ ଫାଇନାଲରେ କଳିଙ୍ଗ ଲାନ୍ସର୍ସ ୪-୧ ଗୋଲରେ ଦବଙ୍ଗ୍ ମୁମ୍ବାଇକୁ ପରାସ୍ତ କରି ଏହାର ସମର୍ଥକ ଓ ପ୍ରଶଂସକଙ୍କ ମଧ୍ୟରେ ଖେଳାଇ ଦେଇଛି ଆନନ୍ଦର ଲହରୀ। ଏହି ସଫଳତା ଯେ ଓଡ଼ିଶାରେ ହକି ଖେଳର ଲୋକପ୍ରିୟତାକୁ ଆହୁରି ବୃଦ୍ଧି କରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ।

୨୦୧୩ରେ ଯେତେବେଳେ ହକି ଇଣ୍ଡିଆ ଲିଗ୍‌ର ଶୁଭାରମ୍ଭ ହେଲା ସେତେବେଳେ ଓଡ଼ିଶା ଭିତ୍ତିକ କୌଣସି ଦଳ ଏଥିରେ ଅଂଶଗ୍ରହଣ କରିନଥିଲା। ସେହିବର୍ଷ ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିଠାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ରାଞ୍ଚି ରାଇନୋଜ୍ ଦଳ ୨-୧ ଗୋଲରେ ଦିଲ୍ଲୀ ୱେଭରାଇଡର୍ସଙ୍କୁ ପରାସ୍ତ କରି ଚାମ୍ପିଆନ ହୋଇଥିଲା। ଜର୍ମାନୀର ମୋରିସ୍ ଫୁଏର୍ଷ୍ଟଙ୍କ ନେତୃତ୍ୱାଧିନ ସେହି ରାଞ୍ଚି ଦଳରେ ସାମିଲ ଥିଲେ ଓଡ଼ିଶାର ପାଞ୍ଚଜଣ ଖେଳାଳି। ସେମାନେ ଥିଲେ ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ସୁଶାନ୍ତ ତିର୍କୀ, ଅମନ୍ ମିରାଶ ତିର୍କୀ ଓ ଷ୍ଟାନଲୀ ଭିକ୍ଟର ମିଞ୍ଜ୍। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଝାଡ଼ଖଣ୍ଡ ଭଳି ଓଡ଼ିଶାରେ ମଧ୍ୟ ହକି ଖେଳର ଆଦର ବହୁତ ଅଧିକ। ବିଶେଷ କରି ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳରେ ଏହାର ଲୋକପ୍ରିୟତା କାହିଁରେ କ'ଣ। ସେହି ଦୃଷ୍ଟିରୁ ହକି ଇଣ୍ଡିଆ ଲିଗ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶାର ନାମକୁ ବହନ କରୁଥିବା କୌଣସି ଦଳ ନଥିବା ଅନେକଙ୍କ ମନରେ ଦୁଃଖ ଦେଇଥିଲା।

ତେବେ ଯାହାହେଉ ୨୦୧୪ରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣ ସକାଶେ କଳିଙ୍ଗ ଲାନ୍ସର୍ସ ଦଳ ଗଠିତ ହେଲା। ଏହି ଦଳକୁ ସାମନାକୁ ଆଣିବା ଦିଗରେ ରାଜ୍ୟସଭା ସାଂସଦ ତଥା ଭାରତର ପୂର୍ବତନ ହକି ଅଧିନାୟକ ଦିଲୀପ ତିର୍କୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ ନିଶ୍ଚିତ ଭାବେ ପ୍ରଶଂସନୀୟ। ଓଡ଼ିଶାର ଦୁଇଟି ସରକାରୀ ସଂସ୍ଥା ଇଡ୍‌କୋ ଓ ଏମ.ସି.ଏଲ. ଥିଲେ କଳିଙ୍ଗ ଲାନ୍ସର୍ସ ଦଳର ପ୍ରାୟୋଜକ। ଏତଦବ୍ୟତୀତ କଳିଙ୍ଗ ଷ୍ଟାଡିୟମ ପରିସରରେ ଏକ ଅତ୍ୟାଧୁନିକ ହକି କମ୍ପ୍ଲେକ୍ସ ନିର୍ମିତ ହେବା ଥିଲା ଓଡ଼ିଶା କ୍ରୀଡ଼ା ଇତିହାସର ଆଉ ଏକ ବଡ଼ ଘଟଣା। ଏହି ସୁନ୍ଦର ଷ୍ଟାଡିୟମରେ ଗତ ଚାରିବର୍ଷ ଧରି ହକି ଇଣ୍ଡିଆ ଲିଗ୍‌ର ୨୦ଟି ମ୍ୟାଚ ଖେଳାଯାଇଥିବା ବେଳେ ୨୦୧୪ର ମର୍ଯ୍ୟାଦାଜନକ ଚାମ୍ପିଆନ୍ସ ଟ୍ରଫି ହକି ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଯାଇଛି। ୨୦୧୪ରେ କଳିଙ୍ଗ ଲାନ୍ସର୍ସ ଦଳ ଗଠିତ ହେବା ସମୟରେ ଏହାର ଅଧିନାୟକ ଦାୟିତ୍ୱ ଯୁଗ୍ମ ଭାବେ ଅଷ୍ଟ୍ରେଲିଆର କିଏଲ୍ ବ୍ରାଉନ୍ ଏବଂ ଓଡ଼ିଶାର ପ୍ରବୋଧ ତିର୍କୀଙ୍କ ଉପରେ ନ୍ୟାସ୍ତ ଥିଲା। ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ ଟେରୀ ୱାଲଶ୍, ଯେ କି ସେସମୟରେ ଭାରତୀୟ ଦଳର ପ୍ରଶିକ୍ଷକ ମଧ୍ୟ ଥିଲେ। କିନ୍ତୁ ୨୦୧୪ ଓ ୨୦୧୫ରେ କଳିଙ୍ଗ ଲାନ୍ସର୍ସର ପ୍ରଦର୍ଶନ ସେତଳି କିଛି ଖାସ ନଥିଲା। ୨୦୧୪ରେ ଏହା ଛଅଟି ଦଳ ମଧ୍ୟରେ ଅନ୍ତିମ ସ୍ଥାନ ଲାଭ କରିଥିବା ବେଳେ ୨୦୧୫ରେ ରହିଥିଲା ପଞ୍ଚମ ସ୍ଥାନରେ।

ତେବେ ୨୦୧୬ରେ ଲାନ୍ସର୍ସ ଦଳର କାୟାକଳ୍ପ ହେବାପରେ ସତେ ଯେପରି ଭାଗ୍ୟ ଚମକି ଉଠିଲା। ଅଷ୍ଟ୍ରେଲିଆର ପୂର୍ବତନ ତାରକା ମାର୍କ ହାଗରଙ୍କ ପ୍ରଶିକ୍ଷଣରେ ଦଳ ଉନ୍ନତ ପ୍ରଦର୍ଶନ କରିବାକୁ ଆରମ୍ଭ କଲା। ଜର୍ମାନ ଖେଳାଳି ମୋରିସ୍ ଫୁଏର୍ଷ୍ଟଙ୍କ ନେତୃତ୍ୱ ମଧ୍ୟ ଅନ୍ୟ ଖେଳାଳିଙ୍କ ପାଇଁ ଥିଲା ପ୍ରେରଣା ସଦୃଶ। ଉନ୍ନତ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରି ଗତବର୍ଷ କଳିଙ୍ଗ ଲାନ୍ସର୍ସ ଫାଇନାଲରେ ପହଞ୍ଚିଥିଲା ହେଲେ ଚାମ୍ପିଆନ ହୋଇପାରିଲା ନାହିଁ। ଫାଇନାଲରେ ପଞ୍ଜାବ ୱାରିୟର୍ସ ହାତରୁ ୬-୧ ଗୋଲରେ ପରାସ୍ତ ହୋଇ କଳିଙ୍ଗ ଲାନ୍ସର୍ସ ଲାଭକଲା ଉପବିଜେତାର ସମ୍ମାନ। ତେବେ ୨୦୧୭ର ହକି ଇଣ୍ଡିଆ ଲିଗ୍ ଏହି ଦଳ ପାଇଁ ସଫଳତାର ବାର୍ତ୍ତା ବହନ କରି ଆଣିଥିଲା। ସଂଘର୍ଷପୂର୍ଣ୍ଣ ପ୍ରଥମ ଦୁଇଟି ମ୍ୟାଚ ଜିତି ନିଜର ଅଭିଯାନ ଆରମ୍ଭ କରିବା ପରେ କିନ୍ତୁ ଲାନ୍ସର୍ସ ଦଳ କ୍ରମାଗତ ଦୁଇତିନିଟି ମ୍ୟାଚରେ ଖରାପ ପ୍ରଦର୍ଶନ କଲା। ସୁତରାଂ ସେମାନଙ୍କର ସେମିଫାଇନାଲରେ ପହଞ୍ଚିବା ମଧ୍ୟ ଅସମ୍ଭବ ମନେହେଲା। ବିଶେଷକରି ଭୁବନେଶ୍ୱରଠାରେ ଉତ୍ତର ପ୍ରଦେଶ ୱିଜାର୍ଡସ୍ ସହିତ ଏକ ମ୍ୟାଚରେ ଲାନ୍ସର୍ସ ଦଳ ଯେଉଁଳି ଭାବେ ୧୦-୦ ଗୋଲରେ ଶୋଚନୀୟ ପରାଜୟ ବରଣ କଲା ତାହା ସେମାନଙ୍କର ସାମର୍ଥ୍ୟ ଉପରେ ପ୍ରଶ୍ନଚିହ୍ନ ଲଗାଇଦେଲା।

ତେବେ ସେ ଯାହାହେଉ ଲିଗ୍ ପର୍ଯ୍ୟାୟର ଶେଷ ଅଡ଼କୁ କଳିଙ୍ଗ ଲାନ୍ସର୍ସର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିବା ସହିତ ଅନ୍ତିମ ଲିଗ୍ ମ୍ୟାଚରେ ଗତ ବିଜେତା ପଞ୍ଜାବ ୱାରିୟର୍ସଙ୍କୁ ପରାସ୍ତ କରି ସେମି ଫାଇନାଲରେ ସେମାନଙ୍କର ସ୍ଥାନ ସୁରକ୍ଷିତ କରିନେଲେ। ଲିଗ୍ ପର୍ଯ୍ୟାୟରେ



ମୋଟ ଦଶଟି ମ୍ୟାଚରୁ କଳିଙ୍ଗ ଲାନ୍ସର୍ସ ଦଳ ପାଞ୍ଚଟିରେ ବିଜୟ ହୋଇଥିବା ବେଳେ ଚାରିଟିରେ ପରାଜିତ ହୋଇଥିଲା ଏବଂ ଅନ୍ୟ ଗୋଟିଏ ମ୍ୟାଚ ଅମୀମାଂସିତ ରହିଥିଲା। ତେବେ ଲିଗ୍ ପର୍ଯ୍ୟାୟରେ ସବୁଠାରୁ ଭଲ ପ୍ରଦର୍ଶନ ଥିଲା ଦବଙ୍ଗ ମୁମ୍ବାଇ ଦଳର। ଅନ୍ୟଜଣେ ଜର୍ମାନ ଖେଳାଳି ଫ୍ଲୋରିଆନ୍ ଫୁକ୍ସ୍‌ଙ୍କ ନେତୃତ୍ୱରେ ଖେଳୁଥିବା ମୁମ୍ବାଇ ଦଳ ଛଅଟି ବିଜୟ, ଦୁଇଟି ଡ୍ର ଓ ଦୁଇଟି ପରାଜୟ ସହିତ ମୋଟ ୩୫ ପଏଣ୍ଟ ପାଇ ରହିଥିଲା ଲିଗ୍ ତାଲିକାର ଶୀର୍ଷରେ। ଅନ୍ୟଦିଗରେ କଳିଙ୍ଗ ଲାନ୍ସର୍ସ ୨୮ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନ ଲାଭ କରିଥିଲା। ସୁତରାଂ ହକି ଇଣ୍ଡିଆ ଲିଗ୍‌ର ପଞ୍ଚମ ସଂସ୍କରଣରେ ବିଜେତା ବନିବାର ମୁଖ୍ୟ ଦାବିଦାର ଥିଲା ମୁମ୍ବାଇ ଦଳ।


ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଦବଙ୍ଗ ମୁମ୍ବାଇ ଦଳ ଦିଲ୍ଲୀ ୱେଭରାଇଡର୍ସକୁ ୨-୦ରେ ହରାଇ ଫାଇନାଲକୁ ଆସିଲା। ମୁମ୍ବାଇ ପାଇଁ ରବର୍ଟ କେମ୍ପରମାନ୍‌ଙ୍କ ଗୋଲଟି ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ତେବେ କଳିଙ୍ଗ ଲାନ୍ସର୍ସ ଓ ଉତ୍ତରପ୍ରଦେସ ୱିଜାର୍ଡସ୍ ମଧ୍ୟରେ ଅନୁଷ୍ଠିତ ଅନ୍ୟ ସେମି ଫାଇନାଲଟି ଥିଲା ଆହୁରି ଅଧିକ ସଂଘର୍ଷପୂର୍ଣ୍ଣ। ମ୍ୟାଚର ଆରମ୍ଭରୁ ୱିଜାର୍ଡସ୍‌ର ଫ୍ଲୋରେଣ୍ଟ ଫାନ୍ ଆବେଲ୍ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କଲେ ଏହାପରେ ଲାନ୍ସର୍ସର୍ସ ପକ୍ଷରୁ ଦେବେନ୍ଦର୍ ବାଲ୍ମିକୀ ଓ ମୋରିସ୍ ଫୁଏର୍ଷ୍ଟାଙ୍କ ଦ୍ୱାରା ପେନାଲଟୀ କର୍ଣ୍ଣରରୁ କରାଯାଇଥିବା ଦୁଇଟି ଗୋଲ୍ ଫଳରେ ଖେଳ ୨-୨ରେ ସମାନ ସ୍ତରକୁ ଆସିଗଲା। ଅନ୍ତିମ କ୍ୱାର୍ଟରରେ ଲାନ୍ସର୍ସ ପକ୍ଷରୁ ହଲାଣ୍ଡର ଖେଳାଳି ବିଲି ବାକର୍ ଓ ୱିଜାର୍ଡସ୍ ପକ୍ଷରୁ ଆକାଶଦୀପ ସିଂହଙ୍କ ଫିଲ୍ଡ ଗୋଲ ଯୋଗୁ ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ ୪-୪ରେ ଅମୀମାଂସିତ ରହିଲା। ଏହାପରେ ଟାଇବ୍ରେକର୍‌ରେ ମଧ୍ୟ ଖେଳ ୨-୨ରେ ସମାନ ସ୍ତରରେ ରହିବାରୁ ପରିଶେଷରେ ସଡନ୍ ଡେଥ୍ ସଟ୍‌ର ସାହାରା ନିଆଗଲା ଏବଂ ଏଥିରେ କଳିଙ୍ଗ ଦଳ ୨-୧ରେ ବିଜୟୀ ହୋଇ ପହଁଞ୍ଚିଗଲା ଫାଇନାଲରେ। ଏହି ସଡନ୍ ଡେଥ୍‌ରେ ଲାନ୍ସର୍ସର ଗୋଲରକ୍ଷକ ଆଣ୍ଡ୍ରୁ ଚାର୍ଟର୍ ଚମତ୍କାର ପ୍ରଦର୍ଶନ କରିବା ପରେ ଆରୋନ୍ ଜାଲେୱସ୍କୀଙ୍କ ଗୋଲ ବଳରେ ଦଳ ବିଜୟୀ ହେଲା।

ଚଣ୍ଡିଗଡ଼ରେ ଖେଳାଯାଇଥିବା ଚୂଡ଼ାନ୍ତ ମୁକାବିଲା ମଧ୍ୟ କିଛି କମ ରୋମାଞ୍ଚକର ନଥିଲା। ପୂର୍ବରୁ ଲିଗ୍ ପର୍ଯ୍ୟାୟରେ ଉଭୟ ଦଳ ପରସ୍ପର ବିରୁଦ୍ଧରେ ଗୋଟିଏ ଲେଖାଏଁ ମ୍ୟାଚରେ ବିଜୟୀ ହୋଇଥିଲେ। କିନ୍ତୁ ଫାଇନାଲରେ କଳିଙ୍ଗ ଲାନ୍ସର୍ସର ଖେଳାଳିମାନଙ୍କର ସଂଘବଦ୍ଧ ଖେଳ ସମ୍ମୁଖରେ ଦବଙ୍ଗ ମୁମ୍ବାଇର ଖେଳାଳିମାନେ ହାର ମାନିବାକୁ ବାଧ୍ୟ ହେଲେ। ବିଶେଷକରି ଅଧିନାୟକ ମୋରିସ୍ ଫୁଏର୍ଷ୍ଟା, ଅଷ୍ଟ୍ରେଲୀୟ ତାରକା ଗ୍ଲେନ୍ ଟର୍ନର ତଥା ଗୋଲରକ୍ଷକ ଆଣ୍ଡ୍ରୁ ଚାର୍ଟର୍‌ଙ୍କ ପ୍ରଦର୍ଶନ ଥିଲା ଅତ୍ୟନ୍ତ ଉଚ୍ଚକୋଟିର। ଏମାନଙ୍କ ବ୍ୟତୀତ ମାଥ୍ୟୁ ଡସନ୍, ଲଲିତ ଉପାଧ୍ୟାୟ, ବିଲୀ ବାକର୍, ଆରୋନ୍ ଜାଲେୱସ୍କୀ, ଧରମବୀର ସିଂହ, ମଲକ୍ ସିଂହ ଆଦିଙ୍କ ସହିତ ଓଡ଼ିଶାର ଖେଳାଳି ଅମିତ ରୋହିଦାସ, ଦୀପସାନ ତିର୍କୀ ଓ ଆନନ୍ଦ ଲାକ୍ରାଙ୍କ ଖେଳ ମଧ୍ୟ ଥିଲା ଦେଖିବା ଭଳି। ଏହି ତିନି ଓଡ଼ିଆ ତାରକାଙ୍କ ବ୍ୟତୀତ ଅନ୍ୟତମ ଯୁବ ଓଡ଼ିଆ ଖେଳାଳି ନୀଲମ୍ ସଂଜୀବ ଖେସ୍ ମଧ୍ୟ ସାମିଲ ଥିଲେ କଳିଙ୍ଗ ଲାନ୍ସର୍ସ ଦଳରେ ଏବଂ ଏମାନଙ୍କ ପାଇଁ ହକି ଇଣ୍ଡିଆ ଲିଗ୍‌ର ଟ୍ରଫି ସହିତ ସ୍ୱର୍ଣ୍ଣ ପଦକ ଜିତିବାର ସ୍ମୃତି ଥିଲା ଖୁବ୍ ନିଆରା।

ଫାଇନାଲ୍ ମ୍ୟାଚରେ ଗ୍ଲେନ୍ ଟର୍ନରଙ୍କ ଗୋଟିଏ ଫିଲ୍ଡ ଗୋଲ ଓ ଅଧିନାୟକ ଫୁଏର୍ଷ୍ଟାଙ୍କ ଦୁଇଟି ପେନାଲଟୀ ଗୋଲ ବଳରେ କଳିଙ୍ଗ ଲାନ୍ସର୍ସ ୪-୧ରେ ବିଜୟୀ ହୋଇଥିଲା। ଏହି ଦୁଇଜଣ ସମୁଦାୟ ଟୁର୍ଣ୍ଣାମେଣ୍ଟରେ ୧୨ଟି ଲେଖାଏଁ ଗୋଲ ଦେଇ ଟପ୍ ସ୍କୋରର ପୁରସ୍କାର ହାସଲ କରିଥିଲେ। ତେବେ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାରଟି ଜିତି ନେଇଥିଲେ ଦବଙ୍ଗ ମୁମ୍ବାଇର ଅଧିନାୟକ ଫ୍ଲୋରିଆନ୍ ଫୁକ୍ସ। ସେହି ଦଳର ହରମନପ୍ରୀତ ସିଂହଙ୍କୁ ମିଳିଥିଲା ଶ୍ରେଷ୍ଠ ଉଦୀୟମାନ ଖେଳାଳିର ପୁରସ୍କାର। ହକି ଇଣ୍ଡିଆ ଲିଗ୍‌ର ପଞ୍ଚମ ସଂସ୍କରଣରେ ବିଜୟୀ ହୋଇ କଳିଙ୍ଗ ଲାନ୍ସର୍ସ ଦଳ ଅଢ଼େଇ କୋଟି ଟଙ୍କାର ପୁରସ୍କାର ଲାଭ କରିଥିବା ବେଳେ ରନର୍ସ ଅପ୍ ଦବଙ୍ଗ ମୁମ୍ବାଇ ଦଳକୁ ମିଳିଥିଲା ଏକ କୋଟି ୨୫ଲକ୍ଷ ଟଙ୍କାର ପୁରସ୍କାର। ଅନ୍ୟ ଦିଗରେ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ପ୍ଲେ- ଅଫ୍ ମ୍ୟାଚରେ ଭି.ଆର. ରଘୁନାଥଙ୍କ ନେତୃତ୍ୱାଧିନ ଉତ୍ତର ପ୍ରଦେଶ ୱିଜାର୍ଡସ୍ ୫-୪ ଗୋଲରେ ରୂପିନ୍ଦର ପାଲ ସିଂହଙ୍କ ନେତୃତ୍ୱାଧିନ ଦିଲ୍ଲୀ ୱେଭରାଇଡର୍ସ ଦଳକୁ ପରାସ୍ତ କରି ୭୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ହାତେଇ ନେଇଥିଲେ।

ମୋ-୯୪୩୭୬୨୭୫୧୪

# ସାଧାରଣ ଜ୍ଞାନ


## (1) ABBREVIATION

1. IPBP - India Post Payment Banks
2. IUHDSS - Integrated Underwater Harbour Defence and Surveillance System
3. NATMO - National Atlas and Thematic Mapping Organisation
4. NCRTC - National Capital Region Transport Corporation
5. NDRF - National Disaster Response Force
6. SLAC - Sparsh Leprosy Awareness Campaign
7. TIES - Trade Infrastucture for Export Scheme
8. UBI - Universal Basic Income
9. UNSC - United Nations Security Council
10. VVPA - Voter -Verified Paper Audit Trail.

## (୨) ପୁସ୍ତକ ଓ ଲେଖକ

1. Contemporary West Asia- Perspectives on Change and Continuity- Sujata Ashwarya & Mujit Alam
2. Hema Malini : Beyond the Dream Girl- Ram Kamal
3. Jobless Clueless Reckless - Revathi Suresh
4. Every Time It Rains - Nikitha Singh
5. Autoplay: Not-so Stories - G Sampth
6. ଅଣାକାର ସଂହିତା - ନନ୍ଦ ଦାସ
7. ହରିବଂଶ - ଅଚ୍ୟୁତାନନ୍ଦ ଦାସ
8.ପ୍ରେମଶୀଳା - କୁଞ୍ଜବିହାରୀ ଭ୍ରମରବର
9. ବଟ ଅବକାଶ - ବଳରାମ ଦାଶ
10. ସୀତେଶ ବିଳାସ - ଭୁବନେଶ୍ୱର କବିଚନ୍ଦ୍ର

## (୩) ଗୋଆ

୧. ଗଠନ - ୩୦.୦୫.୧୯୮୭
୨. ରାଜ୍ୟପାଳ - ମ୍ରିଦୁଲା ସିହ୍ନା
୩. ମୁଖ୍ୟମନ୍ତ୍ରୀ - ଲକ୍ଷ୍ମୀକାନ୍ତ ପାର୍ସେକାର
୪. ଲୋକସଭା ଆସନ - ୦୨
୫. ବିଧାନସଭା ଆସନ - ୪୦
୬. ରାଜ୍ୟସଭା - ୦୧
୭. ରାଜଧାନୀ - ପାନାଜୀ
୮. କ୍ଷେତ୍ରଫଳ - ୩୭୦୨ବର୍ଗ କି.ମି.
୯. ଜନସଂଖ୍ୟା - ୧,୪୫.୭୨୩ (୨୦୧୧)
ପୁରୁଷ - ୭୪୦,୭୧୧
ସ୍ତ୍ରୀ - ୭୧୭୦୧୨
୧୦. ଲିଙ୍ଗ ଅନୁପାତ - ୯୬୮
୧୧. ସାକ୍ଷରତା ହାର - ୮୭.୪୦%
୧୨. ଜିଲ୍ଲା - ୦୨
୧୩. ଗ୍ରାମ - ୩୫୯

## (୪) ନିଯୁକ୍ତି

୧. ଡାଇରେକ୍ଟର ଜେନେରାଲ,ନ୍ୟାସନାଲ ହ୍ୟୁମାନ୍ ରାଇଟସ୍ କମିଶନ - ପ.ଭି.କେ. ରେଡ୍ଡୀ
୨. ସିବିଆଇ ନିର୍ଦ୍ଦେଶକ - ଆଲୋକ କୁମାର ବର୍ମା
୩. ପ୍ରେସିଡେଣ୍ଟ,ଟେବୁଲ ଟେନିସ୍ ଫେଡ଼େରେସନସ୍ ଅଫ୍ ଇଣ୍ଡିଆ - ଦୁଷ୍ମନ୍ତ ଚୌତାଲା
୪. ଚେୟାରମ୍ୟାନ୍ ନ୍ୟାସନାଲ କମିଶନ ଫର ସୁଡ୍ୟୁଲ ଟ୍ରାଇବ୍ - ନନ୍ଦ କୁମାର ସାଇ
୫. ସିଫ୍ ସେକ୍ରେଟାରୀ, ମହାରାଷ୍ଟ୍ର - ସୁମିତ୍ ମୁଲ୍ଲିକ୍

## (୫) ଦେହାନ୍ତ

୧. ଯୋଗେନ୍ଦ୍ର ସିଂହ(୭୭) - ପୂର୍ବତନ ସିବିଆଇ ମୁଖ୍ୟ
୨. ପି ଏସ୍ ଶଙ୍କର (୮୭) - ପୂର୍ବତନ ବୈଦେଶିକ ମନ୍ତ୍ରୀ
୩. ବିଣାଶ୍ରୀ ସେନଗୁପ୍ତ (୭୧) - ବେଙ୍ଗଲୀ ଗାୟିକା
୪. ଅଲତାମସ୍ କବିର (୬୮) - ପୂର୍ବତନ ମୁଖ୍ୟ ପ୍ରଧାନ ବିଚାରପତି

## (୬) ପୃଥିବୀର ବୃହତ୍ତମ-

୧. ମହାଦେଶ - ଏସିଆ
୨. ମହାସାଗର - ପ୍ରଶାନ୍ତ ମହାସାଗର
୩. ଦ୍ୱୀପ - ଗ୍ରୀନ୍ ଲ୍ୟାଣ୍ଡ
୪. ପିରାମିଡ୍ - ମିଶର
୫.ଯାଦୁଘର - ଆଲ୍‌ବର୍ଟ ମ୍ୟୁଜିୟମ୍

## (୭) ନୂଆ ଯୋଜନା

| ଯୋଜନାର ନାମ | ପ୍ରଚଳନକାରୀ | ଉଦ୍ଦେଶ୍ୟ |
|---|---|---|
| ୧. ରାହତ୍ | ରାଜସ୍ଥାନ ସରକାର | ହୃଦରୋଗ ଚିକିତ୍ସା |
| ୨. ଭାରତ ନେଟ୍ ପ୍ରୋଜେକ୍ଟ | ଭାରତ ସରକାର | ଗ୍ରାମାଞ୍ଚଳରେ ଡ଼ିଜିଟାଲ୍ ଟ୍ରାଜାକ୍‌ସନ୍ ପାଇଁ |
| ୩. ବସୁଧା | ଓଡ଼ିଶା ସରକାର | ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ |
| ୪. ଅବଢ଼ା | ଓଡ଼ିଶା ସରକାର | ପୁରୀକୁ ବିଶ୍ୱ ଐତିହ ଦର୍ଜା ଦେବାପାଇଁ |
| ୫. ଉନ୍ନତ୍ | ଓଡ଼ିଶା ସରକାର | ସହରାଞ୍ଚଳର ବିକାଶ |

## (୮) କାହାକୁ କହନ୍ତି

୧. ଅନ୍ଧକାରର ମହାଦେଶ - ଆଫ୍ରିକା
୨. ଇଗଲର ଦେଶ - ଆଲ୍‌ବେନିଆ
୩. ଆରବ ସାଗରର ରାଣୀ - କୋଚିନ୍
୪.ବେଙ୍ଗଲ ଦୁଃଖ - ଦାମୋଦର ନଦୀ
୫.ଭାରତର ହଲିଉଡ୍ - ମୁମ୍ବାଇ

## (୯) ଓଡ଼ିଶା

୧. 'ବନ୍ଦେ ଉତ୍କଳ ଜନନୀ' ବିଧାନସଭାରେ କେତେବେଳେ ବୋଲାଯାଇଥାଏ ?
(କ) ଅଧିବେଶନ ଆରମ୍ଭରୁ (ଖ) ଅଧିବେଶନର ସମାପ୍ତି ପରେ
(ଗ) ରାଜ୍ୟପାଳଙ୍କ ଅଭିଭାଷଣ ପୂର୍ବରୁ (ଘ) ଉପୋରକ୍ତ ସମସ୍ତ

୨. ଓଡ଼ିଶାର ସର୍ବପ୍ରଥମ ଶକ୍ତିପୀଠଟିର ନାମ କ'ଣ ?
(କ) ଯାଜପୁର (ଖ) ପୁରୀ
(ଗ) କଟକ (ଘ) ଝଙ୍କଡ଼

୩. 'ବାଲିମେଳା' ଜଳବିଦ୍ୟୁତ ଯୋଜନା କେଉଁ ଦୁଇଟି ପ୍ରଦେଶରେ ମିଳିତ ଉଦେଷ୍ଟାଗରେ ନିର୍ମାଣ କରାଯାଇଛି ?
(କ) ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ (ଖ) ଓଡ଼ିଶା ଓ ମଧ୍ୟପ୍ରଦେଶ
(ଗ) ଓଡ଼ିଶା ଓ ଝାଡ଼ଖଣ୍ଡ (ଘ) ଓଡ଼ିଶା ଓ ବିହାର

୪. ଓଡ଼ିଶାର କେଉଁ ଜିଲ୍ଲାର ସାକ୍ଷରତା ହାର ସର୍ବାଧିକ ?
(କ) ଜଗତସିଂହପୁର (ଖ) ସମ୍ବଲପୁର
(ଗ) ଖୋର୍ଦ୍ଧା (ଘ) ଗଞ୍ଜାମ

୫. ଓଡ଼ିଶାର କ୍ଷୁଦ୍ରତମ ଜିଲ୍ଲା କିଏ ?
(କ) ଭଦ୍ରକ (ଖ) କେନ୍ଦ୍ରାପଡ଼ା
(ଗ) ଜଗତସିଂହପୁର (ଘ) ଦେବଗଡ଼

୬. ଓଡ଼ିଶାର ସର୍ବାଧିକ ଲୋକସଂଖ୍ୟା ବିଶିଷ୍ଟ ସହର କିଏ ?
(କ) ବ୍ରହ୍ମପୁର (ଖ) କଟକ
(ଗ) ଭୁବନେଶ୍ୱର (ଘ) ଜୟପୁର

୭. ଧୂଆଁପତ୍ର ଓ ଲଙ୍କାମରିଚ ଚାଷରେ କେଉଁ ଜିଲ୍ଲା ଅଗ୍ରଣୀ ?
(କ) ନୟାଗଡ଼ (ଖ) ଗଞ୍ଜାମ
(ଗ) କେନ୍ଦ୍ରାପଡ଼ା (ଘ) ଭଦ୍ରକ

୮. 'ଖଣ୍ଡାହାତୀ' ଜଳପ୍ରପାତ କେଉଁ ଜିଲ୍ଲାରେ ଅବସ୍ଥିତ ?
(କ) କଳାହାଣ୍ଡି (ଖ)ବୌଦ୍ଧ
(ଗ)କୋରାପୁଟ (ଘ)ଖୋର୍ଦ୍ଧା

୯. ବଳଭଦ୍ରଙ୍କର ରଥର ନାମ କ'ଣ ?
(କ) ତାଳଦ୍ୱଜ (ଖ) ସୁନଳ
(ଗ) ମାତଳୀ (ଘ) ନନ୍ଦ

୧୦. ପାଚିଲା ତାଳର ରଙ୍ଗ କିପରି ?
(କ) ବାଦାମୀ (ଖ) କଳା
(ଗ) ନାଲି (ଘ) ହଳଦିଆ

## (୧୦) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ନିମ୍ନଲିଖିତ '?' ଚିହ୍ନଟିର ସଂଖ୍ୟା କେତେ ହେବ ?

| | | |
|---|---|---|
| ୭ | ୪ | ୩ |
| ୫ | ୦ | ୫ |
| ୯ | ? | ୬ |

(କ) ୩ (ଖ) ୨ (ଗ) ୪ (ଘ) ୫

୨. '?' ଚିହ୍ନଟି କେତେ ?
୩୪୮ : ୨୮୮ :: ୫୫୬ : ?
(କ) ୩୬୫ (ଖ) ୪୭୦ (ଗ) ୪୮୦ (ଘ) ୨୭୦

୩. କେଉଁ ଲେଟର ଗୁଡ଼ିକ ରହିବ '?'ରେ ?
UV : XY :: CD : ?
(କ) GF (ଖ) EG (ଗ) FH (ଘ) FG

୪. ନିମ୍ନ ସିରିଜ୍‌ରେ ଅକ୍ଷରଗୁଡ଼ିକୁ କ୍ରମାଗତ ଭାବରେ ସଜାଇ ଶୂନ୍ୟସ୍ଥାନ ପୂରଣ କର।
gfe__ig__eii__fei__gf__ii__
(କ) eifgi (ଖ) figie (ଗ) ifgie (ଘ) ifige

୫. ଯଦି'WOMAN'କୁ '12345' କୋଡ ଦେଇ ଲେଖାଯାଏ ଏବଂ 'SERVANT'କୁ '6789450' ଭାବରେ ଲେଖାଯାଏ ତେବେ 'VOTERS' କୁ କିପରି ଲେଖାଯିବ ?
(କ) 920786 (ଖ) 920716 (ଗ) 920746 (ଘ) 920756

୬. ଏକ ପ୍ଲାଟଫର୍ମରେ ଠିଆହୋଇ ରଞ୍ଜନ କୁମୁଦକୁ କହିଲା ବାରଣାସୀ ଏଠାରୁ ୨୦କି.ମି.ରୁ ଅଧିକ ଏବଂ ୨୫କି.ମିରୁ କମ୍। କୁମୁଦ ଜାଣିଛି ଏହା ୧୮କି.ମି.ରୁ ଅଧିକ ଏବଂ ୨୨କି.ମିରୁ କମ୍। ଯଦି ଉଭୟଙ୍କ କଥା ଠିକ୍ ତେବେ ପ୍ଲାଟଫମ୍ ଠାରୁ ବାରଣାସୀ କେତେ କି.ମି ?
(କ)୨୧ (ଖ)୨୦ (ଗ)୧୯ (ଘ) ୧୮


୭. ଏକ ପୁରୁଷକୁ ଦେଖାଇ, ଜଣେ ସ୍ତ୍ରୀ କହିଲା, ସେ ହେଉଛନ୍ତି ମୋ ବାପାଙ୍କର ବାପା, ତେବେ ସ୍ତ୍ରୀ ଲୋକଟି ପୁରୁଷର ସମ୍ପର୍କରେ କ'ଣ ହେବ ?
(କ) ଜେଜେବାପା (ଖ) ନାତୁଣୀ (ଗ) ଝିଅ (ଘ) ପୁଅ

୮. '?'ଟି କେତେ ?

| | | |
|---|---|---|
| ୫ | | ? |
| | ୩୯ | |
| ୧୩ | | ୮ |

(କ)୪୦ (ଖ)୫୨ (ଗ)୬୫ (ଘ)୭୫

୯. '?'ଟି କେତେ ?
8, 9, 8, 7, 10, 9, 6, 11, 10, ?, 12
(କ) 5 (ଖ) 7 (ଗ) 8 (ଘ) 11

୧୦. ଡ଼ାକ୍ତର, ପୁରୁଷ, ଅଭିନେତା କେଉଁ ଚିତ୍ର ସମ୍ପର୍କକୁ ବୁଝାଏ ?
(କ)  (ଖ) 
(ଗ)  (ଘ) 

### ଉତ୍ତର

୧.(ଖ) ଅଧିବେଶନର ସମାପ୍ତି ପରେ ,୨.(କ) ଯାଜପୁର, ୩.(କ)ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ, ୪.(ଗ)ଖୋର୍ଦ୍ଧା , ୫.(ଗ)ଜଗତ୍‌ସିଂହପୁର, ୬.(ଗ)ଭୁବନେଶ୍ୱର, ୭.(ଖ) ଗଞ୍ଜାମ ,୮.(ଗ)କୋରାପୁଟ,୯. (କ) ତାଳଦ୍ୱଜ,୧୦.(ଖ)କଳା

୧.(କ) ୩ , ୨.(ଗ) ୪୮୦, ୩.(ଘ) FG, ୪.(ଗ)ifgie, ୫.(କ)920786,୬.(କ)୨୧,୭.(ଖ) ନାତୁଣୀ,୮.(ଖ)୫୨,୯.(କ) 5 , ୧୦. 

## (୧୧) ଇତିହାସ

୧. ଇତିହାସର ଜନକ କିଏ ?

(କ) ଆରିଷ୍ଟୋଟଲ (ଖ) ଥୁସିଡ଼ାଇଡ଼େସ୍

(ଗ) ହେରୋଡ଼ୋଟସ୍ (ଘ) ଗୋଲିବିୟସ୍

୨ କେଉଁ ଉପାଦାନରୁ ମିଶରୀୟ ସଭ୍ୟତା ଜାଣିହେବ ?

(କ) ଧର୍ମୀୟ ସାହିତ୍ୟ (ଖ) ବୈଦେଶିକ ବିବରଣୀ

(ଗ) ତାମ୍ର ଅଭିଲେଖ (ଘ) ରୋଶେଟା ପ୍ରସ୍ତର ଅଭିଲେଖ

୩. କାହାକୁ ପିରାମିଡ଼ର ଦେଶ କୁହାଯାଏ ?

(କ) ଚୀନ୍ (ଖ) ସୁମେର୍

(ଗ) ମିଶର (ଘ) ବାବିଲୋନ୍

୪. ମେସୋପଟାମିୟାର ବର୍ତ୍ତମାନ ନାମ କ'ଣ ?

(କ) ଇରାନ୍ (ଖ) ଆଫଗାନୀସ୍ଥାନ୍

(ଗ) ଗ୍ରୀସ୍ (ଘ) ଇରାକ୍

୫. କିଏ ସର୍ବପ୍ରଥମ ଆଇନ ପ୍ରଣେତା ?

(କ) ହାମ୍ମୁରାବି (ଖ) ଆଖ୍‌ନାଟନ୍

(ଗ) ଆଲେକ୍‌ଜାଣ୍ଡର୍ (ଘ) ଜୁଲିଅସ୍ ସିଜର

୬. କିଏ 'ଚୀନ୍‌ର କିଟସ୍' ରୂପେ ପରିଚିତ ?

(କ) ଲି-ତାଇ-ପୋ (ଖ) ତୁ-ଫୁ

(ଗ) ସୁ-ମା-ଚୀନ୍ (ଘ) ସୁନ୍‌ତ୍ସୁ

୭. ସୁତ୍ରପିଟକ କେଉଁ ଧର୍ମରେ ଲିଖିତି ?

(କ) ଜୈନଧର୍ମ (ଖ) ବୌଦ୍ଧଧର୍ମ

(ଗ) ହିନ୍ଦୁଧର୍ମ (ଘ) ଇସ୍‌ଲାମ୍‌ଧର୍ମ

୮. ହରପ୍ପା ଲିପିର ଆବିଷ୍କାର ପାଇଁ କିଏ ପ୍ରଜନ୍ କରିଥିଲେ ?

(କ) ଏସ୍.ଆର୍.ରାଓ (ଖ) ରାଖାଲ ଦାସ ବାନାର୍ଜୀ

(ଗ) ଜନ୍‌ମାର୍ଶାଲ୍ (ଘ) ଦୟାରାମ ସାହାଣୀ

୯. ଆର୍ଯ୍ୟମାନଙ୍କର ସର୍ବପ୍ରାଚୀନ ଧର୍ମଗ୍ରନ୍ଥର ନାମ କ'ଣ ?

(କ) ଋକ୍‌ବେଦ (ଖ) ସାମ୍‌ବେଦ

(ଗ) ଯର୍ଜୁବେଦ (ଘ) ଅଥର୍ବବେଦ

୧୦. ଓଡ଼ିଶାରେ କେଉଁଠାରେ ଜୈନଗୁମ୍ଫା ଦେଖିବାକୁ ମିଳେ ?

(କ) ରତ୍ନଗିରି (ଖ) ଲଳିତଗିରି

(ଗ) ଧଉଳିଗିରି (ଘ) ଉଦୟଗିରି

## (୧୧) ଭୂଗୋଳ

୧. ଭାରତର ଶତକଡ଼ା କେତେ ଭାଗ ଭୂମି କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି ?

(କ) ୩୩ ଭାଗ (ଖ) ୪୫ ଭାଗ

(ଗ) ୫୪ ଭାଗ (ଘ) ୬୭ ଭାଗ

୨. ନିମ୍ନଲିଖିତ ମଧ୍ୟରୁ କେଉଁ ଦେଶର ଅରଣ୍ୟ ଭୂମିର ପରିମାଣ ପ୍ରତିଶତ ସର୍ବାଧିକ ଅଟେ ?

(କ) ବ୍ରାଜିଲ (ଖ) କାନାଡ଼ା

(ଗ) ଅଷ୍ଟ୍ରେଲିଆ (ଘ) ରୁଷିଆ

୩. ପଶ୍ଚିମଘାଟ ପର୍ବତମାଳାରୁ ଉତ୍ପତ୍ତି ଲାଭ କରିଥିବା କୋଏନା ନଦୀ କେଉଁ ନଦୀର ଉପନଦୀ ଅଟେ ?

(କ) ଗୋଦାବରୀ (ଖ) କ୍ରିଷ୍ଣା (ଗ) ମହାନଦୀ (ଘ) ବୈତରଣୀ

୪. କାନାଡ଼ାର ଟରୋଣ୍ଟୋ ନିକଟରେ ପ୍ରବାହିତ ହେଉଥିବା ନାଏଗ୍ରା ଜଳପ୍ରପାତର ଜଳ କେଉଁ ହ୍ରଦ ମଧ୍ୟକୁ ନିଷ୍କାସିତ ହେଉଛି ?

(କ) ଲେକ୍ ହ୍ୟୁରନ୍ (ଖ) ଲେକ୍ ଓଣ୍ଟାରିଓ

(ଗ) ଲେକ୍ ୱିନିପେଗ୍ (ଘ) ଲେକ୍ ସୁପେରିଅର୍

୫. ଉତ୍ତର ଆମେରିକାର ବିସ୍ତୀର୍ଣ୍ଣ ତୃଣଭୂମିକୁ କ'ଣ କୁହାଯାଏ ?

(କ) ପ୍ରେରୀ (ଖ) ପମ୍ପାସ୍ (ଗ) ରାଞ୍ଚ୍ (ଘ) ରୋକା

୬. ଏବେ ସମଗ୍ର ବିଶ୍ୱରେ ଅତି ଲୋକପ୍ରିୟ ପାନୀୟରେ ପରିଣତ ହୋଇଥିବା ଚା'କୁ ସର୍ବପ୍ରଥମେ କେଉଁ ଦେଶରେ ଏକ ପାନୀୟ ଭାବେ ବ୍ୟବହୃତ କରାଯାଇଥିଲା ?

(କ) ଭାରତ (ଖ) ଇଂଲାଣ୍ଡ

(ଗ) ଶ୍ରୀଲଙ୍କା (ଘ) ଚୀନ

୭. ଆଙ୍କାରା ନଗରୀଟି କେଉଁ ଦେଶର ରାଜଧାନୀ ଅଟେ ?

(କ) ସିରିଆ (ଖ) ଲେବାନନ୍

(ଗ) ୟୋର୍ଦ୍ଦନ୍ (ଘ) ତୁର୍କୀ

୮. କେଉଁ ନଦୀର ଅବବାହିକା ଏସିଆର ଦୀର୍ଘତମ ନଦୀ ଅବବାହିକା ଅଟେ ?

(କ) ୟେନିସୀ ନଦୀ (ଖ) ହୋୟାଙ୍ଗ ହୋ ନଦୀ

(ଗ) ୟାଙ୍ଗ ସିକିୟାଂ ନଦୀ (ଘ) ଲେନା ନଦୀ

୯. ନିମ୍ନଲିଖିତ ମଧ୍ୟରୁ କେଉଁ ଜଳପ୍ରପାତଟି ଭାରତର ବୃହତ୍ତମ ଜଳପ୍ରପାତ ?

(କ) ଶିବ ସମୁଦ୍ରମ୍ ଜଳପ୍ରପାତ (ଖ) ଧୂଆଁଧାର ଜଳପ୍ରପାତ

(ଗ) କେମ୍ପଟି ଜଳପ୍ରପାତ (ଘ) ଯୋଗ୍ ଜଳପ୍ରପାତ

୧୦. ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାଟି ପୂର୍ବରୁ କେଉଁ ଜିଲ୍ଲାର ଅନ୍ତର୍ଗତ ଥିଲା ?

(କ) ବଲାଙ୍ଗୀର (ଖ) କଳାହାଣ୍ଡି

(ଗ) ସମ୍ବଲପୁର (ଘ) ଢେଙ୍କାନାଳ

**ଉତ୍ତର**

୧.(ଗ)ହେରୋଡ଼ୋଟସ୍, ୨.(ଘ)ରୋଶେଟା ପ୍ରସ୍ତର ଅଭିଲେଖ, ୩.(ଗ)ମିଶର, ୪.(କ)ଇରାନ୍, ୫.(କ)ହାମ୍ମୁରାବି, ୬.(ଖ)ତୁ-ଫୁ, ୭.(ଖ) ବୌଦ୍ଧଧର୍ମ, ୮.(କ) ଏସ୍.ଆର୍.ରାଓ, ୯.(କ) ଋକ୍‌ବେଦ, ୧୦.(ଘ)ଉଦୟଗିରି

୧.(ଗ) ୫୪ ଭାଗ , ୨.(କ) ବ୍ରାଜିଲ , ୩.(କ) ଗୋଦାବରୀ , ୪.(ଖ) ଲେକ୍ ଓଣ୍ଟାରିଓ, ୫. (କ) ପ୍ରେରୀ , ୬. (ଘ) ଚୀନ , ୭. (ଘ) ତୁର୍କୀ, ୮. (ଗ) ୟାଙ୍ଗ ସିକିୟାଂ ନଦୀ, ୯.(ଘ) ଯୋଗ୍ ଜଳପ୍ରପାତ , ୧୦.(ଗ) ସମ୍ବଲପୁର ।

## (୧୩) ଅର୍ଥନୀତି

୧. 'ମନରେଗା'ରେ କେତେ ଅର୍ଥ ୨୦୧୭-୧୮ ବଜେଟରେ ବ୍ୟୟ ବରାଦ କରାଯାଇଛି ?
(କ) ୪୯୦୦୦ କୋଟି (ଖ) ୫୦,୦୦୦ କୋଟି
(ଗ)୪୮୦୦୦ କୋଟି (ଘ)୪୬୦୦୦ କୋଟି

୨. କେନ୍ଦ୍ର ବଜେଟ ୨୦୧୭-୧୮ରେ କେତୋଟି ମୁଖ୍ୟ ରିଫର୍ମସ୍ କରାଯାଇଛି ?
(କ) ୩ (ଖ)୪
(ଗ) ୫ (ଘ)୬

୩. ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କକୁ କେତେ ଅର୍ଥ ବରାଦ କରାଯାଇଛି ?
(କ) ୧୦୦ କୋଟି (ଖ)୫୦୦ କୋଟି
(ଗ)୧୦୦୦ କୋଟି (ଘ)୧୫୦୦ କୋଟି

୪. ଇକୋନୋମିକ୍ ଫ୍ରିଡ଼ମ୍ ଇଣ୍ଡେକ୍ସ, ୨୦୧୭ ରେ ଭାରତର ସ୍ଥାନ କେତେ ?
(କ)୧୪୩ ତମ (ଖ) ୧୧୭ ତମ
(ଗ)୯୨ ତମ (ଘ)୮୮ ତମ

୫. MDR ର ଫୁଲ୍ ଫର୍ମ କ'ଣ ?
(କ)Merchant Discount Rate (ଖ)Material Discount Rate
(ଗ) Merchant Default Ratio (ଘ) Material Default Rate

୬. ଜିଏସ୍ ଟି କେବେଠାରୁ ଲାଗୁ କରାଯିବ ?
(କ)୦୧ ଜୁଲାଇ, ୨୦୧୮ (ଖ) ୦୧ ଜୁଲାଇ, ୨୦୧୭
(ଗ)୦୧ ଜୁନ, ୨୦୧୮ (ଘ) ୦୧ ଜୁନ, ୨୦୧୭

୭. ବଟୁଆ ୱାଲେଟ୍ କେଉଁ ବ୍ୟାଙ୍କ ଡିଜିଟାଲ ପେମେଣ୍ଟ ପାଇଁ ବ୍ୟବହାର କରିଛି ?
(କ)ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ଖ) ଓରିଏଣ୍ଟାଲ ବୟାଙ୍କ ଅଫ୍ କମର୍ସ
(ଗ)କାନାରା ବ୍ୟାଙ୍କ (ଘ) ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ

୮. ବିନା କାର୍ଡ ସ୍ୱାପିଂ ମେସିନ ବ୍ୟବହାର ଦ୍ୱାରା ଡିଜିଟାଲ ପେମେଣ୍ଟ ପାଇଁ କେନ୍ଦ୍ର ସରକାର ଏବେ କେଉଁ କୋର୍ଡ ସିଷ୍ଟମ୍ ଆରମ୍ଭ କରିଛନ୍ତି ?
(କ) କ୍ୟୁ ଆର କୋର୍ଡ (ଖ) କ୍ୟୁ ଏମ୍ କୋର୍ଡ
(ଗ) କ୍ୟୁ ଏସ୍ କୋର୍ଡ (ଘ) କ୍ୟୁ କ୍ୟୁ କୋର୍ଡ

୯. ସିଏସ୍ ଓ ତୃତିୟ ତ୍ରୟମାସିକ ରିପୋର୍ଟ ଅନୁସାରେ ଜିଡିପି ଅଭିବୃଦ୍ଧି ହାର କେତେ ?
(କ) ୭.୪% (ଖ) ୭.୫%
(ଗ) ୭.୩% (ଘ) ୭.୦%

୧୦.କେଉଁଟି ଅନ୍ୟମାନଙ୍କଠାରୁ ପୃଥକ ?
(କ) ଅଧିଶେଷ (ଖ) ମଜୁରୀ
(ଗ) ସୁଧ (ଘ) ଦର

## (୧୪) କ୍ରୀଡା

୧. ୨୦୧୭ର ଅଷ୍ଟ୍ରେଲିଆନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଆନ୍ ହୋଇ ରୋଜର୍ ଫେଡେରର୍ ତାଙ୍କର କେତେତମ ଗ୍ରାଣ୍ଡସ୍ଲାମ୍ ସିଂଗଲ୍ସ ଟାଇଟେଲ୍ ହାସଲ କରିଛନ୍ତି ?
(କ)୧୬ତମ (ଖ) ୧୭ତମ (ଗ) ୧୮ତମ (ଘ) ୧୯ତମ

୨. ୨୦୧୭ର ଅଷ୍ଟ୍ରେଲିଆନ ଓପନ୍ ମହିଳା ସିଂଗଲ୍ସ ଚାମ୍ପିଆନ୍ ସେରେନା ୱିଲିୟମ୍ସଙ୍କ ମୋଟ ଗ୍ରାଣ୍ଡସ୍ଲାମ୍ ସିଂଗଲ୍ସ ଟାଇଟେଲ୍ ସଂଖ୍ୟା କେତେ ?
(କ) ୨୦ (ଖ) ୨୧ (ଗ) ୨୨ (ଘ) ୨୩

୩. ଟେନିସ୍ ଖେଳର ମହିଳା ସିଂଗଲ୍ସରେ ସର୍ବାଧିକ ୨୪ଟି ଗ୍ରାଣ୍ଡସ୍ଲାମ୍ ଟାଇଟେଲ୍ ହାସଲ କରିଥିବା ଖେଳାଳିଙ୍କ ନାମ କ'ଣ ?
(କ) ବିଲ୍ ଜିନ୍ କିଙ୍ଗ (ଖ) ମାର୍ଗାରେଟ୍ କୋର୍ଟ ସ୍ମିଥ୍
(ଗ) ଷ୍ଟେଫି ଗ୍ରାଫ୍ (ଘ) ମାର୍ଟିନା ନଭ୍ରାତିଲୋଭା

୪. ନିକଟରେ ଭାରତ ଓ ଇଂଲାଣ୍ଡ ମଧ୍ୟରେ ଖେଳାଯାଇଥିବା ତିନି ମ୍ୟାଚ ବିଶିଷ୍ଟ ଟି-ଟ୍ୱେଣ୍ଟି ମୁକାବିଲାରେ କିଏ ପ୍ଲେୟାର୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି ?
(କ) ବିରାଟ କୋହଲି (ଖ) କେଦାର ଜାଧବ
(ଗ) ଜସ୍‌ପ୍ରୀତ୍ ବୁମରା (ଘ) ଯଜୁବେନ୍ଦ୍ର ଚହଲ୍

୫. କୌଣସି ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚରେ ଛଅ ୱିକେଟ ହାସଲ କରିଥିବା ଏକମାତ୍ର ଭାରତୀୟ ବୋଲରଙ୍କ ନାମ କ'ଣ ?
(କ) ଯଜୁବେନ୍ଦ୍ର ଚହଲ୍ (ଖ) ରବୀନ୍ଦ୍ର ଜାଡେଜା
(ଗ) ଅମିତ ମିଶ୍ରା (ଘ) ରବିଚନ୍ଦ୍ରନ୍ ଅଶ୍ୱିନ

୬. ଟି-ଟ୍ୱେଣ୍ଟି ଆନ୍ତର୍ଜାତିକର ଗୋଟିଏ ମ୍ୟାଚରେ ଛଅ ୱିକେଟ ହାସଲ କରିଥିବା ବିଶ୍ୱର ପ୍ରଥମ ବୋଲରଙ୍କ ନାମ କ'ଣ ?
(କ) ଅମିତ ମିଶ୍ରା (ଖ) ଅଜନ୍ତା ମେଣ୍ଡିସ୍
(ଗ) ସୋହେଲ୍ ତନ୍‌ବୀର୍ (ଘ) ମିଚେଲ୍ ଷ୍ଟାର୍କ

୭. ଫେବ୍ରୁଆରୀ-୨୦୧୭ରେ ମୋନାକୋ ଠାରେ ଅନୁଷ୍ଠିତ ହୋଇଥିବା ଲରିୟସ୍ ସ୍ପୋର୍ଟସ୍ ଆୱାର୍ଡ ସେରିମୋନୀରେ କିଏ ବର୍ଷ-୨୦୧୬ର ସର୍ବଶ୍ରେଷ୍ଠ ପୁରୁଷ କ୍ରୀଡ଼ାବିତର ପୁରସ୍କାର ଲାଭ କରିଛନ୍ତି ?
(କ) ମାଇକେଲ୍ ଫେଲ୍‌ପ୍ସ (ଖ) ନିକୋ ରୋସ୍‌ବର୍ଗ
(ଗ) ଉସେନ୍ ବୋଲ୍ଟ (ଘ) କ୍ରିଷ୍ଟିଆନୋ ରୋନାଲ୍ଡୋ

୮. ବର୍ଷ-୨୦୧୬ର ସର୍ବଶ୍ରେଷ୍ଠ ମହିଳା କ୍ରୀଡ଼ାବିତ ଭାବେ ଲରିୟସ୍ କ୍ରୀଡ଼ା ପୁରସ୍କାର ହାସଲ କରିଥିବା ସିମୋନ୍ ବାଇଲ୍ସ କେଉଁ ଖେଳର ଜଣେ ପ୍ରସିଦ୍ଧ ତାରକା ?
(କ) ବେସ୍‌ବଲ୍ (ଖ) ଆଥ୍‌ଲେଟିକ୍ସ (ଗ) ଆଇସ୍ ହକି (ଘ) ଜିମ୍‌ନାଷ୍ଟିକ୍ସ

୯. ଅବସର ପରେ ପ୍ରତ୍ୟାବର୍ତ୍ତନ କରିଥିବା କେଉଁ ତାରକାଙ୍କୁ ୨୦୧୬ର 'କମ୍‌ବ୍ୟାକ୍ ପ୍ଲେୟାର ଅଫ୍ ଦ ଇୟର' ଭାବେ ଲରିୟସ୍ ପୁରସ୍କାର ମିଳିଛି ?
(କ) ମାଇକେଲ୍ ଫେଲ୍‌ପ୍ସ (ଖ) ଟାଇଗର୍ ଉଡ୍‌ସ୍
(ଗ) ଲିଓନେଲ୍ ମେସି (ଘ) ମାର୍ଟିନା ହିଙ୍ଗିସ୍

୧୦. ଚେସ୍ ଖେଳ କେଉଁ ଦେଶରୁ ଆରମ୍ଭ ହୋଇଥିବାର ପ୍ରମାଣ ରହିଛି ?
(କ) ରୁଷିଆ (ଖ) ଜର୍ମାନୀ (ଗ) ଭାରତ (ଘ) ଇରାନ୍

**ଉତ୍ତର**

୧. (ଗ)୪୮୦୦୦ କୋଟି, ୨.(ଘ)୬, ୩.(ଖ)୫୦୦ କୋଟି, ୪.(କ)୧୪୩ Zc, 5.(K)Merchant Discount Rate, ୬.(ଖ) ୦୧ ଜୁଲାଇ, ୨୦୧୭, ୭. (ଖ) ଓରିଏଣ୍ଟାଲ ବୟାଙ୍କ ଅଫ୍ କମର୍ସ,୮. (କ) କ୍ୟୁ ଆର କୋର୍ଡ,୯.(ଘ) ୭.୦%,୧୦.(ଘ) ଦର

୧.(ଗ)୧୮ତମ,୨.(ଘ) ୨୩, ୩.(ଖ) ମାର୍ଗାରେଟ୍ କୋର୍ଟ ସ୍ମିଥ୍ , ୪.(ଘ) ଯଜୁବେନ୍ଦ୍ର ଚହଲ୍ , ୫.(କ) ଯଜୁବେନ୍ଦ୍ର ଚହଲ୍ , ୬.(ଖ) ଅଜନ୍ତା ମେଣ୍ଡିସ୍ , ୭. (ଗ) ଉସେନ୍ ବୋଲ୍ଟ , ୮.(ଘ) ଜିମ୍‌ନାଷ୍ଟିକ୍ସ , ୯.(କ) ମାଇକେଲ୍ ଫେଲ୍‌ପ୍ସ , ୧୦.(ଗ) ଭାରତ ।

## (୧୫) ସାହିତ୍ୟ, କଳା ଓ ସଂସ୍କୃତି

୧. ବର୍ଷ -୨୦୧୬ ପାଇଁ ଓଡ଼ିଆ ଲେଖିକା ପାରମିତା ଶତପଥୀଙ୍କୁ କେଉଁ ପୁରସ୍କାର ମିଳିଛି ?
(କ) ସାହିତ୍ୟ ଭାରତୀ ସମ୍ମାନ (ଖ) କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର
(ଗ) ମୂର୍ତ୍ତିଦେବୀ ପୁରସ୍କାର (ଘ) ସାରଳା ପୁରସ୍କାର

୨. ବର୍ଷ-୨୦୧୬ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀର ଅନୁବାଦ ପୁରସ୍କାର ପାଇଥିବା ଓଡ଼ିଆ ସାହିତ୍ୟିକାଙ୍କ ନାମ କ'ଣ ?
(କ) ଶକୁନ୍ତଳା ବଳିଆରସିଂହ (ଖ) ସୁପ୍ରଭା ରାୟ
(ଗ) ମୋନାଲିସା ଜେନା (ଘ) କନକ ମଞ୍ଜରୀ ପଟନାୟକ

୩. ଓଡ଼ିଆକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିବାର ସ୍ମୃତିରେ କେତେ ତାରିଖକୁ ଶାସ୍ତ୍ରୀୟ ଓଡ଼ିଆ ଦିବସ ଭାବେ ପାଳନ କରାଯାଉଛି ?
(କ) ମାର୍ଚ୍ଚ ୨୧ (ଖ) ମାର୍ଚ୍ଚ ୧୧
(ଗ) ଫେବ୍ରୁଆରୀ ୨୧ (ଘ) ଫେବ୍ରୁଆରୀ୨୮

୪. ଗତ ଫେବ୍ରୁଆରୀ ମାସରେ ଲଣ୍ଡନ ଠାରେ ପ୍ରଦାନ କରାଯାଇଥିବା ବ୍ରିଟିଶ ଏକାଡେମୀ ଅଫ୍ ଫିଲ୍ମ ଏଣ୍ଡ ଟେଲିଭିଜନ୍ ଆୱାର୍ଡ (ବାଫ୍‌ଟା)ରେ କେଉଁଟି ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛି ?
(କ) ଲା ଲା ଲ୍ୟାଣ୍ଡ (ଖ) ଲାୟନ୍ (ଗ) ଫେନ୍‌ସେସ୍ (ଘ) ସନ୍ ଅଫ୍ ସଲ୍

୫. ବାଫ୍‌ଟା ପୁରସ୍କାର ଉତ୍ସବରେ ସର୍ବଶ୍ରେଷ୍ଠ ସହ ଅଭିନେତା ପୁରସ୍କାର ଲାଭ କରିଥିବା ଭାରତୀୟ ବଂଶୋଦ୍ଭବ ଚିତ୍ରତାରକାଙ୍କ ନାମ କ'ଣ ?
(କ) ସନୀ ପାୱାର (ଖ) ଦେବ୍ ପଟେଲ
(ଗ) ଇର୍‌ଫାନ୍ ଖାନ (ଘ) ସନ୍ଦୀପ ଦାସ

୬. ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରତିବର୍ଷ ପ୍ରଦାନ କରାଯାଉଥିବା ଗ୍ରାମୀ ଆୱାର୍ଡ କେଉଁ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ?
(କ) ଚଳଚ୍ଚିତ୍ର (ଖ) ଚିତ୍ରକଳା (ଗ) ନୃତ୍ୟ (ଘ) ସଂଗୀତ

୭. ନିକଟରେ ଲସ୍ ଆଞ୍ଜଲସ୍‌ଠାରେ ଅନୁଷ୍ଠିତ ୫୯ତମ ଗ୍ରାମୀ ପୁରସ୍କାର ଉତ୍ସବରେ ଆଲବମ୍ ଅଫ୍ ଦ ଇୟର ପୁରସ୍କାର କିଏ ହାସଲ କରିଛନ୍ତି ?
(କ) ଆଡେଲ୍ (ଖ) ଟେଲର୍ ସ୍ୱିଫ୍ଟ
(ଗ) ବେୟୋନ୍ସ (ଘ)ଡେଭିଡ୍ ବାୱି

୮. ନିମ୍ନଲିଖିତ ଶୈବ ପୀଠମାନଙ୍କ ମଧ୍ୟରୁ କେଉଁଟି ଭାରତରେ ଅବସ୍ଥିତ ନୁହେଁ ?
(କ) ଅମରନାଥ (ଖ) ତାରକନାଥ
(ଗ) ମଣିକର୍ଣ୍ଣ (ଘ) କୈଳାସ ମାନସରୋବର

୯. ଗତ ଶିବରାତ୍ରି ପର୍ବ ଅବସରରେ କେଉଁଠାରେ ମହାଦେବଙ୍କ ସର୍ବବୃହତ ମୂର୍ତ୍ତିର ପ୍ରତିଷ୍ଠା ତଥା ଅନାବରଣ କାର୍ଯ୍ୟ ସମ୍ପନ୍ନ ହୋଇଛି ?
(କ) ବାରାଣସୀ (ଖ) କୋଏମ୍ବାଟୁର (ଗ) ତିରୁଚିରାପଲ୍ଲୀ (ଘ) ମହୀଶୂର

୧୦. ଦୋଳ ପୂର୍ଣ୍ଣିମା ଦିନ କେଉଁ ମହାପୁରୁଷଙ୍କ ଜନ୍ମଦିବସ ମଧ୍ୟ ପାଳନ କରାଯାଏ ?
(କ) ଗୁରୁ ନାନକ (ଖ) ସନ୍ଥ କବୀର (ଗ) ଶ୍ରୀ ଚୈତନ୍ୟ (ଘ) ରାମାନନ୍ଦ

## (୧୬) ବାଣିଜ୍ୟ

୧. ଆଇସିଆଇସିଆଇ ବ୍ୟାଙ୍କର ମୁଖ୍ୟ ଦପ୍ତର କେଉଁଠାରେ ଅଛି ?
(କ) ନୂଆଦିଲ୍ଲୀ (ଖ) ପୁନେ
(ଗ) ମୁମ୍ବାଇ (ଘ) ଜୟପୁର

୨. ସେବିର ମୁଖ୍ୟ ରୂପେ କିଏ ନିଯୁକ୍ତି ପାଇଛନ୍ତି ?
(କ) ଡ଼ି ଆର ମେହେଟ୍ଟା (ଖ) ବ୍ରିଜେଶ ମୁଖାର୍ଜୀ
(ଗ) ସୌରଭ ପାତ୍ର (ଘ) ଅଜୟ ତ୍ୟାଗୀ

୩. ଆସୋସିଏଟ୍ ଚାମ୍ବର୍ସ ଅଫ କମର୍ସ ଅଫ୍ ଇଣ୍ଡିଆର ନୂଆ ସିଏମ୍‌ଡ଼ି ରୂପେ କିଏ ନିଯୁକ୍ତି ପାଇଛନ୍ତି ?
(କ) ସନ୍ଦିପ୍ ଜାଡ଼ୋଡ଼ିଆ (ଖ) କିରଣ କୁମାର ଗାନ୍ଧୀ
(ଗ) ସୁନୀଲ କାନୋରିଆ (ଘ) ନଭନୀତ୍ ଗୁପ୍ତା

୪. କେଉଁ ରାଷ୍ଟ୍ରୟତ ବ୍ୟାଙ୍କ ନ୍ୟାସ୍‌ନାଲ୍ ଏମଏସଏମ୍‌ଇ ଏକ୍ସଲେନସ୍ ଆୱାର୍ଡ଼, ୨୦୧୭ ଲାଭ କରିଛି ?
(କ) ପଞ୍ଜାବ ନ୍ୟାସ୍‌ନାଲ୍ ବ୍ୟାଙ୍କ (ଖ) କର୍‌ପୋରେସନ୍ ବ୍ୟାଙ୍କ
(ଗ) ଆଇସିଆଇସିଆଇ ବ୍ୟାଙ୍କ (ଘ) ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ

୫. ନୂତନ ବିଶ୍ୱ ସମ୍ପତ୍ତି ରିପୋର୍ଟ ଅନୁସାରେ ଭାରତର କେଉଂ ସହରକୁ ଧନୀ ସହର ରୂପେ ପରିଗଣିତ କରାଯାଇଛି ?
(କ) କୋଲକତା (ଖ) ମୁମ୍ବାଇ
(ଗ) ଚେନ୍ନାଇ (ଘ) ଦିଲ୍ଲୀ

୬. ଇଣ୍ଟର ନ୍ୟାସନାଲ ଏୟାର ଟ୍ରାନସ୍ପାର୍ଟେ ଆସୋସିଏସନ୍ ମୁଖ୍ୟ ଦପ୍ତର କେଉଁଠାରେ ଅବସ୍ଥିତ ?
(କ) ସୁଇଜର ଲ୍ୟାଣ୍ଡ (ଖ) କାନାଡା
(ଗ) ଫ୍ରାନସ୍ (ଘ) ଜର୍ମାନ୍

୭. ଟିସିଏସ୍‌ର ସିଇଓ କିଏ ?
(କ) ରାଜେଶ ଗୋପିନାଥ (ଖ) ସୁରେଶ ଓ୍ୱାଦିଆ
(ଗ) ସୁନୀଲ୍ ମିତଲ୍ (ଘ) କେ ସ୍ୱାମିନାଥନ୍

୮. କେଉଁଠାରେ ଗ୍ଲୋବାଲ ସମିଟ୍ ଆରମ୍ଭ ହେବ ?
(କ) ନୂଆଦିଲ୍ଲୀ (ଖ) କାଠମାଣ୍ଡୁ
(ଗ) କଲୋମ୍ବୋ (ଘ) ପାକିସ୍ତାନ

୯. କେନ୍ଦ୍ର ସରକାର ଏବଏ ସୁଦ୍ଧା କେତୋଟି ଏଫ୍ ଡିଆଇ ପ୍ରୋଜେକ୍ଟକୁ ସବୁଜ ସଂକେତ ଦେଇଛନ୍ତି ?
(କ) ୨୫ (ଖ) ୨୦
(ଗ) ୧୫ (ଘ) ୫

୧୦. କେଉଁଟି ଲିଗାଲ୍ ଟେଣ୍ଡର ଟଙ୍କା ଅଟେ ?
(କ)୨୦୦୦ଟଙ୍କା (ଖ)୫୦୦ଟଙ୍କା
(ଗ)୧୦ଟଙ୍କା (ଘ) ୧ଟଙ୍କା

**ଉତ୍ତର**

୧. (ଖ) କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ୨.(ଗ) ମୋନାଲିସା ଜେନା, ୩.(ଖ) ମାର୍ଚ୍ଚ ୧୧, ୪.(କ) ଲା ଲା ଲ୍ୟାଣ୍ଡ, ୫.(ଖ) ଦେବ୍ ପଟେଲ, ୬.(ଘ) ସଂଗୀତ, ୭. (କ) ଆଡେଲ୍, ୮.(ଘ) କୈଳାସ ମାନସରୋବର, ୯.(ଖ) କୋଏମ୍ବାଟୁର, ୧୦.(ଗ)ଶ୍ରୀଚୈତନ୍ୟ

୧. (ଗ) ମୁମ୍ବାଇ , ୨.((ଘ) ଅଜୟ ତ୍ୟାଗୀ , ୩.(କ) ସନ୍ଦିପ୍ ଜାଡ଼ୋଡ଼ିଆ, ୪.(ଖ) କର୍‌ପୋରେସନ୍ ବ୍ୟାଙ୍କ, ୫.(ଖ) ମୁମ୍ବାଇ, ୬.(ଖ)କାନାଡା, ୭. (କ) ରାଜେଶ ଗୋପିନାଥ, ୮.(କ) ନୂଆଦିଲ୍ଲୀ, ୯.(ଗ) ୧୫,୧୦.(ଘ) ୧ଟଙ୍କା

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. 'ପ୍ରାର୍ଥନା ସମାଜ' କିଏ ପ୍ରତିଷ୍ଠା କରିଥିଲେ ?
(କ) ସ୍ୱାମୀ ଦୟାନନ୍ଦ ସରସ୍ୱତୀ (ଖ) ରାଜା ରାମମୋହନ ରାଓ
(ଗ) ମହାଦେବ ଗୋବିନ୍ଦ ରାନାଡ଼େ (ଘ) ସ୍ୱାମୀ ବିବେକାନନ୍ଦ

୨. 'ବ୍ରହ୍ମ ବିଦ୍ୟା ସମିତି' କିଏ ପ୍ରତିଷ୍ଠା କରିଥିଲେ ?
(କ) ସ୍ୱାମୀ ଦୟାନନ୍ଦ ସରସ୍ୱତୀ (ଖ) ରାଜା ରାମମୋହନ ରାଓ
(ଗ) ଆନିବେସାନ୍ତ (ଘ) ସ୍ୱାମୀ ବିବେକାନନ୍ଦ

୩. ଭାରତ ସମ୍ବିଧାନଟି ପ୍ରସ୍ତୁତ ହେବା ପାଇଁ ମୋଟ କେତେଦିନ ଲାଗିଥିଲା ?
(କ) ୨ବର୍ଷ ୧୦ମାସ ୧୮ ଦିନ (ଖ) ୨ବର୍ଷ ୮ମାସ ୨୦ଦିନ
(ଗ) ୨ବର୍ଷ ୧୧ମାସ ୧୮ଦିନ (ଘ) ୨ବର୍ଷ ୯ମାସ ୨୧ଦିନ

୪. ରାଜ୍ୟସଭାକୁ ମନୋନୀତ ହେଉଥିବା ୧୨ଜଣ ସଦସ୍ୟ ବ୍ୟବସ୍ଥା କେଉଁ ଦେଶର ସମ୍ବିଧାନରୁ ଉଦ୍ଧୃତ ?
(କ) ଯୁକ୍ତରାଷ୍ଟ୍ର ଆମେରିକା (ଖ) ଆୟରଲ୍ୟାଣ୍ଡ
(ଗ) ଇଂଲଣ୍ଡ (ଘ) କାନାଡ଼ା

୫. 'ଅବଶିଷ୍ଟ କ୍ଷମତା' କେନ୍ଦ୍ର ଉପରେ ନ୍ୟସ୍ତ ହେବା କେଉଁ ସମ୍ବିଧାନ ଅନୁସାରେ ହୋଇଛି ?
(କ) ଇଂଲଣ୍ଡ (ଖ) କାନାଡ଼ା
(ଗ) ଆମେରିକା (ଘ) ଆଫ୍ରିକା

୬. ଭାରତର ଉପରାଷ୍ଟ୍ରପତିଙ୍କ କାର୍ଯ୍ୟଧାରା କେଉଁ ଦେଶର ଉପରାଷ୍ଟ୍ରପତିଙ୍କ କାର୍ଯ୍ୟଧାରାରୁ ଆନୀତ ?
(କ) ଆମେରିକା (ଖ) ଋଷ
(ଗ) କାନାଡ଼ା (ଘ) ଅଷ୍ଟ୍ରେଲିଆ

୭. '**Union of India**'ଭାରତର ରାଷ୍ଟ୍ରସଂଘ ଶବ୍ଦଟି କେଉଁ ଦେଶରୁ ଉଦ୍ଧାର କରାଯାଇଛି ?
(କ) ଆମେରିକା (ଖ) କାନାଡ଼ା
(ଗ) ଅଷ୍ଟ୍ରେଲିଆ (ଘ) ଇଂଲଣ୍ଡ

୮. ଭାରତୀୟ ସମ୍ବିଧାନର ସଂଶୋଧନ କେଉଁ ଦେଶର ସମ୍ବିଧାନ ଦ୍ୱାରା ଯଥେଷ୍ଟ ପ୍ରଭାବିତ ହୋଇଛି ?
(କ) ଆଫ୍ରିକା (ଖ) ଦକ୍ଷିଣ ଆଫ୍ରିକା
(ଗ) ଅଷ୍ଟ୍ରେଲିଆ (ଘ) ୱେମାର

୯. ଭାରତର ରାଷ୍ଟ୍ରପତି ଜାତୀୟ ଜରୁରୀକାଳୀନ ପରିସ୍ଥିତିରେ ମୌଳିକ ଅଧିକାରର କେତେକ ଧାରାକୁ ବାତିଲ କରିବା କ୍ଷମତା କେଉଁ ଦେଶରୁ ସମ୍ବିଧାନରୁ ଆନୀତ ?
(କ) କାନାଡ଼ା (ଖ) ଆମେରିକା
(ଗ) ସୁଇଜରଲ୍ୟାଣ୍ଡ (ଘ)ଜର୍ମାନୀର ୱେମାର

୧୦. କିଏ ଭାରତ ସମ୍ବିଧାନର ବଳିଷ୍ଠ ଉତ୍ସ ଅଟେ ?
(କ) ସଂସଦ (ଖ) ରାଷ୍ଟ୍ରପତି
(ଗ) ସୁପ୍ରିମକୋର୍ଟ (ଗ) ଭାରତବାସୀ

## (୧୮) କମ୍ପ୍ୟୁଟର ଶିକ୍ଷା

୧. ପ୍ରଥମ ମେକାନିକାଲ୍ କମ୍ପ୍ୟୁଟର ଯାହା ଚାର୍ଲସ୍ ବାବେଜ୍‌ଙ୍କ ଦ୍ୱାର ପ୍ରସ୍ତୁତ ହୋଇଥିଲା ତାକୁ କ'ଣ କୁହାଯାଏ ?
(କ) ଆବାକସ୍ (ଖ) ଆନାଲିଟିକାଲ୍ ଇଞ୍ଜିନ୍
(ଗ) କାଲ୍‌କୁଲେଟର୍ (ଘ) ପ୍ରୋସେସର୍

୨. 'C' କୁ କ'ଣ କୁହାଯାଏ ?
(କ) ଏକ ମେସିନ୍ ଲାଙ୍ଗୁଏଜ୍ (ଖ)ତୃତୀୟ ଜେନେରେସନ୍‌ର ହାଇ ଲେବୁଲ୍ ଲାଙ୍ଗୁଏଜ୍
(ଗ) ଏକ ଆସେମ୍ଲି ଲାଙ୍ଗୁଏଜ୍ (ଘ) ଉପରୋକ୍ତ ସମସ୍ତ

୩. ଏମ୍.ଏସ୍.ଅଫିସ୍‌ର କେଉଁଟି ଏକ ୱାର୍ଡ଼ ପ୍ରୋସେସର୍ ଅଟେ ?
(କ) ୱାର୍ଡ଼ପ୍ୟାଡ଼୍ (ଖ) ୱାର୍ଡ଼
(ଗ) ୱାର୍ଡ଼ ପରଫେକ୍ଟ (ଘ) ୱାର୍ଡ଼ ଷ୍ଟାର୍

୪. ୱାର୍ଡ଼ ପ୍ରୋସେସିଙ୍ଗ୍ ପାଇଁ କେଉଁଟି ଉତ୍ତମ ଭାବରେ କାର୍ଯ୍ୟ କରିଥାଏ ?
(କ) ଆଇବିଏମ୍ ସିଲେକ୍ଟ୍ରିକ୍ (ଖ) ଟାଇପ୍ ରାଇଟର୍
(ଗ) କମ୍ପ୍ୟୁଟର (ଘ) ମାଇକ୍ରୋସଫ୍ଟ ୱାର୍ଡ଼

୫. ଗୋଟିଏ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍‌ର ଏକ ନୂଆ ସ୍ଲାଇଡ଼୍‌କୁ ରଖିବା ପାଇଁ କେଉଁ ସର୍ଟକର୍ଟ କି ବ୍ୟବହାର କରିବା ?
(କ) କଣ୍ଟ୍ରୋଲ+ଏମ୍ (ଖ) କଣ୍ଟ୍ରୋଲ+ଏନ୍
(ଗ) କଣ୍ଟ୍ରୋଲ+ଓ (ଘ) କଣ୍ଟ୍ରୋଲ +ଏଫ୍

୬. ଏକ ମେଗାବାଇଟ୍ କାହାସହ ସମାନ୍ ଅଟେ ?
(କ)୨୨୦ ବାଇଟସ୍ (ଖ)୧କିଲୋ କେ.ବି
(ଗ) ଉଭୟ କ ଏବଂ ଖ (ଘ) ୧୦୨୪ ବାଇଟ୍‌ସ

୭. ଗୋଟିଏ ମାଉସ୍‌ର କେତୋଟି ବଟନ୍ ଥାଏ ?
(କ) ୨ଟି (ଖ) ୩ଟି
(ଗ)୨ଟି ବା ୩ଟି (ଘ) ଅନେକ

୮. ଏକ ଏକ୍ସେଲ୍ ସିଟ୍‌ରେ ସର୍ବାଧିକ କେତୋଟି କଲମ୍ ଥାଏ ?
(କ) ୨୫୬ (ଖ)୨୫୫
(ଗ)୨୫୭ (ଘ)୨୫୮

୯. ଏକ ଏକ୍ସେଲ୍ ସିଟ୍‌ରେ ସର୍ବାଧିକ କେତୋଟି ଧାଡ଼ି (ରୋ) ଅଛି ?
(କ) ୬୫୫୩୫ (ଖ) ୨୫୬
(ଗ) ୨୫୫ (ଘ) ୬୫୫୩୬

୧୦.କେଉଁ ସର୍ଟକର୍ଟ କି ଦ୍ୱାରା ଆମେ ଡ଼ାଟାବେସ୍‌କୁ ବନ୍ଦ କରିଥାଉ ?
(କ) ଅଲ୍ଟ୍+ଏଫ୪୍ (ଖ) କଣ୍ଟ୍ରୋଲ+ ଡ଼ବ୍ଲୁ
(ଗ) କଣ୍ଟ୍ରୋଲ+ସି (ଘ) କଣ୍ଟ୍ରୋଲ+ଏଫ୍ ସି

**ଉତ୍ତର**

୧. (ଗ) ମହାଦେବ ଗୋବିନ୍ଦ ରାନାଡେ, ୨.(ଗ) ଆନିବେସାନ୍ତ, ୩.(ଗ) ୨ବର୍ଷ ୧୧ମାସ ୧୮ଦିନ, ୪.(ଖ) ଆୟରଲ୍ୟାଣ୍ଡ, ୫.(ଖ) କାନାଡ଼ା, ୬.(କ) ଆମେରିକା, ୭.(ଖ) କାନାଡ଼ା, ୮.(ଖ) ଦକ୍ଷିଣ ଆଫ୍ରିକା, ୯.(ଘ)ଜର୍ମାନୀର ୱେମାର, ୧୦.(ଗ)ଭାରତବାସୀ

୧.(ଖ) ଆନାଲିଟିକାଲ୍ ଇଞ୍ଜିନ୍ , ୨.(ଖ)ତୃତୀୟ ଜେନେରେସନ୍‌ର ହାଇ ଲେବୁଲ୍ ଲାଙ୍ଗୁଏଜ୍, ୩.(ଖ)ୱାର୍ଡ଼, ୪.(ଗ)କମ୍ପ୍ୟୁଟର, ୫.(କ)କଣ୍ଟ୍ରୋଲ+ଏମ୍, ୬.(ଗ)ଉଭୟ କଏବଂ ଖ, ୭. (ଗ)୨ଟି ବା ୩ଟି, ୮.(କ) ୨୫୬, ୯.(ଘ)୬୫୫୩୬, ୧୦.(କ)ଅଲ୍ଟ୍+ଏଫ୪୍

## (୧୯) ଗାଣିତିକ ପ୍ରଶ୍ନାବଳୀ

୧. (୧୩୨୩+୨୧୨୩) ହରଣ ୧୭ ହେଲେ ଭାଗଶେଷ କେତେ ରହିବ ?

(କ) ୧୨ (ଖ) ୧୩ (ଗ) ୧୪ (ଘ) ୦

୨. ଗୋଟିଏ କାର୍ଯ୍ୟରେ ୧/୩ ଅଂଶ ୪୦ଜଣ ଲୋକ ୮ଘଣ୍ଟା ଦିନକୁ ପରିଶ୍ରମ କରି ୧୮ଦିନରେ କରିଥିଲେ । ଯଦି ୧୯ତମ ଦିନ ୨୪ଜଣ ଲୋକ ୯ଘଣ୍ଟା ଦିନକୁ ପରିଶ୍ରମ କରିବେ ତେବେ ସେମାନେ କେତେ ଦିନରେ ଅବଶିଷ୍ଟ କାର୍ଯ୍ୟଟିକୁ କରିପାରିବେ ?

(କ) ୧୨ (ଖ)୧୫ (ଗ) ୨୦ (ଘ) ୨୪

୩. ଯଦି $x+y+z=1$, $xy+yz+zx=-1$ଏବଂ $xyz=-1$ ତେବେ $x^3+y^3+z^3$ର ମୂଲ୍ୟ କେତେ ହେବ ?

(କ)-2 (ଖ)-1 (ଗ)0 (ଘ)1

୪. ଗୋଟିଏ ମୂଳଧନ ସମୂଳସୂଧ ସହ ୪ବର୍ଷରେ ଦୁଇଗୁଣ ହୁଏ ତେବେ ତାହା କେତେ ବର୍ଷରେ ୮ଗୁଣ ହେବ ?

(କ) ୮ (ଖ) ୧୨ (ଗ) ୧୬ (ଘ)୨୪

5. 999 ୧/୭ + ୯୯୯ ୨/୭ + ୯୯୯ ୩/୭ + ୯୯୯ ୪/୭ +୯୯୯ ୫/୭ + ୯୯୯ ୬/୭କୁ ସରଳ କଲେ ତାହା କେତେ ହେବ ?

(କ) ୫୯୯୭ (ଖ) ୫୯୭୯

(ଗ) ୫୯୯୪ (ଘ) ୨୯୯୭

୬. ଯଦି ୧୪୪୦ ଟଙ୍କାକୁ ୨ଭାଗରେ ବିଭକ୍ତ କରାଯିବ ଏବଂ ଏକ ଭାଗ ଅଂଶ ୭/୯ ଦ୍ୱିତୀୟ ଭାଗର ହେବ । ତେବେ ପ୍ରଥମ ଭାଗ କେତେ ?

(କ) ୪୦୫ ଟଙ୍କା (ଖ) ୬୩୦ ଟଙ୍କା

(ଗ) ୮୧୦ ଟଙ୍କା (ଘ) ୧୦୩୫ ଟଙ୍କା

୭. ୧ ଠାରୁ ୨୦ପର୍ଯ୍ୟନ୍ତ ସମସ୍ତ ଗଣନ ସଂଖ୍ୟାର ମାଧ୍ୟମାନ କେତେ ?

(କ) ୧୩.୫ (ଖ)୧୨.୫

(ଗ)୧୧.୫ (ଘ)୧୦.୫

୮. ଗୋଟିଏ ତଥ୍ୟାବଳୀର ମଧ୍ୟମା ୫୨ ଓ ମାଧ୍ୟମାନ ୫୩ ଅଟେ । ତଥ୍ୟାବଳୀର ଗରିଷ୍ଠକ କେତେ ?

(କ) ୫୦ (ଖ)୫୧

(ଗ)୫୨.୫ (ଘ)୫୩

୯. ଗୋଟିଏ ମୁଦ୍ରାକୁ ୩୦ଥର ଟସ୍ କରିବାରୁ 'H' ଯେତେଥର ଆସିଲା 'T' ତା'ର ଦୁଇଗୁଣ ଥର ଆସିଲା । P (T)ର ମୂଲ୍ୟ କେତେ ?

(କ) ୨୦ (ଖ)୧୦

(ଗ) ୨/୩ (ଘ)୧/୩

୧୦.ଦୁଇଟି ସମଘନର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ ଅନ୍ତର ୧୦୫୦ ବର୍ଗସେ.ମି । ସେମାନଙ୍କର ବାହୁର ଦୈର୍ଘ୍ୟର ଅନୁପାତ ୪:୩ ହେଲେ, ବୃହତ୍ତର ସମଘନର ବାହୁର ଦୈର୍ଘ୍ୟ କେତେ ସେ.ମି ?

(କ) ୧୫ (ଖ) ୨୦

(ଗ) ୧୦ (ଘ) ୭:୫

## (୨୦) ସାଧାରଣ ବିଜ୍ଞାନ

୧. କେଉଁ ଯୌଗିକଟି ବର୍ଣ୍ଣହୀନ ?

(କ) କପର୍ ସଲଫେଟ୍ (ଖ) ଫରେସ୍ ସଲ୍‌ଫେଟ୍

(ଗ) ଫେନେଲ୍ ଫ୍‌ଥାଲିନ୍ (ଘ) ଲେଡ୍ ନାଇଟ୍ରେଟ୍

୨. ଫରେସ୍ ସଲ୍‌ଫେଟ୍‌ର ବିଘଟନରୁ କେଉଁ ପ୍ରକାର ଗନ୍ଧ ବାହାରେ ?

(କ) ଜଳନ୍ତା କାଗଜ (ଖ) ଜଳାନ୍ତାକାଂ

(ଗ) ଜଳନ୍ତା ଫସ୍‌ଫରସ୍ (ଘ) ଜଳନ୍ତା ସଲ୍‌ଫର୍

୩. କେଉଁଟି ରସାୟନିକ ପ୍ରତିକ୍ରିୟା ନୁହେଁ ?

(କ)ଶରୀର ମଧ୍ୟରେ ଖାଦ୍ୟର ହଜମ (ଖ) ଶ୍ୱସନ

(ଗ)ମହମବତୀ ଜଳିବା (ଘ)ତାପଦ୍ୱାରା ମହମ ତରଳିବା

୪. କେଉଁଟିକୁ ଜଳସହ ମିଶାଇଲେ ତାପମାତ୍ରା ବୃଦ୍ଧି ଘଟେ ?

(କ) C uo (ଖ) Cao

(ଗ) Mgo (ଘ) $N_2o+$

୫. ସୋଡ଼ିୟମ୍ ଜଳସହ ପ୍ରତିକ୍ରିୟା କଲେ କେଉଁ ଗ୍ୟାସ୍ ଉତ୍ପନ୍ନ ହୁଏ ?

(କ) ଅକ୍‌ସିଜେନ୍ (ଖ) ହାଇଡ୍ରୋଜେନ୍

(ଗ) ମିଥେନ୍ (ଘ) ନାଇଟ୍ରୋଜେନ୍

୬. କପରର ସଂକ୍ଷାରଣ ହେତୁ ତାହା ଉପରେ କେଉଁ ରଙ୍ଗର ଆସ୍ତରଣ ସୃଷ୍ଟିହୁଏ ?

(କ) ଧଳା (ଖ) କଳା

(ଗ) ନୀଳ (ଘ) ସବୁଜ

୭. କଠିନ ଖଣିଜ ଲବଣର ରଙ୍ଗ କ'ଣ ?

(କ) ଲାଲ୍ (ଖ) ହଳଦିଆ

(ଗ) ସବୁଜ (ଘ) ବାଦାମୀ

୮. ରନ୍ଧନକୁ ଦ୍ରୁତତର କରିବା ପାଇଁ କେଉଁଟି ବ୍ୟବହାର କରାଯାଏ ?

(କ) Nacl (ଖ) $Caco_3$

(ଗ) $NaHco_3$ (ଘ) $Na_2Co_3$

୯. ମହୁମାଛି କାମୁଡ଼ିଲେ କେଉଁଟି ଉପଶମ ପାଇଁ ବ୍ୟବହାର କରାଯାଏ ?

(କ) ବ୍ଲିଚିଂ ପାଉଡ଼ର୍ (ଖ) ଖାଇବାସୋଡ଼ା

(ଗ) କ୍ଷାରସୋଡ଼ା (ଘ) ଲେମ୍ବୁରସ

୧୦.ଅମ୍ଳୀୟ ଦ୍ରବଣରେ କେଉଁ ସ୍ୱଚକଟି ଲାଲବର୍ଣ୍ଣ ଧାରଣ କରେ ?

(କ) ଲିଟ୍‌ମସ୍ କାଗଜ (ଖ) ମିଥାଇଲ୍ ଅରେଞ୍ଜ

(ଗ) ଫେନେଲ୍‌ଫ୍‌ଥାଲିନ୍ ଦ୍ରବଣ (ଘ) ହାଇଡ୍ରୋନ୍‌ଜିଆ

**ଉତ୍ତର**

୧.(କ) ୧୨, ୨.(ଗ) ୨୦, ୩.(ଘ)1, ୪.(ଖ) ୧୨, ୫.(କ)୫୯୯୭, ୬.(ଖ) ୬୩୦ ଟଙ୍କା, ୭.(ଘ)୧୦.୫ , ୮.(କ)୫୦, ୯. (ଗ) ୨/୩, ୧୦.(ଖ)୨୦

୧. (ଘ) ଲେଡ୍ ନାଇଟ୍ରେଟ୍ , ୨.(ଘ)ଜଳନ୍ତା ସଲ୍‌ଫର୍, ୩.(ଘ)ତାପଦ୍ୱାରା ମହମ ତରଳିବା, ୪.(ଖ) Cao, ୫.(ଖ)ହାଇଡ୍ରୋଜେନ୍, ୬.(ଘ) ସବୁଜ, ୭. (ଘ)ବାଦାମୀ,୮.(ଗ)$NaHco_3$, ୯.(ଖ)ଖାଇବାସୋଡ଼ା, ୧୦.(ଖ)ମିଥାଇଲ୍ ଅରେଞ୍ଜ

# ବିବିଧ ପ୍ରଶ୍ନାବଳୀ

୧. ଜାଲିକାଟୁ ଏକ ଖେଳ କେଉଁ ରାଜ୍ୟର ଏକ ଗୁରୁତ୍ୱ ପୂର୍ଣ୍ଣ ପାରମ୍ପରିକ ଖେଳ ? ଉ:ତାମିନାଡୁ

୨. Table Tennis Federation of India ର ନୂଆ ସଭାପତି ରୂପେ କିଏ ନିଯୁକ୍ତି ପାଇଛନ୍ତି ? ଉ:ଦୁଷ୍ମନ୍ତ ଚୌଟାଲା

୩. ପିଏସ୍‌ଏଲଭି ଗୋଟିଏ ରକେଟ ମାଧ୍ୟମରେ କେତୋଟି ଉପଗ୍ରହ ଉତ୍‌କ୍ଷେପଣ କରି ବିଶ୍ୱ ରେକର୍ଡ ସୃଷ୍ଟି କରିଛି ? ଉ. ୧୦୪ଟି

୪. ସୁପ୍ରିମ୍ କୋର୍ଟ BCCI ର ସମସ୍ୟା ସମାଧାନ କରିବା ପାଇଁ ଯେଉଁ ୪ଜଣିଆ କମିଟି ଗଠନ କରିଛି । ତାହାର ମୁଖ୍ୟ କିଏ ? ଉ: ବିନୋଦ ରାୟ

୫. କେଉଁ ଦୁଇଟି ରାଜ୍ୟରେ ନୂଆ ଏଏମସ୍ ପ୍ରତିଷ୍ଠା କରାଯିବ ?ଉ: ଝାଡ଼ଖଣ୍ଡ ଓ ଗୁଜୁରାଟ

୬. ମାଟରନିଟି ବେନିଫିଟ୍ ସ୍କିମ୍ ଦ୍ୱାରା କେତେଟଙ୍କା ଗର୍ଭବତୀ ମହିଳାମାନଙ୍କର ବ୍ୟାଙ୍କ ଖାତାକୁ ଟ୍ରାନ୍ସଫର୍ କରାଯିବ ? ଉ: ୬୦୦୦ ଟଙ୍କା

୭. TEC India ର ଫୁଲଫର୍ମ କଣ ?ଉ: Transform Economy and Clean India

୮. ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇ-ମହମ୍ମଦ ଯାହାଙ୍କର ନିକଟରେ ଦେହାନ୍ତ ହୋଇଛି । ସେ କେଉଁ ଦଳର ମୁଖ୍ୟ ଥିଲେ ? ଉ: ଇଣ୍ଡିଆନ୍ ୟୁନିକ୍ ମୁସ୍‌ଲିସ୍ ଲିଗ୍

୯. ତୃତୀୟ ଲିଙ୍ଗମାନଙ୍କୁ କେଉଁ ସରକାର ବିଦ୍ୟାଳୟ ପରୀକ୍ଷା ଦେବାପାଇଁ ଅନୁମତି ଦେଇଛନ୍ତ ? ଉ: ବିହାର

୧୦. ପାକିସ୍ତାନ ସହ ୫ଟି ଦେଶର ଭିସାକୁ କେଉଁ ଦେଶ ବାତିଲ କରିଛି ?ଉ: କୁଏତ୍

୧୧. ୧୦ଟି ନ୍ୟୁକ୍ଲିୟସ୍‌ର ୱାର ହେଡ୍‌ସ୍‌କୁ ନେଇ ଦ୍ରୁତଗାମୀ କ୍ଷେପଣାସ୍ତ୍ର କେଉଁ ଦେଶ ଏବେ ପରୀକ୍ଷା କରିଛି ? ଉ: ଚୀନ

୧୨. ଇଂଲଣ୍ଡର କେଉଁ ଖେଳାଳୀ ୨୧ବର୍ଷ ଫୁଟବଲ ଖେଳି ଏବେ ଅବସର ନେଇଛନ୍ତି ? ଉ: ଫ୍ରାଙ୍କ୍ ଲାମ୍ପଡ଼

୧୩. 'ଟୁଇଟର' ସୋସିଆଲ୍ ନେଟ୍‌ୱର୍କର ସି.ଇ.ଓ. ରୂପେ କିଏ ଯୋଗ ଦେଇଛନ୍ତି ? ଉ: ଜ୍ୟାକ୍ ଡ଼େରସି

୧୪. ୨୦୧୭-୨୦୧୮ ୟୁନିଅନ୍ ବଜେଟ୍ ଅନୁସାରେ ପେମେଣ୍ଟ ରେଗୁଲେଟୋରୀ ବୋର୍ଡ଼ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ତତ୍ତ୍ୱାବଧାନରେ ଗଠନ ହେବ । ତାହାର ଚେୟାର୍‌ମ୍ୟାନ୍ କିଏ ରହିବେ ? ଉ: ଗଭର୍ଣ୍ଣର୍ , ରିଜର୍ଭବ୍ୟାଙ୍କ

୧୫. ୨୦୧୭-୨୦୧୮ ବଜେଟ୍‌ରେ ନ୍ୟାସ୍‌ନାଲ୍ ସିକୁରିଟୀ କାଉନ୍‌ସିଲ୍ ସେକ୍ରେଟାରୀଏଟ୍ **NSCS** ପାଇଁ କେତେ ଅର୍ଥ ବ୍ୟୟବରାଦ କରାଯାଇଛି ? ଉ: ୩୩୩ କୋଟି

୧୬. ଲାକ୍ସ୍ୟା ସେନ୍ କେଉଁ ଖେଳ ସହ ସଂପୃକ୍ତ ? ଉ: ବ୍ୟାଡ଼ମିଣ୍ଟନ

୧୭. ଗ୍ରାମାଞ୍ଚଳରେ ଡ଼ିଜିଟାଲ ପ୍ରମୋସନ ପାଇଁ କେନ୍ଦ୍ରସରକାର 'ଭାରତ ନେଟ୍ ପ୍ରୋଜେକ୍ଟ' ଯୋଜନାରେ କେତେ ଅର୍ଥ ୨୦୧୭-୨୦୧୮ ପାଇଁ ବ୍ୟୟବରାଦ କରିଛନ୍ତି ? ଉ: ୧୦,୦୦୦ କୋଟି

୧୮. ୨୦୧୭ ବଜେଟ୍‌ରେ ଡ଼ାଇରୀ ଇନ୍‌ଫ୍ରାକ୍‌ଷ୍ଟକଚର୍ ଡ଼େଭେଲପ୍‌ମେଣ୍ଟ ଫଣ୍ଡରେ କେତେ ଟଙ୍କା ବ୍ୟୟବରାଦ ଅଛି ? ଉ: ୮୦୦୦ କୋଟି

୧୯. ଭାରତୀୟ ରିଜର୍ଭବ୍ୟାଙ୍କ କେତେ ଟଙ୍କାର ନୂଆ ଟଙ୍କା ରିଲିଜ୍ କରିବ ? ଉ: ୧୦୦ ଟଙ୍କା

୨୦. ସ୍ୱଚ୍ଛ ଭାରତ କ୍ୟାମ୍ପେନ୍‌ର ଆମ୍ବାସଡ଼ର୍ ରୂପେ କିଏ ନିଯୁକ୍ତି ପାଇଛନ୍ତି ? ଉ: ଅଭିନେତ୍ରୀ ଅନୁଷ୍କା ଶର୍ମା

୨୧. ତାମିଲନାଡୁର ମୁଖ୍ୟମନ୍ତ୍ରୀ କିଏ ? ଉ: ଏଡାପାଡି କେ ପାଲନିସ୍ୱାମି

୨୨. **KPMG firm** ର ନୂଆ ଚେୟାର୍‌ମ୍ୟାନ୍ ଏବଂ ସି.ଇ.ଓ. କିଏ ନିଯୁକ୍ତି ପାଇଛନ୍ତି ? ଉ: ଅରୁଣ ଏମ୍ କୁମାର

୨୩. ବିଶ୍ୱର ଦୀର୍ଘତମ ବ୍ୟବସାୟିକ ଏୟାରଓ୍ୱେଜ୍ ସେବା ଯୋଗାଉଥିବା ବିମାନସେବାର ନାମ କ'ଣ ? ଉ: କୁଏତ୍ ଏୟାର୍ ଓ୍ୱେଜ୍

୨୪. ସଦ୍ୟତମ ଆଇସିସି ଟି-୨୦ ର୍‍ୟାଙ୍କିରେ ଟପ୍ ପୋଜିସନ୍‌ରେ କେଉଁ ଖେଳାଳୀ ଅଛନ୍ତି ? ଉ: ବିରାଟ କୋହଲି

୨୫. ଦେଶର ଜନସେବା ପ୍ରସାରକ (Public Serice Broadcaste) ର କାର୍ଯ୍ୟବାହୀ ସି.ଇ.ଓ ରୂପେ କିଏ ଦାୟିତ୍ୱ ନେଇଛନ୍ତି ? ଉ: ରାଜୀବ ସିଂହ

୨୬. ୨୦୧୭-୧୮ ସୁଦ୍ଧା ଭାରତ ନେଟ୍ ମାଧ୍ୟମରେ କେତୋଟି ଗ୍ରାମପଞ୍ଚାୟତକୁ ବ୍ରୋଡ୍‌ବ୍ୟାଣ୍ଡ କନେକ୍‌ସନ୍ ଦିଆଯାଇପାରିବ ବୋଲି ଲକ୍ଷ୍ୟଧାର୍ଯ୍ୟ ହୋଇଛି ? ଉ: ୧,୫୦,୦୦୦

୨୭. International Intellectual Property Index ରେ ଭାରତର ସ୍ଥାନ କେତେ ? ଉ: ୪୧ତମ

୨୮. ମାର୍ଚ୍ଚ ୩ ଠାରୁ ଆକ୍ସିସ୍ ବ୍ୟାଙ୍କ,ଆଇସିଆଇସିଆଇ ବ୍ୟାଙ୍କ ,ଏଚ ଡି ଏଫ୍ ସି ବ୍ୟାଙ୍କ ଗୁଡ଼ିକ ୬ଟି କ୍ୟାସ୍ ଟ୍ରାଜାକସନ୍‌ରୁ ଅଧିକ କଲେ କେତେ ଶୁଳ୍କ ଦେବାକୁ ପଡ଼ିବ ? ଉ: ୧୫୦ଟଙ୍କା

୨୯. ଏପ୍ରିଲ୍୧, ୨୦୧୭ ଠାରୁ ଯିଏ ୩ଲକ୍ଷ ନଗଦ ଟଙ୍କା କାରବାର କରିବେ ତାକୁ କେତେଟଙ୍କା ଫାଇନ୍ କରାଯିବ ? ଉ: ସମାନହାରର ଫାଇନ୍

୩୦. ସୁଦର୍ଶନ ପଟ୍ଟନାୟକ ୪୮ଫୁଟ ୮ଇଞ୍ଚ ଉଚ୍ଚତାର ବିଶ୍ୱର ସବୁଠାରୁ ବଡ଼ ଏକ ବାଲୁକା ମହଲ ନିର୍ମାଣ କରି କେଉଁଥିରେ ସ୍ଥାନ ପାଇଛନ୍ତି ?ଉ: ଗିନିଜ୍‌ବୁକ୍ ଅଫ୍ ରେକର୍ଡ଼

୩୧. ଏସ୍ ଚୋପ୍ରା ମିମୋରିଆଲ ପୁରସ୍କାର କିଏ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ? ଉ:ଶାରୁଖ ଖାନ୍

୩୨. କେଉଁ ରାଜ୍ୟ ସରକାର ଖେଳାଳିମାନଙ୍କୁ ସରକାରୀ ଚାକିରୀରେ ୨% ସ୍ଥାନ ସଂରକ୍ଷଣ କରିବାପାଇଁ ସ୍ଥିର କରିଛନ୍ତି ? ଉ.ଝାଡ଼ଖଣ୍ଡ

୩୩. କେଉଁ ମନ୍ତ୍ରଣାଳୟ ' ଇଣ୍ଡିଆ -୨୦୧୭' ବାର୍ଷିକ ପୁସ୍ତକ ଉନ୍ମୋଚନ କରିଛି ? ଉ.ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ

୩୪. କେଉଁ ରାଜ୍ୟ ସରକାର ପବ୍ଲିକ୍ ଆଡମିନିଷ୍ଟ୍ରେସନ୍ ପାଇଁ ସିଭିଲ ସର୍ଭିସ୍ ଆ୍ୱାର୍ଡ ଦେବା ପାଇଁ ସ୍ଥିର କରିଛନ୍ତି ? ଉ.ଅରୁଣାଞ୍ଚଳ ପ୍ରଦେଶ

୩୫. ଭାରତର କେଉଁ ଆଇଆଇଟି ପ୍ରଥମ କରି କ୍ୱାଲିଟି ଆଣ୍ଡ ରିଲାଇବିଲିଟି ଉପରେ ସ୍କୁଲ ପ୍ରତିଷ୍ଠା କରିବ ? ଉ.ଆଇଆଇଟି,ଖଡକପୁର

୩୬. କେଉଁ ଦେଶ ବିଶ୍ୱର ପ୍ରଥମ ବ୍ରେଲି ଆଟଲାସ୍ ଆରମ୍ଭ କରିଛି ? ଉ.ଭାରତ

୩୭. ସେଣ୍ଟ୍ରାଲ ଆଡ୍‌ଭାଇଜରୀ ବୋର୍ଡ ଅଫ୍ ଏଡୁକେସନ୍ ବାଳିକା ଶିକ୍ଷାର ଉନ୍ନତିପାଇଁ କେଉଁ କମିଟି ଗଠନ କରିଛି ? ଉ.କାଡିୟାମ୍ ଶ୍ରୀହରି କମିଟି

୩୮. ୨୦୧୭ ଟି -୨୦ ଦୃଷ୍ଟିହୀନ ବିଶ୍ୱ କପ୍ କେଉଁ ଦେଶ ଲାଭ କରିଛି ? ଉ.ଭାରତ

୩୯. କେଉଁ ରାଜ୍ୟ ସରକାର ଫେବ୍ରୁଆରୀ ୧୪କୁ ମାତୃପିତୃ ଦିବସ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ? ଉ.ଛତିଶଗଡ଼

୪୦. କିଏ ୨୦୧୭ ଜାତୀୟ ୟସ୍ ଚୋପ୍ରା ମେମୋରିଆଲ ପୁରସ୍କାର ପାଇଛନ୍ତି ? ଉ.ଶାରୁଖ ଖାନ୍


୪୧. ୨୦୧୬ ବ୍ୟାସ ସମ୍ମାନ କିଏ ପାଇଛନ୍ତି ? ଉ.ସୁରେନ୍ଦ୍ର ବର୍ମା

୪୩. କେଉଁ ରାଜ୍ୟ ସରକାର ସମସ୍ତ ଘରୋଇ ବିଦ୍ୟାଳୟରେ ସୋଲାର ସିଷ୍ଟମ୍ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ? ଉ.ହରିଆନା

୪୪. ପ୍ରଧାନ ମନ୍ତ୍ରୀ ୧୧୨ଫୁଟ ଶିବଙ୍କ ମୂର୍ତ୍ତି କେଉଁଠାରେ ଉଦ୍‌ଘାଟନ କରିଛନ୍ତି ? ଉ.କୋଇମାଟୁର

୪୫. ଭାରତର ପ୍ରଥମ ସାଇକେଲ ହିଲ୍ ଷ୍ଟେସନ୍ ରାସ୍ତା କେଉଁଠାରେ ଆରମ୍ଭ ହୋଇଛି ? ଉ.ଦାର୍ଜିଲିଂ

## ମାଲକାନଗିରି ଜିଲ୍ଲା




୧. ଜିଲ୍ଲାର ନାମ - ମାଲକାନଗିରି
୨. କ୍ଷେତ୍ରଫଳ - ୫୭୯୧ ବର୍ଗ.କି.ମି
୩. ଜନସଂଖ୍ୟା - ୬୧୨୭୨୭
   (କ) ପୁରୁଷ - ୩୦୩୯୧୩
   (ଖ) ସ୍ତ୍ରୀ - ୩୦୮୮୧୪
୪. ୧୦୦୦ପୁରୁଷରେ ମହିଳା ସଂଖ୍ୟା-୧୦୨୦
୫. ସାକ୍ଷରତା ହାର - ୪୯.୪୯%
୬. ଉପଖଣ୍ଡ - ୦୧
୭. ତହସିଲ - ୦୭
୮. ବ୍ଲକ୍ - ୦୭
୯. ନିଗମ - ୦୦
୧୦. ମ୍ୟୁନିସିପାଲିଟି - ୦୦
୧୧. ଏନ.ଏ.ସି. - ୦୨
୧୨. ଗ୍ରାମ ପଞ୍ଚାୟତ - ୧୦୮
୧୩. ଗ୍ରାମ - ୧୦୫୫
୧୪. ଥାନା - ୧୨
୧୫. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.-୦୨ ଓ.ଡି.- ୩୦
୧୬. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୦୨
   ୧୪୬-ମାଲକାନଗିରି,୧୪୭-ଚିତ୍ରକୋଣ୍ଡା
୧୭. ସାଧାରଣ ବୃଷ୍ଟିପାତ - ୧୬୬୭.୬ ମି.ମି.
୧୮. ପର୍ଯ୍ୟଟନ ସ୍ଥଳୀ -
   ମାଲକାନ୍‌ଗିରି, ବାଲିମେଳା, ଚିତ୍ରକୋଣ୍ଡା, ମୋଟୁ, ରାଜାରାଣି ବନ୍ଧ, ସତିଗୁଡ଼ା

## ପର୍ବପର୍ବାଣୀ

### ମାର୍ଚ୍ଚ,୨୦୧୭

ତା୭ - ଫଗୁ ଦଶମୀ
ତା୮ -ପାପନାଶିନୀ ଏକାଦଶୀ, ଉପବାସ,ବ୍ରତ
ତା୯ - ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ
ତା୧୧ - ବରାହ ଦୋଳ ଓ ରାଜାଗ୍ନି, ଶିବଚତୁର୍ଦ୍ଦଶୀ ଓ ଓଳକଣା ମେଳଣ
ତା୧୨ - ଦୋଳ ପୂର୍ଣ୍ଣିମା, ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ ଓ ଚନ୍ଦ୍ରପୂଜା
ତା୧୩ - ହୋଲି ଉତ୍ସବ ଓ ମାସାନ୍ତ
ତା୧୪ - ମୀନ ସଂକ୍ରାନ୍ତି,ତାରାତାରେଣୀ ଯାତ୍ରା
ତା୧୭ - ପଞ୍ଚୁଦୋଳ
ତା୧୮ - ସ୍କନ୍ଦ ଷଷ୍ଠୀ
ତା୨୨ - ରାଷ୍ଟ୍ରିୟ ନବବର୍ଷ ଓ ଶରଣାରମ୍ଭ
ତା୨୪ - ପାପମୋଚନୀ ଏକାଦଶୀ, ଉପବାସ
ତା୨୫ - ମହାବାରଣୀ ସ୍ନାନ
ତା୨୬ - ବାରଣୀ ସ୍ନାନ
ତା୨୭ - ଚନ୍ଦ୍ରକ୍ଷୟ, ନିଶିପାଳନ
ତା୨୮ - ମଧୁ ଅମାବାସ୍ୟା, ତେଲୁଗୁ ନୂତନ ବର୍ଷ, ସୃଷ୍ଟିର ଆରମ୍ଭ ଦିବସ
ତା୨୯ - ଦ୍ୱିତୀୟାର ଚନ୍ଦ୍ରଦର୍ଶନ, ପୂଜା ଓ ଉପବାସ

### ଅପ୍ରେଲ୍,୨୦୧୭

ତା୪ - ଅଶୋକାଷ୍ଟମୀ ଓ ଶ୍ରୀରାମ ନବମୀ
ତା୫ - ବାସନ୍ତୀକ ଦଶହରା
ତା୬ - ସୁଦଶାବ୍ରତ
ତା୭ - କାମଦା ଏକାଦଶୀ ଓ ହଳ ନିଷେଧ
ତା୮ - ଅନଙ୍ଗ ତ୍ରୟୋଦଶୀ
ତା୯ - ବିଷ୍ଣୁ ଓ ଶିବଦମନକ ଚତୁର୍ଦ୍ଦଶୀ
ତା୧୦ - ପୂର୍ଣ୍ଣିମାର ଚନ୍ଦ୍ରପୂଜା
ତା୧୧ - ଚୈତ୍ର ପୂର୍ଣ୍ଣିମା, ହିଙ୍ଗୁଳା ଯାତ୍ରା ଓ ବୈଶାଖ ବ୍ରତାରମ୍ଭ
ତା୧୩ - ବର୍ଷ ଶେଷ ଓ ମାସାନ୍ତ
ତା୧୪ - ମହାବିଷ୍ଣୁବ (ପଣା) ସଂକ୍ରାନ୍ତି
ତା୨୨ - ବରୁଥିନୀ ଏକାଦଶୀ
ତା୨୫ - ଶିବ ଚତୁର୍ଦ୍ଦଶୀ
ତା୨୬ - ରକ୍ମଣୀ ଅମାବାସ୍ୟା ଓ ହଳ ନିଷେଧ
ତା୨୭ - ଚନ୍ଦ୍ରଦର୍ଶନ ଓ ପୂଜା
ତା୨୯ - ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରାରମ୍ଭ ଓ ରଥ ଅନୁକୂଳ

## ବିଭିନ୍ନ ଦିବସ ପାଳନ

### ମାର୍ଚ୍ଚ,୨୦୧୭

ତା ୦୩ - ଜାତୀୟ ପ୍ରତିରକ୍ଷା ଦିବସ
ତା ୦୪ - ଜାତୀୟ ସୁରକ୍ଷା ଦିବସ
ତା ୦୫ - ବିଜୁ ପଟ୍ଟନାୟକ ଜୟନ୍ତୀ ପଞ୍ଚାୟତରାଜ ଦିବସ
ତା ୦୮ - ଆନ୍ତର୍ଜାତୀୟ ମହିଳା ଦିବସ
ତା ୧୩ - ହସ୍ତି ଦିବସ
ତା ୧୫ - ବିଶ୍ୱ ଭିନ୍ନକ୍ଷମ ଦିବସ,ବିଶ୍ୱ ଖାଉଟି ଦିବସ
ତା ୧୬ - ଜାତୀୟ ଟୀକାକରଣ ଦିବସ
ତା ୨୦ - ଆନ୍ତର୍ଜାତୀୟ ଆନନ୍ଦ ଦିବସ
ତା ୨୧ - ବିଶ୍ୱ କବିତା ଦିବସ
ତା ୨୧ - ବିଶ୍ୱ ଜଙ୍ଗଲ ଦିବସ
ତା ୨୨ - ବିଶ୍ୱ ଜଳ ଦିବସ
ତା ୨୩ - ବିଶ୍ୱ ପାଣିପାଗ ଦିବସ
ତା ୨୪ - ବିଶ୍ୱ ଯକ୍ଷ୍ମା ଦିବସ
ତା ୨୫ - ଗୁଡ୍ ଫ୍ରାଇଡେ
ତା ୨୭- ନାଟ୍ୟ ଦିବସ

### ଅପ୍ରେଲ,୨୦୧୭

ତା ୧ - ଉତ୍କଳ ଦିବସ,
ତା ୨ - ବିଶ୍ୱ ଅଟିଜିମ୍ ଦିବସ
ତା ୫ - ବିଶ୍ୱ ନୌବାହିନୀ ଦିବସ
ତା ୭ - ବିଶ୍ୱ ସ୍ୱାସ୍ଥ୍ୟ ଦିବସ
ତା୧୧ - ଜାତୀୟ ନିରାପଦ ମାତୃତ୍ୱ ଦିବସ
ତା୧୨ - ଶାରିରିକ ଶିକ୍ଷା ଦିବସ
ତା୧୩ - ରାଜଧାନୀ ପ୍ରତିଷ୍ଠା ଦିବସ
ତା୧୪ - ଅଗ୍ନିସମ ସେବା ଦିବସ
ତା୧୭ - ବିଶ୍ୱ ହେମୋଫୋଲିଆ ଦିବସ
ତା ୧୮ - ବିଶ୍ୱ ଐତିହ ଦିବସ
ତା ୨୨ - ଆନ୍ତର୍ଜାତୀକ (ପୃଥିବୀ) ଦିବସ
ତା ୨୩ - ବିଶ୍ୱ ପୁସ୍ତକ ଓ ସ୍ୱତ୍ତ୍ୱାଧିକାର ଦିବସ
ତା ୨୪ - ମାନବାଧିକାର ଦିବସ
ତା ୨୫ - ବିଶ୍ୱ ମାଲେରିଆ ଦିବସ
ତା ୨୬ - ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ
ତା ୨୮ - ସ୍ୱାଭିମାନ ଦିବସ(ମଧୁସୂଦନ ଜୟନ୍ତୀ)
ତା ୩୦ - ଶିଶୁ ଶ୍ରମିକ ଦିବସ

# DUTTA JEWELLERY





"Cheap Jewelry, however, is worse than no Jewelry "

We deal with BIS 916 GOLD ORNAMENTS with unique designed by our professional designer.



New Bus Stand, Khordha, Odisha, India


Pin : 752056, Phone : 06755 - 223 744



## ଆମ ଛବି ଆମ କଥା















Postal Regd. No. : PURI-33/2016-18
Volume-7 ★ Issue No-09★ Monthly ★ March-2017 ★ RNI Regn. No. 107608/2010★Pages-52

# "ଆମରିସତ୍ୟ"ର ବାର୍ଷିକ ବନ୍ଧୁମିଳନ ୨୦୧୭ ଜୟଦେବ ବାଟିକା ଭୁବନେଶ୍ୱର





ଅନୁବାଦ ସାହିତ୍ୟରେ ୨୦୧୬ ପାଇଁ
କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରାପୁରସ୍କୃତ
ଖୋରଧାର ମୋନାଲିସା ଜେନାଙ୍କୁ
ଆମରିସତ୍ୟ ତରଫରୁ ଅଭିନନ୍ଦନ







ed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board
y, Post-P.N. College, Dist-Khordha, Printed at - NISWASS-CEDEC Press, Chandrasekharpur, BBSR-23, Published
- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057
: Dr. Prasanna Kumar Jena
Founder : Dr. Pramod Chandra Dash

From To.
ଆମରିସତ୍ୟ AMARISATYA
M-1/5, M.P.H.B. Colony
Post-P.N. College,
Dist-Khurda, Pin-752057